# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୦/୨୦୧୮ (୧୬ ପୃଷ୍ଠା) Bhubaneswar, Monday, December 10/ 2018 ★★★★

୪୫ଶ ଭାଗ ୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ମଡେଲିଂ ଆବେଗପୂର୍ଣ୍ଣ ସ୍ମୃତି ଜାଗ୍ରତ କରାଏ**

ମଡେଲିଂ ସବୁବେଳେ ଅତୀତର ଆବେଗପୂର୍ଣ୍ଣ ସ୍ମୃତି ଜାଗ୍ରତ କରାଏ ବୋଲି ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରା ପ୍ରକାଶ କରିଛନ୍ତି।

୦୨

୧୩

**ବ୍ୟାକ୍ ଜିଡିପି ତଥ୍ୟର ସନ୍ଦେହ ଦୂର ହେଉ**

କେନ୍ଦ୍ର ସରକାର ଜାରି କରିଥିବା ବ୍ୟାକ୍ ଡାଟା ଜିଡିପିକୁ ନେଇ ସନ୍ଦେହ ଦୂର କରାଯିବା ଉଚିତ ବୋଲି ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ କହିଛନ୍ତି।



**ହକି ବିଶ୍ୱକପ୍**

ODISHA HOCKEY MEN'S WORLD CUP BHUBANESWAR 2018

ଫଳାଫଳ

**ରବିବାର**

ପ୍ରଥମ ମ୍ୟାଚ
ଜର୍ମାନୀ-୫
ମାଲେସିଆ-୩

ଦ୍ୱିତୀୟ ମ୍ୟାଚ
ନେଦରଲାଣ୍ଡ୍ସ-୫
ପାକିସ୍ତାନ-୧

**ଆଜିର ସମ୍ପାଦକୀୟ**

**ମିଛୁଆ ବନ ବିଭାଗ**

**CBSE Exam Mate**

ପୃଷ୍ଠା -୧୧


NECC NATIONAL EGG CO-ORDINATION COMMITTEE 09.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 78 | 129 | 139 |
| BLS | 78 | 129 | 139 |
| ANG | 79 | 131 | 141 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


■ ଖାଦ୍ୟ ସୁରକ୍ଷା ଯୋଜନା: କେନ୍ଦ୍ର-ରାଜ୍ୟ ଟଣାଓଟରା

# ଖୋଜା ଚାଲିଛି ୮ ଲକ୍ଷ ହିତାଧିକାରୀ

■ କୋଟା ପୂରଣ କରିପାରୁ ନାହାନ୍ତି ରାଜ୍ୟ ସରକାର

■ ଏନ୍ଏଫ୍ଏସ୍ଏ କାର୍ଡରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ



ଭୁବନେଶ୍ୱର,୯।୧୨(ବ୍ୟୁରୋ)

ସାଧାରଣ ନିର୍ବାଚନ ସହ ବିଧାନସଭା ଭୋଟକୁ ଆଉ ମାତ୍ର ୫ ମାସ ବାକି। ଏଭଳି ସମୟରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ରାଜ୍ୟର ମତଦାତାଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଆରମ୍ଭ କରିଦେଲେଣି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବଙ୍କ ଉପରେ ନଜର ପକାଇଲେଣି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ନିଜ ଯୋଜନାରେ ବାନ୍ଧି ରଖିବାକୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଛି ପ୍ରତିଯୋଗିତା। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଯୋଜନା ଏବଂ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ମଝିରେ ଫସିଯାଇଛନ୍ତି ଗରିବ ହିତାଧିକାରୀ। ୨୦୧୮ ଅଗଷ୍ଟ ପହିଲାରୁ ରାଜ୍ୟ ସରକାର ଓଡ଼ିଶାରେ ଥିବା ସମସ୍ତ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ୍ ସେଣ୍ଟର(ସିଏମ୍ଏସ୍ସି)କୁ ବନ୍ଦ କରିଦେବା ଯୋଗୁ ୪ ମାସ ହେବ ଜଣେହେଲେ ନୂତନ ହିତାଧିକାରୀ ଏନ୍ଏଫ୍ଏସ୍ଏରେ ସାମିଲ ହୋଇନାହାନ୍ତି। ଯେଉଁମାନେ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନେ ଚାହିଁଲେ ମଧ୍ୟ ଏନ୍ଏଫ୍ଏସ୍ଏରେ ସାମିଲ ହୋଇପାରିବେ ନାହିଁ।

ଦେଶରେ କୌଣସି ଲୋକ ଭୋକରେ ରହିବେ ନାହିଁ। ଏଭଳି ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଏନ୍ଏଫ୍ଏସ୍ଏ କାର୍ଯ୍ୟକାରୀ କରୁଛନ୍ତି। ୨୦୧୫ ନଭେମ୍ବର ପହିଲାରୁ ଏହି ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। କେଉଁ ପରିବାର ଏହା ଭିତରେ ଆସିବେ ସେ ନେଇ କେନ୍ଦ୍ର ସରକାର ମାନଦଣ୍ଡ ମଧ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଆଧାରରେ ହିତାଧିକାରୀ ଚୟନ କରି ରାଜ୍ୟ ସରକାର ରାଶନ କାର୍ଡ ବାଣ୍ଟୁଛନ୍ତି। ୨୦୧୧ ଜନଗଣନାକୁ ଦେଖି କେନ୍ଦ୍ର ସରକାର ରାଜ୍ୟରେ ୩ କୋଟି ୨୬ ଲକ୍ଷ ୪୧ ହଜାର ୮୦୦ ଲୋକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ସେହି ଟାର୍ଗେଟ୍କୁ ଛୁଇଁ ପାରୁନାହାନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ ଏ ପର୍ଯ୍ୟନ୍ତ ୩ କୋଟି ୨୨ ଲକ୍ଷ ୨୨ ହଜାର ୪୨୭ଜଣଙ୍କୁ ଏନ୍ଏଫ୍ଏସ୍ଏରେ ସାମିଲ କରାଯାଇଛି। ସେଥିରୁ ୧୨, ୬୩,୪୦୫ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା(ଏଏୱାଇ) ହିତାଧିକାରୀ ଥିବାବେଳେ ୨,୮୦,୧୮,୬୫୪ ପ୍ରାୟରିଟି ହାଉସହୋଲ୍ଡ (ପିଏଚ୍ଏସ୍)ଙ୍କୁ ସାମିଲ କରାଯାଇଛି। କେନ୍ଦ୍ର ସରକାରଙ୍କ ଟାର୍ଗେଟ୍ ପୂରଣ କରିବାକୁ ହେଲେ ଆହୁରି ପ୍ରାୟ ୪ ଲକ୍ଷ ଲୋକଙ୍କୁ ସାମିଲ କରିବା କଥା। କୋଟା ପୂରଣ କରିବାକୁ ହିତାଧିକାରୀ ମିଳୁ ନାହାନ୍ତି କିମ୍ବା ହିତାଧିକାରୀ ☞ ପୃଷ୍ଠା-୪

# ଦୁର୍ଘଟଣା ନେଲା ୪ ଜୀବନ

**ଟ୍ରକ୍-ଟୁରିଷ୍ଟ ଗାଡ଼ି ଧକ୍କା**

■ ୧୧ ଜଣଙ୍କ ଅବସ୍ଥା ଗୁରୁତର

■ ୩ ଦିନ ପୂର୍ବରୁ ଯାଇଥିଲେ ତୀର୍ଥ କରି

■ ରାତିରେ କୋରାପୁଟରୁ ଗାଁକୁ ଫେରୁଥିଲେ

■ ଦୁର୍ଘଟଣାଗ୍ରସ୍ତ ଟ୍ରକ୍କୁ ଧକ୍କା ଦେଲା ଆଉ ଏକ ପିକ୍ଅପ



ଦୁର୍ଘଟଣାଗ୍ରସ୍ତ ଗାଡ଼ି।

ଛେଣ୍ଡିପଦା,୯।୧୨(ଡି.ଏନ.ଏ./ସ୍ୱ.ପ୍ର.)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡା ଥାନା କତଡା ହାଇସ୍କୁଲ ଛକ ନିକଟରେ ଶନିବାର ରାତି ପ୍ରାୟ ୧୨ଟା ୪୫ରେ ଏକ କୋଇଲା ବୋଝେଇ ଟ୍ରକ୍ ସହ ଟୁରିଷ୍ଟ ଗାଡ଼ିର ଧକ୍କା ହୋଇଛି। ଏଥିରେ ୩ ତୀର୍ଥଯାତ୍ରୀ ଓ ଟୁରିଷ୍ଟ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ଗାଡ଼ିରେ ଥିବା ଅନ୍ୟ ୧୦ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ରାସ୍ତା ଉପରେ ଥିବା ଟ୍ରକ୍କୁ ଆଉ ଏକ ପିକ୍ଅପ୍ ଭ୍ୟାନ ଧକ୍କା ଦେବାରୁ ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ। ଅନୁଗୋଳ ଥାନା ବଲାସିଙ୍ଗାର ୧୨ ଜଣ ଓ ବଅଁରପାଳ ଥାନା ଅଞ୍ଚଳର ଜଣେ କୋରାପୁଟ ସମେତ ବିଭିନ୍ନ ତୀର୍ଥସ୍ଥାନ ବୁଲି ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଟୁରିଷ୍ଟ ଗାଡ଼ି ଚାଳକଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଥାଇ ପାରେ ବୋଲି ଜରପଡ଼ା ଥାନା ଆଇଆଇସି ବିନ୍ଦୁବାସିନୀ ବିଶ୍ୱାଳ ସୂଚନା ଦେଇଛନ୍ତି। ☞ ପୃଷ୍ଠା-୪

# ଖଣି ଅଧିକାରୀ, ସ୍ତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ

■ କ୍ୱାର୍ଟର୍ସରୁ ମୃତଦେହ ଉଦ୍ଧାର

■ ପାରିବାରିକ କଳହ ହିଂସା ରୂପ ନେଇଥିବା ସନ୍ଦେହ

■ ସତ୍ୟାସତ୍ୟ ଜାଣିବାକୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ଯୋଡ଼ା/କେନ୍ଦୁଝର, ୯।୧୨ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ରୁଙ୍ଗଟା ଖଣିର ମେକାନିକାଲ ବିଭାଗର ସହ-ସାଧାରଣ ପ୍ରବନ୍ଧକ ସୁଜିତ ହେମ୍ବ୍ରମ (୪୪) ଏବଂ ତାଙ୍କ ସ୍ତ୍ରୀ ବେରୁଣୀଚାନ୍ଦ (୩୮)ଙ୍କ ରହସ୍ୟଜନକ ମୃତ୍ୟୁ ଘଟିଛି। ରୁଙ୍ଗଟା ଖଣି କଲୋନୀର ଏକ କ୍ୱାର୍ଟର୍ସରେ ଶୋଇବା କୋଠରିରୁ ଉଭୟଙ୍କ ରକ୍ତାକ୍ତ ☞ ପୃଷ୍ଠା-୪

**ଆଜିର ମନ୍ତବ୍ୟ**

" ସାର୍କ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି ହାସଲ ପାଇଁ ଶାନ୍ତି ଓ ନିରାପତ୍ତା ଜରୁରୀ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଘରୋଇ ବଜାରକୁ ଏଫ୍ଡିଆଇରେ ୩% ବୃଦ୍ଧି ଘଟି ୪୪.୮୫ ବିଲିୟନ ଡଲାର ରହିଛି।

– ଶିଳ୍ପ ନୀତି ଏବଂ ପ୍ରୋତ୍ସାହନ ବିଭାଗ









“ଆବଶ୍ୟକ ହେଲେ ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍ କରିବାକୁ ପଛଘୁଞ୍ଚା ଦେବ ନାହିଁ ଭାରତ।
–ଲ୍ୟୁଟ୍‌ନାଣ୍ଟ ଜେନେରାଲ ଦେବରାଜ ଅନ୍ବୁ
ସ୍ଥଳସେନା ଉପାଧ୍ୟକ୍ଷ



## ସଂକ୍ଷେପରେ

### ତାଲିବାନ କମାଣ୍ଡରଙ୍କ ସମେତ ୧୦ ନିହତ

**କାବୁଲ,୯।୧୨(ଆଇଏଏନ୍‌ଏସ୍):** ଆଫଗାନ ସେନାର କାର୍ଯ୍ୟାନୁଷ୍ଠାନ ଫଳରେ ତାଲିବାନ ଶୀର୍ଷ କମାଣ୍ଡର ମାଲାଓ୍ୱି ନସ୍ରତୁଲ୍ଲାଙ୍କ ସମେତ ୧୦ ଆତଙ୍କବାଦୀ ନିହତ ହୋଇଛନ୍ତି। ଫର୍‌ୟାବ ପ୍ରଦେଶର ଦଓଲତ ଆବାଦ ଜିଲାରେ ତାଲିବାନମାନେ ଏକାଠି ହୋଇଥିବାର ଗୋଇନ୍ଦା ସୂଚନା ପାଇ ରବିବାର ଭୋର ସମୟରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏହି ଅପରେଶନ ବେଳେ ଅନ୍ୟ ୧୫ ଜଣ ଆତଙ୍କବାଦୀ ଗିରଫ ହୋଇଛନ୍ତି।

### ସୋନିଆ, ରାହୁଲଙ୍କୁ ଭେଟିଲେ ଷ୍ଟାଲିନ୍

**ନୂଆଦିଲ୍ଲୀ,୯।୧୨(ପି.ଟି.):** ଦିଲ୍ଲୀରେ ବିରୋଧୀ ଦଳଗୁଡିକର ଗୁରୁତ୍ୱପୂର୍ଣ୍ଣ ବୈଠକର ଦିନକ ପୂର୍ବରୁ ଡିଏମ୍‌କେ ସଭାପତି ଏମ୍.କେ. ଷ୍ଟାଲିନ୍ ରବିବାର ୟୁପିଏ ଅଧକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ସୋନିଆଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ସହିତ ଡିଏମ୍‌କେର ଅନ୍ୟ ବରିଷ୍ଠ ନେତାମାନେ ମଧ ଥିଲେ। ମେଣ୍ଟକୁ ସୁଦୃଢ଼ କରିବା ଲାଗି ଆଲୋଚନା ଜାରି ରହିବ ବୋଲି ରାହୁଲ ଟୁଇଟ୍ କରି କହିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ବିରୋଧରେ ମହାମେଣ୍ଟ ସମ୍ପର୍କରେ ଆଲୋଚନା ଲାଗି ସୋମବାର ଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବୈଠକ ବସୁଛି।

### ଅଜୟ୍ ଚୌତାଲା ନୂଆ ଦଳ ଗଢ଼ିଲେ

**ଜିନ୍ଦ୍ (ହରିୟାଣା),୯।୧୨(ପି.ଟି.):** ଗତ ମାସରେ ହରିୟାଣାର ମୁଖ୍ୟ ବିରୋଧୀ ଦଳ ଆଇଏନ୍‌ଏଲ୍‌ଡିରୁ ଓହରିଯାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲାଙ୍କ ବଡ଼ ପୁଅ ଅଜୟ୍ ଚୌତାଲା ରବିବାର ନୂଆ ଦଳ ଗଢ଼ିଛନ୍ତି। ଜିନ୍ଦ୍‌ରେ ଅନୁଷ୍ଠିତ ଏକ ରାଲିରେ ଏହି ଦଳର ନାଁ ‘ଜନନାୟକ ଜନତା ଦଳ’ ଘୋଷଣା କରାଯାଇଛି।

■ ଶୀତ ଅଧିବେଶନ ପୂର୍ବରୁ ଦିଲ୍ଲୀରେ ଧର୍ମ ସଂସଦ

# ରାମମନ୍ଦିର ପାଇଁ ରଣହୁଙ୍କାର

**ନୂଆଦିଲ୍ଲୀ,୯।୧୨(ପି.ଟି.)**



ପାର୍ଲାମେଣ୍ଟ ଶୀତ ଅଧିବେଶନର ଦୁଇ ଦିନ ପୂର୍ବରୁ ରବିବାର ଦିଲ୍ଲୀର ରାମଲୀଳା ମୈଦାନରେ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ପକ୍ଷରୁ ବିଶାଳ ଗଣସମାବେଶ ଅନୁଷ୍ଠିତ ହୋଇଯାଇଛି। ରାମ ଜନ୍ମଭୂମି ଅଯୋଧ୍ୟାରେ ତୁରନ୍ତ ରାମ ମନ୍ଦିର ନିର୍ମାଣ ଲାଗି ଏହି ଧର୍ମ ସଂସଦରେ ରଣହୁଙ୍କାର ଦିଆଯାଇଛି। ଏଥିପାଇଁ ଆବଶ୍ୟକ ହେଲେ କେନ୍ଦ୍ର ସରକାର ଆଇନରେ ସଂଶୋଧନ କରନ୍ତୁ କିମ୍ବା ଶୀତ ଅଧିବେଶନରେ ଅଧ୍ୟାଦେଶ ଆଣନ୍ତୁ ବୋଲି ଦାବି କରାଯାଇଛି।

ଏହି ସମାବେଶରେ ଯୋଗଦେଇ ଆର୍‌ଏସ୍‌ଏସ୍‌ର ବରିଷ୍ଠ ନେତା ଭୈୟାଜୀ ଜୋଷୀ ପ୍ରତିଶ୍ରୁତି ପୂରଣ କରି ନଥିବା ଶାସକ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଆଜି ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ରାମ ମନ୍ଦିର ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ସେମାନେ ଜନସାଧାରଣଙ୍କ କଥା ଶୁଣିବା ଏବଂ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଦାବିକୁ ପୂରଣ କରିବା ଉଚିତ ବୋଲି ଭୈୟାଜୀ କହିଛନ୍ତି। ସେ ଭାଜପା ନାଁ ନ ନେଇ କହିଥିଲେ, ଆମେ ଏଥିପାଇଁ ଭିକ୍ଷା ମାଗୁନାହୁଁ, ଆମେ ଆମର ଭାବାବେଗକୁ ପରିପ୍ରକାଶ କରୁଛୁ। ଦେଶ ‘ରାମ ରାଜ୍ୟ’ ଚାହେଁ ବୋଲି ସେ କହିଥିଲେ। ପ୍ରତିଶ୍ରୁତି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଭୈୟାଜୀ କହିଥିଲେ।

ରାମ ମନ୍ଦିର ନିର୍ମାଣ ନ ହେବା ପର୍ଯ୍ୟନ୍ତ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆସନ ଛାଡ଼ିବାକୁ ଦେବୁନି, ତାଙ୍କୁ ପ୍ରତିଶ୍ରୁତି ପୂରଣ କରିବାକୁ ହେବ ବୋଲି ହରିଦ୍ୱାରର ସ୍ୱାମୀ ହଂସଦେବାଚାର୍ଯ୍ୟ କହିଛନ୍ତି।

ଅଯୋଧ୍ୟାର ବିବାଦୀୟ ଜମିକୁ ନେଇ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଥିଲା ବେଳେ ଆସନ୍ତା ଜାନୁୟାରୀରେ କୋର୍ଟ ଶୁଣାଣି ତାରିଖ ଘୋଷଣା କରିବା ଆଶା କରାଯାଉଛି। ତେବେ ଏହି ମାମଲା ଅଦାଲତରେ ଦୀର୍ଘ ୨୫ ବର୍ଷ ହେଲା ପଡି ରହିଥିବାରୁ କେନ୍ଦ୍ର ସରକାର କୋର୍ଟ ରାୟକୁ ଅପେକ୍ଷା ନକରି ତୁରନ୍ତ ମନ୍ଦିର ନିର୍ମାଣ

■ ଅଧ୍ୟାଦେଶ ଆଣିବାକୁ କେନ୍ଦ୍ର ଉପରେ ଚାପ

■ ପ୍ରତିଶ୍ରୁତି ରଖନ୍ତୁ କ୍ଷମତାରେ ଥିବା ଲୋକେ: ଆରଏସ୍‌ଏସ୍

ବ୍ୟବସ୍ଥା କରନ୍ତୁ ବୋଲି ଭିଏଚ୍‌ପି ଏବଂ ଆର୍‌ଏସ୍‌ଏସ୍ ପକ୍ଷରୁ ଦାବି କରାଯାଇଛି।

ଗଣତନ୍ତ୍ରରେ କୋର୍ଟ ନୁହେଁ, ଜନସାଧାରଣ ସର୍ବେସର୍ବା ହେବା ଉଚିତ। ଜନସାଧାରଣଙ୍କ ଭାବାବେଗକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ଭିଏଚ୍‌ପି ଅଧକ୍ଷ ବିଷ୍ଣୁ ସଦାଶିବ କୋକ୍‌ଜେ କହିଛନ୍ତି। ଅଯୋଧ୍ୟାରେ ମନ୍ଦିର ଭଙ୍ଗାଯାଇ ମସ୍‌ଜିଦ ନିର୍ମାଣ କରାଯାଇଥିଲା। ତେଣୁ ଆମେ ମସ୍‌ଜିଦ ସ୍ଥାନରେ ମନ୍ଦିର ନିର୍ମାଣ କରିବାକୁ ଚାହୁଁଛୁ କହିବା ଭ୍ରାନ୍ତ ଧାରଣା। ରାମ ମନ୍ଦିର ଦାବିକୁ ନିର୍ବାଚନୀ ପ୍ରସଙ୍ଗ କରିବା ମଧ୍ୟ ଠିକ୍ ନୁହେଁ ବୋଲି କୋକ୍‌ଜେ କହିଛନ୍ତି।

ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ରବିବାର ଭିଏଚ୍‌ପି ସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶକୁ ସଫଳ କରିବା ଲାଗି ଭିଏଚ୍‌ପି ପକ୍ଷରୁ ଘରକୁ ଘର ଯାଇ ପ୍ରଚାର କରାଯାଇଥିଲା। ସେମାନେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ବିଭିନ୍ନ ରାଜ୍ୟର ରାଜ୍ୟପାଳମାନଙ୍କୁ ଭେଟି ମନ୍ଦିର ନିର୍ମାଣ ଦାବି କରିଥିଲେ। ଆଗକୁ ମଠ ମନ୍ଦିରଗୁଡ଼ିକରେ ଧର୍ମୀୟ କାର୍ଯ୍ୟକ୍ରମ ଏବଂ ପ୍ରାର୍ଥନା ଅନୁଷ୍ଠିତ ହେବ ବୋଲି ଭିଏଚ୍‌ପି ପକ୍ଷରୁ କୁହାଯାଇଛି।

## ୩ ଲଶ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର,୯।୧୨(ପି.ଟି.):** ଜମ୍ମୁ କଶ୍ମୀର ପୋଲିସ ଓ ସୁରକ୍ଷା ବାହିନୀ ମଧ୍ୟରେ ଗୁଳି ବିନିମୟରେ ୩ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସେମାନଙ୍କ ମଧ୍ୟରୁ ଅଲି ଭାଇ ପାକିସ୍ତାନର ଲଶ୍କର କମାଣ୍ଡୋ ହୋଇଥିବାବେଳେ ଅନ୍ୟ ୨ଜଣ କଶ୍ମୀର ଅଞ୍ଚଳର ବୋଲି ପୋଲିସ କହିଛି। ଶନିବାର ଶ୍ରୀନଗର ନିକଟବର୍ତ୍ତୀ ମୁଜଗୁନ୍ଦ ଅଞ୍ଚଳ ବାନ୍ଦିପୋରାଠାରେ ସର୍ଚ୍ଚ ଅପରେଶନ ସମୟରେ ଏହି ଗୁଳି ବିନିମୟ ହୋଇଥିଲା।

### ହିଜବୁଲ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୯।୧୨(ପି.ଟି.):** ହିଜ୍‌ବୁଲ୍ ମୁଜାହିଦ୍ଦିନର ସକ୍ରିୟ ସଦସ୍ୟ ରିଆଜ୍ ଅହମ୍ମଦଙ୍କୁ ଜମ୍ମୁ କଶ୍ମୀର ପୋଲିସ ଗିରଫ କରିଛି। ଦୁର୍ଦ୍ଦାନ୍ତ ଅପରାଧୀ ମହମ୍ମଦ ଆମିନ ଓରଫ୍ (ଜାହାଙ୍ଗୀର)ଙ୍କ ସେ ମୁଖ୍ୟ ସହଯୋଗୀ ଥିଲେ।

■ କଂଗ୍ରେସ ମୁଖ୍ୟମନ୍ତ୍ରୀମାନଙ୍କୁ ରାହୁଲଙ୍କ ଚିଠି

## ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କର

**ନୂଆଦିଲ୍ଲୀ,୯।୧୨(ପି.ଟି.)**



ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାମାନଙ୍କ ଲାଗି ଏକତୃତୀୟାଂଶ ସ୍ଥାନ ସଂରକ୍ଷଣ ନିମନ୍ତେ କଂଗ୍ରେସ ଏବଂ ସହଯୋଗୀ ଦଳ ଶାସିତ ରାଜ୍ୟଗୁଡିକ ସେମାନଙ୍କ ବିଧାନସଭାରେ ସଂକଳ୍ପ ଅନୁମୋଦନ କରାନ୍ତୁ। ଦଳର ଅଧକ୍ଷ ରାହୁଲ ଗାନ୍ଧୀ କଂଗ୍ରେସ ଏବଂ ଏହାର ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ କଂଗ୍ରେସ ସମର୍ଥନ କରିଆସୁଛି। ତେବେ ଏହି ବିଲ୍ ପାର୍ଲାମେଣ୍ଟରେ ତୁରନ୍ତ ଗୃହୀତ ହେବା ଲାଗି ଆମର ଦାବିକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଆଗାମୀ ଅଧିବେଶନରେ ରାଜ୍ୟମାନେ ସଂକଳ୍ପ ଗୃହୀତ କରାଇବାକୁ ରାହୁଲ ପରାମର୍ଶ ଦେଇଛନ୍ତି। ପାର୍ଲାମେଣ୍ଟରେ ମହିଳା ସ୍ଥାନ ସଂରକ୍ଷଣରେ ଭାରତ ୧୯୩ଟି ଦେଶ ମଧ୍ୟରେ ୧୪୮ତମ ସ୍ଥାନରେ ରହିଛି। ରାଜ୍ୟ ବିଧାନସଭାଗୁଡିକରେ ସ୍ଥିତି ଏହାଠାରୁ ଆହୁରି ଖରାପ ବୋଲି ରାହୁଲ କହିଛନ୍ତି। ଓଡିଶା ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଗତ ଗୁରୁବାର ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ୩୩ ପ୍ରତିଶତ ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ସମର୍ଥନ ଦେବା ଲାଗି ଅନୁରୋଧ କରିଥିଲେ।

## ‘କର୍‌ତାରପୁର କରିଡର ପଛରେ ଷଡ଼ଯନ୍ତ୍ର’

**ଚଣ୍ଡିଗଡ଼,୯।୧୨**



ପାକିସ୍ତାନର କର୍‌ତାରପୁର କରିଡ଼ର ପରିକଳ୍ପନା ପଛରେ ପାକ୍ ସୈନ୍ୟବାହିନୀର ବଡ଼ ଷଡ଼ଯନ୍ତ୍ର ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ କହିଛନ୍ତି। ପଞ୍ଜାବରେ ଆତଙ୍କବାଦ ସୃଷ୍ଟି କରିବା ଲାଗି ପଡୋଶୀ ଦେଶ ଉଦ୍ୟମ କରୁଛି। ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଅମରିନ୍ଦର କହିଛନ୍ତି। ଇମ୍ରାନ ଖାନ୍ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ପାକ୍ ସେନାମୁଖ୍ୟ ଜେନେରାଲ କ୍ୱାମାର ଜାଭେଦ ବଜ୍‌ୱା ଏହି କରିଡର ସମ୍ପର୍କରେ ନବଜୋତ୍ ସିଂ ସିଦ୍ଧୁଙ୍କୁ କହିଥିଲେ। କର୍‌ତାରପୁର କରିଡର ଖୋଲିବା ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଭାରତ ବିରୋଧରେ ଏକ ଗେମ୍ ପ୍ଲାନ୍ ବୋଲି ଏକ ଟିଭି ନ୍ୟୁଜ୍ ଚାନେଲ୍‌କୁ ଅମରିନ୍ଦର କହିଛନ୍ତି। ଆଇଏସ୍‌ଆଇର ଏହି ଚକ୍ରାନ୍ତକୁ ବୁଝି ପାରୁ ନ ଥିବା ଲୋକେ ସିଦ୍ଧୁଙ୍କ ସମ୍ପର୍କରେ ଅତିରଞ୍ଜିତ କରି ଅଯଥା ପ୍ରଚାର କରୁଛନ୍ତି।

## ଟ୍ରକ୍–ଭ୍ୟାନ ମୁହାଁମୁହିଁ: ୧୦ ମୃତ

**ନାଗପୁର,୯।୧୨(ପି.ଟି.)** ମହାରାଷ୍ଟ୍ରର ଚନ୍ଦ୍ରପୁରଠାରେ ସଡ଼କ ଦୁର୍ଘଟଣାରେ ୭ ମହିଳାଙ୍କ ସମେତ ୧୦ଜଣଙ୍କ ଜୀବନ ଯାଇଛି। ଟ୍ରକ୍ ଓ ଭ୍ୟାନ ମଧ୍ୟରେ ମୁହାଁମୁହିଁରୁ ଏହି ମର୍ମନ୍ତୁଦ ଘଟଣା ଘଟିଛି। କୋରପାନା–ୱାନି ସଡ଼କ ଦେଇ ଭ୍ୟାନ ଯାତ୍ରା କରୁଥିବାବେଳେ ଟ୍ରକ ସହ ଧକ୍କା ହୋଇଥିଲା।

## ଫୁର୍‌ସତ

## କେରଳରେ ୪ ଅନ୍ତର୍ଜାତୀୟ ବିମାନବନ୍ଦର


**ଥିରୁଭନନ୍ତପୁରମ୍:** କେରଳରେ କନୌର ଅନ୍ତର୍ଜାତୀୟ ବିମାନବନ୍ଦର ଖୋଲିବା ପରେ ପ୍ରଥମ ବିମାନ ଆବୁଧାବିକୁ ଉଡାଣ କରିଛି। ଏହାକୁ ମିଶାଇ ଉକ୍ତ ରାଜ୍ୟରେ ଅନ୍ତର୍ଜାତୀୟ ବିମାନ ବନ୍ଦର ସଂଖ୍ୟା ୪କୁ ବୃଦ୍ଧି ପାଇଛି। ୪ଟି ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ କେରଳକୁ ଅନ୍ତର୍ଜାତୀୟ ବିମାନ ବନ୍ଦର ରାଜ୍ୟ କୁହାଯିବା ଯଥାର୍ଥ। କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁ ଏବଂ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ କନୌର ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟକୁ ରବିବାର ଉଦ୍‌ଘାଟନ କରିଛନ୍ତି। ୨୦୦୦ ଏକର ପରିମିତ ଏହି ବିମାନ ବନ୍ଦର



ନିର୍ମାଣରେ ବ୍ୟୟ ହୋଇଛି ୧,୮୦୦ କୋଟି ଟଙ୍କା। ନୂଆ ବିମାନବନ୍ଦର ଦ୍ୱାରା ବାର୍ଷିକ ୧.୫ ନିୟୁତ ଯାତ୍ରୀ ଯାତାୟାତ କରିପାରିବେ। କେରଳର ଅନ୍ୟ ୩ଟି ବିମାନ ବନ୍ଦର ଥିରୁଭନନ୍ତପୁରମ୍, କୋଚି ଏବଂ କୋଝିକୋଡ଼୍‌ରେ ରହିଛି।

## ଉତ୍ତରାଖଣ୍ଡର ୭୩୪ ଗାଁ ଜନଶୂନ୍ୟ

**ଡେରାଡୁନ୍:** ଉତ୍ତରାଖଣ୍ଡର ପାର୍ବତ୍ୟାଞ୍ଚଳର ପାଖାପାଖି ୭୦୦ରୁ ଊର୍ଦ୍ଧ୍ୱ ଗାଁର ଲୋକେ କାମଧନ୍ଦା ଅନ୍ୱେଷଣରେ ଅନ୍ୟତ୍ର ପଳାୟନ କରୁଥିବାରୁ ୭ବର୍ଷ ମଧ୍ୟରେ ଏହି ଗାଁଗୁଡିକ ଜନଶୂନ୍ୟ ହୋଇଗଲାଣି। ଉତ୍ତରାଖଣ୍ଡର ପାଖାପାଖି ୧୬,୫୦୦ ଗ୍ରାମ ମଧ୍ୟରୁ ପାହାଡ ପର୍ବତ ପାଦଦେଶରେ ଥିବା ୭୩୪ଟି ଗାଁ ଏବେ ସମ୍ପୂର୍ଣ୍ଣ ଜନଶୂନ୍ୟ। ଜଣେ ଲୋକ ବି ବାସ କରୁ ନ ଥିବା ଉତ୍ତରାଖଣ୍ଡ ରୁରାଲ ଡେଭଲପମେଣ୍ଟ ଆଣ୍ଡ ମାଇଗ୍ରେଶନ୍ କମିଶନ୍‌ର ଭାଇସ୍ ପ୍ରେସିଡେଣ୍ଟ ଏସ୍.ଏସ୍. ନେଗି ପ୍ରକାଶ କରିଛନ୍ତି।






ଜନଶୂନ୍ୟ ହୋଇପଡିଥିବା ଗାଁ ଗୁଡିକରେ ଘରଦ୍ୱାର ନଷ୍ଟ ହୋଇଯିବା ସହିତ ଆଣ୍ଠୁଏ ପର୍ଯ୍ୟନ୍ତ ଅନାବନା ଘାସ ଉଠିଗଲାଣି। ପାଉରି ଜିଲାର ୨୯୮ ଗାଁ ମଧ୍ୟରୁ ୧୮୬ ଗାଁ ଜନଶୂନ୍ୟ। କମିଶନ୍‌ଙ୍କ ଦ୍ୱାରା ଏ ସମ୍ପର୍କରେ ସଦ୍ୟ ପ୍ରସ୍ତୁତ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ପ୍ରବାସନ ଯୋଗୁ ପାଉରି ଜିଲା ଅଧିକ ଜନଶୂନ୍ୟ ହୋଇଥିବା ବେଳେ ଏହା ପଛକୁ ରହିଛି ଆଲ୍‌ମୋରା। ତେବେ ଏହି ସ୍ଥିତି ଅତ୍ୟନ୍ତ ଗମ୍ଭୀର ଦର୍ଶାଇ ଭାଇସ୍ ପ୍ରେସିଡେଣ୍ଟ କହିଲେ, ପାର୍ବତ୍ୟାଞ୍ଚଳର ବିକାଶ ହେଉ ନ ଥିବାରୁ କାମଧନ୍ଦା ଅନ୍ୱେଷଣରେ ଅନ୍ୟତ୍ର ପଳାୟନ ଏଠାରେ ଏକ ସାଧାରଣ ସମସ୍ୟା।

### ଇତିହାସର ଆଇନାରେ

### ଡିସେମ୍ବର ୧୦ର ପ୍ରମୁଖ ଘଟଣା

୧୯୯୬ ଡିସେମ୍ବର ୧୦ରେ ଦକ୍ଷିଣ ଆଫ୍ରିକାର ନୂଆ ସମ୍ବିଧାନ ଘୋଷଣା ହୋଇଥିଲା। ଦକ୍ଷିଣ ଆଫ୍ରିକାର ସମ୍ବିଧାନ ହେଉଛି ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ସଂସ୍ଥା। ଏହା ସାଧାରଣତନ୍ତ୍ର ରାଷ୍ଟ୍ରର ସ୍ଥିତି ପାଇଁ ଆଇନଗତ ଭିତ୍ତିଭୂମି ସଦୃଶ। ନାଗରିକଙ୍କ ପାଇଁ ଅଧିକାର ଓ କର୍ତ୍ତବ୍ୟ ନିର୍ଦ୍ଧାରଣ କରେ ଏବଂ ସରକାର ଗଠନ ସଂଜ୍ଞା ନିରୂପଣ କରେ।

୧୯୪୮ ଡିସେମ୍ବର ୧୦ରେ ମାନବିକ ଅଧିକାର ସମ୍ମେଳନରେ ଜାତିସଂଘର ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ ସ୍ୱାକ୍ଷର କରିଥିଲେ। ୧୯୪୬ରୁ ଜାତିସଂଘର ନୀତିନିୟମ ଦ୍ୱାରା ପରିଚାଳିତ ୟୁନାଇଟେଡ ନେଶନ୍ସ କମିଶନ୍ ଅନ୍ ହ୍ୟୁମାନ୍ ରାଇଟ୍‌ସ ଏକ କାର୍ଯ୍ୟକାରୀ କମିଶନ୍ ଭାବେ ରହିଆସିଥିଲା। ୨୦୦୬ରେ ଏହାକୁ ପରିବର୍ତ୍ତନ କରି ୟୁନାଇଟେଡ୍ ନେଶନ୍ସ ହ୍ୟୁମ୍ୟାନ୍ ରାଇଟ୍‌ସ ଗଠନ କରାଗଲା। ଏହା ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ଏକ ସହାୟକ ସଂସ୍ଥା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୧.୬ |
| ଚାନ୍ଦବାଲି | ୨୬.୮ | ୧୪.୪ |
| କଟକ | ୨୮.୨ | ୧୩.୬ |
| ପାରାଦ୍ୱୀପ | ୨୮.୩ | ୧୬.୨ |
| ଭୁବନେଶ୍ୱର | ୨୯.୨ | ୧୪.୬ |
| ଗୋପାଳପୁର | ୩୦.୦ | ୧୯.୨ |
| ପୁରୀ | ୨୮.୨ | ୧୭.୮ |
| ଅନୁଗୋଳ | ୨୭.୩ | ୧୧.୦ |
| ବାରିପଦା | ୨୫.୬ | ୧୧.୬ |
| ଝାରସୁଗୁଡ଼ା | ୨୯.୨ | ୧୧.୨ |
| କେନ୍ଦୁଝର | ୨୫.୩ | ୯.୪ |
| ସମ୍ବଲପୁର | ୨୯.୪ | ୧୩.୦ |
| ସୁନ୍ଦରଗଡ଼ | ୨୭.୫ | ୧୦.୦ |
| ହୀରାକୁଦ | ୨୮.୯ | ୧୪.୪ |
| ତାଳଚେର | --- | ୧୩.୫ |
| ଭବାନୀପାଟଣା | ୨୯.୫ | ୧୫.୦ |
| ବଲାଙ୍ଗୀର | ୨୯.୩ | ୧୫.୫ |
| କୋରାପୁଟ | ୨୭.୬ | ୧୪.୨ |
| ଫୁଲବାଣୀ | ୨୭.୮ | ୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୫ | ୨୦.୪ |
| ସୋନପୁର | ୩୦.୨ | ୧୬.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ମଡେଲିଂ ଆବେଗପୂର୍ଣ୍ଣ ସ୍ମୃତି ଜାଗ୍ରତ କରାଏ





**ନୂଆଦିଲ୍ଲୀ:** ମଡେଲିଂ ସବୁବେଳେ ଅତୀତର ଆବେଗପୂର୍ଣ୍ଣ ସ୍ମୃତି ଜାଗ୍ରତ କରାଏ ବୋଲି ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରା ପ୍ରକାଶ କରିଛନ୍ତି। ଲାକ୍ମେ ଫ୍ୟାଶନ୍ ୱିକ୍ (ଏଲ୍‌ଏଫ୍‌ଡବ୍ଲ୍ୟୁ)ର ଆଗାମୀ ସମର/ରିସର୍ଟ ୨୦୧୯ ସଂସ୍କରଣ ପାଇଁ ମଡେଲ୍ ଅଡିଶନ୍ ନିମନ୍ତେ ଅନ୍ୟତମ ବିଚାରକ ଭାବରେ ଯୋଗ ଦେଉଥିବା ମଲାଇକା ଏହା କହିଛନ୍ତି। ସେ ଏକ ବିବୃତିରେ କହିଲେ, ମଡେଲିଂ ତାଙ୍କ ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ। ଫିଲ୍ମ ଶିଳ୍ପରେ ପ୍ରବେଶ ପୂର୍ବରୁ ସେ ମଡେଲିଂ ଦୁନିଆରେ ପାଦ ଦେଇଥିଲେ। ଏଥିପାଇଁ ସବୁ ଶ୍ରେୟ ସେ ନିଜ ଗୁରୁଙ୍କୁ ଦିଅନ୍ତି। ଲାକ୍ମେ ଫ୍ୟାଶନ୍ ୱିକ୍ ପାଇଁ ମୁମ୍ବାଇସ୍ଥିତ ସେଣ୍ଟ ରେଗିସ୍‌ଠାରେ ଡିସେମ୍ବର ୧୪ରେ ଅଡିଶନ ହେବାକୁ ଯାଉଛି। ଲାକ୍ମେ ଫ୍ୟାଶନ୍ ୱିକ୍ ଏକ ମଞ୍ଚ ଯାହା ଆଶାୟୀ ମଡେଲଙ୍କ ନିମନ୍ତେ ଏକ ଲଞ୍ଚପ୍ୟାଡ୍ ଭଳି କାର୍ଯ୍ୟ କରେ। ତେବେ ଫ୍ରେଶ୍ ଟ୍ୟାଲେଣ୍ଟ ବାଛିବା ପାଇଁ ବିଚାରକ ମଣ୍ଡଳୀରେ ଭାଗ ନେଇଥିବାରୁ ମଲାଇକା ଖୁବ୍ ଖୁସି ପ୍ରକାଶ କରିଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

## ୧୧ରୁ ପାର୍ଲାମେଣ୍ଟ ଶୀତ ଅଧିବେଶନ

# ବିଜେଡି ଉଠାଇବ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ

**ଭୁବନେଶ୍ୱର, ୯।୧୨ (ବ୍ୟୁରୋ)**


**ମହିଳା ସଂରକ୍ଷଣ, ତିତ୍‌ଲି କ୍ଷୟକ୍ଷତି ନ ମିଳିବା, ରେଲୱେ ଅବହେଳାକୁ ଗୁରୁତ୍ୱ**



ବିଜେଡି ସଂସଦୀୟ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ଏମ୍‌ପିମାନେ।

ପାର୍ଲାମେଣ୍ଟର ଶୀତ ଅଧିବେଶନକୁ ଦୁଇଦିନ ବାକି ଥିବାବେଳେ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିଜେଡି ସଂସଦୀୟ ଦଳ ରଣନୀତି ପ୍ରସ୍ତୁତ କରିଛି । ଓଡ଼ିଶାର ଦୀର୍ଘଦିନର ଦାବି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଓ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ % ସଂରକ୍ଷଣ ପ୍ରସଙ୍ଗ ସମେତ ମୋଟ ୯ଟି ପ୍ରସଙ୍ଗକୁ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡିଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସରେ ପୂର୍ବାହ୍ନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକ ପରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ କହିଛନ୍ତି ଯେ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବିକୁ ସର୍ବାଧିକ ଗୁରୁତ୍ୱ ଦେଇ ଉପସ୍ଥାପନ କରାଯିବ। ଏକଦା ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ନେଇ ଉଭୟ ବିଜେଡି-ଭାଜପା ଲଢେଇ କରୁଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରେ ଦୁଇ ଦଳ ଅଲଗା ଭାବେ ଏହି ଆନ୍ଦୋଳନ ଜାରି ରଖିଲେ। ୨୦୧୪ ନିର୍ବାଚନରେ ଭାଜପା କେନ୍ଦ୍ରରେ ସରକାର ଗଠନ କଲା। ପ୍ରାୟ ୪ ବର୍ଷ ୮ ମାସ ବିତିଯାଇଥିଲେ ବି ଭାଜପା ନେତାମାନେ ସ୍ୱତନ୍ତ୍ର ପାହ୍ୟା ନେଇ କୌଣସି ସ୍ପଷ୍ଟ ଆଭିମୁଖ୍ୟ ଜଣାଇ ନାହାନ୍ତି। ସେହିପରି ରାଜ୍ୟ ଭାଜପା ନିଜ ଇସ୍ତାହାରରେ ସ୍ୱତନ୍ତ୍ର ପାହ୍ୟା ପ୍ରସଙ୍ଗ ସମ୍ପର୍କରେ ଉଲ୍ଲେଖ କରି ଅନୁପାଳନ କରିନାହିଁ। ତେଣୁ ଓଡ଼ିଆଙ୍କୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପ୍ରତାରଣା କରୁଛନ୍ତି ବୋଲି ପ୍ରତାପ କହିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ନେଇ ଦେଶର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହା ପୂର୍ବରୁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ମଧ୍ୟ ଗୃହୀତ କରାଇଛନ୍ତି। ତେଣୁ ଏହି ପ୍ରସ୍ତାବକୁ ପାର୍ଲାମେଣ୍ଟର ଅନୁମୋଦନ ପାଇଁ ବିଜେଡି ଦାବି ଉପସ୍ଥାପନ କରିବ। ସେହିପରି ତିତ୍‌ଲି ଦ୍ୱାରା ରାଜ୍ୟ ବହୁ ଅଞ୍ଚଳ କ୍ଷତିଗ୍ରସ୍ତ ହେବା ସହ ଧନଜୀବନ ନଷ୍ଟ ହୋଇଥିଲା। କେନ୍ଦ୍ରୀୟ ଟିମ୍ ଗସ୍ତ କରି କ୍ଷୟକ୍ଷତି ଆକଳନ କରିବା ପରେ ଉପଯୁକ୍ତ ସମୟରେ ସହାୟତା ଦିଆଗଲା ନାହିଁ। ଆନ୍ଧ୍ରପ୍ରଦେଶ ଏବଂ କେରଳକୁ ସହାୟତା ଘୋଷଣା କରାଯିବା ଦିନ ଓଡ଼ିଶା ନାଁ ନ ଥିଲା। କେନ୍ଦ୍ର ଅବହେଳାର ଏହା ଆଉ ଏକ ଉଦାହରଣ ବୋଲି ପ୍ରତାପ କହିଛନ୍ତି। ସ୍ୱାମୀନାଥନ କମିଟି ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦେଢଗୁଣା ବୃଦ୍ଧି ଦାବି ଉପସ୍ଥାପନ କରାଯିବ। ଅନୁସୂଚିତ ଜାତି (ଏସ୍‌ସି)ବର୍ଗର ଛାତ୍ରୀଛାତ୍ରଙ୍କ ସ୍କଲାରଶିପ୍ ପାଇଁ ପୂର୍ବରୁ ରାଜ୍ୟ ୨୨୦ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ପାଉଥିଲା। ଏବେ ତାହା ମାତ୍ର ୩୦ରୁ ୪୦ କୋଟିକୁ ହ୍ରାସ ପାଇଛି। ତେଣୁ ଏହା ବିରୋଧରେ ସ୍ୱର ଉତ୍ତୋଳନ କରାଯିବ। କେନ୍ଦୁପତ୍ର ତୋଳାଳିଙ୍କୁ ଏବେ ୧୮ ପ୍ରତିଶତ ଜିଏସ୍‌ଟି ଦେବାକୁ ପଡୁଛି। ଏହାକୁ ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ଦାବି ଉପସ୍ଥାପନ କରାଯିବ। ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନାଁରେ ଏକ ଟ୍ରେନ୍ ଚଳାଚଳ ହେବାର ଥିଲା। ଏଥିପାଇଁ ପୂର୍ବରୁ ରାଜ୍ୟ ପକ୍ଷରୁ ଚିଠି ଲେଖା ମଧ୍ୟ ସରିଛି, ମାତ୍ର ଏହା ହୋଇ ନାହିଁ। ତେଣୁ ଏହାକୁ ତୁରନ୍ତ କରିବା ଏବଂ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାର ଉପରେ ଚାପ ପ୍ରୟୋଗ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡି ଏକ ଆଞ୍ଚଳିକ ଦଳ ହୋଇଥିବାରୁ ରାଜ୍ୟର ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ପ୍ରତାପ କହିଛନ୍ତି। ବୈଠକରେ ବିଜେଡି ସଂସଦୀୟ ଦଳ ନେତା(ଲୋକ ସଭା) ଭର୍ତ୍ତୃହରି ମହତାବ, ମୁଖ୍ୟ ସଚେତକ ତଥାଗତ ସତପଥୀ, ସଂସଦୀୟ ଦଳ ନେତା(ରାଜ୍ୟ ସଭା) ପ୍ରସନ୍ନ ଆଚାର୍ଯ୍ୟ ଓ ଅନ୍ୟ ଏମ୍‌ପିମାନେ ଉପସ୍ଥିତ ରହିଥିଲେ।




# ବିଜେଡିରେ ଯୋଗଦେଲେ ଅବସରପ୍ରାପ୍ତ ଓଏନ୍‌ଜିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୯।୧୨ (ବ୍ୟୁରୋ)**

ଅବସରପ୍ରାପ୍ତ ଓଏନ୍‌ଜିସି କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଚିନ୍ତାମଣି ତାଣ୍ଡି, ଟିଟିଲାଗଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭରତ ତାଣ୍ଡିଙ୍କ ସମେତ କେତେଜଣ ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜେଡିରେ ରବିବାର ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ଚିନ୍ତାମଣି କହିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ନବୀନ ନିବାସରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚିନ୍ତାମଣୀ ତାଣ୍ଡି ଏବଂ ତାଙ୍କ ସମର୍ଥକମାନେ ଦଳରେ ଯୋଗଦେବା ଫଳରେ ବଲାଙ୍ଗୀର ଜିଲା ତଥା ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡି ଶକ୍ତି ବୃଦ୍ଧି ହେବ। ଏହି କାର୍ଯ୍ୟକ୍ରମରେ ଏମ୍‌ପି କଳିକେଶ ନାରାୟଣ ସିଂହଦେଓଙ୍କ ସମେତ ଦଳର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଅଭିଭାବକଙ୍କୁ ସରକାର ଦେଲେ ପରାମର୍ଶ

# ଏନ୍‌ଓସି ପାଇ ନ ଥିବା ସ୍କୁଲରେ ପିଲାଙ୍କୁ ପଢ଼ାନ୍ତୁ ନାହିଁ

**ଭୁବନେଶ୍ୱର, ୯।୧୨ (ବ୍ୟୁରୋ)**

**ବେଆଇନ ସ୍କୁଲ୍ ବନ୍ଦ ଦାବି କଲା ଅଭିଭାବକ ମହାସଂଘ**

ରାଜ୍ୟରେ ଛତୁ ଫୁଟିଲା ଭଳି ଇଂଲିଶ ମିଡିୟମ ସ୍କୁଲ ଖୋଲୁଛି। କିନ୍ତୁ ଅନେକଗୁଡ଼ିଏ ଇଂଲିଶ ମିଡିୟମ ସ୍କୁଲ ସରକାରଙ୍କ ବିନା ଏନ୍‌ଓସିରେ ଚାଲିଛି। ଏସବୁ ପବ୍ଲିକ ସ୍କୁଲ୍‌ରେ ନିଜ ପିଲାଙ୍କୁ ନ ପଢ଼ାଇବାକୁ ରାଜ୍ୟ ସରକାର ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି। ଯଦି ସେଠାରେ ନିଜ ପିଲାମାନଙ୍କୁ ପଢ଼ାଉଛନ୍ତି ତେବେ ତୁରନ୍ତ ଯାଞ୍ଚ କରିନିଅନ୍ତୁ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଅଧିକାଂଶ ପବ୍ଲିକ ସ୍କୁଲ ବିନା ଅନୁମୋଦନରେ ଚାଲିଥିବା ଅଭିଯୋଗ ଆସିବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଏନ୍‌ଓସି ପାଇଥିବା ସ୍କୁଲଗୁଡ଼ିକର ତାଲିକା ଜାରି କରାଯାଇଛି। ଏହି ତାଲିକା ମଧ୍ୟରେ ଯେଉଁ ସ୍କୁଲର ନାଁ ନ ଥିବ ସେଠାରେ ପିଲାଙ୍କ ନାମ ନ ଲେଖାଇବାକୁ ନିର୍ଦ୍ଦେଶାଳୟ ବିଜ୍ଞପ୍ତି ଜାରି କରିଛି। ଉକ୍ତ ତାଲିକା ଅନୁସାରେ, କେନ୍ଦ୍ରାପଡ଼ା, ସୁବର୍ଣ୍ଣପୁର ଓ ଢେଙ୍କାନାଳ ଜିଲାରେ ମାତ୍ର ଗୋଟିଏ ଲେଖାଏ ପବ୍ଲିକ୍ ସ୍କୁଲକୁ ଏନ୍‌ଓସି ମିଳିଛି। କିନ୍ତୁ ଏସବୁ ଜିଲାରେ ଶତାଧିକ ପବ୍ଲିକ୍ ସ୍କୁଲ୍ ଚାଲିଥିବା ନଜରକୁ ଆସିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୮ଟି ପବ୍ଲିକ୍ ସ୍କୁଲକୁ ଏନ୍‌ଓସି ମିଳିଥିବା ବେଳେ ୩୫୦ରୁ ଅଧିକ ପବ୍ଲିକ୍ ସ୍କୁଲରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଭଳି ସ୍ଥିତିରେ ଏନ୍‌ଓସି ପାଇ ନ ଥିବା ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଆଶଙ୍କା ମଧ୍ୟରେ ରହିଛି। ଅନ୍ୟପଟେ ସରକାରଙ୍କ ଏଭଳି ପଦକ୍ଷେପକୁ ଅଭିଭାବକ ମହାସଂଘ ସ୍ୱାଗତ କରିଛି। କେବଳ ତାଲିକା ପ୍ରସ୍ତୁତ କରି ଚୁପ୍ ନ ବସି ବିନା ଏନ୍‌ଓସିରେ ଚାଲୁଥିବା ସ୍କୁଲକୁ ବନ୍ଦ କରିବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ସେପଟେ ତାଲିକା ପ୍ରକାଶ ପାଇବା ପରେ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

## ସରକାରୀ କାର୍ଯ୍ୟକ୍ରମରେ ବିଜେଡି ପ୍ରତି ଅନୁଗ୍ରହ

# ପ୍ରଦୀପ୍ତଙ୍କ ନିଲମ୍ବନ ଦାବି କଲା କଂଗ୍ରେସ


**ଭୁବନେଶ୍ୱର, ୯।୧୨ (ବ୍ୟୁରୋ)**

ରାଜ୍ୟର କେତେଜଣ ପ୍ରଶାସନିକ ଅଧିକାରୀ ସରକାରୀ କାର୍ଯ୍ୟକ୍ରମ ଆଳରେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସରକାରୀ କାର୍ଯ୍ୟକ୍ରମରେ ବିଜେଡି ପ୍ରତି ଅନୁଗ୍ରହ ପ୍ରଦର୍ଶନ କରୁଥିବା କଂଗ୍ରେସ ଅଭିଯୋଗ ଆଣିଛି। କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ରବିବାର ଦଳୀୟ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେତେକ ପ୍ରମାଣ ଦେଖାଇ ପ୍ରଦୀପ୍ତ ମହାପାତ୍ରଙ୍କ ନିଲମ୍ବନ ଦାବି କରିଛନ୍ତି। ସରକାରୀ କାର୍ଯ୍ୟକ୍ରମରେ ବିଜେଡି ନେତାଙ୍କୁ ଅତିରିକ୍ତ ସଚିବସ୍ତରର ଜଣେ ଅଧିକାରୀ ନିର୍ଦ୍ଦିଷ୍ଟଭାବେ ନିମନ୍ତ୍ରଣ କରିବା ନିନ୍ଦନୀୟ। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାରେ ମେଗା ପାଇପ୍‌ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଜେଡି କର୍ମୀ କିଭଳି ଅଧିକ ଯୋଗଦେବେ ସେ ନେଇ ପ୍ରଦୀପ୍ତ ସରକାରୀ ଚିଠିରେ ଉଲ୍ଲେଖ କରିଥିବା ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି। ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଦପ୍ତରର ଅଧିକାରୀମାନେ ଶାସନ କଳକୁ ବିଜେଡିର ଲାଭ ପାଇଁ ବ୍ୟବହାର କରୁଛନ୍ତି ବୋଲି ସତ୍ୟପ୍ରକାଶ ଅଭିଯୋଗ ଉଠାଇଛନ୍ତି।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଯୁବ ବିଜେଡିର କଟକ ଜୋନ୍ କର୍ମଶାଳା

# ଯୁବବର୍ଗଙ୍କ ସହଯୋଗକୁ ଗୁରୁତ୍ୱ

**କଟକ ଅଫିସ, ୯।୧୨**




କର୍ମଶାଳାରେ ବିଧାୟକ ଦେବାଶିଷ ସାମନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

- ଜିଲା, ବ୍ଲକ, ପଞ୍ଚାୟତ ସ୍ତରୀୟ ଯୁବ କମିଟି ଗଠନ ପ୍ରସ୍ତାବ
- ସୋସିଆଲ ମିଡିଆରେ ରାଜ୍ୟ ସରକାରଙ୍କ ସଫଳତା ପ୍ରଚାରକୁ ଗୁରୁତ୍ୱାରୋପ
- ରାମମନ୍ଦିର ପ୍ରସଙ୍ଗରେ ଭାଜପାକୁ ସମାଲୋଚନା

ଯୁବକମାନେ ହେଉଛନ୍ତି ଏ ରାଜ୍ୟର ଶକ୍ତି। ଯୁବବର୍ଗଙ୍କୁ ନେଇ ରାଜ୍ୟର ସମୃଦ୍ଧି ସମ୍ଭବ। ଯୁବକମାନଙ୍କ ବିକାଶ ଓ ଉନ୍ନତି ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ୨୦୧୯ରେ ରାଜ୍ୟରେ କିଭଳି ନବୀନ ପଟ୍ଟନାୟକ ପୁଣିଥରେ ବିପୁଳ ଜନମତରେ ସରକାର ଗଠନ କରିବେ ସେଥିପାଇଁ ଯୁବ କର୍ମୀମାନେ ଆଗେଇ ଆସିବା ଉଚିତ। ରବିବାର ସ୍ଥାନୀୟ ଶହୀଦଭବନଠାରେ ବିଜୁ ଯୁବ ଜନତା ଦଳର କଟକ ଜୋନ୍ କର୍ମଶାଳାରେ ଯୋଗଦେଇ ଦଳୀୟ ନେତାମାନେ ଏହି କଥା କହିଛନ୍ତି।

କର୍ମଶାଳାରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଯୁବକମାନଙ୍କୁ ନେଇ ଜିଲା, ବ୍ଲକ ଓ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ପଞ୍ଚାୟତସ୍ତରୀୟ କମିଟିରେ ୨୧ଜଣଙ୍କୁ ସଦସ୍ୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ସୋସିଆଲ ମିଡିଆରେ ଯୁବ କର୍ମୀମାନେ ଅଧିକମାତ୍ରାରେ ସଂଶ୍ଳିଷ୍ଟ ହୋଇ ରାଜ୍ୟ ସରକାରଙ୍କ ସବୁ ଜନହିତକର ଯୋଜନାର ପ୍ରଚାର କରିବାକୁ ମନ୍ତ୍ରୀ କହିଥିଲେ।

କର୍ମଶାଳାରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ କହିଥିଲେ, ଯୁବକମାନଙ୍କୁ ବ୍ୟବହାର କରି ନୁହେଁ ବରଂ ସେମାନଙ୍କ ସହଯୋଗରେ ରାଜ୍ୟର ବିକାଶ କରାଯାଇପାରିବ। ଆମେରିକାରେ ସିନେଟରମାନେ ସେଠାକାର ଯୁବକମାନଙ୍କୁ ଆଗକୁ ଯିବାକୁ ବାଟ ଛାଡ଼ି ଦିଅନ୍ତି। ସେହିପରି ଏଠାରେ ମଧ୍ୟ ଯୁବଶକ୍ତିକୁ ସୁଯୋଗ ଦେବାପାଇଁ ନବୀନ ପଟ୍ଟନାୟକ ବ୍ୟବସ୍ଥା କରିଥିବା ତଥାଗତ କହିଥିଲେ। ରାମମନ୍ଦିର ନିର୍ମାଣ ଉପରେ ମତ ଦେଇ ସେ କହିଥିଲେ, ଯେଉଁମାନେ ରାମମନ୍ଦିର ଗଢିବା ପାଇଁ ପ୍ରତିଶ୍ରୁତି ଦେଇ ରାଜନୀତି କରୁଛନ୍ତି, ସେମାନେ ନିର୍ବାଚନକୁ ଯିବା ପୂର୍ବରୁ ଯଦି ମନ୍ଦିର ନ ଗଢୁଛନ୍ତି ତେବେ ସେମାନଙ୍କୁ ଦେଶରୁ ବାସନ୍ଦ କରିବା ଉଚିତ। ସେହିପରି ବିମୁଦ୍ରୀକରଣ ଯୋଗୁ କେବଳ ଗରିବ ଦୁଃଖ ଭୋଗିଲା ଓ ଜିଏସ୍‌ଟି ଯୋଗୁ କ୍ଷୁଦ୍ର, ମଧ୍ୟମ ଧରଣର ବ୍ୟବସାୟୀମାନେ କ୍ଷତି ସହିଲେ ବୋଲି ତଥାଗତ କହିଥିଲେ।

ବିଧାୟକ ଦେବାଶିଷ ସାମନ୍ତରାୟ ନିଜ ଭାଷଣରେ ଯୁବସମାଜକୁ ଆଗେଇ ଆସିବାକୁ କହିବା ସହିତ ରାଜ୍ୟ ସରକାରଙ୍କ ଯୁବନୀତି ଉପରେ ଆଲୋକପାତ କରିଥିଲେ। ସେ ଭାଜପାକୁ ସମାଲୋଚନା କରି କହିଥିଲେ ଯେ, ଏହି ଦଳ ଧର୍ମ ନାମରେ ଯେଉଁ ରାଜନୀତି କରୁଛି ତାହା ସମାଜକୁ ଭାଗ ଭାଗ କରୁଛି। ବିଧାୟକ ଦେବୀ ମିଶ୍ର ନିଜ ଭାଷଣରେ ରାମ ନାମ କହି ଭୋଟ ନେଇଥିବା ଦଳ ଏବେ ରାମଙ୍କୁ ତମ୍ବୁ ତଳେ ରଖିଥିବା କହିଥିଲେ।

ଯୁବ ବିଜେଡିର ରାଜ୍ୟ ମହାସଚିବ ଶିଶିର ପରିଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଯୋଗଦେଇଥିବା ଅନ୍ୟ ନେତୃବୃନ୍ଦ ହେଲେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ, ବିଧାୟକ ପ୍ରଭାତ ବିଶ୍ୱାଳ, ଅତନୁ ସବ୍ୟସାଚୀ ନାୟକ, ବ୍ରଜ କିଶୋର ପ୍ରଧାନ, ସୁଶାନ୍ତ ବେହେରା, ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରି, ମହିଳା ମୋର୍ଚ୍ଚାର ସଭାପତି ମିନତି ବେହେରା, କଟକ ଜିଲା ଯୁବ ବିଜେଡି ସଭାପତି ଜ୍ଞାନେନ୍ଦ୍ର ଗିରିଗୋସ୍ୱାମୀ ପ୍ରମୁଖ। କର୍ମଶାଳାରେ ଅବିଭକ୍ତ କଟକ ଜିଲା ସମେତ ଢେଙ୍କାନାଳ ଓ ଅନୁଗୋଳ ଜିଲାର ଯୁବ ବିଜେଡି କର୍ମକର୍ତ୍ତାମାନେ ଯୋଗଦେଇଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆୟୁଷ୍ମାନ
ପରିବାରବର୍ଗ


ଜୁଏଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଷଷ୍ଠ ଜନ୍ମଦିନ ଶୁଭେଚ୍ଛା


(ଗଳାମାଳିଆ)

**ଆୟୁଷ୍ମାନ ତରାଇ**
ପାଣ୍ଡରା, ଭୁବନେଶ୍ୱର
ଜନ୍ମ ତାରିଖ: ୧୦।୧୨।୨୦୧୨
ଆୟୁଷ୍ମାନ ଆଜି ତୁମର ଷଷ୍ଠ ଜନ୍ମଦିବସ। ତୁମେ ଦୀର୍ଘାୟୁ ହୁଅ। ସବୁବେଳେ ବିଦ୍ୟା, ସତ୍ୟ, ଧର୍ମ, ନ୍ୟାୟ ଓ ସ୍ନେହ ତୁମ ପାଖେ ଭରିରହୁ। ଏହା ପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ସାଇରାମଙ୍କ ପାଖରେ ମୋର ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ଜଗନ, ସାଇରାମ ଓ ତୁମକୁ ଭଲପାଉଥିବା ତୁମର ଅତିନିଜର। ଧ-୯୯୪୨

# ୭ ଡିଗ୍ରୀରେ ଫୁଲବାଣୀ

**ଭୁବନେଶ୍ୱର, ୯।୧୨(ବ୍ୟୁରୋ)**

ସାରା ରାଜ୍ୟରେ ବର୍ତ୍ତମାନ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଅଧିକ ଶୀତ ଅନୁଭୂତ ହେଉଛି। ରବିବାର ଫୁଲବାଣୀ ଜିଲାରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରେକର୍ଡ କରାଯାଇଛି। ଏହି ଜିଲାରେ ଶୀତ ସାଙ୍ଗକୁ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ଅପରାହ୍ନ ୫ଟା ପରେ ଓ ସକାଳ ୯ଟା ପୂର୍ବରୁ ଲୋକମାନେ ବାହାରକୁ ବାହାରିବାକୁ ଡରୁଛନ୍ତି। ଅନ୍ୟପକ୍ଷରେ କେନ୍ଦୁଝରଗଡ଼ରେ ୯.୪ ଡିଗ୍ରୀ ତାପମାତ୍ରା ଥିବାବେଳେ ଦାରିଙ୍ଗବାଡ଼ି ଓ ସୁନ୍ଦରଗଡ଼ରେ ୧୦ଡିଗ୍ରୀ, ଅନୁଗୋଳ ୧୧.୦, ଝାରସୁଗୁଡ଼ା ୧୧.୨, ବାଲେଶ୍ୱର ଓ ବାରିପଦା ୧୧.୬ ଡିଗ୍ରୀ ତାପମାତ୍ରା ରହିଥିବା ରେକର୍ଡ କରାଯାଇଛି। ରାଜ୍ୟରେ ମୋଟ ୧୫ଟି ଜିଲାରେ ୧୫ଡିଗ୍ରୀରୁ କମ୍ ତାପମାତ୍ରା ଥିବା ଜଣାପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ଖଣି ଅଧିକାରୀ...

ମୃତଦେହ ରବିବାର ସକାଳେ ଉଦ୍ଧାର କରାଯାଇଛି। ଏହି ଦମ୍ପତିଙ୍କ ମୃତଦେହ ପଡ଼ିଥିବା କୋଠରିର ଅଭାବନୀୟ ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ଖଟ ଉପରେ ପଡ଼ିଥିବା ମୃତା ବେରୁଣୀଚାନ୍ଦଙ୍କ ବେକରେ ଏକ ଲୁହା ଚେନ୍ ବନ୍ଧା ଯାଇଥିଲା। ଖଟ ତଳେ ସୁଜିତଙ୍କ ମୃତଦେହ ପଡ଼ିରହିଥିଲା। ତାଙ୍କ ହାତରେ ରହିଥିଲା ସ୍ତ୍ରୀଙ୍କ ବେକରେ ଲାଗିଥିବା ଲୁହା ଚେନର ଗୋଟିଏ ମୁଣ୍ଡ। ମୃତଦେହ ନିକଟରେ ରକ୍ତ ଲାଗିଥିବା ଏକ ବେଷ୍ଟ ଲଗା ଲୁହା ଗଇଁତି ମଧ୍ୟ ପଡ଼ି ରହିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଦୁହିଁଙ୍କର କିଭଳି ମୃତ୍ୟୁ ଘଟିଲା ତାହା ରହସ୍ୟ ଘେରରେ ରହିଛି। ବାମେବାରୀ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇ ଅପରାହ୍ନ ବେଳକୁ ୨ ମୃତଦେହକୁ ବ୍ୟବଚ୍ଛେଦ ଲାଗି ବଡ଼ବିଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି। ଦମ୍ପତିଙ୍କ ମୃତଦେହ ମିଳିଥିବା କ୍ୱାର୍ଟର୍ସର ଏକ ଅନ୍ୟ କୋଠରିରେ ତାଙ୍କ କଲେଜ ପଢ଼ୁଆ ଝିଅ ରହିଥିଲେ। ଝିଅ ନିଦରେ ଶୋଇପଡ଼ିଥିବାରୁ ଏଭଳି କାଣ୍ଡ କିପରି ଘଟିଲା ସେନେଇ ସେ କିଛି ଜାଣିପାରି ନ ଥିବା କହିଛନ୍ତି।

ଯୋଡ଼ାଠାରୁ ରୁଙ୍ଗଟା ଖଣି କଲୋନୀର ଦୂରତା ପ୍ରାୟ ୧୩ କି.ମି. ହେବ। ଯେଉଁ କ୍ୱାର୍ଟର୍ସରୁ ମୃତଦେହ ଉଦ୍ଧାର ହୋଇଛି ତାହା କଲୋନୀର ମଝି ଅଞ୍ଚଳରେ ଅବସ୍ଥିତ। କ୍ୱାର୍ଟର୍ସରେ ରହିଛି ୩ଟି ବେଡରୁମ୍। ରାତିରେ ମା'ବାପା ଶୋଇବା ଘରକୁ ଯିବା ପରେ ତାଙ୍କ ଝିଅ ନିଜ କୋଠରିକୁ ଯାଇ ଶୋଇଥିଲେ। ରବିବାର ସକାଳେ ସେ ନିଦରୁ ଉଠି ମା'ବାପାଙ୍କ ଶୋଇବା କୋଠରିରେ ସେମାନଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏହାପରେ ସେ ଭୟଭୀତ ହୋଇ ପଡିଶା ଲୋକଙ୍କୁ ଡାକ ପକାଇ ଥିଲେ। ଖଣି ଅଧିକାରୀ ଓ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସେହି ସ୍ଥାନ ଲୋକାରଣ୍ୟ ହୋଇପଡ଼ିଥିଲା। ଖଟ ଉପରେ ବେରୁଣୀଚାନ୍ଦ ଓ ତଳେ ସୁଜିତଙ୍କ ମୃତଦେହ ଯେଉଁଭଳି ଅବସ୍ଥାରେ ପଡ଼ିଥିଲା ତାହା ଦେଖି ସମସ୍ତେ ହତବାକ ହୋଇ ପଡ଼ିଥିଲେ। ଖବର ପାଇ ୬ କି.ମି. ଦୂର ବାମେବାରୀ ଥାନାରୁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପାରିବାରିକ କଳହରୁ ମାରପିଟ ଭଳି ଘଟଣା ଘଟି ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ଜୀବନ ଯାଇଥାଇ ପାରେ ବୋଲି ପ୍ରାଥମିକ ତଦନ୍ତ ପରେ ପୋଲିସ ସନ୍ଦେହ କରୁଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

ଶନିବାର ରାତିରେ ମା'ବାପାଙ୍କ ମଧ୍ୟରେ ବଚସା ହୋଇଥିବା କଥା ତାଙ୍କ ଝିଅ ପୋଲିସକୁ ସୂଚନା ଦେଇଛନ୍ତି। ସୁଜିତ୍ ୨୧ ବର୍ଷ ତଳେ ବେରୁଣୀଚାନ୍ଦଙ୍କୁ ପ୍ରେମବିବାହ କରିଥିଲେ। ତାଙ୍କର ଅନ୍ୟ ଏକ ପୁଅ ଅଛନ୍ତି। ସେ ଏକ ଆବାସିକ ସ୍କୁଲରେ ରହି ପାଠପଢୁଥିବା ଜଣାପଡ଼ିଛି। ଖବର ପାଇ ପରେ ସେ ଆସି ଘରେ ପହଞ୍ଚିଛନ୍ତି। ଏହି ଦମ୍ପତିଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ ରହସ୍ୟର ପର୍ଦ୍ଦାଫାଶ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଘଟଣା...

ପୋଲିସ କହିଛି, ୩ ଦିନ ପୂର୍ବରୁ ଏକ ନମ୍ବର ବିହୀନ ଗାଡିରେ ୧୩ ଜଣ ତୀର୍ଥ କରି ଯାଇଥିଲେ। ଶନିବାର ରାତିରେ ସେମାନେ କୋରାପୁଟରୁ ନିଜ ଗ୍ରାମ ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି୦୫ଏଜି-୦୬୭୦)ସହ ଟ୍ରୁରିଷ୍ଟ ଗାଡିର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଟୁରିଷ୍ଟ ଗାଡି ଭାଙ୍ଗି ଚୂରମାର ହୋଇଯାଇଥିଲା। ଟ୍ରକ୍‌ଟି ରାସ୍ତାରେ ଆଡ ପକାଇଲା ଭଳି ରହିଯାଇଥିଲା। ଏହି ସମୟରେ ସମ୍ବଲପୁର ପଟୁ ଦ୍ରୁତଗତିରେ ଆସୁଥିବା ଏକ ପରିବା ବୋଝେଇ ପିକ୍‌ଅପ୍ ଭ୍ୟାନ(ନଂ. ଓଡି୧୭ଏ-୪୨୩୩) ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଧକ୍କା ଦେଇ ଓଲଟି ପଡିଥିଲା। ଜରପଡା ଥାନା ଆଇଆଇସି ବିନ୍ଧ୍ୟବାସିନୀ ବିଶ୍ୱାଳ, ଏଏସ୍‌ଆଇ ଶ୍ରୀପତି ପ୍ରଧାନଙ୍କ ସମେତ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ି ଭିତରୁ ଯାତ୍ରୀଙ୍କୁ ବାହାର କରିଥିଲେ। ତୁରନ୍ତ ୧୦୮କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରାୟ ୨ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ସେତେବେଳକୁ ଘଟଣାସ୍ଥଳରେ ଅନୁଗୋଳ ଥାନା ବଳାସିଙ୍ଗା ଫୁଲପାଳ ଗ୍ରାମର ଧରଣୀଧର ପ୍ରଧାନ(୫୪), ଅରୁଣ ସାହୁ (୪୫), ବଁଅରପାଳ ଥାନା ତୁଳସୀପାଳ ଗ୍ରାମର ଶିବରାମ ସାହୁ(୪୮)ଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁଇ ଗାଡ଼ି ଚାଳକଙ୍କ ସହ ଅନ୍ୟମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ଟୁରିଷ୍ଟ ଗାଡ଼ି ଚାଳକ ବନ୍ତଳା ଥାନା ନନ୍ଦପୁର ଗ୍ରାମର ସିଲୁ ପ୍ରଧାନ, ବଳାସିଙ୍ଗାର ରବୀନ୍ଦ୍ର ସାହୁ(୫୫), ବିଶେଶ୍ୱର ପ୍ରଧାନ (୬୦), ବିନୟ ସାହୁ (୩୦), ବିଜୟ ସାହୁ(୭୦)ଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ଚାଳକ ସିଲୁଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଗୁରୁତର ବଳାସିଙ୍ଗାର ପ୍ରସନ୍ନ ପ୍ରଧାନ(୩୦), ଗୌରଚନ୍ଦ୍ର ସାହୁ(୫୦), ହାଡିବନ୍ଧୁ ସାହୁ(୫୦), ମହେଶ୍ୱର ସାହୁ(୪୨), ଧରଣୀଧର ପ୍ରଧାନ, ଅରୁଣ ସାହୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପିକ୍‌ଅପ୍ ଚାଳକଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ୩ଟି ଗାଡ଼ିକୁ ଜବତ କରିବା ସହ ନଂ. ୨୨୫/୧୮ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଖୋଜା ଚାଲିଛି...

ଚୟନରେ ପାତରଅନ୍ତର ଯୋଗୁ ଏଭଳି ପରିସ୍ଥିତି ହୋଇଛି ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ। ୨୦୧୧ ଜନଗଣନା ପରେ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ଘଟିଛି। ଏନ୍‌ଏଫ୍‌ଏସ୍‌ଏ କାର୍ଡ ପାଇବା ପରେ ମଧ୍ୟ ଆହୁରି ୨୫ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଜ୍ୟ ସରକାର ହିସାବ କରିଛନ୍ତି। କେନ୍ଦ୍ର ସରକାର କୋଟା ବଢ଼ାଉ ନ ଥିବାରୁ ବଳକା ଲୋକଙ୍କୁ ଏନ୍‌ଏଫ୍‌ଏସ୍‌ଏରେ ସାମିଲ କରାଯାଇ ପାରୁନାହିଁ ବୋଲି ରାଜ୍ୟ ସରକାର ଅଭିଯୋଗ ଆଣି ୨୦୧୮ ଅକ୍ଟୋବର ପହିଲାରୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ୨୫ ଲକ୍ଷ ଲୋକଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଅଦ୍ୟାବଧି ରାଜ୍ୟ କୋଟା ମଧ୍ୟ ପୂରଣ ହୋଇ ପାରିନାହିଁ। ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଅକ୍ଟୋବର ୨ରୁ ଏ ପର୍ଯ୍ୟନ୍ତ ୩୦ଟି ଜିଲାରେ ୬ ଲକ୍ଷ ୪୮ ହଜାର ୮୭୮ ପରିବାରର ୨୦ ଲକ୍ଷ ୬୨ ହଜାର ୮୪ ଜଣଙ୍କୁ ରାଜ୍ୟ ଯୋଜନାରେ ସାମିଲ କରାଯାଇଛି। ଦୁଇମାସ ପରେ ମଧ୍ୟ ରାଜ୍ୟ ସରକାରଙ୍କ କୋଟା ପୂରଣ ହୋଇ ପାରିନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ଯୋଜନା ପାଇଁ ଆହୁରି ୮ ଲକ୍ଷ ହିତାଧିକାରୀଙ୍କ ଆବଶ୍ୟକତା ରହିଛି। ଏଠି ପ୍ରଶ୍ନ ଉଠୁଛି, ଯଦି ଏତେ ସଂଖ୍ୟାରେ ଗରିବ ଲୋକ ଅଛନ୍ତି ତେବେ ରାଜ୍ୟ ସରକାର କୋଟା ପୂରଣ କରି ପାରୁନାହାନ୍ତି କାହିଁକି। ଅନ୍ୟପକ୍ଷରେ କେନ୍ଦ୍ର ଓ ରାଜ୍ୟ ଚକ୍ରବ୍ୟୂହରେ ଫସି ଯାଇଛନ୍ତି ଗରିବ ହିତାଧିକାରୀ। ରାଜ୍ୟ ସରକାରଙ୍କ ନୂତନ ଯୋଜନାରେ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦିଆଯିବ। ଏଥିରେ କେବଳ ଚାଉଳ ଯୋଗାଇ ଦିଆଯାଉଛି। ସମସ୍ତ ହିତାଧିକାରୀ ଚାଉଳ ନେବାକୁ ବାଧ୍ୟ। ରାଜ୍ୟ ହିତାଧିକାରୀମାନେ ଚାହିଁଲେ ମଧ୍ୟ ଏନ୍‌ଏଫ୍‌ଏସ୍‌ଏରେ ସାମିଲ ହୋଇ ପାରିବେ ନାହିଁ। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ସମସ୍ତ ହିତାଧିକାରୀ ଚାଉଳ ନେବେ। ଗ୍ରାମାଞ୍ଚଳରେ ଗହମର ଆବଶ୍ୟକତା ନାହିଁ। ଯେଉଁମାନେ ଖାଇବାକୁ ପାଉ ନାହାନ୍ତି ସେମାନଙ୍କର ଚାଉଳ ଦରକାର ବୋଲି ସେ କହିଛନ୍ତି।

# classified

real estate

### SALE

Immediate sale 3000 corner plot Kalpna. Genuine buyers only. 7437905412. D-48717

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65227

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

ଭୁବନେଶ୍ୱର Sudhananda College ପାଖରେ ଏବଂ ବାଲିଅନ୍ତାରେ ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରି ହେବ। 9776811399, 8093465134. D-65093

Khordha Malipada National Highway Road ପାଖରେ opposite of Bhubaneswar Engineering College ମୋର ନିଜସ୍ୱ plot 2000 sqft. area boundary ସହିତ ବିକ୍ରିହେବ: 9178031478. D-64658

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65228

250 sqft. shop Barabhuja BDA complex Khandagiri for sale. 9777761229. D-64922

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9853426050, 9861219987. D-9909

3500sqft. homestead land with boundary near Patia Square for sale. Contact: 9668988979. D-65099

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64396

Puri Lokanath Temple ପାଖ Baliapanda UP School ପଛପଟେ A0. 450 decimal ସ୍ଥିତିବାନ plot ବିକ୍ରିହେବ। ପାଖ ପ୍ଲଟରେ ଘରକରି ରହୁଛନ୍ତି। Contact: 6371040227, 9437383183. D-9941

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-64395

### GENERAL

### SALE

Running hotel near ITER College, Jagamara for sale. Contact: 9668988979. D-65100

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Experience full body massage with us by expert Enquiry: 06742597822, 7377048581. D-65224

Now Matrimonial ads. only on Wednesday & Sunday
Book 1 Get 1 FREE

Herbal full body massage with refreshment by well trained therapist. 7381239385. D-65226

Saishree ayurvedic full body massage ladies & gents. Contact: 7438896074. D-64657

Ayurvedic full body massage ladies / gents smart experts therapist. 9114697517. D-64655

All type of full body massage by expert therapist. 7609005923. D-65230

Herbal full body massage by smart/ expert therapist. Contact: 8338067247. D-65231

Newly opening ayurvedic massage smart therapist, Shree herbal. 7750020754. D-65232

Pamper yourself this Mansoon professional massage. Contact Purple Orchid. 9776598888. D-65233

Improving your health, skin care through expert therapist, excellent offer. 9668374480. D-65234

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଏକାଦଶାହ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଉତ୍ତମ ସାହୁ**
ଶେଖପାଟଣା, ମଝିହରା, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୩୬
ତିରୋଧାନ: ୩୦।୧୧।୨୦୧୮
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ତଥା ଶୃଙ୍ଖଳିତ ଜୀବନ ଶୈଳୀ ଆମର ନିତ୍ୟ ଜୀବନ ପଥରେ ପାଥେୟ ହେଉ। ଦ୍ୱାଦଶାହ ପାଳନ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର- ରମେଶ, କୈଳାଶ, ମଦନ, ନଗେନ, ଡମ୍ବରୁଧର ଓ ଝିଅ- ପ୍ରମିଳା, ହତଭାଗ୍ୟ ସ୍ୱାମୀ- ବଂଶୀଧର, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୬୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶାନ୍ତିବାଳା ସାହା**
ଆବିର୍ଭାବ: ୨୩।୦୨।୧୯୨୮
ତିରୋଧାନ: ୨୫।୧୧।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅମାନେ, ବୋହୂମାନେ, ଝିଅ, ନାତି ଓ ନାତୁଣୀମାନେ, ପରିବାରବର୍ଗ ଓ ବନ୍ଧୁମାନେ। ଧ-୯୮୯୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଦମୟନ୍ତୀ ଦେଈ**
ଆବିର୍ଭାବ: ୦୭।୦୨।୧୯୪୭
ତିରୋଧାନ: ୦୬।୧୨।୨୦୦୨
ମାର୍ଗଶିର ଶୁକ୍ଳପକ୍ଷ ରମ୍ଭା ତୃତୀୟା ଆଈ ତୁମେ କେଉଁଠି ଅଛ। ଦେଖାଦେଇ ମୋତେ ଟିକେ ଗେଲ କର। ମୁଁ ତୁମର ନନ୍ଦୁଲୁ (ଶାଶ୍ୱତ ଶୁଭଦର୍ଶୀ)। ଧ-୯୯୪୩

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ନମିତା ମହାପାତ୍ର**
ତିରୋଧାନ: ୦୫।୧୨।୧୮ (ବୁଧବାର)
ଦେଖୁ ଦେଖୁ ଦିନ ଚାଲିଯାଉଛି। ତୁମେ ଆଉ ଫେରିବ ନାହିଁ। ତୁମ ବିୟୋଗରେ ଦୁଇ ପୁଅ- ଉମେଶ, ଆଶିଷ, ବୋହୂ- କଲ୍ୟାଣୀ ମ୍ରିୟମାଣ। ସଦାସର୍ବଦା ମନେପକାଉଛନ୍ତି ବାପା, ବୋଉ, ଭାଇ- କିଶୋର, ବିଜୟ, ଭଉଣୀ- ସବିତା। ତୁମର ଅମର ଆତ୍ମାକୁ ସଦ୍‌ଗତି ନିମନ୍ତେ କାମନା କରୁଛୁ ଶୋକସନ୍ତପ୍ତ: ମହାପାତ୍ର ଏବଂ ମିଶ୍ରପରିବାର (ରାମନାଗୁଡ଼ା)। ଧ-୯୯୪୬

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହୁ**
ଆବିର୍ଭାବ: ୨୦।୦୯।୧୯୪୭
ତିରୋଧାନ: ୧୫।୧୨।୨୦୧୨
ଆଜି ଆପଣଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ପ୍ରାର୍ଥନା କରୁଛୁ। ଇତି ଆପଣଙ୍କର ସ୍ତ୍ରୀ, ପୁଅ- ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ବନ୍ଧୁପରିବାରବର୍ଗ। ଧ-୯୯୪୪

### ଏକାଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନବୀନ ଚନ୍ଦ୍ର ମହାନ୍ତି**
DL- 54, V.S.S Nagar, Bhubaneswar
ଆବିର୍ଭାବ: ୦୫।୦୪।୧୯୫୦
ତିରୋଧାନ: ୧୦।୧୨।୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ପୁଅ, ବୋହୂ ଓ ନାତିନାତୁଣୀମାନେ ଓ ପରିବାରବର୍ଗ। ଧ-୯୯୦୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ସର୍ବେଶ୍ୱର ନାୟକ**
(ଗାନ୍ଧିବାଦୀ, ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ କର୍ମୀ ଓ ବିଶିଷ୍ଟ ଶିକ୍ଷାବିତ୍)
ସିଂହପୁର, ଯାଜପୁର
ଆବିର୍ଭାବ: ତା. ୦୬।୦୫।୧୯୨୩
ତିରୋଧାନ: ତା. ୧୦।୧୨।୨୦୧୭
ଆପଣଙ୍କର ବିୟୋଗକୁ ବର୍ଷଟିଏ ବିତିଲା। ଆପଣଙ୍କର ସେବା, ପରୋପକାର, ଦେଶପ୍ରେମର ଅଭୁଲା ସ୍ୱାକ୍ଷର ଆଜିବି ଏ ମାଟିରେ ଅବିସ୍ମରଣୀୟ ହୋଇ ରହିଛି। ସିଂହପୁରବାସୀଙ୍କ ମନର ଅଙ୍ଗନରେ ଆପଣ ଆଜିବି ଅଛନ୍ତି। ଆପଣଙ୍କ ପରିଚୟରେ ଆମେ ଗର୍ବିତ। ଆପଣଙ୍କର ଶୋକସନ୍ତପ୍ତ ପୁତ୍ର- ପ୍ରିୟ ରଞ୍ଜନ ନାୟକ (ଟୁକୁ), ଟୁଟୁ, ପୁତ୍ରବଧୂ- ରତ୍ନପ୍ରଭା, ଜୟଶ୍ରୀ, କନ୍ୟା- ଧୀପ୍ରଭା, ରତ୍ନପ୍ରଭା, ସ୍ନେହପ୍ରଭା, ଜାମାତା- ପ୍ରଫେସର ଡଃ. ବୈରାଗୀ ଚରଣ ଜେନା, ବିଚିତ୍ରାନନ୍ଦ ପୁହାଣ, ଆଲୋକ କୁମାର ବିଶ୍ୱାଳ, ପ୍ରମୋଦ କୁମାର ନାୟକ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ ଓ ସମସ୍ତ ବନ୍ଧୁପରିବାରବର୍ଗ, ଆତ୍ମୀୟସ୍ୱଜନ। ଧ-୯୯୪୫

### ଚିରଚଞ୍ଚଳ, ନିରଳସ ଜୀବନର ଅବସାନ



**✓ଯୋଗେଶ ଚନ୍ଦ୍ର ସାମଲ**
ଆବିର୍ଭାବ : ୩୧.୧୨.୧୯୪୪
ତିରୋଧାନ : ୩୦.୧୧.୨୦୧୮
ଯାହା କର୍ତ୍ତବ୍ୟ, ତା'ଠୁ ଢ଼େର୍ ଅଧିକ ଆମ ପାଇଁ କରିଛ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
॥ ପତ୍ନୀ ଓ ପରିବାର ବର୍ଗ ॥ ଧ-୯୮୭୧

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ପୂର୍ବାଷାଢା ନକ୍ଷତ୍ରରେ ରହି ସୁସ୍ଥ ମନରେ କାମ କରିବାର ଉତ୍ସାହ ପ୍ରଦାନ କରିବେ। ପୂର୍ବରୁ ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ଜଳ, ତୈଳ ବ୍ୟବସାୟ ଓ ତେଜରାତି ଦୋକାନରୁ ଲାଭବାନ ହେବେ। ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ସାଙ୍ଗକୁ ବିଳାସବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ବୃଷ** ପରିବାରାଧିପତି ରବି ଧନାଧିପ ବୁଧଙ୍କ ନକ୍ଷତ୍ରସ୍ଥ ଯୋଗୁ ବନ୍ଧୁଙ୍କ ସହ ଆଳାପ ଆଲୋଚନା ଭଲ ଜମିବ। ତୃତୀୟରେ ରାହୁ ଥିବାରୁ ପାଖ ପଡୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ପରିବହନ, ସରକାରୀ କାମ, ପଦସ୍ଥବ୍ୟକ୍ତିଙ୍କୁ ସାକ୍ଷାତ କରିବା ପାଇଁ ମନ୍ଦ ହେବନି।

**ମିଥୁନ** ଲାଭାଧିପ ମଙ୍ଗଳ ପୂର୍ବଭାଦ୍ରପଦ୍ ନକ୍ଷତ୍ରରେ ରହି ଭାଗ୍ୟସ୍ଥ ହେତୁ ଆଜି ଯେଉଁ କାମରେ ହାତ ଦେବେ ସଫଳତା ଅବଶ୍ୟମ୍ଭାବୀ। ତଥାପି ଅର୍ଥାଭାବରେ ରାହୁ ହେତୁ ପରିବାରର ଖର୍ଚ୍ଚ ପରିମାଣ ଦ୍ୱିଗୁଣା ହୋଇପାରେ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇଯିବ। ବ୍ୟବସାୟର ଉନ୍ନତୀକରଣ ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** ବ୍ୟୟଭାବାଧିପ ବୁଧ ମିତ୍ର ଶନିଙ୍କ ନକ୍ଷତ୍ରରେ ପୃଷ୍ଠଭାଗରେ ରହି ଖର୍ଚ୍ଚର ଦିଗ ସକାଶେ ପ୍ରୋତ୍ସାହନ ଦେଇପାରନ୍ତି। ଫଳତଃ ଅନାବଶ୍ୟକ ଖର୍ଚ୍ଚ ସାଙ୍ଗକୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟ ହିଁ ଆପଣଙ୍କୁ ଅସୁବିଧାର ସମ୍ମୁଖୀନ କରାଇପାରେ। ସାମାଜିକ ସ୍ତରରେ କିମ୍ବା ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୁଧୁରି ଯିବାର ସୂଚନା ରହିଛି।

**ସିଂହ** ଦୁଃସ୍ଥାନାଧିପ ବୃହସ୍ପତି ସପ୍ତମ ଅଷ୍ଟମାଧିପ ଶନିଙ୍କ ନକ୍ଷତ୍ରରେ ଅବସ୍ଥାନ କରି ଆପଣଙ୍କୁ ଗୋଲକ ଧନ୍ଦାରେ ପକାଇ ଦିଗହରା କରାଇପାରନ୍ତି। ପିଲାଙ୍କ ପାଠପଢା ତଥା ଅର୍ଥାଭାବ ହେତୁ ଧାରକରଜ ଜନିତ ବିବ୍ରତ ରହିବାର ସୂଚନାକୁ ଏଡାଇ ଦିଆଯାଇ ନ ପାରେ। ପୂର୍ବା ଫାଲଗୁନୀ ଆତ୍ମବଳ ପ୍ରଭାବରୁ ଧୀରେ ସୁସ୍ଥେ କାମ କରିପାରିବେ।

**କନ୍ୟା** ସନ୍ତାନ ଓ ବାଣିଜ୍ୟାଧିପତି ଶନି ଷଷ୍ଠଭାବରେ ମିତ୍ର ଶୁକ୍ରଙ୍କ ପୂର୍ବାଷାଢା ନକ୍ଷତ୍ରସ୍ଥ ଯୋଗୁ ନୈରାଶ୍ୟ ମଧ୍ୟରେ ଅସନ୍ତୁଷ୍ଟ ରହିପାରନ୍ତି। ଈର୍ଷା ଓ ଶତ୍ରୁ ମନୋଭାବ ପୋଷଣ କରୁଥିବା ବ୍ୟକ୍ତିବିଶେଷ ନିଆଁରେ ଘିଅ ଢାଳିଲା ଭଳି ପରିସ୍ଥିତି ସୃଷ୍ଟି କରିବାର ସୂଚନା ରହିଛି। ଚିତ୍ରାନକ୍ଷତ୍ର ସକାଶେ ଶୁଭଫଳ ଆଶା କରାଯାଇପାରେ।

**ତୁଳା** କର୍ମସ୍ଥାନରେ ରାହୁ ବୃହସ୍ପତିଙ୍କ ପୁନର୍ବସୁ ନକ୍ଷତ୍ରରେ ରହି ବିଚାରାଧାରାକୁ କପଟତା କିମ୍ବା କଳୁଷିତ କରିପାରନ୍ତି। ଏଣେ ଅଧିକାଂଶ ସମୟ ସନ୍ତାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଥିବାରୁ ବ୍ୟସ୍ତତା ବଢିଯାଇପାରେ। ମନ ଭଲ ରହିବ ନାହିଁ। ଭଲକାମ କରି ମଧ୍ୟ ପରିବାର କିମ୍ବା ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ବିଛା** ଭାଗ୍ୟାଧିପ ଚନ୍ଦ୍ର ନିଜ ଭାବରୁ ଷଷ୍ଠସ୍ଥ ହୋଇ ଶୁକ୍ରଙ୍କ ନକ୍ଷତ୍ରରେ ଥିବା କାରଣରୁ ବୃଥାଟନ ଓ ଖର୍ଚ୍ଚାନ୍ତ ଜନିତ ବିରସ ମନରେ ରହିବେ। ଏଣେ ପରିବାରରେ ମଧ୍ୟ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବା କାରଣରୁ ଚିନ୍ତିତ ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ କଥାର ପ୍ରତିବାଦ କରି ଟେନ୍‌ସନକୁ ନିମନ୍ତ୍ରଣ କରିବେ।


**ଧନୁ** ଧନସ୍ଥାନରେ କେତୁ ବ୍ୟୟାଧିପଙ୍କ ନକ୍ଷତ୍ରସ୍ଥ ଯୋଗୁ ଖର୍ଚ୍ଚାନ୍ତ ହୋଇ ମଧ୍ୟ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଦେବଗୁରୁଙ୍କ ଦିବ୍ୟଦୃଷ୍ଟିର ପ୍ରଭାବରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ବ୍ୟବସାୟ, କ୍ରୀଡା, ସଙ୍ଗୀତାଦି ପ୍ରତିଯୋଗିତାରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବା କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର** ବିଭିନ୍ନ ପ୍ରକାର ଦୁର୍ଭାବନାରେ ମନ ବିଚଳିତ ରହିବା ହେତୁ କୌଣସି କାମ ଶୃଙ୍ଖଳିତ ହେବନାହିଁ। ଅବଶ୍ୟ ପାରିବାରିକ ସ୍ତରରେ ଅଟକି ରହିଥିବା କାମଗୁଡିକ ବନ୍ଧୁ ସୁବିଧାରେ କରାଇ ଦେଇ ପାରନ୍ତି। ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ କିନ୍ତୁ ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**କୁମ୍ଭ** ଶନି ସହ ଚନ୍ଦ୍ରଙ୍କ ସଂଯୋଗ ଜନିତ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଥଣ୍ଡା ଓ କାଶ ହେତୁ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ ଓ ସରକାରୀ ସହାୟତା ପାଇପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** ସାମାନ୍ୟ କଥାକୁ କେନ୍ଦ୍ରକରି ତର୍କବିତର୍କ କାରଣରୁ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହିତ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ।

ଆଜି ମାର୍ଗଶିର ଶୁକ୍ଳ ତୃତୀୟା ସୋମବାର, ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର-ଦିବା ଘ୧୧।୧୧ମି. ପର୍ଯ୍ୟନ୍ତ, ପୂର୍ବାଷାଢା/ଧନୁ, ସିଂହ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୩୭ମି. ମଧ୍ୟେ ଘ୧।୦୦ମି. ଗତେ, ଘ୨।୧୨ମଧ୍ୟେ ଘ୩।୪୨ମି. ଗତେ, ଘ୫।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୦୦ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୫ମି. ଗତେ ଘ୮।୫୭ମି. ମଧ୍ୟେ ରାହୁକାଳ।




# ପିସିସି ପଦପଦବୀରୁ ଶ୍ରୀକାନ୍ତଙ୍କ ଇସ୍ତଫା

## ■ ନିରଞ୍ଜନଙ୍କ ନେତୃତ୍ୱକୁ ନେଇ ଖପ୍ପା



ଭୁବନେଶ୍ୱର,୯।୧୨ (ବ୍ୟୁରୋ)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ସମସ୍ତ ପଦପଦବୀରୁ ରବିବାର ଇସ୍ତଫା ଦେଇଛନ୍ତି। ସେ ଦିଲ୍ଲୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ, କଂଗ୍ରେସ ହେଉଛି ସାଧାରଣ ଜନତାଙ୍କ ଦଳ। ଏଥିରେ ଶୋଷିତ, ଅବହେଳିତ ଏବଂ ନିଷ୍ପେସିତ ବର୍ଗର ଉପଯୁକ୍ତ ପ୍ରତିନିଧିତ୍ୱ ହେବା ଦରକାର। ଏଥିପାଇଁ ଯେଉଁ ନେତୃତ୍ୱ ଦରକାର, ତାହା ବର୍ତ୍ତମାନ ଓଡ଼ିଶା ପ୍ରଦେଶ କଂଗ୍ରେସରେ ନାହିଁ। ଓଡ଼ିଶାର ଖଣିଜ ସମ୍ପଦକୁ ଲୁଟ୍ କରିଥିବା ପରିବାର ହାତରେ ରାଜ୍ୟ କଂଗ୍ରେସର ନେତୃତ୍ୱ ରହିଛି। ତେଣୁ କଂଗ୍ରେସର ହୃତ ଗୌରବ ଫେରାଇ ଆଣିବା ପାଇଁ ବହୁଜନଙ୍କୁ ନେତୃତ୍ୱ ମିଳୁ।

ଶ୍ରୀକାନ୍ତଙ୍କ ରାଜ୍ୟ କଂଗ୍ରେସ ନେତୃତ୍ୱ ଉପରେ ଏଭଳି ଆଭିମୁଖ୍ୟ ନେଇ ଚର୍ଚ୍ଚା ଜୋର୍ ଧରିଛି। ମିଳିଥିବା ଖବର ଅନୁଯାୟୀ, ଶ୍ରୀକାନ୍ତ ଜେନାଙ୍କୁ କୌଣସିମତେ ଦଳରୁ ବିଦା କରିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପ୍ରାଥମିକତା ପାଲଟିଛି। ଏପ୍ରିଲ ମାସରୁ ନିରଞ୍ଜନ ଦାୟିତ୍ୱ ନେବା ପରେ ପଦ୍ମଲୋଚନ ପଣ୍ଡା, ଜୟନାରାୟଣ ମହାନ୍ତି, ମାଧବାନନ୍ଦ ମଲ୍ଲିକ, ଚକ୍ରଧର ପାଇକ, ଜନ୍ମେଞ୍ଜୟ ଲେଙ୍କା, ବିଜୟ ପ୍ରଧାନ ଓ ଦୁଷ୍ମନ୍ତ ନାଏକ ପ୍ରମୁଖ କଂଗ୍ରେସ ଛାଡିଛନ୍ତି। ପଦବୀ ପାଇବା ପୂର୍ବରୁ ଦଳ ଛାଡିଥିବା କେତେଜଣ ନେତାଙ୍କୁ ଫେରାଇ ଆଣିବାକୁ ପ୍ରୟାସ କରାଯିବ ବୋଲି ନିରଞ୍ଜନ ଏବଂ ତାଙ୍କ ସମର୍ଥକ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ଏଯାବତ୍ ଚନ୍ଦ୍ରଶେଖର ସାହୁ, ଲାଲା ମନୋଜ ରାୟ, ଲଳିତେନ୍ଦୁ ମହାପାତ୍ର, ପୃଥ୍ୱୀରାଜ କଅଁର, ବିକ୍ରମ ପଣ୍ଡା, ଅଗସ୍ତି ବେହେରା ପ୍ରମୁଖଙ୍କୁ ଦଳକୁ ଫେରାଇ ଆଣିପାରି ନାହାନ୍ତି। ଶ୍ରୀକାନ୍ତଙ୍କୁ ବାହାରର ରାସ୍ତା ଦେଖାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ନବ ଦାସ, ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ଶିବିର ଦିନରାତି ଏକ୍ କରିଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ୨୦୦୯ରେ ଶ୍ରୀକାନ୍ତ ସମସ୍ତଙ୍କୁ ଚକ୍‌ମା ଦେଇ ବାଲେଶ୍ୱର ଲୋକ ସଭା ଆସନରେ ବିଜୟୀ ହୋଇଥିଲେ। ଏହାପରେ ସ୍ଥାନୀୟ ସଙ୍ଗଠନ ତାଙ୍କ ହାତରେ ରହିଥିଲା। ହେଲେ କଂଗ୍ରେସ ରାଜନୀତିର ପ୍ରଭାବଶାଳୀ ପରିବାରର ଜଣେ ଅଣରାଜନୈତିକ ବ୍ୟକ୍ତି ସେଠାରୁ ପ୍ରାର୍ଥୀ ହେବାକୁ ଚାହୁଁଛନ୍ତି। ଏହାକୁ ଚୂଡ଼ାନ୍ତ ରୂପ ଦେବାକୁ ପିସିସିର ନବଗଠିତ ଟିମ୍ ପ୍ରୟାସ ଆରମ୍ଭ କରିଛି।

ଦୁଇଦିନ ତଳେ ହୋଇଥିବା ମୟୂରଭଞ୍ଜ ଜିଲା ବିଜାତଳା ଉପନିର୍ବାଚନରେ କଂଗ୍ରେସ ଅମାନତ ହରାଇଛି। ଏହାର କିଛିଦିନ ପୂର୍ବରୁ ପିସିସି ସଭାପତି ଏବଂ ପ୍ରମୁଖ ନେତା ସେଠାରେ ଜନଜାଗରଣ ଯାତ୍ରା କରିଥିଲେ। ଉପନିର୍ବାଚନରେ ସେହିପରି ଶ୍ରୀକାନ୍ତଙ୍କ ପିସିସି ପଦଗୁଡିକରୁ ଇସ୍ତଫା ଖବର ପ୍ରଚାରିତ ହେବା ପରେ ଦିଲ୍ଲୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ମନ୍ତବ୍ୟ ରଖିଛନ୍ତି ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ। ଜିତେନ୍ଦ୍ର କହିଛନ୍ତି ଯେ, ଦଳରେ କୌଣସି ପ୍ରକାର ବିଶୃଙ୍ଖଳାକୁ ସ୍ଥାନ ଦିଆଯିବ ନାହିଁ। ଶ୍ରୀକାନ୍ତଙ୍କ ଇସ୍ତଫା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏହା ଶ୍ରୀକାନ୍ତଙ୍କ ବ୍ୟକ୍ତିଗତ ପସନ୍ଦ। ମୁଁ ତାଙ୍କ ଇସ୍ତଫା ସମ୍ପର୍କରେ ଜାଣିନାହିଁ। ସେହିପରି ଶୃଙ୍ଖଳା କମିଟି ଠିକ୍ ସମୟରେ ନିଷ୍ପତ୍ତି ଶୁଣାଇବ ବୋଲି ଏହାର ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ କହିଛନ୍ତି।

## ■ ବିଶ୍ୱହିନ୍ଦୁ ପରିଷଦ ସଂକଳ୍ପ ସମାବେଶ

# ଶ୍ରୀରାମଙ୍କ ଜନ୍ମସ୍ଥାନରେ ହେବ ଭବ୍ୟ ମନ୍ଦିର



ସଙ୍କଳ୍ପ ସମାବେଶରେ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା, ସମର୍ଥକ, ସାଧୁସନ୍ଥ ଓ ଅନ୍ୟମାନେ।

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ଅଯୋଧାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମସ୍ଥାନରେ ଭବ୍ୟ ମନ୍ଦିର ନିର୍ମାଣ କରିବା ପାଇଁ ତନ ମନ ଧନ ପୂର୍ବକ କାର୍ଯ୍ୟ କରିବାକୁ ୧ଲକ୍ଷରୁ ଊର୍ଦ୍ଧ୍ୱ ରାମ ଭକ୍ତ ରବିବାର ଭୁବନେଶ୍ୱରଠାରେ ସଂକଳ୍ପ ନେଇଛନ୍ତି। ରାମ ମନ୍ଦିର ନିର୍ମାଣ ପାଇଁ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଭୁବନେଶ୍ୱରର ଲୋଏର ପିଏମ୍‌ଜି ଠାରେ ଅନୁଷ୍ଠିତ ଏହି ସଂକଳ୍ପ ସମାବେଶରେ ମନ୍ଦିର ନିର୍ମାଣ ଦୃଷ୍ଟିରୁ କେନ୍ଦ୍ର ସରକାର ସଂସଦରେ ଆଇନ୍ ଆଣନ୍ତୁ। ଭଗବାନ ଶ୍ରୀରାମଲଲା ଯେଉଁଠାରେ ବିରାଜମାନ ହୋଇଛନ୍ତି ସେହି ସ୍ଥାନରେ ହିଁ ଭବ୍ୟ ମନ୍ଦିର ନିର୍ମାଣ ହେବ, ଅଯୋଧାର ସାଂସ୍କୃତିକ ପରିସୀମା ମଧ୍ୟରେ କୌଣସି ମସଜିଦ୍ ରହିବ ନାହିଁ ବୋଲି ସମାବେଶରେ ଉପସ୍ଥିତ ସାଧୁସନ୍ଥ ତଥା ବକ୍ତାମାନେ ଦାବି କରିଥିଲେ।

ବିଶ୍ୱହିନ୍ଦୁ ପରିଷଦ, ଓଡିଶା ପୂର୍ବ ପ୍ରାନ୍ତର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ.ନଗେନ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଏବଂ ପୁରୀ ବିଭାଗ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟଙ୍କ ସଂଯୋଜନାରେ ଏହି ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀ ସଦସ୍ୟ ତଥା ଗୋସେବା ଆୟୋଗର ଅଧ୍ୟକ୍ଷ ମହାମଣ୍ଡଳେଶ୍ୱର ପରମ ପୂଜ୍ୟ ସ୍ୱାମୀ ଅଖିଳେଶ୍ୱରାନନ୍ଦ ମହାରାଜ ଯୋଗଦେଇଥିଲେ। ସେ କହିଲେ ଯେ, ଜନ ସାଧାରଣଙ୍କ ସୁରକ୍ଷା ଦେବା ନିର୍ବାଚିତ ସରକାରଙ୍କର କର୍ତବ୍ୟ। କିନ୍ତୁ ହଜାର ହଜାର ହିନ୍ଦୁଙ୍କ ଭାବାବେଗକୁ ବାରମ୍ବାର ପଦାଘାତ କରାଯାଉଛି। ନ୍ୟାୟାଳୟ ପାଖରୁ ଉଚିତ୍ ନ୍ୟାୟ ମିଳୁ ନଥିବାବେଳେ କେନ୍ଦ୍ର ସରକାର ମଧ୍ୟ ଦାବିକୁ କର୍ଣ୍ଣପାତ କରୁନାହାଁନ୍ତି। ବିଡମ୍ବନାର ବିଷୟ ଏହା ଯେ, ଯେଉଁ ସରକାର ଏବେ କେନ୍ଦ୍ରରେ ଶାସନ କ୍ଷମତାରେ ଅଛନ୍ତି ସେମାନ ରାମମନ୍ଦିର ନିର୍ମାଣକୁ ପ୍ରାଥମିକତା ଦେବେ ବୋଲି ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଜନ ସଚେତନତା ମାଧ୍ୟମରେ କେନ୍ଦ୍ର ସରକାର ବିହିତ ପଦକ୍ଷେପ ନେଇ ରାମଲାଲାଙ୍କ ଭବ୍ଯ ମନ୍ଦିର ନିର୍ମାଣରେ ସହଯୋଗ କରନ୍ତୁ। କେନ୍ଦ୍ରର ମୋଦି ସରକାର ଦୀର୍ଘଦିନ ହେଲା ହିନ୍ଦୁ ସମାଜର ଏହି ଦାବିକୁ ଉପେକ୍ଷା କରି ଆସିଥିଲେ ମଧ୍ୟ ବର୍ତ୍ତମାନ ପ୍ରକୃଷ୍ଟ ସମୟ ଆସିଛି ଜନମତକୁ ସମ୍ମାନ ଦେବାର। ଯଦି ଜନ ଗଣଙ୍କର ମତକୁ ଠିକ୍ ଭାବରେ ପରିଚାଳିତ କରା ନ ଯାଏ ଓ ରାମଲାଲାଙ୍କର ଭବ୍ୟ ମନ୍ଦିର ନିର୍ମାଣ ନ ହୁଏ ତେବେ ଆଗାମୀ ଦିନରେ ସରକାର ଜନ ଆକ୍ରୋଶର ସାମ୍ନା କରିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିୟାଯୋଗ ଆଶ୍ରମ ଭୁବନେଶ୍ୱର ସ୍ୱାମୀ ଶଙ୍କରାନନ୍ଦ ଗିରି, ପରିଷଦର ପ୍ରାନ୍ତ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଶରତ ଚନ୍ଦ୍ର ଷଡ଼ଙ୍ଗୀ, ଭାରତୀୟ କିଶାନ ସଂଘର ରାଷ୍ଟ୍ରୀୟ ସମ୍ପାଦକ ମୋହିନୀ ମୋହନ ମିଶ୍ର, ପରିଷଦର ପ୍ରାନ୍ତ ଉପାଧ୍ୟକ୍ଷା ଟାଇଫନ ଦାଶନ୍, ଆରଏସ୍ଏସ୍ ମହାନଗର ସଂଘଚାଳକ ଡ.ବସନ୍ତ ପତି, ଆରଏସ୍ଏସ୍ ଓଡ଼ିଶା ପୂର୍ବପ୍ରାନ୍ତ ସହପ୍ରାନ୍ତ ପ୍ରଚାର ପ୍ରମୁଖ ଶାରଦା ପ୍ରସାଦ ଶତପଥୀ, ହିନ୍ଦୁ ଜାଗରଣ ସାମ୍ମୁଖ୍ୟ ଓଡ଼ିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ଅଜିତ୍ ପଟ୍ଟନାୟକନ୍, ଭାରତ ସ୍ୱାଭିମାନ ଟ୍ରଷ୍ଟ ପତଞ୍ଜଳିର ସୁଧାଂଶୁ ଅଧିକାରୀ, ତେରାପନ୍ଥ ଜୈନ ସମାଜ ଅଖିଳ ଭାରତୀୟ ସମିତି ସଦସ୍ୟ ପ୍ରକାଶ ବେତାଲା ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ମହାନ୍ ସଂସ୍କୃତିର ବାର୍ତ୍ତା ଦିଏ ନୂଆଁଖାଇ




କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଆମ ମହାନ୍ ସଂସ୍କୃତିରେ ନୂଆଁଖାଇ ଏକ ବଡ଼ପର୍ବ। ବଡ଼ମାନଙ୍କୁ ସମ୍ମାନ ଓ ସମସ୍ତଙ୍କୁ ସାଥିରେ ନେଇ କାମ କରିବାକୁ ଏହି ପର୍ବ ପ୍ରେରଣା ଦିଏ। ନୂଆଁଖାଇର ମହାନ୍ ବାର୍ତ୍ତାକୁ ନେଇ କାମ କଲେ, ଆମେ ଏକ ଆଦର୍ଶ ସମାଜ ଓ ସମୃଦ୍ଧ ରାଜ୍ୟ ଗଠନ କରିପାରିବା। ରବିବାର ୟୁନିଟ୍-୯ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ସମ୍ବଲପୁରୀ ନୃତ୍ୟ, ଗୀତ ଓ ସମ୍ବଲପୁରୀ ଶାଢ଼ି ଆଜି ସାରା ବିଶ୍ୱରେ ପ୍ରସିଦ୍ଧ ଲାଭ କରିଛି। ଏହା ଆମ ଓଡ଼ିଆ ସଂସ୍କୃତିର ଜୟଗାନ କରୁଛି। ଏଥିପାଇଁ ସାରା ଓଡ଼ିଶାବାସୀ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ନୂଆଁଖାଇ ପର୍ବର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ଅବଦାନ ଲାଗି ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିଥିଲେ। ଏହାସହ କାର୍ଯ୍ୟକ୍ରମ ଉପଲକ୍ଷେ ପରିଷଦ ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଉଦ୍‌ଘାଟନୀ ସଭା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ କରାଯାଇଥିଲା।







# ଜଳିଗଲା ୫୦ ଏକର ଜମିର ଧାନ

ବସ୍ତା, ୯।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଧୂଳିଉଡ଼ା ଗ୍ରାମରେ ରବିବାର ଚାଷଜମିରେ ଅଗ୍ନିକାଣ୍ଡ ଘଟି ୫୦ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ଜଳିଯାଇ ବ୍ୟାପକ କ୍ଷତି ଘଟିଛି। ଅଗ୍ନିକାଣ୍ଡର ଠିକ୍ କାରଣ ଜଣାପଡ଼ିନାହିଁ। ମେଶିନରେ ଧାନକଟା ପରେ ପରିତ୍ୟକ୍ତ କୁଟାକୁ ଚାଷୀ ବିଲରେ ଠୁଳ କରି ନିଆଁ ଲଗାଇ ଦେଉଥିବାରୁ ଏହା ଅଗ୍ନିକାଣ୍ଡର କାରଣ ହୋଇପାରେ ବୋଲି କୁହାଯାଉଛି। ବସ୍ତା ତହସିଲଦାର ନରେନ୍ଦ୍ର ଖମାରୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ଥାନୀୟ ଆର୍‌ଆଇଙ୍କ ଦ୍ୱାରା ତଦନ୍ତ କରାଯାଇ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ନିଆଁ ଲିଭାଇବାକୁ ଯାଇ ମାଧବ ଜେନା ନାମକ ଚାଷୀ ଆହତ ହୋଇଛନ୍ତି।

କୁଳିଦା ପଞ୍ଚାୟତର ଧୂଳିଉଡ଼ା ଗ୍ରାମର ବିଲରେ ଧାନକଟା ଚାଲିଥିବାବେଳେ ଚାଷଜମିରେ ହଠାତ୍ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଏହି ଅଗ୍ନିକାଣ୍ଡ ଦେଖି ଶହ ଶହ ଲୋକେ ବିଲରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ବସ୍ତା ଦମକଳବାହିନୀ ପହଞ୍ଚିଥିଲେ ମଧ୍ୟ ବିଲ ଭିତରକୁ ଦମକଳ ଗାଡ଼ି ପଶି ପାରି ନ ଥିଲା। ନିଆଁକୁ ଆୟତ୍ତ କରିବା ଲାଗି କିଛି ଦୂରରୁ ମେଶିନ ମାଧ୍ୟମରେ ଧାନ କାଟି ଦିଆଯାଇଥିଲା। ଫଳରେ ନିଆଁ ଆଗକୁ ମାଡ଼ି ପାରି ନ ଥିଲା। ଏହି ଅଗ୍ନିକାଣ୍ଡ ଯୋଗୁ ସ୍ଥାନୀୟ ଗ୍ରାମର ଜଳଧର ଜେନା, ଅଶୋକ ଜେନା, ମାଧବ ଜେନା, ଅନନ୍ତ ଜେନା, ରବୀନ୍ଦ୍ର ଜେନା, ବୃନ୍ଦାବନ ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ମନୋରଞ୍ଜନ ସିଂ, ପୁରୁଷୋତ୍ତମ ସେନାପତି, ଫକୀରମୋହନ ଜେନା, ଭାସ୍କର ଜେନା, ହରିପଦ ସେନାପତି ପ୍ରମୁଖଙ୍କ ୫୦ଏକରରୁ ଊର୍ଦ୍ଧ୍ୱ ଚାଷଜମି ଜଳି ଛାରଖାର ହୋଇଯାଇଥିଲା। ସେହିପରି ଦରଡ଼ା ପଞ୍ଚାୟତ ମନ୍ଦ୍ରଡା ଗ୍ରାମରେ ଝାଡେଶ୍ୱର ଦାସଙ୍କ ୧ ଏକରରୁ ଊର୍ଦ୍ଧ୍ୱ ଜମିରେ ଅଗ୍ନିକାଣ୍ଡ ଯୋଗୁ ଧାନ ଜଳିଯାଇଛି।



ଜଳିଯାଇଥିବା ଧାନ ଫସଲ।

ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ।

–ଶ୍ରୀଅରବିନ୍ଦ

# ମିଛୁଆ ବନ ବିଭାଗ

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ମହାବଳ ବାଘ 'ମହାବୀର' ମୃତ୍ୟୁ ଘଟଣା ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ନଭେମ୍ବର ୧୪ରେ ତା' ମୃତଦେହ ମିଳିବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ପରେ ରିପୋର୍ଟରେ ବାଘ ବେକରେ ଘା' ହୋଇ ସଂକ୍ରମଣ ଯୋଗୁ ମଲ୍ଟିପୁଲ ଅର୍ଗାନ୍ ଫେଲ୍ୟୁଅର ହୋଇଥିବା ଦର୍ଶାଯାଇଥିଲା। ଏପରି କି ବାଘ ପେଟରୁ ଝିଙ୍କ ପର ବାହାରିଥିବା କୁହାଯାଇଥିଲା। ଚାରିଆଡ଼େ ପ୍ରଚାର ହେଲା ଯେ ମହାବୀର ପେଟରୁ ଝିଙ୍କକାଠି ବାହାରିଥିବାରୁ ସେ ତାକୁ ମାରି ଖାଇବାରୁ ମୃତ୍ୟୁ ଘଟିଛି। ହେଲେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ପକ୍ଷରୁ କରାଯାଇଥିବା ତଦନ୍ତ ରିପୋର୍ଟ ପୂର୍ବର ବନ ବିଭାଗର ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଖଣ୍ଡନ କରିଛି। ଡିସେମ୍ବର ୮ରେ ପ୍ରକାଶିତ ତଥ୍ୟରେ ବାଘ ବେକରେ ଫାଶ ପଡ଼ି ସଂକ୍ରମଣ ହେବାରୁ ତା'ର ଜୀବନ ଯାଇଛି ବୋଲି ଏନ୍‌ଟିସିଏ କହିଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମତରେ ଝିଙ୍କ ପକ୍ଷୀର ପର ବାଘର କୌଣସି କ୍ଷତି ଘଟାଇପାରିବ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ବନ୍ୟପ୍ରାଣୀଙ୍କ ଉପରେ ସେଭଳି ଜ୍ଞାନ ନ ଥିବା ଜନସାଧାରଣଙ୍କୁ ବାଉଳା କରିବା ଲାଗି ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରିପୋର୍ଟ ଦିଆଯାଉଛି।

ଓଡ଼ିଶା ବନ୍ୟପ୍ରାଣୀ ସମିତିର ଏକ ସର୍ଭେରୁ ଜଣାଯାଇଛି ଯେ ମହାବୀର ଯେଉଁଠାରେ ମରିପଡ଼ିଥିଲା ସେହି ଅଞ୍ଚଳରେ ଶିକାରୀଙ୍କ ପ୍ରାଦୁର୍ଭାବ ରହିଛି। ଓଡ଼ିଶା ବନ ବିଭାଗ ଓ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ (ଡବ୍ଲ୍ୟୁଆଇଆଇ)ର ମିଳିତ ପ୍ରଚେଷ୍ଟାରେ ଦେଶର ପ୍ରଥମ ଇଣ୍ଟର ଷ୍ଟେଟ୍ ଟ୍ରାନ୍ସଲୋକେଶନ ବା ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ସାତକୋଶିଆରେ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ବାଘବଂଶ ବୃଦ୍ଧି କରିବା। ଚଳିତବର୍ଷ ଜୁନ୍ ୨୧ରେ ମଧ୍ୟପ୍ରଦେଶର କାହ୍ନା ଜାତୀୟ ପାର୍କରୁ ମହାବଳ ବାଘ ମହାବୀରକୁ ଅଣାଯିବା ପରେ ଜୁନ୍ ୨୮ରେ ବାନ୍ଧବଗଡ଼ରୁ ବାଘୁଣୀ ସୁନ୍ଦରୀକୁ ଅଣାଯାଇଥିଲା। ସୁନ୍ଦରୀ ମଣିଷ ଖାଇଥିବା ଅଭିଯୋଗ ହେବା ପରେ ତାକୁ ଏନ୍‌କ୍ଲୋଜରରେ ରଖାଯାଇଛି। ହେଲେ ମହାବୀର ଜୀବନ ଶିକାରୀ ଫାଶରେ ଯାଇଛି। ଫଳରେ ଇଣ୍ଟର ଷ୍ଟେଟ୍ ଟ୍ରାନ୍ସଲୋକେଶନ ପ୍ରକଳ୍ପ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହାବ୍ୟତୀତ ଅନ୍ୟ ଏକ ବ୍ୟତିକ୍ରମ ମଧ୍ୟ ଘଟିଛି। ଜଙ୍ଗଲ ବିଭାଗ ତରଫରୁ କୁହାଯାଇଥିଲା ଯେ ସୁନ୍ଦରୀ ବ୍ୟତୀତ ପୂର୍ବରୁ ଅନ୍ୟ ଏକ ବାଘୁଣୀ ଏହି ସାତକୋଶିଆରେ ରହୁଛି। ଏହି ବାଘୁଣୀ ସହିତ ମହାବୀରର ମିଳନ ହୋଇଥିଲା ଏବଂ ବାଘୁଣୀର ଛୁଆ ଜନ୍ମ ହେବାର ଅଛି। ଆଶ୍ଚର୍ଯ୍ୟର କଥା ହେଉଛି ଯେ ସେହି ବାଘୁଣୀର କୌଣସି ଫଟୋ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ। କିନ୍ତୁ ଜଙ୍ଗଲ ବିଭାଗ ପକ୍ଷରୁ କୁହାଯାଉଛି ଯେ କ୍ୟାମେରାରେ ସେହି ବାଘୁଣୀ ଚିତ୍ର ରେକର୍ଡିଂ ହୋଇ ରହୁଛି ଓ ତା' ଗତିବିଧି ଉପରେ ଲକ୍ଷ୍ୟ କରାଯାଉଛି। ଏହା ଆଦୌ ବିଶ୍ୱାସଯୋଗ୍ୟ ହେଉନାହିଁ। ଲୋକଙ୍କୁ ଅସତ୍ୟ ଚିତ୍ର ଦେଖାଇବା ପାଇଁ ବନ ବିଭାଗ କିଭଳି ମିଛ ଶବ ବ୍ୟବଚ୍ଛେଦ ରିପୋର୍ଟ ତିଆରି କରୁଛି ମହାବୀର ଘଟଣାରୁ ବୁଝାପଡୁଛି। ସେହି ଦୃଷ୍ଟିରୁ ଦେଖିଲେ ସାତକୋଶିଆର ସେହି ବାଘୁଣୀ ଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ଅନ୍ୟ ଏକ ଘଟଣାରେ ନିକଟରେ ବରଗଡ଼ ଜିଲା ଦେବ୍ରିଗଡ଼ଠାରେ ବାଘକୁ ମାରି ପୋଡ଼ି ଦିଆଯାଇଥିବା ଘଟଣା ଚାରିଆଡ଼େ ଆଲୋଡ଼ନ ସୃଷ୍ଟି କରିଥିଲା। ଆଶ୍ଚର୍ଯ୍ୟ କଥା ଯେ, ବାଘ ଶିକାର ପୂର୍ବରୁ ଜଙ୍ଗଲରେ ଲାଗିଥିବା କ୍ୟାମେରା ଟ୍ରାପ୍‌କୁ କାଢ଼ିବା ପାଇଁ ସ୍ଥାନୀୟ ବନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଏ ସଂକ୍ରାନ୍ତ ମେସେଜ୍ ସେତେବେଳେ ଭାଇରାଲ ହୋଇଥିଲା।

ପ୍ରଶାସନିକ ସ୍ତରରେ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରା ନ ଯାଇ ନିଆଯାଉଥିବା ନିଷ୍ପତ୍ତିର ପରିଣତି ସର୍ବଦା ବିଫଳ ହୋଇଥାଏ। ଦେଶର ଅନ୍ୟାନ୍ୟ ବାଘ ସଂରକ୍ଷଣ ଅଞ୍ଚଳରେ ଏହାର ବଂଶବୃଦ୍ଧି ଲାଗି ବହୁବିଧ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଉପାୟରେ ତଥ୍ୟ ବାହାର କରାଯାଇ ଶିକାରୀଙ୍କ ଉପରେ ନଜର ରଖାଯାଉଛି। ତତ୍‌ସହିତ ସବୁ ରାଜ୍ୟର ଜଙ୍ଗଲ ବିଭାଗ ନିକଟସ୍ଥ ଗ୍ରାମଗୁଡ଼ିକର ବାସିନ୍ଦାଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥାଆନ୍ତି। ଓଡ଼ିଶାରେ ସେଭଳି ସମ୍ପର୍କ ସ୍ଥାପନ କରିବାର ଉଦ୍ୟମ ପରିଲକ୍ଷିତ ହେଉନାହିଁ। ସାତକୋଶିଆ କଥା ଦେଖିଲେ ବନ ବିଭାଗ ଯେତେବେଳେ ବାଘ ବଂଶ ବୃଦ୍ଧି ଲାଗି ଏକ ଅଭିନବ ପ୍ରକଳ୍ପ କରିବାକୁ ଯୋଜନା କଲା, ସେତେବେଳେ ବିଭିନ୍ନ ଦିଗ ଯଥା ସେମାନଙ୍କ ପାଇଁ ପ୍ରଚୁର ଖାଦ୍ୟ ଅଛି କି ନାହିଁ, ଜଳବାୟୁ ସମ୍ବନ୍ଧୀୟ ଅଧ୍ୟୟନ, ସ୍ଥାନୀୟ ବାସିନ୍ଦାଙ୍କୁ ଅନ୍ୟତ୍ର ଥଇଥାନ କରିବା ସହ ଚଳପ୍ରଚଳ ଅଞ୍ଚଳରେ ଶିକାରୀଙ୍କ ଗତିବିଧିକୁ ଭଲ ଭାବେ ଅନୁଧ୍ୟାନ କରିବା ଦରକାର ଥିଲା।

ଓଡ଼ିଶାରେ ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଥିବାର ଅନେକ ଦୃଷ୍ଟାନ୍ତ ଦେଖାଗଲାଣି। କେବଳ ବାଘ ନୁହେଁ, ହାତୀ ଭଳି ବିଶାଳକାୟ ଜୀବ ଏକସଙ୍ଗେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ଚଳିତ ବର୍ଷ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗଠାରେ ଏହି କାରଣରୁ ୭ ହାତୀଙ୍କ ଜୀବନ ଯିବା ସଦ୍ୟ ଘଟଣା। ଉକ୍ତ ଘଟଣାରେ ବନ ବିଭାଗ ଓ ସେସୁ ପରସ୍ପର ଉପରେ ଯେଭଳି ଦୋଷ ଲଦାଲଦି ହୋଇଥିଲେ, ତାହା ସେତେବେଳେ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଥିଲା। ଏବେ ବାଘ ମହାବୀର ମୃତ୍ୟୁ ଘଟଣାକୁ ନେଇ ଉପୁଜିଥିବା ପରିସ୍ଥିତି ବନ ବିଭାଗର ମିଛ ଉପରେ ଆଧାରିତ କାର୍ଯ୍ୟଶୈଳୀ ବାସ୍ତବରେ ଏକ ଚିନ୍ତାର ବିଷୟ ହୋଇପଡ଼ିଲାଣି। ପ୍ରବଳ ଅର୍ଥ ଅଣାଯାଇ କେବଳ ଲୋକଙ୍କୁ ଭଣ୍ଡେଇ ସବୁ ଚଳୁ କରିବା ଯେମିତି ପାଲଟିଗଲାଣି ବନ ବିଭାଗର ଚରିତ୍ର।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଡିସେମ୍ବର ୧୯୯୩

- ହାଇତିର ଗାଦିଚ୍ୟୁତ ରାଷ୍ଟ୍ରପତି ଜାଁ–ବର୍ଟ୍ରାଣ୍ଡ ଆରିଷ୍ଟିଡ୍‌ଙ୍କ ପ୍ରତି ସମର୍ଥନ ଜଣାଇ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଏକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ।
- ଦଳ ବିରୋଧୀ କାର୍ଯ୍ୟ ପାଇଁ କର୍ନାଟକର ପୂର୍ବତନ କଂଗ୍ରେସ ମୁଖ୍ୟମନ୍ତ୍ରୀ କେ. ବାଙ୍ଗାରାପ୍ପା ଓ ଲୋକ ସଭା ସଦସ୍ୟ ଓ୍ୱାଇ. ଏସ୍. ରାଜଶେଖରଙ୍କ ଉପରେ କାରଣ ଦର୍ଶାଅ ନୋଟିସ।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | | | | | | | 6 | | 1 | | | |
| | A | | C | 7 | | 2 | | | | 3 | | | 4 | |
| | | E | | 1 | | | 0 | | 4 | | 9 | | 6 | |
| C | | | | E | | | 3 | | | | B | | 8 | 1 |
| 3 | 4 | 8 | A | B | | | | | 7 | | | D | | |
| | | | | | D | | 5 | | | 4 | | | 0 | |
| | | | | 8 | | | | | D | | 5 | | | 3 |
| 9 | 8 | 2 | 3 | 6 | | A | B | | | | 0 | | | 4 |
| | C | | | 0 | | 1 | | | | | | 8 | 2 | |
| A | | B | 5 | 2 | 9 | | | 3 | 1 | 7 | | | | |
| | | 6 | | | | 5 | | 7 | C | 0 | | | | |
| | | 9 | | | | 0 | | 6 | | D | | | 3 | C |
| 7 | | | | | | | | | | | | E | | 6 |
| 8 | B | | | | | D | | | | | E | 0 | | |
| | 1 | 5 | 8 | 4 | | | | | 2 | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 1 | C | 5 | 6 | 4 | B | 3 | 0 | A | 7 | 9 | E | D | 8 |
| 7 | 0 | 3 | E | 2 | 1 | 5 | 9 | 4 | C | 8 | D | 6 | B | A |
| 4 | 5 | D | 8 | B | A | C | 2 | 6 | 1 | E | 0 | 3 | 9 | 7 |
| 8 | 6 | 9 | 7 | 0 | C | E | D | A | 5 | 3 | B | 4 | 1 | 2 |
| B | E | A | D | 3 | 9 | 7 | 1 | 8 | 6 | 2 | 4 | C | 5 | 0 |
| 0 | 7 | E | A | 8 | 6 | 3 | 5 | 2 | 4 | B | 1 | D | C | 9 |
| A | 3 | 5 | 9 | 7 | B | D | C | 1 | 2 | 6 | E | 8 | 0 | 4 |
| 6 | 9 | 2 | C | 5 | D | A | 4 | B | 8 | 0 | 7 | 1 | E | 3 |
| 1 | B | 4 | 2 | E | 3 | 0 | 8 | 7 | 9 | D | C | 5 | A | 6 |
| C | D | 8 | 1 | 4 | 0 | 9 | 6 | E | 3 | A | 5 | 2 | 7 | B |
| 3 | C | 6 | 4 | 9 | E | 2 | 7 | D | 0 | 5 | A | B | 8 | 1 |
| E | A | 0 | 3 | D | 8 | 1 | B | C | 7 | 4 | 6 | 9 | 2 | 5 |
| D | 8 | 1 | 0 | A | 5 | 6 | E | 3 | B | 9 | 2 | 7 | 4 | C |
| 9 | 2 | B | 6 | 1 | 7 | 4 | A | 5 | E | C | 8 | 0 | 3 | D |
| 5 | 4 | 7 | B | C | 2 | 8 | 0 | 9 | D | 1 | 3 | A | 6 | E |

ଗତକାଲିର ଉତ୍ତର

# ଭୂଲୁଣ୍ଠିତ ମାନବାଧିକାର



ପ୍ରଦୀପ୍ତ ନାୟକ

ଆଜି ତମାମ ବିଶ୍ୱରେ ୭୦ତମ ମାନବାଧିକାର ଦିବସ ପାଳନ ହେଉଛି। ୧୯୪୮ ଡିସେମ୍ବର ୧୦ ତାରିଖ ଆଜିର ଦିନରେ ଜାତିସଂଘ ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ଅର୍ପଣ କରିଥିଲା ଐତିହାସିକ ସାର୍ବଜନୀନ ବିଶ୍ୱ ମାନବାଧିକାର ଘୋଷଣାପତ୍ର। ଲକ୍ଷ୍ୟ ଥିଲା ଭ୍ରାତୃତ୍ୱ, ଶାନ୍ତି, ପ୍ରଗତି ଓ ସ୍ୱତନ୍ତ୍ରତା ଏବଂ ମାନବ ପ୍ରତି ଅମାନବୀୟ ବ୍ୟବହାରର ପରିସମାପ୍ତି। ଆମ ଦେଶ ଏଥିରେ ପୂର୍ଣ୍ଣ ସହମତି ଜଣାଇ ତଦନୁଯାୟୀ ନୂତନ ଭାବରେ ପ୍ରଣୟନ କରାଯାଇଥିବା ସମ୍ବିଧାନରେ ଏହା ସ୍ଥାନିତ କରିଥିଲା। ସମଗ୍ର ବିଶ୍ୱରେ ମାନବ କଲ୍ୟାଣ ନିମନ୍ତେ ସଚେତନତାର ବାର୍ତ୍ତା ପ୍ରଚାର କରିବା ସହିତ ମାନବାଧିକାରର ମୁଖ୍ୟ କଥାବସ୍ତୁ ଉପରେ ବିଚାର ଆଲୋଚନା କରିବା ଏହି ଦିବସ ପାଳନର ଲକ୍ଷ୍ୟ।

ସମାଜର ପ୍ରତ୍ୟେକ ବ୍ୟକ୍ତି ଦେଶର ସମ୍ପଦ। ମଣିଷକୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ଅର୍ଥ ସେମାନଙ୍କ ମାନବିକ ମୂଲ୍ୟବୋଧକୁ ହନନ କରିବା। ଦଙ୍ଗା, ହଙ୍ଗାମା, ଗୋଷ୍ଠୀ ଯୁଦ୍ଧ ଓ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଲେ ସମସ୍ତ ଆଇନକାନୁନ ନୀରବ ହୋଇଯାଏ। ଶିକ୍ଷାଦୀକ୍ଷା ଜଣେ ବ୍ୟକ୍ତିକୁ ଶୋଷିତ ହେବାରୁ ନିବୃତ୍ତ କରେ। ଲୋକମାନେ ଏକାଠି ହେଲେ ସମସ୍ତ ପ୍ରକାର ଅନ୍ୟାୟ, ଦୁର୍ନୀତି, ଶୋଷଣ ଓ କଷଣର ପ୍ରତିବାଦ କରିପାରିବେ ଏବଂ ସୁରକ୍ଷିତ ରହିପାରିବେ। ଏକାଠି ହେଲେ ଭବିଷ୍ୟତ ବଂଶଧର ଆମ ଶିଶୁମାନଙ୍କର ସୁରକ୍ଷା ଓ ଉନ୍ନତି ହୋଇପାରିବ। ଦେଖାଯାଉଛି ବିଜ୍ଞାନ ଓ ସମାଜ ଯେତେ ଆଗଉଛି ସେତେ ମଣିଷର ଅଧିକାର ଉଲ୍ଲଂଘନ ହେଉଛି। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଲୋକ ଯେତେ ସଂଗଠିତ ହେଉଛନ୍ତି, ନୂଆ ନୂଆ ଢାଞ୍ଚାରେ ସେମାନଙ୍କ ଉପରେ ଆକ୍ରମଣ ହେଉଛି। ସମାଜତାନ୍ତ୍ରିକ ଦୃଷ୍ଟିରୁ ଚିନ୍ତା କଲେ ଏପରି ଅବଶ୍ୟ ହୁଏ।

ଅତୀତ ଇତିହାସକୁ ରୋମନ୍ଥନ କଲେ ଦେଖାଯାଏ, ୧୨୧୨ ଖ୍ରୀଷ୍ଟାବ୍ଦର ବ୍ରିଟେନର ମାଗ୍ନାକାର୍ଟା, ଫରାସୀ ରାଷ୍ଟ୍ର ବିପ୍ଳବ, ୧୯୧୭ ମସିହାର ରୁଷ୍ ବିପ୍ଳବ ହେଉ କିମ୍ବା ଭାରତର ସ୍ୱାଧୀନତା ସଂଗ୍ରାମ ଇତ୍ୟାଦି ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକଟି ସ୍ତରରେ ଲୋକମାନେ ଏକଜୁଟ ହୋଇ ଅଧିକାର ହାସଲ ପାଇଁ ଲଢ଼େଇ କରିଛନ୍ତି। ଫଳରେ ସମାଜରେ ପରିବର୍ତ୍ତନ ଆସିଛି, ଜନତାର ବିଜୟ ହୋଇଛି, ଶାସନରେ ଢାଞ୍ଚାଗତ ପରିବର୍ତ୍ତନ ହୋଇଛି। କିଛି ନୂଆ ନୀତିଗତ ବ୍ୟବସ୍ଥା ଆସିଛି। ଦେଖାଯାଉଛି ଲୋକମାନଙ୍କୁ ଜାତି, ଧର୍ମ, ଆଞ୍ଚଳିକତା ନାମରେ ଓ ଲିଙ୍ଗଗତ ପ୍ରଭେଦ ସୃଷ୍ଟି କରାଯାଇ ଶାସକଶ୍ରେଣୀ ତା'ର ରାଜନୈତିକ ଫାଇଦା ହାସଲ କରିବାରେ ସଫଳ ହେଉଛି। ଗତ କିଛିବର୍ଷ ଧରି ଆମ ଦେଶରେ ଏହା ଅତିମାତ୍ରାରେ ଘଟିଚାଲିଛି। ଅନୁସୂଚିତ ଜନଜାତି ଓ ଦଳିତବର୍ଗର ଲୋକମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଛି। ସରକାରୀ ତଥ୍ୟକୁ ଆଧାର କରି ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ନାମକ ଏକ ମାନବାଧିକାର ସଂସ୍ଥା ପ୍ରକାଶ କରିଛି ଯେ, କେବଳ ୨୦୧୬ରେ ଦଳିତମାନଙ୍କ ଉପରେ ୪୦,୦୦୦ ହିଂସା ତମାମ ଦେଶରେ ସଂଗଠିତ ହୋଇଛି।

## ମାନବାଧିକାର ଦିବସ ଉପଲକ୍ଷେ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ବାରଣ ସତ୍ତ୍ୱେ ଏବେ ଦଳିତମାନେ ହାତରେ ପାଇଖାନା ଓ ସ୍ୱେରେଜ ଟାଙ୍କି ସଫା କରୁଛନ୍ତି। ଏହା ଆମ ଦେଶରେ ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ। କିନ୍ତୁ କେନ୍ଦ୍ର ସରକାରୀ ସଂସ୍ଥା ସ୍ୱେରେଜ ବୋର୍ଡ ସେମାନଙ୍କୁ ଶାରୀରିକ ଭାବେ ଖଟାଉଛନ୍ତି। ଇତିମଧ୍ୟରେ ୯୦ଜଣ ଦଳିତ ସ୍ୱେରେଜ ଟାଙ୍କି ସଫା କରିବା ସମୟରେ ମୃତ୍ୟୁବରଣ କରିଛନ୍ତି। ଆଦିବାସୀଙ୍କ ଉପରେ ସେହି ୨୦୧୬ ମସିହାରେ ୬୫,୦୦୦ ହିଂସା ହୋଇଛି। ଦେଶର ଆଇନ ଅନୁସାରେ ସେମାନଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଉନାହିଁ। ତଥାକଥିତ ବିକାଶ ନାମରେ ଖଣି, ଖାଦାନ, କାରଖାନା, ଜଳଭଣ୍ଡାର ନିର୍ମାଣ ନିମନ୍ତେ ଆଦିବାସୀଙ୍କୁ ଭିଟାମାଟିରୁ ଉଚ୍ଛେଦ କରାଯାଉଛି। ସେମାନେ ଆନ୍ଦୋଳନ କଲେ ନକ୍ସଲ ଆଖ୍ୟା ଦେଇ ପୋଲିସ ଲଗାଇ ମାରି ଦିଆଯାଉଛି କିମ୍ବା ମିଥ୍ୟା ମକଦ୍ଦମାରେ ଫସାଇ ଜେଲ ପଠାଇ ଦିଆଯାଉଛି। ସେମାନଙ୍କୁ ଯିଏ ସମର୍ଥନ କଲା ସେ ଦେଶଦ୍ରୋହୀ ନାମରେ ଚିତ୍ରିତ ହୋଇ କାଠଗଡ଼ାରେ ଛିଡ଼ା ହେଉଛି। ମୁକ୍ତ ମତବ୍ୟକ୍ତ ପାଇଁ ଥିବା ମୌଳିକ ଅଧିକାରକୁ ଖର୍ବ କରାଯାଉଛି। ସରକାରଙ୍କ ମୁସଲମାନ ବିରୋଧୀ ହିଂସା ଓ ଏନ୍‌କାଉଣ୍ଟର ହତ୍ୟା ବିରୋଧରେ କଲମ ଚାଳନା କରିଥିବାରୁ ହିନ୍ଦୁ ସନାତନ ସେନାର କର୍ମୀମାନେ କର୍ନାଟକରେ ଗୌରୀ ଲଙ୍କେଶଙ୍କୁ ଗୁଳିକରି ହତ୍ୟା କଲେ। ତ୍ରିପୁରାର ବଙ୍ଗଳା ଦୈନିକ ଖବରକାଗଜ 'ଦେଶେର କଥା'ର ଛାପା ଓ ପ୍ରସାରଣକୁ ବେଆଇନ ଭାବରେ ବନ୍ଦ କରିଦିଆଯାଇଥିଲା। ପରେ ତ୍ରିପୁରା ଉଚ୍ଚ ନ୍ୟାୟାଳୟ ଉକ୍ତ ବେଆଇନ ଲଗାମକୁ ଖାରଜ କରିଦେଇଥିଲେ। ଶାନ୍ତନୁ ଭୌମିକ ଓ ସୁଦୀପ ଦତ୍ତ ଭୌମିକ ନାମକ ୨ଜଣ ସାମ୍ବାଦିକଙ୍କୁ ଅଗରତାଲାରେ ମାରିଦିଆଯାଇଛି। ଜମ୍ମୁ–କଶ୍ମୀରରେ ଫଟୋ ସାମ୍ବାଦିକ ୟୁସୁଫ୍‌ଙ୍କୁ ଗିରଫ କରାଯାଇଛି। ବରବରା ରାଓ, ସୁଧା ଭରଦ୍ୱାଜ, ଗୌତମ ନେହେଲଖା ପ୍ରମୁଖ ୫ଜଣ ପ୍ରତିଷ୍ଠିତ ବୁଦ୍ଧିଜୀବୀଙ୍କୁ ମହାରାଷ୍ଟ୍ରର ପୁଣେ ପୋଲିସ ଗିରଫ କରିଛି। ମଧ୍ୟପ୍ରଦେଶରେ ୨୦ଜଣ ମାନବାଧିକାର କର୍ମୀଙ୍କୁ ରାଷ୍ଟ୍ରଦ୍ରୋହ ଅପରାଧରେ ଗିରଫ କରାଯାଇଛି। ଫ୍ରାନ୍ସର ଜଣେ ଟିଭି ସିରିଏଲ ନିର୍ମାତାଙ୍କୁ ଜମ୍ମୁ–କଶ୍ମୀରରେ ୩ ଦିନ ଅଟକ ରଖାଯାଇଥିଲା। ଲକ୍ଷ୍ନୌରେ ସରକାରଙ୍କ ବିରୋଧରେ ସାମ୍ବାଦିକ ସମ୍ମିଳନୀ କରିଥିଲେ ବୋଲି ୩୧ଜଣ ଦଳିତ କର୍ମୀଙ୍କୁ ଗିରଫ କରାଯାଇଥିଲା। ବିଭିନ୍ନ ଲୋକ ସପକ୍ଷବାଦୀ ପୁସ୍ତକକୁ ଉତ୍ତରପ୍ରଦେଶ ସରକାର ବେଆଇନ ଘୋଷଣା କରିଛନ୍ତି। ଜଣେ ମନ୍ତ୍ରୀଙ୍କୁ ବିରୋଧ କରିଥିବାରୁ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ୨୮ଜଣ ଛାତ୍ରଙ୍କୁ ୨୦ ଦିନ ଜେଲ ଭୋଗିବାକୁ ପଡ଼ିଛି। ଯୌନଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କ ଉପରେ ପୋଲିସ ଲାଠି ପ୍ରହାର କରିଛି। ମାନବାଧିକାର ସଙ୍ଗଠନଗୁଡ଼ିକର ବିଦେଶୀ ପାଣ୍ଠି ସଂଗ୍ରହ, ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇ ହଜାର ହଜାର ମାନବାଧିକାର କର୍ମୀଙ୍କ ପାଟି ବନ୍ଦ କରିଦିଆଯାଇଛି।

୨୦୧୬ ମସିହାରେ ଶିଶୁମାନଙ୍କ ଉପରେ ୧,୦୬,୦୦୦ ହିଂସା ଓ ଯୌନ ନିର୍ଯାତନା ଘଟିଥିବାର ସରକାରୀ ସୂତ୍ରରୁ ଜଣାପଡ଼ିଛି। ଶିଶୁମୃତ୍ୟୁ, ଶିଶୁବିକ୍ରି ଓ ଚାଲାଣ ଏବଂ ଶିଶୁ ଶ୍ରମିକ ପ୍ରଥା ବନ୍ଦ ହେବା ତ ଦୂରର କଥା, ଦିନକୁ ଦିନ ବୃଦ୍ଧି ପାଉଛି। ଶତକଡ଼ା ୩୬ ଭାଗ ୫ ବର୍ଷରୁ କମ୍ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ୧୫ ଭାଗରୁ ଅଧିକ ଶିଶୁ ସ୍କୁଲ୍ ମାଟି ମାଡ଼ିପାରି ନାହାନ୍ତି। ଲକ୍ଷ ଲକ୍ଷ ଶିଶୁ ଅଧାରୁ ପାଠପଢ଼ାରେ ଡୋରି ବାନ୍ଧୁଛନ୍ତି।

ସେହି ୨୦୧୬ରେ ତମାମ ଭାରତ ବର୍ଷରେ ମହିଳାଙ୍କ ପ୍ରତି ୩,୩୮,୦୦୦ ହିଂସା ଘଟିଥିବା ଜଣାପଡ଼ିଛି। ଯୌନ ନିର୍ଯାତନା ଓ ପାରିବାରିକ ହିଂସା ବୃଦ୍ଧି ପାଇଛି ବୋଲି ଜାତୀୟ ଅପରାଧ ସୂଚକାଙ୍କରୁ ଜଣାପଡ଼ିଛି। ୮୯୪ଜଣ ମହିଳା ଜେଲ ଗୃହରେ ଓ ୭୪ଜଣ ଥାନା ହାଜତରେ ମୃତ୍ୟୁବରଣ କରିଥିବା ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ରିପୋର୍ଟରୁ ଜଣାପଡ଼ିଛି। କେରଳର ସାବରୀମାଳା ମନ୍ଦିରକୁ ସମସ୍ତ ବୟସର ମହିଳାଙ୍କ ପ୍ରବେଶ ଅଧିକାର ଓ ପୂଜାର୍ଚ୍ଚନା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଐତିହାସିକ ରାୟକୁ କାର୍ଯ୍ୟକାରୀ କରାଇ ଦିଆଯାଉନାହିଁ। ନିରାପତ୍ତା ବାହିନୀ ଓ ପୋଲିସର ସାଧାରଣ ନାଗରିକଙ୍କ ଉପରେ ଅତ୍ୟାଚାର ପ୍ରତିଦିନ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ଆଇନର ରକ୍ଷକ ହୋଇ ଭକ୍ଷକ ସାଜିଥିବା ଏହି ନିରାପତ୍ତା ବାହିନୀର କର୍ମଚାରୀମାନେ ସବୁଠାରୁ ବଡ଼ ମାନବାଧିକାର ଉଲ୍ଲଂଘନକାରୀ ବୋଲି ଜନମାନସରେ ସାବ୍ୟସ୍ତ ହୋଇଛନ୍ତି। ସରକାରୀ ପ୍ରାୟୋଜିତ ବିଭିନ୍ନ ଜନବିରୋଧୀ କାର୍ଯ୍ୟକୁ ସାକାର କରିବା ଦିଗରେ ଏମାନଙ୍କର ବଳିଷ୍ଠ ଯୋଗଦାନ ଥାଏ। ଭାରତୀୟ ପୋଲିସ ସବୁଠାରୁ ଦୁର୍ନୀତିଖୋର ବୋଲି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପ୍ରକାଶ କରିଥିଲା। ଏଭଳି ପରିସ୍ଥିତିରେ ଦେଶରେ ମାନବାଧିକାରର ସ୍ଥିତି ଯେ ଭୂଲୁଣ୍ଠିତ ହେଉଛି, ତାହା ସ୍ପଷ୍ଟ ଅନୁମେୟ। ତେଣୁ ପୃଥିବୀରେ ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ର ବୋଲି ଏ ଦେଶର ନେତା, ଜନତା ଓ ଅଧିକର୍ତ୍ତା କହିବା କେତେଦୂର ଠିକ୍, ତାହା ଜନସାଧାରଣ ବିଚାର କରନ୍ତୁ।

ଟିକରପଡ଼ା, କାକଟପୁର, ପୁରୀ, ମୋ–୯୪୩୭୦୫୩୩୨୯

# ପିଲାଙ୍କ ବସ୍ତାନି ବୋଝ



ଝରଣା ପଣ୍ଡା

ପିଲାଙ୍କ ସ୍କୁଲ ବ୍ୟାଗ୍ ନିଜ ଓଜନଠାରୁ ଅଧିକ ହୋଇଯାଉଥିବାରୁ ନିକଟରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୂଆକରି ସ୍କୁଲ ଯାଉଥିବା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଅତ୍ୟଧିକ ହୋମ୍‌ୱାର୍କ ଦେଇ ଚାପଗ୍ରସ୍ତ କରାଯାଉଛି। ତେଣୁ ଏ ଦିଗରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ପରେ କେନ୍ଦ୍ର ସରକାର ତତ୍ପର ହୋଇଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଖୁବ୍‌ଶୀଘ୍ର ଏ ନେଇ ନିୟମାବଳୀ ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ହୋମ୍‌ୱାର୍କ ବନ୍ଦ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ୍‌ର ଓଜନ ୧.୫ କେଜିରୁ ଊର୍ଦ୍ଧ୍ୱ ହେବା ଅନୁଚିତ ବୋଲି କହିବା ସହ ତୃତୀୟରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ୍‌ର ଓଜନ ୨ରୁ ୩ କେଜି, ଷଷ୍ଠରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗ୍ ଓଜନ ୪କେଜି, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗ୍ ଓଜନ ୪.୫ କେଜି ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ୍ ଓଜନ ୫ କେଜି ହେବା ଉଚିତ ବୋଲି ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଜାରି କରିଛି। କେବଳ ସେତିକି ନୁହେଁ, ବିଷୟବସ୍ତୁ କ୍ଷେତ୍ରରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ଭାଷା ଓ ଗଣିତ ଛଡ଼ା ଅନ୍ୟ କୌଣସି ବିଷୟ ଦିଆଯିବ ନାହିଁ ବୋଲି କୁହାଯାଇଛି। ଏନେଇ ତାମିଲନାଡୁ ହାଇକୋର୍ଟ ଏହିପରି ବସ୍ତାନିର ବୋଝକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ନିର୍ଦ୍ଦେଶାବଳୀ ଜାରି କରିଥିଲେ।

ରାଜ୍ୟରେ ବସ୍ତାନିର ବୋଝ ବଢ଼ି ଚାଲିଥିଲା ବେଳେ ପାଠର ମାନ କମି କମି ଯାଉଛି। ସମସ୍ତ ପ୍ରକାର ସରକାରୀ ଯୋଜନା ଶିକ୍ଷା ବିଭାଗରେ ବାଟବଣା ହୋଇଯାଉଛି। ଶିକ୍ଷାର ମୂଳଦୁଆ ପ୍ରାଥମିକ ଶିକ୍ଷା ଭୁଶୁଡ଼ି ପଡ଼ିଛି। ସର୍ବଶିକ୍ଷା ଅଭିଯାନ ନାଁରେ କୋଟି କୋଟି ଟଙ୍କା ପ୍ରତିବର୍ଷ ରାଜ୍ୟକୁ ଆସୁଛି। ମାତ୍ର କେଉଁଠି ୫୦ ପିଲାଙ୍କୁ ଜଣେ ଶିକ୍ଷକ ତ କେଉଁଠି ଛାତରୁ ପାଣି ଗଳୁଛି ଏବଂ କେଉଁଠି ମଧ୍ୟାହ୍ନଭୋଜନରେ ଝିଟିପିଟି, ମୂଷା ପଡ଼ିଲେଣି। ତେବେ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକେ ଏହିସବୁ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବାକୁ ବାଧ ହେଉଥିଲା ବେଳେ କିଛି ମାତ୍ରାରେ ସ୍ୱଚ୍ଛଳ ପିତା ନିଜ ସନ୍ତାନକୁ ଘରୋଇ ଇଂଲିଶ ମିଡ଼ିୟମ୍ ସ୍କୁଲରେ ପଢ଼ାଇବାକୁ ଉଚିତ ମଣୁଛନ୍ତି। ଏହାର ଫାଇଦା ନେବାକୁ ଘରୋଇ ସ୍କୁଲ୍ ହାତଛଡ଼ା କରୁନାହାନ୍ତି। ବିପୁଳ ପରିମାଣର ଅର୍ଥରାଶି ଅଭିଭାବକଙ୍କଠାରୁ ଟାଣି ନେଉଛନ୍ତି। ଏଥିସହିତ ଷ୍ଟାଣ୍ଡାର୍ଡ ୱାନ୍‌ରୁ ପିଲାଙ୍କ ଉପରେ ବସ୍ତାନି ବୋଝ ଲଦି ଦିଆଯାଉଛି। ପିଲା ଯେତେ ଛୋଟ ମାଆବାପାଙ୍କୁ ସେତେ ପରିଶ୍ରମ କରିବାକୁ ପଡୁଛି। ହୋମ୍‌ୱାର୍କ ନାଆଁରେ ମାତାପିତା ନିଜେ ପିଲାର ଖାତାରେ ପାଠ କଷିବା ସାଧାରଣ ଘଟଣା ହୋଇଥିବା ବେଳେ ଛୋଟ ଛୋଟ ପିଲାଙ୍କ ବସ୍ତାନିର ବୋଝ ଏବେ ଚିନ୍ତାର କାରଣ ପାଲଟିଛି। ଏବେ ଆମ ରାଜ୍ୟ ତଥା ସାରା ଦେଶରେ ଇଂଲିଶ ମିଡ଼ିୟମ୍ ସ୍କୁଲ ଛତୁ ଫୁଟିଲା ପରି ଖୋଲିବାରେ ଲାଗିଛି। ସରକାରୀ ସ୍କୁଲରୁ ମୁହଁ ଫେରାଇ ମାଆବାପା ଘରୋଇ ଇଂଲିଶ ମିଡ଼ିୟମ୍ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ଏକ ବାଧ୍ୟବାଧକତା ତଥା ଷ୍ଟାଟସ୍ ସିମ୍ବଲରେ ପରିଣତ ହେଲାଣି। ସରକାରୀ ସ୍କୁଲର ବିଭିନ୍ନ ଅବ୍ୟବସ୍ଥା ମଧ୍ୟ ଏହାର ଅନ୍ୟ ଏକ କାରଣ। ୪ରୁ ୫ ବର୍ଷ ପିଲାର ସ୍କୁଲ ବ୍ୟାଗ୍ ୧୦ରୁ ୧୫ କିଲୋଗ୍ରାମ୍ ହେଉଥିବାରୁ କୋମଳ ଶିଶୁଟି ଏହି ବ୍ୟାଗ୍‌ଟିକୁ କାନ୍ଧରେ ପକାଇ ସ୍କୁଲକୁ ଗଲାବେଳେ ତା'ର ମେରୁଦଣ୍ଡ ଉପରେ ଗଭୀର ପ୍ରଭାବ ପଡୁଥିବ। ଅଧିକାଂଶ ପିଲା ସ୍କୁଲ ଗଲା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହୋଇଯାଏ। ଏ ସମ୍ପର୍କରେ ଏକଦା ପ୍ରଖ୍ୟାତ ଲେଖକ ତଥା ସାଂସଦ ଆର୍.କେ. ନାରାୟଣନ୍ ରାଜ୍ୟସଭାରେ କହିଥିଲେ ଯେ, ବସ୍ତାନି ବୋଝ ଶିଶୁଙ୍କ ମେରୁଦଣ୍ଡକୁ ବଙ୍କା କରିଦେବ। ଶିକ୍ଷା ପ୍ରଣାଳୀର ପାଠ୍ୟଖସଡ଼ା ପ୍ରସ୍ତୁତ କରୁଥିବା ଶିକ୍ଷାବିତ୍‌ମାନେ ଏ ସମ୍ପର୍କରେ ଗଭୀର ଭାବେ ଅନୁଧ୍ୟାନ କରିବା ଆବଶ୍ୟକ।

ଅନ୍ୟପକ୍ଷରେ ସରକାରୀ ସ୍କୁଲରେ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ତୃତୀୟ ଶ୍ରେଣୀ ପ୍ରଶ୍ନର ଉତ୍ତର ଆସୁନାହିଁ। ଶିକ୍ଷକ ଭାବେ ନିଯୁକ୍ତି ପାଉଥିବା ବ୍ୟକ୍ତିଙ୍କୁ ଶିକ୍ଷାଦାନ ସହିତ ମଧ୍ୟାହ୍ନଭୋଜନ, ଜନଗଣନା, ନିର୍ବାଚନ ପରିଚାଳନା ଭଳି ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଶିକ୍ଷା ପାଇଁ କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ବଜେଟରେ ଶହ ଶହ କୋଟି ଟଙ୍କା ମଞ୍ଜୁର କରାଯାଉଛି। ତଥାପି ସରକାରୀ ସ୍କୁଲ ସବୁ ବନ୍ଦ ହେବାକୁ ବସିଲାଣି। ପରୀକ୍ଷାବିହୀନ ମାଗଣା ଶିକ୍ଷାବ୍ୟବସ୍ଥା ଫଳରେ ପିଲାଟିଏ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଯେନତେନ ପ୍ରକାରେଣ ଆସିଯାଉଛି। ଯଦିଭାଗ୍ୟବଶତଃ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲା, +୨ରେ ବିଫଳ ହେଉଛି। ବର୍ଷର ୩୬୫ ଦିନ ମଧ୍ୟରୁ ବିଧାନସଭା ଅଧିବେଶନଗୁଡ଼ିକରେ ଶିକ୍ଷକମାନେ ବିଭିନ୍ନ ଦାବି ନେଇ ଭୁବନେଶ୍ୱରରେ ଡେରା ପକାଇବା ଏକ ସାଧାରଣ ଘଟଣା ହୋଇଗଲାଣି। ଏଥିପାଇଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିଲେ ମଧ୍ୟ ସରକାର ଆଖି ବୁଜି ଦେଉଛନ୍ତି। ଭାରତରେ ଗୁଣାତ୍ମକ ଶିକ୍ଷାର ମାନ ଆହୁରି ବିପର୍ଯ୍ୟସ୍ତ। କେଉଁଠି ସ୍କୁଲ ଘର ନାହିଁ ତ କେଉଁଠି କାନ୍ଥ ପଡ଼ି ଛାତ୍ରୀଛାତ୍ର ମୃତ୍ୟୁବରଣ କଲେଣି। ଶିକ୍ଷାବର୍ଷ ସରିବାକୁ ବସିଥିଲା ବେଳେ ପାଠ୍ୟପୁସ୍ତକ ମିଳିନାହିଁ। ଶିକ୍ଷା ପାଇଁ ହେଉଥିବା ଯୋଜନାଗୁଡ଼ିକରେ କେଉଁଠି ଫାଙ୍କ ରହିଯାଉଛି, ଯୋଜନା ପାଇଁ ଆସୁଥିବା ଅର୍ଥ ଠିକ୍ ଭାବରେ ବିନିଯୋଗ ହେଉଛି କି ନାହିଁ ତାହା ଦେଖିବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କଠୋର ଦଣ୍ଡବିଧାନ କରାଯିବା ଆବଶ୍ୟକ। ସରକାର ଯେତେଶୀଘ୍ର ଏ ଦିଗରେ ଚେତିବେ, ସେତେ ମଙ୍ଗଳ ହେବ।

ବିଜୁ ପଟ୍ଟନାୟକ ଛକ, କଟକ, ମୋ:୬୭୧୨୩୦୨୩୦୦

## ଏଇ ଭାରତରେ

ଭଲ ପାଇବାର ହୃଦୟ ଥିଲେ ପ୍ରେମ କରିହୁଏ। ତାହା ଅବଶେଷରେ ବିବାହରେ ପରିଣତ ହୋଇଥାଏ। କେତେକ ଯୁବତୀ ଯୁବକ ପ୍ରେମ ବିବାହକୁ ପସନ୍ଦ କରନ୍ତି। କିନ୍ତୁ କେତେକ କ୍ଷେତ୍ରରେ ପରିବାର ଏହାକୁ ବିରୋଧ କରନ୍ତି। ଝିଅପୁଅ ନିଜ ଇଚ୍ଛାରେ ବିବାହ କଲେ ଏହାକୁ ମା'ବାପଙ୍କ ସମେତ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ତୀବ୍ର ବିରୋଧ କରିଥାଆନ୍ତି। କିନ୍ତୁ ଆମ ଦେଶରେ ଏପରି ଏକ ମନ୍ଦିର ଅଛି ସେଠାରେ ପୂଜାର୍ଚ୍ଚନା କଲେ ଯୁବତୀ ଯୁବକଙ୍କ ମୁଣ୍ଡରୁ ପ୍ରେମ ନିଶା ଖସିଯାଏ। ଉତ୍ତରପ୍ରଦେଶର ସାହାରନପୁରରେ ରହିଛି ଏପରି ଏକ ମନ୍ଦିର। ଶ୍ରୀବାଲାଜୀ ମହାରାଜଙ୍କ ମନ୍ଦିର ନାମରେ ଏହା ଖ୍ୟାତ। ମନ୍ଦିରରେ ହନୁମାନ ପୂଜା ପାଇଥାଆନ୍ତି। ଯୁବତୀ ଯୁବକଙ୍କ ମୁଣ୍ଡରୁ ପ୍ରେମନିଶା ଖସାଇବା ପାଇଁ ଏଠାରେ ପୂଜା କରାଯାଏ। ସେଥିପାଇଁ ଏଠାରେ କୌଣସି ପ୍ରେମୀଯୁଗଳ ପାଦ ପକାଇ ନ ଥାନ୍ତି। ଅଥଚ ପରିବାର ଇଚ୍ଛା ବିରୋଧରେ ପ୍ରେମ ବିବାହ କରିବାକୁ ଉଚ୍ଛନ୍ନ ହେଉଥିବା ଯୁବତୀ ଯୁବକଙ୍କ ନିମନ୍ତେ ଏଠାରେ ସମ୍ପର୍କୀୟ ପୂଜାର୍ଚ୍ଚନା କଲେ ସୁଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ପୂଜା ପରେ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରେମିକା ପ୍ରେମିକ ନିଜ ଜିଦ୍‌ରୁ ଓହରି ଆସି ପରିବାର ଇଚ୍ଛାନୁସାରେ ବିବାହ କରୁଥିବା ସ୍ଥାନୀୟ ଲୋକେ କହିଥାଆନ୍ତି। ପ୍ରତି ମଙ୍ଗଳବାର ଏହି ମନ୍ଦିରରେ ଏଥିଲାଗି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ।

## ଚିରନ୍ତନୀ

ନ ଲଭି ସାନ୍ତ୍ୱନା କାହିଁ ଭଗ୍ନପ୍ରାଣ ମାନବ ସନ୍ତାନ
କାଷ୍ଠ ପାଷାଣର ଦେହେ କରଇ ସେ ଦେବତା ନିର୍ମାଣ,
କୋମଳ ମଧୁର ଯାହା କରି ଆରାଧନା
ନୋହେ ଯେଣୁ ଉପଶମ ଅନ୍ତର ବେଦନା,
ବ୍ୟାକୁଳ ହୃଦୟେ ଲୋଡ଼େ ସେହୁ
ଦୟା କ୍ଷମା ପାଷାଣର ଦେହୁ,
ପାଷାଣର ଗାତ୍ରେ
ମସ୍ତକ ଆଘାତେ
ଅକାରଣ
ଅଶରଣ !

(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମ ସମସ୍ୟା

### ବିପଦସଂକୁଳ ଡାକଘର

ମହାଶୟ,

ସାକ୍ଷୀଗୋପାଳ ଡାକଘର ଛାତ ଉପରୁ ସିମେଣ୍ଟ ଅତଡା ଖସି କର୍ମଚାରୀମାନଙ୍କ ପାଇଁ ବିପଦର କାରଣ ହୋଇଛି। କର୍ମଚାରୀମାନେ ଭୟ ଓ ଆତଙ୍କର ସହ କାମ କରୁଛନ୍ତି। କେତେବେଳେ କ'ଣ ଘଟିବ କହିହେବନି। ଏଣୁ ତୁରନ୍ତ ଏହି ପୋଷ୍ଟ ଅଫିସ ପାଇଁ ନୂତନ ଘର ନିର୍ମାଣ ଲାଗି ମହାଡାକପାଳ ଦୃଷ୍ଟିଦେବା ଆବଶ୍ୟକ।

ରଞ୍ଜନ ମଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଏସ୍‌ସିଏସ୍ କଲେଜ ଛାତ୍ରଙ୍କ ଅସନ୍ତୋଷ

ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜର ଦୁଇଟି ପ୍ରବେଶପଥ ଥିଲେ ମଧ୍ୟ ଗୋଟିଏ ଗତ ଦୀର୍ଘଦିନ ହେଲା ବନ୍ଦ ରହିଛି। ଏହି ଜୁନିୟର ଓ ସ୍ୱୟଂଶାସିତ କଲେଜର ଛାତ୍ରୀଛାତ୍ର ସଂଖ୍ୟା ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ସେମାନଙ୍କର କଲେଜକୁ ଯିବା ଆସିବା ପାଇଁ ଗୋଟିଏମାତ୍ର ପ୍ରବେଶ ପଥ ଖୋଲାରହୁଛି। ଶହ ଶହ ବାଇକ୍, ସ୍କୁଟି ଓ ସାଇକେଲ ରାସ୍ତାକଡ଼ରେ ରଖିବାରୁ ଗମନାଗମନରେ ବାଧା ସୃଷ୍ଟି ହେଉଛି। ଏଥିପାଇଁ ଭିଆଇପି ରୋଡ୍‌ରୁ ଯେଉଁ ପିଲାମାନେ କଲେଜକୁ ଦୂରଦୂରାନ୍ତରୁ ଆସୁଛନ୍ତି ସେମାନଙ୍କୁ ପୁଣି କଲେଜ ପଛପଟ ରାସ୍ତାରେ ଫାଟକ ପାଖକୁ ଯିବାକୁ ପଡୁଛି। ତେଣୁ ଅସନ୍ତୋଷ ପ୍ରକାଶ ପାଉଛି। କୁହାଯାଉଛି ଯେ, କେତେକ ଅସାମାଜିକ ବ୍ୟକ୍ତି ସନ୍ଧ୍ୟା ସମୟରେ କଲେଜ ପରିସରରେ ମାଦକଦ୍ରବ୍ୟ ସେବନ କରୁଥିବାରୁ ଫାଟକ ବନ୍ଦ କରାଯାଇଛି। ନିଶାଖୋର୍‌ଙ୍କୁ ଧରିବା ପାଇଁ କଲେଜ ପ୍ରଶାସନ ପୋଲିସର ସହାୟତା ନେଇପାରିବେ। କିନ୍ତୁ ପିଲାଙ୍କ ପାଇଁ ଅସୁବିଧା ସୃଷ୍ଟି କରିବା ଠିକ୍ ନୁହେଁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୨– ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ଆମେରିକୀୟ ଗାୟକ ନିକ୍ ଜୋନ୍‌ସଙ୍କ ମଧ୍ୟରେ ହିନ୍ଦୁ ରୀତିରେ ବିବାହ ସମ୍ପନ୍ନ ହୋଇଛି।

୩– କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ୧୦ ସହଯୋଗୀଙ୍କୁ ଗିରଫ କରାଯାଇଛି।

୪– ନାସାର ପ୍ରଥମ ମହାକାଶ ଯାନ ଦୀର୍ଘ ଦୁଇବର୍ଷ ଧରି ଦୁଇ ବିଲିୟନ କିମି ଯାତ୍ରା କରିବା ପରେ ତା'ର ଲକ୍ଷ୍ୟସ୍ଥଳ କ୍ଷୁଦ୍ରଗ୍ରହ ବେନୁରେ ପହଞ୍ଚିଛି।

୫– ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ଦାଶରଥି ଦାଶ ତାଙ୍କ ନିବନ୍ଧ ଗ୍ରନ୍ଥ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ।

୬– ରାସ୍ତାରେ ଖାଲ ଯୋଗୁ ଦୁର୍ଘଟଣାରେ ୫ ବର୍ଷରେ ୧୫ ହଜାର ଲୋକଙ୍କ ଜୀବନ ଯାଇଥିବା ନେଇ ସୁପ୍ରିମ୍‌କୋର୍ଟଙ୍କ ଉଦ୍‌ବେଗ ପ୍ରକାଶ।

୭– ପ୍ରଫେସର ଡ. କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍ ନୂତନ ମୁଖ୍ୟ ଅର୍ଥନୈତିକପରାମର୍ଶଦାତା(ସିଇଏ)ଭାବେନିଯୁକ୍ତ।

## ସଂକ୍ଷେପରେ

### ଆତ୍ମହତ୍ୟା ଉଦ୍ୟମ, ନାବାଳିକା ଗୁରୁତର

**କେନ୍ଦ୍ରାପଡା ଅଫିସ,୯।୧୨-** ନିକିରାଇ ଥାନା ଅଧୀନ ବାରୋ ଗ୍ରାମର ଜୈନିକ ନାବାଳିକା ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ନାବାଳିକା ଜଣକ ଘର ଭିତରେ ଫ୍ୟାନରେ ଓଢ଼ଣି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ହୋଇ ନଥିବା ଥାନା ଅଧିକାରୀ ଗୁଣମଣି ନାୟକ କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର

**କେନ୍ଦ୍ରାପଡା ଅଫିସ,୯।୧୨-** ସଦର ଥାନା ଅନ୍ତର୍ଗତ ଜନୈକା ନାବାଳିକାକୁ ପାଟକୁରା ଥାନା ଅଞ୍ଚଳର ଜଣେ ନାବାଳକ ଶନିବାର ସନ୍ଧ୍ୟାରେ ବଳାତ୍କାର କରିଛି । ଏନେଇ ପାଟକୁରା ଥାନାରେ ରବିବାର ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସୁଜିତ ପ୍ରଧାନ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ସଦର ଥାନା ଅଞ୍ଚଳର ଏହି ନାବାଳିକା ନିଜ ମାମୁଘର ପାଟକୁରା ଥାନା ଅନ୍ତର୍ଗତ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ରହି ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି । ଗତ ସନ୍ଧ୍ୟାରେ ମାମୁଘର ଗ୍ରାମର ପଡୋଶୀ ଘରକୁ ଟ୍ୟୁଶନ ହେବାକୁ ଯାଇଥିଲେ । ଘରେ କେହି ନଥିବା ସୁଯୋଗରେ ଟ୍ୟୁଶନ ଦିଦିଙ୍କ ନାବାଳକ ଭାଇ ଜୋରଜବରଦସ୍ତ ବଳାତ୍କାର କରିଥିଲେ । ଏହି ଘଟଣା ଜଣା ପଡିବା ପରେ ଗ୍ରାମରେ ଏହି ମାମଲା ତୁଟାଇବାକୁ ଚେଷ୍ଟା ହୋଇଥିଲେ ମଧ୍ୟ ସମ୍ଭବ ନହେବାରୁ ଥାନାରେ ଏନେଇ ଅଭିଯୋଗ ପତ୍ର ଦିଆଯାଇଛି ।

### ବ୍ଲକ ଖଣ୍ଡାୟତ-କ୍ଷତ୍ରିୟ ସଂଘ ପୁନର୍ଗଠିତ

**ଡେରାବିଶ,୯।୧୨(ସ୍ୱ.ପ୍ର.)-**କେନ୍ଦ୍ରାପଡ଼ା ଜିଲା ଭାଗବତପୁର ପଞ୍ଚାୟତସ୍ଥିତ ଜିଲା ଖଣ୍ଡାୟତ-କ୍ଷତ୍ରିୟ ମହାସଂଘ କାର୍ଯ୍ୟାଳୟରେ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକର ଖଣ୍ଡାୟତ-କ୍ଷତ୍ରିୟ ସଂଘ ପୁର୍ନଗଠିତ ହୋଇଯାଇଛି। ମହାକାଳପଡ଼ା ବ୍ଲକ ପାଇଁ ପ୍ରଦୀପ କୁମାର ଚୌଧୁରୀଙ୍କୁ ସଭାପତି, ସୌରୀପ୍ରସାଦ ମଲ୍ଲ କାର୍ଯ୍ୟକାରୀ ସଭାପତି, ନିରାକାର ଜେନା ସାଧାରଣ ସମ୍ପାଦକ ଓ ୨୨ ଜଣ ସଭ୍ୟ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ସେହିପରି ମାର୍ଶାଘାଇ ବ୍ଲକ ପାଇଁ ସୁନାକର ସ୍ୱାଇଁ ସଭାପତି, ବିଜୟ କୁମାର ମହାନ୍ତି କାର୍ଯ୍ୟକାରୀ ସଭାପତି ଓ ବଲ୍ଲଭ ନାୟକ ସାଧାରଣ ସମ୍ପାଦକ ଏବଂ କାର୍ଯ୍ୟକାରୀ କମିଟିକୁ ୨୨ ଜଣ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ସଂଘ ସଭାପତି ରାଜକିଶୋର ଜେନା, କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ, ଉପସଭାପତି କାର୍ତ୍ତିକ ଚରଣ ନାୟକ, ଧରଣୀଧର ମୁଦୁଲି, ଅଶୋକ କୁମାର ଜେନା, ସୁରେନ୍ଦ୍ର ନାଥ ଜେନା ଓ ସାଧାରଣ ସମ୍ପାଦକ ମଦନ ମୋହନ ଆର୍ଯ୍ୟ ଉପସ୍ଥିତ ଥିଲେ। ଶେଷରେ ସୁଧୀର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ପଣ୍ଡିତ ପରମାନନ୍ଦଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ପଚ୍ଚାମୁଣ୍ଡାଇ,୯।୧୨(ସ୍ୱ.ପ୍ର)-**ପଚ୍ଚାମୁଣ୍ଡାଇ ବ୍ଲକ ପେଣ୍ଠପାଳ ପଞ୍ଚାୟତ ଦାଣ୍ଡିସାହି ଗ୍ରାମର ବିଶିଷ୍ଟ କର୍ମକାଣ୍ଡ ବିଶାରଦ ସ୍ୱର୍ଗତ ପଣ୍ଡିତ ପରମାନନ୍ଦ ପାଢୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବନ୍ୟାଞ୍ଚଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦ ପକ୍ଷରୁ ସ୍ୱର୍ଗତ ପାଢୀଙ୍କ ବାସଭବନଠାରେ ଇତିମଧ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମ୍ପାଦକ ରାଜ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ । ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଦାଣ୍ଡିସାହି ବ୍ରାହ୍ମଣୀ କଲେଜ ପୂର୍ବତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ନେତା ବସନ୍ତ କୁମାର ମଲିକ ଯୋଗ ଦେଇ ପଣ୍ଡିତ ପାଢୀଙ୍କ ସ୍ମୃତିଚାରଣ କରିଥିଲେ । ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ଅମାୟିକ ବ୍ୟବହାର ପାଇଁ ସେ ସମସ୍ତଙ୍କର ଅତି ଆପଣାର ଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଚିରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ପ୍ରେମାନନ୍ଦ ସୂତାର, ନାରାୟଣ ବିଶ୍ୱାଳ, କାର୍ତ୍ତିକ ରାଉତ, ଜଗନ୍ନାଥ ପାଢୀ, ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ପାଢୀଙ୍କ ସ୍ମୃତିଚାରଣ କରିଥିଲେ। ପଣ୍ଡିତ ଦେବରାଜ ପାଢୀ ମହାରାଜ, ଅକ୍ଷୟ ପାଢୀ, ପଣ୍ଡିତ ଦୋଳଗୋବିନ୍ଦ ପଣ୍ଡା, ନରହରି ପଣ୍ଡା, ଅଶୋକ କୁମାର କର, ପଣ୍ଡିତ ଦେବୀ କୁମାର ଶତପଥୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭା ପରିଚାଳନାରେ ସହଯୋଗ କରିଥିଲେ।

■ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ବ୍ୟବସ୍ଥା ଢିଲା

# ନିଷିଦ୍ଧାଞ୍ଚଳରେ ମାଛ ମାଫିଆଙ୍କ ରାଜୁତି

■ ବେଳାଭୂମିରେ ମଲା କଇଁଛ ଭାସିବା ନେଇ ଚିନ୍ତାରେ ପରିବେଶବିତ୍
■ ସମସ୍ୟା ବଢ଼ାଇଛନ୍ତି ଅନୁପ୍ରବେଶକାରୀ
■ ବନ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

**କେନ୍ଦ୍ରାପଡ଼ା ଅଫିସ୍, ୯।୧୨**

ବିରଳ ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେଙ୍କୁ ସୁରକ୍ଷା ଦେବାରେ ଫେଲ୍ ମାରିଛି ବନ ବିଭାଗ। ବନ ବିଭାଗର କଟକଣା ସତ୍ତ୍ୱେ ମାଛ ମାଫିଆମାନେ ନିଷିଦ୍ଧାଞ୍ଚଳରେ ପଶି ମାଛ ମାରୁଛନ୍ତି। ବଡ଼ ବଡ଼ ଟ୍ରଲରରେ ମାଡ଼ ହୋଇ କଇଁଛମାନେ ଆହତ ହେଉଥିବା ବେଳେ କେତେକଙ୍କର ମୃତ୍ୟୁ ଘଟୁଛି। ଏହି ବିରଳ କଇଁଛଙ୍କ ଅନ୍ତର୍ଜାତୀୟ ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗହୀରମଥା ସମେତ ବାବୁବାଲି, ଅଗରନାଶୀ ପ୍ରଭୃତି ସ୍ଥାନରେ କଇଁଛଙ୍କ ଭିଡ଼ ଜମିଥିବା ବେଳେ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ସେହି ଅଞ୍ଚଳରେ ପ୍ରବେଶ କରୁଛନ୍ତି। ଫଳରେ ରାଜନଗର ସମେତ ଏହାର ଆଖପାଖ ସମୁଦ୍ର ବେଳାଭୂମିରେ କଇଁଛଙ୍କ ମୃତଦେହ ଉଦ୍ଧାର କରାଯାଉଛି। ଏମାନଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ନଭେମ୍ବରରୁ ମେ ଶେଷ ପର୍ଯ୍ୟନ୍ତ ଜିଲାର ତଟବର୍ତ୍ତୀ ଅଞ୍ଚଳର ୨୦ କି.ମି. ଯାଏଁ ସମୁଦ୍ର ଜଳରାଶି ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ପ୍ରବେଶ ବାରଣ କରାଯାଇଥାଏ। ୧୯୭୨ ମସିହା ବନ୍ୟଜନ୍ତୁ ସଂରକ୍ଷଣ ଆଇନ, ଓଡ଼ିଶା ମେରାଇନ ଫିଶର ରେଗୁଲେଶନ ଆକ୍ଟ ୧୯୮୨ରେ ସମୁଦ୍ରର ନିଷିଦ୍ଧାଞ୍ଚଳରେ ଯାନ୍ତ୍ରିକ ଡଙ୍ଗା ଓ ଟ୍ରଲର ନେବାକୁ ବାରଣ ହୋଇଛି। ତେବେ ଏହି ନିୟମ ନ ମାନି ମାଛ ମାଫିଆମାନେ ଏଠାରେ ପ୍ରବେଶ କରୁଥିବା ବେଳେ ବନ ବିଭାଗ କର୍ତ୍ତୃପକ୍ଷ ହାତ ଗଣତି କେତେଜଣଙ୍କୁ ଗିରଫ କରି ମୁଣ୍ଡରୁ ଦୋଷ ହଟାଇ ଦେଉଛନ୍ତି। ଗିରଫ ହେବାର କିଛିଦିନ ପରେ ମତ୍ସ୍ୟଜୀବୀମାନେ ଜାମିନରେ ଆସି ସେମାନେ ପୁଣି ସେହି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖାଯାଉଛି ବୋଲି ବାରହାପୁରର ପରିବେଶବିତ୍ ହେମନ୍ତ ରାଉତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମୁଦ୍ରକୁ ଅବାଧ ଟ୍ରଲର ପ୍ରବେଶ ଓ ମାଛଧରା ପାଇଁ ଗିଲ ଜାଲ ବ୍ୟବହାର ଯୋଗୁ କଇଁଛଙ୍କ ସମେତ ବହୁ ସାମୁଦ୍ରିକ ଜୀବଙ୍କ ଜୀବନ ଯାଉଥିବା ସେ କହିଛନ୍ତି। ପରିବେଶବିତ୍ ସେକ୍ ଚାନ୍ଦ କୁହନ୍ତି ଯେ, ନିଷିଦ୍ଧାଞ୍ଚଳ ଘୋଷଣା ସମୟରେ ମତ୍ସ୍ୟଜୀବୀଙ୍କ ରୋଜଗାର ବାଧାପ୍ରାପ୍ତ ହେଉଥିବାରୁ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ସହାୟତା ରାଶି ୫ ହଜାରରୁ ୭,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାସତ୍ତ୍ୱେ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ମାଛ ମାରୁଛନ୍ତି। ରାଜନଗର ବ୍ଲକ ସଂସାରଫଳର ପ୍ରଫୁଲ୍ଲ ଦାସ କୁହନ୍ତି, ମାଛଧରା ବ୍ୟବସାୟ ସମ୍ପ୍ରତି ଅନୁପ୍ରବେଶକାରୀଙ୍କ ମୁଖ୍ୟ ବ୍ୟବସାୟ ପାଲଟିଛି। ଏମାନେ ବର୍ଷସାରା ମାଛ ମାରି ପଡ଼ୋଶୀ ରାଜ୍ୟ ସହିତ ବାଂଲାଦେଶକୁ ଚାଲାଣ କରିବା ସହ ବାର୍‌ହା, ହରିଣ, କୁମ୍ଭୀର ଓ ବିରଳ ପ୍ରଜାତିର ଜୀବଜନ୍ତୁ ଶିକାର କରୁଛନ୍ତି। ସେହିପରି ତଟବର୍ତ୍ତୀ ଅଞ୍ଚଳରୁ ହେନ୍ତାଳବଣ କାଟି ଟ୍ରଲର ମାଧ୍ୟମରେ କାଠ ଚାଲାଣ କରୁଛନ୍ତି। ଏ ସମ୍ପର୍କରେ ଡାଙ୍ଗମାଳର ପ୍ରତ୍ୟୁଷ କୁମାର ନାୟକ କୁହନ୍ତି ଯେ, ୨୦୦୧ରେ ବନିପାଳଠାରେ ଏକ ନକଲି ବେତାର କେନ୍ଦ୍ର ଠାବ ହୋଇଥିଲା। ଏଠାରେ ହୁଇଲର ଦୀପର ପ୍ରତିରକ୍ଷା ସମ୍ପର୍କିତ ଗୋପନ ତଥ୍ୟ ପ୍ରେରଣ କରାଯାଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ସେହିପରି ୨୦୦୨ରେ ରାଜନଗର ବନ ବିଭାଗ ଜବତ କରିଥିବା ଟ୍ରଲରର ଜଳଦସ୍ୟୁମାନେ ବନରକ୍ଷୀ ଶ୍ୟାମ ସିଂହଙ୍କୁ ହତ୍ୟା କରିଥିଲେ। ଏଥିସହ କର୍ମଚାରୀ ଅଭାବରୁ ସାମୁଦ୍ରିକ ଥାନା କାର୍ଯ୍ୟ କରୁ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଏ ସମ୍ପର୍କରେ କୁହନ୍ତି ଯେ, ବେଆଇନ ଟ୍ରଲର ପ୍ରବେଶକୁ ରୋକା ଯାଉଛି। ଏଥିପାଇଁ ବହୁ ସଂଖ୍ୟକ ଟ୍ରଲର ଓ ମାଛ ମାଫିଆମାନେ ଇତିମଧ୍ୟରେ ଧରା ପଡିଛନ୍ତି।

■ ଅଣତାଲିମପ୍ରାପ୍ତ ଶିକ୍ଷକଙ୍କ କର୍ମଶାଳା

## ପ୍ରଯୁକ୍ତିବିଦ୍ୟାର ଜ୍ଞାନକୌଶଳ ଉପରେ ଗୁରୁତ୍ୱ



କର୍ମଶାଳାରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

**କେନ୍ଦ୍ରାପଡ଼ା ଅଫିସ, ୯।୧୨**

କେନ୍ଦ୍ରାପଡା ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଚାଲିଥିବା ସ୍ୱୟଂଶାସିତ ସଂସ୍ଥା ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟର ପ୍ରଶିକ୍ଷଣ କେନ୍ଦ୍ରରେ ଅଣତାଲିମ୍‌ପ୍ରାପ୍ତ କାର୍ଯ୍ୟରତ ଶିକ୍ଷକ କର୍ମଶାଳା ରବିବାରଠାରୁ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହେଉଥିବା ଏହି ୧୨ଦିନିଆ କର୍ମଶାଳାକୁ ଶିକ୍ଷାବିତ ନନ୍ଦକିଶୋର ପରିଡା ଉଦ୍‌ଘାଟନ କରିଥିଲେ। ଡ. ହୀରାମଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଶିକ୍ଷାବିତ ପରିଡା, ଡିଆଇଇଟି ପ୍ରଶିକ୍ଷିକା ଅନସୂୟା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂତନପିଢୀର ଶିକ୍ଷକମାନେ ଶ୍ରେଣୀ କକ୍ଷରେ ପ୍ରଯୁକ୍ତି ବିଦ୍ୟାର ଜ୍ଞାନକୌଶଳ ଉପଯୋଗ କଲେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇପାରିବ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡ. ପ୍ରଭାକର ମଲ୍ଲିକ କର୍ମଶାଳା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଗୋଲେଖ ଚନ୍ଦ୍ର ମହାଭୋଇ, ରବୀନ୍ଦ୍ରନାଥ ପରିଡା, ଇନ୍ଦୁମତି ସାହୁ ଓ ଦୈତାରୀ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

■ ଜାଭିୟର୍ସ ହାଇସ୍କୁଲ ବାର୍ଷିକ ଉତ୍ସବ

## ଆଦର୍ଶ ଛାତ୍ର ଗଠନରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କେନ୍ଦ୍ରାପଡ଼ା ଅଫିସ୍, ୯।୧୨**




ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ସଭାରେ ଆଧ୍ୟାତ୍ମ ଗୁରୁ ବାବା ବଳିଆ ଓ ଅନ୍ୟମାନେ।

ସହରର ଗୋପସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରତିଜ୍ଞା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅରିଲୋ ଆଶ୍ରମର ଆଧ୍ୟାତ୍ମିକ ଗୁରୁ ବାବା ବଳିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦର୍ଶ ଛାତ୍ର ଗଠନରେ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସେ ଆଶୀର୍ବଚନରେ ପ୍ରକାଶ କରିଥିଲେ ଯେ, ସାମ୍ପ୍ରତିକ ଶିକ୍ଷା ରାଷ୍ଟ୍ରବାଦୀ ଚିନ୍ତାଧାରାରୁ ଦୂରେଇ ଯାଉଛି। ଏହାଦ୍ୱାରା ଯୁବବର୍ଗ କୁପଥକୁ ସୁପଥ ବୋଲି ଗ୍ରହଣ କରୁଛନ୍ତି। ଏହି ସମସ୍ୟା ଅଭିଭାବକଙ୍କ ଦ୍ୱାରା ସମାଧାନ ହେବ ବୋଲି ବାବା ବଳିଆ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଏସ୍‌ପି ରଞ୍ଜନ କୁମାର ଦେ ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ବାସୁଦେବ ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଧ୍ରୁତିରଞ୍ଜନ ବାରିକ, ସୁଶ୍ରୀ ପଟ୍ଟନାୟକ, ନାହିଦ ପରବିନ୍‌ଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଙ୍କଡ ଉପଦ୍ରବ: ବ୍ୟାପକ ବିରି ଫସଲ ନଷ୍ଟ

**ପାଟକୁରା, ୯।୧୨ (ଡି.ଏନ୍.ଏ.)**

ଚଳିତ ବର୍ଷ ସେପ୍ଟେମ୍ବରରେ ହୋଇଥିବା ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବାରୁ ଧାନ ଫସଲ କ୍ଷତିର ଭରଣା କରିବା ଆଶାରେ ଚାଷୀମାନେ ବହୁ ଜମିରେ ବିରି ଚାଷ କରିଥିଲେ। ମାତ୍ର ଦୁଇ ଦୁଇ ଥର କାଳୀ ମୁଣ୍ଡି ପୋକ ଲାଗି ଫସଲ ନଷ୍ଟ କରିଥିବା ବେଳେ ଚାଷୀମାନେ ତୃତୀୟ ଥର ଜମିରେ ବିରି ମଞ୍ଜି ବୁଣିଥିଲେ। କିନ୍ତୁ ଏବେ ମାଙ୍କଡ଼ ଉପଦ୍ରବ ଯୋଗୁ ତୃତୀୟ ଥର ମଧ୍ୟ ବିରି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ପରିସ୍ଥିତି ଉପୁଜିଛି। ଗଛରେ ବରି ଛୁଇଁ ହେବା ଆରମ୍ଭ ହୋଇଥିବା ବେଳେ ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ମାଙ୍କଡ଼ ଛୁଇଁ ଖାଇଦେବା ସହ ଅନେକ ଗଛ ଓପାଡି ନଷ୍ଟ କରୁଛନ୍ତି। ସକାଳଠାରୁ ସନ୍ଧ୍ୟା ଭିତରେ ମାଙ୍କଡ଼ମାନେ ପ୍ରାୟ ୪ରୁ ୫ଥର ଆସି ଫସଲ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବେତାରୀ ପଞ୍ଚାୟତର ପରକଣା, ବେତାରୀ ଓ ପାଟକୁରା ପଞ୍ଚାୟତର ଯମୁନାବାଦ ଗ୍ରାମରେ ମାଙ୍କଡମାନେ ରହୁଛନ୍ତି। ମାଙ୍କଡଙ୍କୁ ଘଉଡାଇବା ପାଇଁ ବନ ବିଭାଗ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଟଙ୍କା ଧାର ଉଧାର କରି ଚାଷ କାର୍ଯ୍ୟ କରୁଥିବା ବେଳେ ଫସଲ କ୍ଷତି ଯୋଗୁ ଚାଷୀମାନେ ଆର୍ଥିକ ଦୁରବସ୍ଥାର ସମ୍ମୁଖୀନ ହେଉଛନ୍ତି। ସୂଚନାଥାଉ କି, ମାଙ୍କଡ଼ ଉପଦ୍ରବ ଯୋଗୁ ଗତ କିଛି ବର୍ଷ ହେଲା ସ୍ଥାନୀୟ ପରକଣା ଓ ଶ୍ରୀଚନ୍ଦନପୁର ଗ୍ରାମର ଚାଷୀମାନେ ଚିନାବାଦାମ ଚାଷ କରୁ ନାହାନ୍ତି।

## ଭାଷା ଆନ୍ଦୋଳନକାରୀଙ୍କ ସ୍ମାରକପତ୍ର ପ୍ରଦାନ

**କେନ୍ଦ୍ରାପଡା ଅଫିସ, ୯।୧୨**

ଭାଷା ଆନ୍ଦୋଳନର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଭାଷା ଅଧିକାରର ସୁରକ୍ଷା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଇତିମଧ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ସଂଯୋଜକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି ଯେ, ଓଡିଶା ସରକାରୀ ଭାଷା ଅଶିନ ୧୯୫୪ ଆଇନ୍ ଓଡିଶାବାସୀଙ୍କୁ ସମ୍ପୂର୍ଣ୍ଣ ଭାଷା ଅଧିକାର ଅର୍ପଣ କରିଥିଲା। ତେବେ ଏହା କାର୍ଯ୍ୟକାରୀ ନ ହେବାରୁ ଆନ୍ଦୋଳନ କରାଯାଇଥିଲା। ଗତ ୨୦୧୬ରେ ରାଜ୍ୟ ସରକାର ଏଥିରେ ଦଣ୍ଡବିଧାନ ଯୋଡିଛନ୍ତି। ଗତ ମେ ପହିଲାରେ ଏଥିରେ ସଂଶୋଧନ କରାଯାଇ ଓଡିଆ ଭାଷାକୁ ବିପନ୍ନ କରିବାକୁ ଚେଷ୍ଟା କରାଯାଇଥିବାରୁ ଏହି ସ୍ମାରକ ପତ୍ର ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ଏକ ଶୋଭାଯାତ୍ରାରେ ଉଦୟ ନାଥ ଚୌଧୁରୀ, କାଜଲ ଚୌଧୁରୀ, ନିରଞ୍ଜନ ପରିଡା ପ୍ରମୁଖ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ।

## ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ବୈଠକ

**ରାଜନଗର,୯।୧୨(ଡିଏନଏ)**


ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ଆସୋସିଏଶନର ରାଜନଗର ଶାଖା ପକ୍ଷରୁ ରାଜନଗରସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଂପାଦିକା ପୁଷ୍ପଲତା ରଥଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଯୋଗଦେଇ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ଆହ୍ୱାନ କ୍ରମେ ବିଭିନ୍ନ ଦାବି ପୂରଣ ପାଇଁ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଅହୋରାତ୍ର ଧାରଣା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବାଲିକଣା ସେକ୍ଟରର ସେବତୀ ପରିଡା, ରାଜନଗରର ସୁମିତ୍ରା ନାୟକ, ଚାନ୍ଦିବାଉଁଶମୂଳର ମିନତୀ ନାୟକ, ଇଶ୍ୱରପୁରର ମଞ୍ଜୁ ମଲ୍ଲିକ, ତାଳଚୁଆର ଦୀପାଳି ଗିରି, ଡାଙ୍ଗମାଳର ଲୀଳାବତୀ ପ୍ରଧାନ, ଗୁପ୍ତିର କବିତା ବାରିକ, ହାତିନାର ରମାବତୀ ସ୍ୱାଇଁ, ଡେରାର ଅବିଚାରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ନିଯୁକ୍ତି ମେଳା ପ୍ରସ୍ତୁତି

**ପାଟକୁରା, ୯।୧୨ (ଡି.ଏନ୍.ଏ.)**

ଗରଦପୁର ବ୍ଲକରେ ଆସନ୍ତା ୧୨ ତାରିଖରେ ଦିନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏ ନେଇ ବ୍ଲକ ସଭାଗୃହରେ ଗତ ୫ତାରିଖରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବିଡିଓ ଧରଣୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଯୁକ୍ତି ମେଳାକୁ ସଫଳ କରିବା ଦିଗରେ ଆଲୋଚନା କରାଯାଇଥିଲା। ଖଗେଶ୍ୱର ସେଠୀ, ମିଶନ ଶକ୍ତି ବ୍ଲକ ସଂଯୋଜକ ଅଖିଳ କୁମାର ଆଚାର୍ଯ୍ୟ, ଜୀବିକା ମିଶନ ସଂଯୋଜକ ମୋନାଲିସା ନାୟକ, ରବୀନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ରାଉତ, ପ୍ରଗତି ସହାୟକ ସହାୟକ ପ୍ରମୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୭୧ ବ୍ୟାଚ୍ ବନ୍ଧୁ ମିଳନ



ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ରୀ ଓ ଛାତ୍ରମାନେ।

**ଡେରାବିଶ, ୯।୧୨ (ସ୍ୱ.ପ୍ର.)**

ଡେରାବିଶ ଶିକ୍ଷା ସର୍କଲ ଅଧୀନ ଦୋହଳିସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚ୍ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ଥିବା ବିଦ୍ୟାଳୟର ପ୍ରତିଷ୍ଠାତା ବନମାଳୀ ବ୍ରହ୍ମଚାରୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୁରାତନ ଛାତ୍ର ତଥା ନିର୍ମାଣ ଶ୍ରମିକ ସଂଗଠନର ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ୟାଚ୍‌ର ୨୦ ଜଣ ଦିବଂଗତ ବନ୍ଧୁଙ୍କ ପାଇଁ କ୍ୟାଣ୍ଡେଲ ଜାଳି ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଧୀରେନ୍ଦ୍ର ପ୍ରତାପ, ରବୀନ୍ଦ୍ର ସାହୁ, ଶଶିଭୂଷଣ ନାୟକ, ଉମେଶ ପଣ୍ଡା, ରବୀନ୍ଦ୍ର ରଥ, ନୀଳମଣି ଶତପଥୀ, ନରେନ୍ଦ୍ର ସାମଲ, ଗୌରାଙ୍ଗ ସାମଲ, ପ୍ରମୋଦ ପଣ୍ଡା, ନରହରି ନାୟକ, ତାରିଣୀ ଶତପଥୀ ପ୍ରମୁଖ ଛାତ୍ରାବସ୍ଥାର ସ୍ମୃତିଚାରଣ କରିଥିଲେ। ଶେଷରେ ଅଜୟ କୁମାର ପ୍ରତାପ ଧନ୍ୟବାଦ ଦେଇଥିଲେ।

## ଭାଗବତ ପାରାୟଣ ଉଦ୍‌ଯାପିତ

**ରାଜକନିକା,୯।୧୨ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ଅବଦୁଲପୁର ଗ୍ରାମସ୍ଥିତ ମା'ଜଞ୍ଜାଳୀ ଦେବୀଙ୍କ ପୀଠରେ ୭ ଦିନବ୍ୟାପୀ ଚାଲିଥିବା ଭାଗବତ ପାରାୟଣ ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ଗଗନ ବଳ, ଅର୍ଜୁନୀ ଦାସ, ପୁରୁଷୋତ୍ତମ ବାରିକ, ଅରୁଣ କୁମାର ଦାସ, ମନୋଜ ଦାସ, ମହେଶ୍ୱର ଦାସ, ପ୍ରିୟରଞ୍ଜନ ଦାସ, ଚକ୍ରଧର ପାଣ୍ଡବ, ଜ୍ଞାନେନ୍ଦ୍ର ପ୍ରସାଦ ଦାଶ, ବିଷ୍ଣୁ ଚରଣ ଦାସ, କୈଳାସ ବଳ, ଚିନ୍ତାମଣି ସାହୁ, ବାବୁରାମ ଦାସ, ପରମେଶ୍ୱର ଦାସ ଓ ସଦାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସର କାର୍ଯ୍ୟକାରୀ କମିଟି ବୈଠକ




ବୈଠକରେ ଉପସ୍ଥିତ କଂଗ୍ରେସ କର୍ମୀ ଓ ନେତାମାନେ।

**ଡେରାବିଶ, ୯।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅଧୀନ ଭାଣ୍ଡିଲୋଠାରେ କେନ୍ଦ୍ରାପଡ଼ା ଜିଲା ୧୪ ନଂ. ଜୋନ୍ କଂଗ୍ରେସ ଦଳର କାର୍ଯ୍ୟକାରୀ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୋନ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି ଯୋଗଦେଇ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ସ୍ଥିତି ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଜିଲା କଂଗ୍ରେସ କମିଟି ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଡେରାବିଶ ବ୍ଲକର ପୂର୍ବତନ ସଭାପତି ଅନନ୍ତ ଚରଣ ପାତ୍ର ବୈଠକରେ ଯୋଗଦେଇ ଦଳୀୟ କର୍ମୀମାନଙ୍କୁ ଏକଜୁଟ କରାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୪ ନଂ. ଜୋନ୍‌ର ସମସ୍ତ ପଞ୍ଚାୟତର ସଭାପତି, ଦଳୀୟ ସରପଞ୍ଚ ଓ ମହିଳା କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ଜେନା, ବ୍ଲକ କାର୍ଯ୍ୟକାରୀ ସଭାପତି କୈଳାସ କର, ବ୍ଲକ ମହିଳା ସଭାନେତ୍ରୀ ରଶ୍ମିତା ମହାନ୍ତି, ଯୁବନେତା ଦିଲ୍ଲୀପ ମହାନ୍ତି, ସୁଧୀର ରାଉତ, ମାନସ କୁମାର ମଲ୍ଲ, ପ୍ରଦ୍ୟୁମ୍ନ ନାୟକ, ଶିବ ପ୍ରସାଦ ବାରିକ ପ୍ରମୁଖ ବୈଠକରେ ଉଦ୍‌ବୋଧନ ଦେଇଥିଲେ।

■ ହୁକିଟୋଲାରେ ପର୍ଯ୍ୟଟକଙ୍କ ଜମୁଛି ଭିଡ

# ଯାତ୍ରୀ ନିବାସ ନ ଥିବାରୁ ପର୍ଯ୍ୟଟକ ହଟହଟା

**ମହାକାଳପଡା, ୯।୧୨ (ଡି.ଏନ.ଏ.)**



ହୁକିଟୋଲାକୁ ନୌକା ଯୋଗେ ଆସୁଥିବା ପର୍ଯ୍ୟଟକମାନେ।

କେନ୍ଦ୍ରାପଡା ଜିଲା ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳ ମଧ୍ୟରେ ବ୍ରିଟିଶ ନିର୍ମିତ ଐତିହାସିକ ହୁକିଟୋଲା ଦ୍ୱୀପରେ ଶୀତ ଋତୁରେ ପର୍ଯ୍ୟଟକମାନଙ୍କ ଗହଳି ଦେଖିବାକୁ ମିଳିଛି। ସେହିପରି ହୁକିଟୋଲା ସମତେ ଲଞ୍ଚଘୋଲା, ମାର୍ଦ୍ଦଳୀ, ଷୋଳମୁହାଣ, ଅଗରନାସୀ, ବିଶିଙ୍ଗାଡିଆ, ବାହାରଡିଆ, ଭିତରଡିଆ, ହେଟାମୁଣ୍ଡିଆ ଆଦି ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାର ମନୋରମ ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଛି। ଏହି ଅଞ୍ଚଳର ଘଞ୍ଚ ଜଙ୍ଗଲର ଯୋର, ଖାଲ ଓ ସମୁଦ୍ର କୂଳରେ ଜାତୀୟ ଓ ଅନ୍ତର୍ଜାତୀୟ ଚଢେଇ ସମାହାର ଏବେ ଦେଖିବାକୁ ମିଳିଛି। ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକମାନେ ଏଠାକୁ ବଣଭୋଜି କରିବାକୁ ଆସୁଛନ୍ତି। ଜମ୍ବୁଲକ୍ସ୍ଥିତ ଗୋବରୀ ନଦୀ କୂଳରୁ ଜଳପଥରେ ଯନ୍ତ୍ରଚାଳିତ ଡଙ୍ଗା ସାହାଯ୍ୟରେ ପର୍ଯ୍ୟଟକ ହୁକିଟୋଲା ଦ୍ୱୀପକୁ ଆସୁଛନ୍ତି। ସୂଚନାଯୋଗ୍ୟ, ବ୍ରିଟିଶ ଶାସନ ସମୟରେ ପ୍ରାୟ ୧୮୬୬ ମସିହାରେ ଏହି ଦୀପରେ ସାତହଜାର ବର୍ଗଫୁଟ ପରିମିତ ଶିଳାଖଣ୍ଡରେ ଏକ ଅଟ୍ଟାଳିକା ନିର୍ମାଣ କରାଯାଇଥିଲା। ଏହି ଅଟ୍ଟାଳିକାରେ ବ୍ରିଟିଶ ଅଧିକାରୀମାନେ ଶାସନ ସମ୍ବନ୍ଧୀୟ ବିଭିନ୍ନ ଗୁପ୍ତ ବୈଠକ କରୁଥିଲେ। ଏଥିସହ ଏଠାରେ ଓଡିଆ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶାରୀରିକ, ମାନସିକ ନିର୍ଯାତନା ମଧ୍ୟ ଦିଆଯାଉଥିଲା। ଦେଶ ସ୍ୱାଧୀନ ହେବାପରେ ଏହି ଅଟ୍ଟାଳିକାଟି ଏକ ପର୍ଯ୍ୟଟନସ୍ଥଳୀ ପାଲଟିଯାଇଛି। ମାତ୍ର ଏଠାରେ ଯାତ୍ରୀ ନିବାସ ନ ଥିବାରୁ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ରହଣି ପାଇଁ ସରକାରଙ୍କ ପକ୍ଷରୁ ଏଠାରେ କୌଣସି ବ୍ୟବସ୍ଥା କରାଯାଇନାହିଁ।

ଏ ସମ୍ପର୍କରେ ଗହୀରମଥା ରେଞ୍ଜର ଅରବିନ୍ଦ ମିଶ୍ର କୁହନ୍ତି ହୁକିଟୋଲା ଅଟ୍ଟାଳିକା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ନିର୍ମାଣ ହୋଇଥିବାରୁ ବନ ବିଭାଗ ସୁରକ୍ଷା ଦାୟିତ୍ୱରେ ରହିଛି। ତେବେ ଅଟ୍ଟାଳିକାର ମରାମତି ତଥା ପୁନଃ ନିର୍ମାଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗର ରହିଛି। ଏହି ପର୍ଯ୍ୟଟନ କ୍ଷେତ୍ରର ଆଧୁନିକୀକରଣ କରାଗଲେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ମିଶ୍ର ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ବିଜୟଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ବୈଠକ

ମାର୍ଶାଘାଇ,୯।୧୨(ଡିଏନ୍ଏ): ବରିଷ୍ଠ ନେତା ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେବା ପରେ କେନ୍ଦ୍ରାପଡା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ତାଙ୍କ ସମର୍ଥକମାନେ ଭାଜପାରୁ ଇସ୍ତଫା ଦେବାରେ ଲାଗିଛନ୍ତି। ଆସନ୍ତା ୧୨ ତାରିଖ ବୁଧବାର ବିଜୟ କେନ୍ଦ୍ରାପଡାକୁ ଆସୁଥିବାରୁ ମାର୍ଶାଘାଇ ଗୋଜବାୟାଣୀ ପୀଠରେ ତାଙ୍କୁ ସ୍ୱାଗତ କରିବା ପାଇଁ ସମର୍ଥକମାନଙ୍କ ତରଫରୁ ପ୍ରସ୍ତୁତି ଚାଲିଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଗୋଜବାୟାଣୀ ପୀଠ ପରିସରରେ ଶାରଦା ପ୍ରସନ୍ନ ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଦସ୍ୟ ଗଣେଶ ସାମଲ, ସରପଞ୍ଚ ପ୍ରତାପ ଚନ୍ଦ୍ର ରାଉତ, ଜ୍ଞାନରଞ୍ଜନ ବସନ୍ତିଆ, ସୁକାନ୍ତ ଦ୍ୱିବେଦୀ, ଅମିୟ ପରିଜା, ପ୍ରସନ୍ନ ମହାନ୍ତି, ପ୍ରସନ୍ନ ପଣ୍ଡା, କ୍ଷୀତିଶ ଦାସ,ରଞ୍ଜନ ଚୌଧୁରୀ,କୁଳମଣି ଚୌଧୁରୀ,ଡମ୍ବରୁ ସାହାଣୀଙ୍କ ସମେତ ବିଜୟଙ୍କ ଶତାଧିକ ସମର୍ଥକ ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ ।

# ପାଟକୁରା ସ୍ୱାଭିମାନୀ ଯୁବ ଛାତ୍ର ପରିଷଦ ପକ୍ଷରୁ ସଂକଳ୍ପ ସମାବେଶ

ଡେରାବିଶ, ୯।୧୨(ସ୍ୱ.ପ୍ର.)

ଗତ କିଛି ଦିନ ହେବ ଭାଜପାରୁ ବିଜୟ ମହାପାତ୍ରଙ୍କ ଇସ୍ତଫା ରାଜ୍ୟ ରାଜନୀତିକୁ ସରଗରମ କରିଛି । ଅପରପକ୍ଷରେ କେନ୍ଦ୍ରାପଡାରେ ବିଜୟଙ୍କ ପତିଆରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମର୍ଥକମାନେ ଜୋରଦାର ଅଣ୍ଟା ଭିଡିଛନ୍ତି । ଜିଲାର ଗୁରୁତ୍ୱପୂର୍ଣ୍ଣ ପାଟକୁରା ନିର୍ବାଚନ ମଣ୍ଡଳୀରେ ତାଙ୍କ ସ୍ଥିତି ମଜଭୁତ କରିବା ପାଇଁ ଗରଦପୁର, ଡେରାବିଶ ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ସଂକଳ୍ପ ସମାବେଶ ଆୟୋଜନ କରାଯାଉଛି।

ଶନିବାର ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତର ଦାନପୁର ଠାରେ ପାଟକୁରା ସ୍ୱାଭିମାନୀ ଯୁବ ପରିଷଦ ପକ୍ଷରୁ ଏକ ସଂକଳ୍ପ ସମାବେଶ ଆୟୋଜିତ ହୋଇଥିଲା । ଏହି ସମାବେଶରେ ପରିଷଦର ସଭାପତି ବୁଦ୍ଧାଦିତ୍ୟ ଦାଶ ଅଧକ୍ଷତା କରିଥିଲେ । ଏଥିରେ ସ୍ଥାନୀୟ ସରପଞ୍ଚ ତଥା ବରିଷ୍ଠ ଭାଜପା ନେତା ବିଭୁଦେନ୍ଦୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟକୁରା ମାଟିର ପୁଅ ବିଜୟବାବୁ ନିଜର ଦକ୍ଷତାକୁ ପ୍ରମାଣ କରି ପାଟକୁରାର ସାମୁହିକ ବିକାଶ ତଥା ଜିଲାର ସ୍ୱାଭିମାନ ପାଇଁ ସଂଗ୍ରାମ ଜାରି ରଖିଛନ୍ତି ବୋଲି କହିଥିଲେ । ସମାବେଶରେ ନୱାଜ ଜାଫର, ପରିଷଦ ଆବାହକ ଅରୁଣ ମହାପାତ୍ର, ଯୁବନେତା ଜ୍ୟୋତି ରଞ୍ଜନ ପତି, ଅମୀୟକାନ୍ତ ପରିଡା ଅତିଥି ଭାବେ ଯୋଗଦେଇ ପାଟକୁରାର ଜନସାଧାରଣ ବିଜୟଙ୍କୁ ସମର୍ଥନ ଜଣାଇବାକୁ ନିବେଦନ କରିଥିଲେ । ପରିଷଦର ସମ୍ପାଦକ ଜଗଦୀଶ ପ୍ରସାଦ ପାଣି, ଦିଲିପ କୁମାର ପୃଷ୍ଟି, ବିଶ୍ୱଦର୍ଶନ ସ୍ୱାଇଁ, ସୀତାକାନ୍ତ ମହାନ୍ତି ପ୍ରମୁଖ ବିଜୟ ଯୁଆଡେ ଆମେ ସିଆଡେ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ତେବେ ଦୁର୍ବଳ ସ୍ଥିତିରେ ଥିବା ଭାଜପାକୁ ଅଧିକ ସୁସଂଗଠିତ କରିଥିବା ବିଜୟଙ୍କୁ ଦଳୀୟ କର୍ତ୍ତୃପକ୍ଷ ବାରମ୍ବାର ଅଣଦେଖା କରିବାରୁ ବିଜୟ ଦଳ ଛାଡିଥିବା ବକ୍ତାମାନେ କହିଥିଲେ । ଆଗାମୀ ନିର୍ବାଚନରେ ବିଜୟ ଯେଉଁ ଦଳରୁ ପ୍ରାର୍ଥୀପତ୍ର ଦାଖଲ କରିବେ ତାଙ୍କ ପ୍ରାର୍ଥୀତ୍ୱକୁ ଆମେମାନେ ସମର୍ଥନ ଜଣାଇବୁ ବୋଲି ସମାବେଶରେ ସଂକଳ୍ପ ନେଇଥିଲେ । ଶେଷରେ ଅରୁଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ସଂକଳ୍ପ ସମାବେଶରେ ଭାଜପା ନେତାମାନେ।

# ଜନ ପରାମର୍ଶ ପଦଯାତ୍ରା

ଡେରାବିଶ,୯।୧୨(ସ୍ୱ.ପ୍ର.)

ପାଟକୁରା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଆରମ୍ଭ ହୋଇଛି ଜନ ପରାମର୍ଶ ପଦଯାତ୍ରା । ଏହି ଅବସରରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଉତ୍କଳ କେଶରୀ ପରିଡାଙ୍କ ନେତୃତ୍ୱରେ ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତର ବସୁପୁରଠାରେ ଥିବା ଗାନ୍ଧୀ ସ୍ମୃତିପୀଠରୁ ପଦଯାତ୍ରା ବାହାରିଥିଲା । ଏହି ପଦଯାତ୍ରା ବସପୁର ପଞ୍ଚାୟତ ଅଧୀନ ହାଟବାଣପୁର, ଜହ୍ନିମୂଳ, ଭାଣ୍ଡିଲୋ, ଝିଙ୍କଡ଼ି, ମାଣିକବଜାର, ରତାଦିଆ ଖଣ୍ଡସାହି ପଞ୍ଚାୟତର ଅନୁଆପଡା, ହରିପୁର, ସୋରିଷିଆ ଗ୍ରାମରେ ପରିକ୍ରମା କରିଥିଲା । ସେହିପରି ଦାନପୁର ପଞ୍ଚାୟତର ନରସିଂହପୁର ଓ ଗହଗା ଗ୍ରାମ ପରିକ୍ରମା କରିବା ପରେ ଭାଗବତପୁରଠାରେ ଆଜିର ଏହି ପଦଯାତ୍ରା ଶେଷ ହୋଇଥିଲା । ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଆହୁରି ଶକ୍ତିଶାଳୀ କରିବାକୁ ନିବେଦନ କରାଯାଇଥିଲା । ଏହି ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ଜିଲା ସମ୍ପାଦକ ପ୍ରସନ୍ନ ପରିଡ଼ା, ଦଳୀୟ ପ୍ରଭାରୀ କରୁଣାକର ସାହୁ, ଡେରାବିଶ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ନାୟକ, ପୂର୍ବତନ ସମିତିସଭ୍ୟ ଗୌତମ ପରିଡା, ୧୪ ନଂ ଜୋନ୍ ସଭାପତି ଅମିୟ ମିଶ୍ର, ୧୩ ନଂ ଜୋନ୍ ସଭାପତି ଅଶୋକ ସାହୁ, ବରିଷ୍ଠ ଭାଜପା ନେତା ଅଶ୍ୱିନୀ କୁମାର ମହାନ୍ତି, ରଶ୍ମିରଞ୍ଜନ ସ୍ୱାଇଁ, ଖମୋଳ ସରପଞ୍ଚ ଲିଲିମା ପରିଡା, ହରିଅଙ୍କ ସରପଞ୍ଚ ଯୁଗଳ ମହାନ୍ତି, ରତାଦିଆ ଖଣ୍ଡସାହି ସରପଞ୍ଚ ଗୀତାଞ୍ଜଳି ସେଠୀ, ତନ୍ମୟ ଦାସ ପ୍ରମୁଖ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ । ପଦଯାତ୍ରାରେ ବହୁ ସଂଖ୍ୟକ ମହିଳା ଓ ଯୁବକ ସାମିଲ ହୋଇଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାଣ ନିୟମ ପକାଉ କେତେ,**
**ଶୃଙ୍ଖଳା ସୁଆଗ ଲଗାଉ କେତେ ।**

ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳଦୁଆ ପଡ଼ିଥାଏ । ପତିପତ୍ନୀଙ୍କ ମଧ୍ୟରେ ବିଶ୍ୱାସ ଓ ଭଲପାଇବା ଯେତେ ଦୃଢ଼ ହୁଏ, ସେମାନଙ୍କ ଦାମ୍ପତ୍ୟଜୀବନ ସେତେ ସୁଖମୟ ହୋଇଥାଏ। ତେବେ ଯେଉଁଠି ଆନ୍ତରିକତା ନ ଥାଏ ସେଠି ସବୁ ସମ୍ପର୍କ ତୁଚ୍ଛ ଲାଗିଥାଏ। ଏଭଳି ସ୍ଥଳେ ଫମ୍ପା ମାଠିଆ ଭଳି ଉପର ଦେଖାଣିଆ ସ୍ନେହ ଶ୍ରଦ୍ଧାରେ କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରାଉ ରାଉ ତୁ ହଉଚୁ କିଆଁ ?**
**ଓଦା କାଠରେ ଲଗାଉଚୁ ନିଆଁ ।**

ଯେତେ ଚେଷ୍ଟା କଲେ ମଧ୍ୟ ଓଦା କାଠରେ ନିଆଁ ଧରିବା କଷ୍ଟକର ସେଥିପାଇଁ ମନରେ ରାଗଭାବ ଆଣିବା ନିରର୍ଥକ। ପରୋକ୍ଷରେ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡ଼ା ଝାଟି କରୁଥିବାର ଦେଖିବାକୁ ମିଳିଥାଏ । ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ । ତିଳକୁ ତାଳ କରି କଥା ବଢ଼ାଇ ପରିବେଶକୁ ତିକ୍ତ କରୁଥିବା କଳହପ୍ରିୟ ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜିଲା ଶିକ୍ଷାଧିକାରିଣୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

ମାର୍ଶାଘାଇ,୯।୧୨(ଡିଏନ୍ଏ)

କେନ୍ଦ୍ରାପଡା ଜିଲା ଶିକ୍ଷାଧିକାରିଣୀ କଳ୍ପନା କୁମାରୀ ବେହେରା ଶନିବାର ଅଚାନକ ମାର୍ଶାଘାଇ ଗସ୍ତ କରି ମାର୍ଶାଘାଇ ସରକାରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ସେ ସକାଳ ପ୍ରାୟ ସାଢେ ୮ଟାରେ ବିଦ୍ୟାଳୟରେ ପହଁଞ୍ଚି ତୃତୀୟ ଶ୍ରେଣୀରେ ପାଠ ପଢାଉଥିବା ଜଣୈକା ଶିକ୍ଷୟିତ୍ରୀଙ୍କ ଭୁଲ ଧରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରଶ୍ନ କରି ପାଠପଢାର ମାନ ଯାଞ୍ଚ କରିଥିଲେ। ଏହାଛଡା ଅନ୍ୟ ଶ୍ରେଣୀ ବୁଲି ଛାତ୍ରୀଛାତ୍ରମାନଙ୍କ ଠାରୁ ପାଠପଢା ସଂପର୍କରେ ବୁଝିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥାନ ଖାତା ତନଖି କରିଥିଲେ। ଜିଲା ଶିକ୍ଷାଧିକାରିଣୀଙ୍କ ସହ ଭଞ୍ଜକିଶୋର ନାୟକ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଧିକାରୀ ରବି ନାରାୟଣ ଦାଶ ଉପସ୍ଥିତ ଥିଲେ।

# ସୁବର୍ଣ୍ଣ ଜୟନ୍ତୀ ପାଳନ ଲାଗି ପ୍ରସ୍ତୁତି

ରାଜନଗର,୯।୧୨(ଡିଏନଏ)

ରାଜନଗର ବ୍ଲକ କେରଡାଗଡ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତିବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ମୁଖ୍ୟଅତିଥି ଭାବରେ ନିମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଉତ୍ସବ ଜାନୁୟାରୀ ୧୫ରୁ ୧୭ ତାରିଖ ୩ ଦିନ ଧରି ଅନୁଷ୍ଠିତ ହେବ। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ଅନିଲ କୁମାର ବଳ, ଶିକ୍ଷାବିତ ବିରଞ୍ଚି ନାରାୟଣ ଜେନା, ସୁବାଷ ଚନ୍ଦ୍ର ଦାସ, ମହେଶ୍ୱର ସୂତାର, ନଟବର ରାଉତ, ରାଧାରମଣ ବଳ, ବସନ୍ତ କୁମାର ପାତ୍ର, ନବକିଶୋର ପାତ୍ର, ଅରୁଣ କୁମାର ବଳ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରିବାକୁ ସ୍ଥିର କରାଯାଇଥିଲା।

# ୪ ପ୍ରକଳ୍ପର ଶିଳାନ୍ୟାସ

ରାଜନଗର, ୯।୧୨(ଡିଏନଏ)

ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଶନିବାର ୪ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ୨କୋଟି ଟଙ୍କା ବ୍ୟୟରେ ଏହି ୪ ପ୍ରକଳ୍ପ ନିର୍ମାଣ ହେବ। ରାଜନଗରର ପୁରୁଣା ରାଜସ୍ୱ ଡାକବଙ୍ଗଳା ପରିସରରେ ପୁରୁଣା କୋଠା ଭଙ୍ଗାଯାଇ ନୂତନ ରାଜସ୍ୱ ଡାକବଙ୍ଗଳା ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏଥିସହ ରାଜସ୍ୱ ଡାକବଙ୍ଗଳା ପରିସରରେ ୧ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟରେ ନୂତନ ତହସିଲ କାର୍ଯ୍ୟାଳୟ ନିର୍ମାଣ ହେବ। ବିଧାୟକ ଏହି ୨ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏହି ଦୁଇଟି ପ୍ରକଳ୍ପ ନିର୍ମାଣ ହେବ। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ରାଜନଗର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତି ସଭ୍ୟ ସତ୍ୟବାନ ସେଠୀ, ବ୍ଲକ କଂଗ୍ରେସ କମିଟି ସଭାପତି ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ୩୧ ନଂ ଜୋନ କଂଗ୍ରେସ ସଭାପତି ଅଶୋକ କୁମାର ବଳ, କଂଗ୍ରେସନେତା ଅରୁଣ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ୧୬ ଲକ୍ଷ ୪୪ ହଜାର ଟଙ୍କା ବ୍ୟୟରେ ରିଘାଗଡ-ଡାଙ୍ଗମାଳ ଲୁଣା ଘେରିବନ୍ଧର ଥାନପତି ସ୍ଲୁଇସ ଓ ୧୬ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ଡାଙ୍ଗମାଳ-ଡାଲଖାଇ ଲୁଣା ଘେରିବନ୍ଧର କୃଷ୍ଣନଗର ସ୍ଲୁଇସ ନିର୍ମାଣ ହେବ। ରାଜନଗର ବିଧାୟକ ମହାନ୍ତି ଏହି ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା,ସମିତିସଭ୍ୟ ନନ୍ଦିନୀ ବେହେରା, ଯୁବନେତା ପ୍ରଭାତ କୁମାର ବେହେରା, ରୀତା ରାଣୀ ମାଇତି ପ୍ରମୁଖ ଯୋଗ ଦେଇଥିଲେ।

# ନିର୍ବାଚନ ପୂର୍ବରୁ ପାନୀୟ ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ଧୂଆଁବାଣ


କାନପୁରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

ମାର୍ଶାଘାଇ,୯।୧୨(ଡିଏନ୍ଏ)

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ମହାକାଳପଡା ବ୍ଲକର ସରୁମୁହିଁ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମେଗା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଧୂଆଁବାଣ ବୋଲି ଭାଜପା କହିଛି । ବିଜୁବାବୁ ସାରା ଓଡିଶାରେ ପ୍ରଖ୍ୟାତ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲାବାସୀ ତାଙ୍କୁ ନିର୍ବାଚନରେ ଜିତାଇ ଏକଦା ତାଙ୍କ ସମ୍ମାନ ରକ୍ଷା କରିଥିଲେ। କେବଳ ସେତିକି ନୁହେଁ ବିଜୁ ବାବୁ ନିଜେ ଏବଂ ତାଙ୍କ ନାମରେ ନେତାମାନେ କେନ୍ଦ୍ରାପଡାରୁ ଭୋଟ ନେଇ ରାଜନୀତି କରି ଆସୁଥିବା ବେଳେ ଜିଲାର ସେଭଳି ଆଖିଦୃଶିଆ ଉନ୍ନତି ହୋଇନାହିଁ । ଶିଳ୍ପ ବିହୀନ ଏହି ଜିଲାର ଲୋକେ ଏବେ ବି ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଏହିସବୁ ପ୍ରସଙ୍ଗକୁ ନେଇ ଶନିବାର ଅପରାହ୍ନରେ କାନପୁର ଶାରଳା ମଣ୍ଡପଠାରେ ଏକ ଖବରଦାତା ସମ୍ମିଳନୀ କରି ମହାକାଳପଡାର ଭାଜପା ନେତା ଭୁବନ ମୋହନ ଜେନା କହିଥିଲେ ଯେ, ବିଜେଡିର ନିର୍ବାଚନୀ ଚାଲକୁ ଲୋକେ ବୁଝି ସାରିଲେଣି । ୨୦୧୯ ନିର୍ବାଚନରେ ଭାଜପା ସରକାର ଗଢିଲେ ୩ ମାସ ମଧ୍ୟରେ କେନ୍ଦ୍ରାପଡାକୁ ଶିଳ୍ପ ସମୃଦ୍ଧ କରିବା ସହ ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ କରିବ । ଏଥିସହ ମତ୍ସ୍ୟ ଜୀବୀମାନେ ପରିବେଶ ଆଇନ ଯୋଗୁ ବର୍ଷର ଅର୍ଦ୍ଧାଧିକ ସମୟ ମାଛ ମାରି ପାରୁ ନ ଥିବାରୁ ସେମାନଙ୍କୁ ସେହି ସମୟ ପାଇଁ ଭତ୍ତା ପ୍ରଦାନ କରିବ । ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା, ଜିଲା ଉପ ସଭାନେତ୍ରୀ ତଥା ଜିଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ,୨୫ ନଂ ଜୋନ ସଭାପତି ଇଂ ପ୍ରକାଶ ଚନ୍ଦ୍ର ଦାସ,୧୯ନଂ ଜୋନ୍ ସଭାପତି ସତ୍ୟ ପ୍ରକାଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିଜ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଣ୍ଟିକାରୁ ଅପରାହ୍ନ ୨ ଘଣ୍ଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା
ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଟ୍ରକ୍ ଚାଳକ ମୃତ

**ପାରାଦୀପ,୯।୧୨(ସ୍ୱ.ପ୍ର.):** ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ୫ନଂ(କ) ଜାତୀୟ ରାଜପଥର କଣ୍ଟାଘର ନିକଟରେ ରବିବାର ଅଜଣାଗାଡ଼ି ଧକ୍କାରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ଚକ୍ରଧରପୁରର ପ୍ରକାଶ ଚନ୍ଦ୍ର ଖିଲାର(୨୬)। ସେ କୌଣସି କାରଣରୁ ରାସ୍ତା କଡ଼ରେ ଶୋଇଥିବା ବେଳେ ଅଜଣା ଗାଡ଼ି ତାଙ୍କୁ ଚଢ଼ାଇ ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ପରେ ଏକାଧିକ ଗାଡ଼ି ତାଙ୍କ ଉପରେ ଯାତାୟାତ ହେବା ଫଳରେ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ରାସ୍ତାରେ ବିକ୍ଷିପ୍ତଭାବେ ପଡ଼ିଥିଲା। ପରେ ଖବର ପାଇ ଲକ୍ ଥାନା ପୋଲିସ ପହଞ୍ଚି ରାସ୍ତାରୁ ସେହି ଖଣ୍ଡ ବିଖଣ୍ଡିତ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ମାମଲା ନଂ -୧୭୯/୧୮ ରୁଜୁ ହୋଇଛି।

### ପୋଖରୀରୁ ମିଳିଲା ମୃତଦେହ

**ନାଉଗାଁ,୯।୧୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଖଇରା ଗ୍ରାମର ଏକ ପୋଖରୀରୁ ରବିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଭଗବାନ ଦାସ (୫୦)। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ରାତିରେ ସେ ସ୍ତ୍ରୀଙ୍କ ସହ ଝଗଡ଼ା କରି ମାଛ ଧରିବାକୁ ନିମ ପୋଖରୀକୁ ଯାଇଥିଲେ। ପରେ ଆଉ ଫେରି ନ ଥିଲେ। ରବିବାର କିଛି ଲୋକ ଉକ୍ତ ପୋଖରୀରେ ମାଛ ଧରିବା ପାଇଁ ଜାଲ ପକାଇବା ସମୟରେ ପାଣିରେ କେହି ବୁଡି ଯାଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଶିଶୁମନ୍ଦିର ରଜତ ଜୟନ୍ତୀ ସମାରୋହ

**ବାଲିକୁଦା,୯।୧୨(ସ୍ୱ.ପ୍ର.):** ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ପ୍ରତାପ କୁମାର ମିଶ୍ର, ଶିଶିର କୁମାର କାନୁନଗୋ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ମଧ୍ୟାହ୍ନରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଥିଲା। 'ମୋର ବିକାଶରେ ଶିଶୁ ଶିଶୁମନ୍ଦିର ଅବଦାନ ଓ ସାମାଜିକ ବିକାଶରେ ମୋର ଭୂମିକା' ଶୀର୍ଷକ ଉପରେ ଆଲୋଚନାଚକ୍ର ହୋଇଥିଲା। ଅପରାହ୍ନରେ ଆୟୋଜିତ ସଭାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପିଜି କାଉନ୍ସିଲର ଅଧକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ମୁଖ୍ୟଅତିଥି, ଶିକ୍ଷା ବିକାଶ ସମିତି ସହ ସଂଗଠନର ରମାକାନ୍ତ ମହାନ୍ତି ମୁଖ୍ୟବକ୍ତା, ଭୁବନେଶ୍ୱର ଓୟୁଏଟିର କଲେଜ ଅଫ ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିର ନିର୍ଦ୍ଦେଶକ ପ୍ରଫେସର ବିକାଶ ପଣ୍ଡା, ବାଲିକୁଦା ମଣ୍ଡଳ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ, ରଜତ ଜୟନ୍ତୀ କମିଟି ଅଧକ୍ଷ ଡା. ମହେଶ୍ୱର ପ୍ରଧାନ, ବିଦ୍ୟାଳୟ ପରିଚାଳନା ପରିଷଦ ସମ୍ପାଦକ ରାମକୃଷ୍ଣ ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ସସ୍ମିନ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### କୃତୀ ଶିକ୍ଷକଙ୍କ ପରଲୋକ

**ବାଲିକୁଦା,୯।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ବାରିଲୋର କୃତୀ ଶିକ୍ଷକ ବିଷ୍ଣୁ ଚରଣ ଦାସ(୯୨)ଙ୍କ ରବିବାର ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ହେତୁ ଚିକିତ୍ସାଧୀନ ଥିଲେ। ବୋରିକିନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକତା କରି ସେ ଅବସର ନେଇଥିଲେ। ଭଗବାନ ଲେଙ୍କା, ଅନନ୍ତ ଚରଣ ଦାସ, ପ୍ରହ୍ଲାଦ ପରିଡା, ବନମାଳି ମହାନ୍ତି, ବଂଶୀଧର ଶତପଥୀ, ବିଷ୍ଣୁ ଚରଣ ସ୍ୱାଇଁ, ଜ୍ଞାନରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଶତାଧିକ ପୁରାତନ ଛାତ୍ର ତାଙ୍କ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ଅଶୋକ ଦାସ ମୁଖାଗ୍ନି ଦେଇଥିଲେ।

# ହୋଇପାରୁନି ପର୍ଯ୍ୟଟନ କ୍ଷେତ୍ରର ବିକାଶ

## ଆସିଲାଣି ପର୍ଯ୍ୟଟନ ଋତୁ

- ହ୍ରାସପାଉଛି ପର୍ଯ୍ୟଟକଙ୍କ ଆଗମନ
- ଫାଇଲ ତଳେ ରହିଛି ଅନେକ ଯୋଜନା

**ଜଗତସିଂହପୁର ଅଫିସ, ୯।୧୨**


ଏରସମାଠାରେ ଥିବା ଶିଆଳି ସିବିଚ୍ ୱାଚ୍ ଟାୱାର।

ଆରମ୍ଭ ହୋଇଗଲାଣି ପର୍ଯ୍ୟଟନ ଋତୁ। ଜଗତ୍‌ସିଂହପୁର ଜିଲାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଥିଲେ ମଧ୍ୟ ସେଗୁଡିକର ଉନ୍ନତୀକରଣ ଓ ବିକାଶ ପ୍ରତି ସରକାର ଧ୍ୟାନ ଦେଉନାହାନ୍ତି। ତେଣୁ କ୍ରମଶଃ ଏହି ଜିଲାକୁ ପର୍ଯ୍ୟଟକମାନଙ୍କ ଆଗମନ କମିବାରେ ଲାଗିଛି। ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ପାଇଁ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନେକ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେସବୁ ବିଭାଗୀୟ ଫାଇଲ ତଳେ ଚାପି ହୋଇରହିଛି।

ଝଙ୍କଡ଼ ଶାରଳାଙ୍କ ପୀଠ କେବଳ ଜଗତ୍‌ସିଂହପୁର ଜିଲା ନୁହେଁ, ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ପାଇଛି। ବର୍ଷବ୍ୟାପୀ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଅତିଥି ଏଠାକୁ ଆସିଥାନ୍ତି। ସେହିପରି ପାରାଦୀପ ସମୁଦ୍ର ବେଳାଭୂମି, ସି ହାବୋର, ଗଡ଼କୁଜଙ୍ଗର କୁଞ୍ଜବିହାରୀ ମଠ, ସିଆଳି ବେଳାଭୂମି, ଚାନ୍ଦପୁର ରଘୁନାଥଜୀଉ ମନ୍ଦିରକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ଗ୍ରହଣ କରାଯାଇଛି। କୁଞ୍ଜବିହାରୀ ମଠ ପରିସର ବିରାଟ ଜଗନ୍ନାଥ ମନ୍ଦିର ଜିଲାର ଏକ ଆକର୍ଷଣ ସାଜିଥିଲେ ସୁଦ୍ଧା ଏହାର ଉନ୍ନତିକରଣ କରାଯାଉନି। ସିଆଳି ବେଳାଭୂମିର ମଧ୍ୟ ଆଶାନୁରୂପ ବିକାଶ ହୋଇପାରୁନି। ରାତ୍ରି ରହଣୀ ପାଇଁ ପାନ୍ଥଶାଳା, ସୁରକ୍ଷା ପାଇଁ ଫାଣ୍ଡି ଆଦି କରିବା ଉଚିତ ବୋଲି ପ୍ରସ୍ତାବ ଦିଆଯାଇଛି। ରଘୁନାଥଜୀଉ ମନ୍ଦିର କାରୁକାର୍ଯ୍ୟ ଲୋକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏହି ବଡ଼ ମନ୍ଦିରରେ ରାମ, ସୀତା, ଲକ୍ଷ୍ମଣ ଓ ଚନ୍ଦ୍ରଶେଖରଙ୍କ ସୁନ୍ଦର ମୂର୍ତ୍ତି ପୂଜା ପାଉଛନ୍ତି। କିନ୍ତୁ ଯାନବାହନ ରଖିବାକୁ ସେଠାରେ ପାର୍କିଂ ସମସ୍ୟା ରହିଛି। ଏହାର ଉନ୍ନତୀକରଣ ସହ ବିବାହ ମଣ୍ଡପ, ଛୋଟ ଛୋଟ ଦୋକାନ ଆଦି କରାଯିବା ଆବଶ୍ୟକ। ଧଳତଙ୍ଗଗଡ଼ ଜଙ୍ଗଲକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦିଆଯାଇଛି। ହରିଣଙ୍କ ପାଇଁ ଏହି ଜଙ୍ଗଲର ସ୍ୱତନ୍ତ୍ରତା ରହିଛି। ଏହାବାଦ୍ ଅନ୍ୟ ବନ୍ୟପ୍ରାଣୀ ମଧ୍ୟ ଏଠାରେ ରହିଛନ୍ତି। ଜଙ୍ଗଲ ପରିବେଶ ବେଶ ଆକର୍ଷଣୀୟ। ଧ୍ରୁବ ତପସ୍ୟାସ୍ଥଳ ଧଉଳୀକୁଦ ମଧ୍ୟ ବେଶ୍ ଜଣାଶୁଣା। ଏଠାରେ ଦିବାରାତ୍ର ଅଖଣ୍ଡ ଧୋନି ଦେଖିବାକୁ ମିଳେ। ଏହା ପାର୍ଶ୍ୱରେ ବନ ଦୁର୍ଗା ମନ୍ଦିର ରହିଛି। ୨୦୧୫ ଫେବୃୟାରୀରେ ଏହି ଜଙ୍ଗଲ ଭିତରେ ଇକୋ ଟୁରିଜିମ୍ କେନ୍ଦ୍ର କରିବାକୁ ଅଞ୍ଚଳ ମଞ୍ଜୁର ହୋଇଥିଲା। ବହୁ ବିଳମ୍ବରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନି। ୧ ଏକର ଜମିରେ ୨ଟି ବିଶ୍ରାମ କକ୍ଷ, ୧୦ ଚେୟାର, ୧୧ ପିଣ୍ଡି, ଭିତର ରାସ୍ତା, ମହିଳା ଓ ପୁରୁଷ ପରିଶ୍ରାଗାର, ୨ଟି ରୋଷଘର ଆଦି କାମ କରାଯିବାକୁ ଯୋଜନା ହୋଇଥିଲା। ଏଥିସହ ଘାସ ଗାଲିଚା, ୨ଟି ହରିଣ ମୂର୍ତ୍ତି ଏବଂ ଫୁଲ କୁଣ୍ଡ ବ୍ୟବସ୍ଥା ହୋଇଥିଲା। ଗାଡି ରଖିବାକୁ କେବଳ ପାର୍କିଂ ଏବଂ ପିଣ୍ଡି ଆଦି କରିବା ବାକି ଥିଲା। କିନ୍ତୁ ଯୋଜନା ମୁତାବକ କାମ ସରିନାହିଁ। ଏଥିସହ ଜିଲା ମୁଖ୍ୟାଳୟସ୍ଥିତ ସୋମନାଥ ମନ୍ଦିର ଓ ଅନ୍ୟ ପର୍ଯ୍ୟଟନ କ୍ଷେତ୍ର ରହିଛି। କିନ୍ତୁ ସେସବୁର ଉନ୍ନତୀକରଣ ହେଉନାହିଁ। ଜିଲା ମୁଖ୍ୟାଳୟରେ ଜିଲାର ବିଭିନ୍ନ ପର୍ଯ୍ୟଟନକ୍ଷେତ୍ରର ଦୂରତା ଜାଣିବା ପାଇଁ ୱେ ଇଣ୍ଡିକେଟର କରିବା ଆବଶ୍ୟକ ଥିଲେ ମଧ୍ୟ ତାହା କରାଯାଉନାହିଁ। ମାଛଗାଁ ଗାରୋଇ ଚନ୍ଦନ ପୋଖରୀ ପରିସରରେ ପାର୍କିଂ, ଭୋଜନ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା, ପଞ୍ଚଶଖା ଧାନକୁଦରେ ପାର୍କିଂ, ସୁରକ୍ଷା ପାଚେରି, ଭାସିନିଟି ସେଣ୍ଟର, ପରିଶ୍ରାଗାର ଆଦି କରାଯିବା ଆବଶ୍ୟକ। ମରିଚିପୁର ବନ୍ଦର ଉନ୍ନତିକରଣ ଯଥା ସମୁଦ୍ର ପାର୍ଶ୍ୱରେ ପଥର ବନ୍ଧ, ସିମେଣ୍ଟ କଂକ୍ରିଟ ରାସ୍ତା, ଡଙ୍ଗା ଆଦିରେ ଯାତାୟାତ ପାଇଁ ଜେଟି, ବନ୍ଦରାଇ ଠାକୁରାଣୀ ମନ୍ଦିରର ଉନ୍ନତୀକରଣ, ପାଚେରି, ବ୍ରିଟିଶ୍‌ମାନଙ୍କ ପୋର୍ଟର ଭଗ୍ନାବଶେଷର ଉନ୍ନତି ଆଦି କରିବାକୁ ତତ୍କାଳୀନ ଜିଲାପାଳ ସତ୍ୟରଞ୍ଜନ ମଲ୍ଲିକ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହୋଇନାହିଁ। ବନ୍ଦରେଇ ପାଚେରି ହେବାର ଥିଲେ ସୁଦ୍ଧା ତାହା କରାଯାଉନି। ଗୋରେଖନାଥ, ବାଇଶି ମଉଜାର ଜଗନ୍ନାଥ ମନ୍ଦିର, ଶାଳିଜଙ୍ଗା ମଠ, ପଞ୍ଚୁପଲ୍ଲୀ, ଯଶୋବନ୍ତପୀଠ ଆଦିରେ ମଧ୍ୟ ଅନେକ କିଛି କରାଯିବାର ଆବଶ୍ୟକତା ରହିଛି।

# ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର


ବିଧାୟିକା ରାଜଶ୍ରୀ ମଲ୍ଲିକ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର କରୁଛନ୍ତି।

**ତିର୍ତ୍ତୋଲ,୯।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ କନକପୁର ଏବଂ କୋଷ୍ଟୀମଲ୍ଲିକାପୁର ପଞ୍ଚାୟତରେ ରବିବାର ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କ ଦ୍ୱାରା ଆମ ଗାଁ, ଆମ ବିକାଶ ଯୋଜନାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରଥମେ ବିଧାୟିକା କୋଷ୍ଟୀମଲ୍ଲିକାପୁର ପଞ୍ଚାୟତରେ ପହଞ୍ଚି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ କେଉଳକୁ ସଂଯୋଗ କରୁଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ କନକପୁର ପଞ୍ଚାୟତ ଗସ୍ତକରି ଦଳିଆ ଛକଠାରେ ଦେବେନ୍ଦ୍ର–ବେଗୁନିଆ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ, ଦଳିଆ ଛକରେ ଦଳିଆ ପୋଖରୀର ପୁନରୁଦ୍ଧାର, ସର୍ଦ୍ଦଳା ଗ୍ରାମରେ ରାଣୀହୁଡା ପୋଖରୀର ପୁନରୁଦ୍ଧାର, ବିଶ୍ୱମ୍ଭର ପୋଲ ନିକଟରେ ଗୋଷ୍ଠୀ କେନ୍ଦ୍ର ଗୃହ, କନକେଶ୍ୱର ମହାଦେବଙ୍କ ନିକଟରେ ଗୋଷ୍ଠୀ କେନ୍ଦ୍ର ଗୃହ ଓ କନକପୁର ଶାସନ ମା' ଜାଗୁଳାଇଙ୍କ ନିକଟରେ ଗୋଷ୍ଠୀ କେନ୍ଦ୍ର ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟା ଲିପାଲି ରାଉଳ, କନକପୁର ସରପଞ୍ଚ ନମିତା ରାଉଳ, ସମିତିସଭ୍ୟ ଅଜୟ ରାଉଳ, ତିର୍ତ୍ତୋଲ ବ୍ଲକ ବିଜେଡି ସମ୍ପାଦକ ଅମରଜ୍ୟୋତି ସାହୁ, ବିଜୟ ନାୟକ, ତପନ ମହାନ୍ତି, ସିଦ୍ଧାର୍ଥ ଶଙ୍କର ରାଉଳ, ନୃସିଂହ ରାଉଳ, ନିକୁଞ୍ଜ ପଣ୍ଡା, ନାଏବ ସରପଞ୍ଚ ବରଦା ପ୍ରସନ୍ନ ସାହୁ, ଯୁବ ବିଜେଡି ସଭାପତି ସୁବ୍ରତ ଦାଶ, ଅକ୍ଷୟ ସ୍ୱାଇଁ ଓ ପ୍ରମିଳା ଦାସଙ୍କ ସମେତ ବିଜୁ ଯୁବ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ


ଅତିଥି ଜଣେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ବିରିଡି,(ଡି.ଏନ.ଏ)/ବାଲିଆ: ୯।୧୨:** ବିରିଡ଼ି ବ୍ଲକ ମଙ୍ଗୁଳି ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର 'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ମଙ୍ଗୁଳିଠାରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗୁଳି ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସ୍ମୃତି ମଞ୍ଜରୀ ପରିଜା, ସମ୍ମାନିତ ଅତିଥି ଶିବ ପ୍ରସାଦ ଜେନା ଯୋଗଦେଇ ଶିକ୍ଷା, ସ୍ୱଚ୍ଛତା, ପରିବେଶ ସୁରକ୍ଷା, କୁସଂସ୍କାର ଦୂରୀକରଣ, ସାମାଜିକ ସମାନତା ପ୍ରତିଷ୍ଠା, ମହିଳା ସଶକ୍ତୀକରଣ, ସାହସିକତା, ଦାରିଦ୍ର୍ୟ ଦୂରୀକରଣ ଓ ଚାରାରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ବିଜୁ ଯୁବ ବାହିନୀ ପକ୍ଷରୁ ଚୟନ କରାଯାଇ ସମ୍ବର୍ଦ୍ଧିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଏହି ଉପଲକ୍ଷେ ମଙ୍ଗୁଳି ପଞ୍ଚାୟତର ଜୟଲକ୍ଷ୍ମୀ ସାହୁଙ୍କୁ କ୍ରୀଡ଼ା, କରାଟେ ମାଷ୍ଟର, ସ୍କାଉଟ ଏବଂ ଗାଇଡରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜୟ ସମର୍ଥକଙ୍କ ଇସ୍ତଫା


**କୁଜଙ୍ଗ, ୯।୧୨ (ସ୍ୱ.ପ୍ର.):** ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଭାଜପାରୁ ଦେଇଥିବା ଇସ୍ତଫାକୁ ସମର୍ଥନ କରିଛନ୍ତି ତାଙ୍କ ସମର୍ଥକ ଓ ଅନୁଗତ। ଏହି କ୍ରମରେ ରବିବାର କାଳିଆପାଟରେ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟଲୋକେ ବିଜୟଙ୍କୁ ସମର୍ଥନ କରିବା ସହ ଭାଜପାର ରାଜ୍ୟ ଓ କେନ୍ଦ୍ର ନେତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ବିଜୟଙ୍କ ପାଇଁ ସେମାନେ ଭାଜପାର ସମର୍ଥକ ଓ ସ୍ୱେଚ୍ଛାସେବୀ ହୋଇ କାର୍ଯ୍ୟ କରିଆସୁଥିବା ବେଳେ ରବିବାର ଏକ ପ୍ରେସ୍ ଇସ୍ତାହାରେ ଇସ୍ତଫା ଦେଇଛନ୍ତି। ସୁଭ୍ରକାନ୍ତ ମଲିକ, ମୁକେଶ ତରାଇ, ମାନଗୋବିନ୍ଦ ମଙ୍ଗୁଆଳ, ପୀତାମ୍ବର ପଣ୍ଡା, ଲକ୍ଷ୍ମୀଧର ପରିଡା, ନୀଳମଣି ରାଉତ, ସଞ୍ଜୁ ପରିଡା ପ୍ରମୁଖଙ୍କ ସମେତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଗୋପିଆକୁଦ, ଗୋଠଡିଆ, ବରିହା, ବାଲିଆ, ତାଳଦଣ୍ଡା ଆଦି ଗ୍ରାମରୁ ପ୍ରତିବାଦ କରିବା ସହ ଭାଜପାରୁ ସେମାନଙ୍କ ଇସ୍ତଫା ପ୍ରଦାନ କରିଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ।

# ବ୍ୟାପୁଛି ଫାଟୁଆ, ଚିକିତ୍ସା ସୁବିଧା ନାହିଁ

**ନାଉଗାଁ,୯।୧୨(ସ୍ୱ.ପ୍ର.):** ଶ୍ୱେତ ବିପ୍ଳବ ମାଧ୍ୟମରେ ଜନସାଧାରଣଙ୍କୁ ଗୋପାଳନ ପ୍ରତି ଆକୃଷ୍ଟ କରିବାକୁ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କିନ୍ତୁ ନାଉଗାଁ ବ୍ଲକରେ ଆବଶ୍ୟକ ପରାମର୍ଶ ଓ ଚିକିତ୍ସା ଅବହେଳାରୁ ଗୋ ସମ୍ପଦ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହି ବ୍ଲକର ଗଜରାଜପୁର ପଞ୍ଚାୟତରେ ଅଧିକାଂଶ ଚାଷୀ ଗାଈ, ମଇଁଷି ପାଳନ କରି ଜୀବିକା ନିର୍ବାହ କରୁଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଦିନ ହେଲା ଗୋରୁଙ୍କୁ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ଏପରିକି ଏହି ରୋଗରେ ଗାଈ, ବାଛୁରୀଙ୍କ ମୃତ୍ୟୁ ଘଟିଥିବା ଚାଷୀ ଅଭିଯୋଗ କରିଛନ୍ତି। ଗଜରାଜପୁର, ଭାତପଡ଼ା, ନୂଆପାରୀ ଆଦି ଗ୍ରାମରୁ ଏହି ରୋଗ ନିକଟସ୍ଥ ଗ୍ରାମର ଗୋରୁ, ଗାଈଙ୍କୁ ବ୍ୟାପିଲାଣି। ଭାତପଡ଼ାର ଶିବ ପ୍ରସାଦ ଆଚାର୍ଯ୍ୟଙ୍କ ଏକ ବାଛୁରୀ ଏହି ରୋଗରେ ମରିଥିବା କୁହାଯାଉଛି। ଗ୍ରାମର ଯୁଧିଷ୍ଠୀର ଜେନା, ଗଜରାଜପୁରର କାଳନ୍ଦୀ ନାୟକ, ନୂଆପାରୀର ଟୁକୁନା ଦାସ, ରମେଶ ପଲେଇ ପ୍ରମୁଖଙ୍କ ଶତାଧିକ ଗାଈ, ମଇଁଷି ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ସମ୍ପର୍କରେ ଚାଷୀମାନେ ନାଉଗାଁ ମୁଖ୍ୟ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଜଣାଇଥିଲେ। କାର୍ଯ୍ୟାଳୟରୁ ଥରେ ମାତ୍ର ଜଣେ ଅଧିକାରୀ ଯାଇ ଏହି ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ଏହା ପରେ ଆଉ କାହାର ଦର୍ଶନ ମିଳିନାହିଁ। ଗୋରୁଙ୍କ ଚିକିତ୍ସା ପାଇଁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡି ବ୍ୟବସ୍ଥା ଥିଲେ ମଧ୍ୟ ଏହି ପଞ୍ଚାୟତକୁ ଉକ୍ତ ଗାଡି ଆସୁନାହିଁ। ତେଣୁ ଗୋରୁଙ୍କ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ ଓ ଚାଷୀମାନେ ଦାବି କରିଛନ୍ତି।

## ଦିଆନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

# ସରକାରୀ ବିଦ୍ୟାଳୟ ପାଇଁ ପ୍ରତିଦ୍ୱନ୍ଦ୍ୱିତାର ସମୟ ଆସିଛି


ଅତିଥି ସୁବର୍ଣ୍ଣଜୟନ୍ତୀ ଅବସରରେ ଦିଆନପୁର ଗ୍ରାମର ଐତିହାସିକ ପୃଷ୍ଠଭୂମି ଉପରେ ଲିଖିତ ଏକ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ତିର୍ତ୍ତୋଲ,୯।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ବୋଧେଇ ପଞ୍ଚାୟତ ଦିଆନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଛି। ଆୟୋଜିତ ସଭାରେ ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ଡ. ରବୀନ୍ଦ୍ର ପ୍ରହରାଜ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗଦେଇ ସରକାରୀ ବିଦ୍ୟାଳୟ ଗୁଡିକ ପାଇଁ ଏବେ ପ୍ରତିଦ୍ୱନ୍ଦ୍ୱିତାର ସମୟ ଆସିଛି ବୋଲି କହିଥିଲେ। ମୁଖ୍ୟବକ୍ତା କଟକ–ବାରବାଟି ବିଧାୟକ ଦେବାଶିଷ ସାମନ୍ତରାୟ, ସମ୍ମାନିତ ଅତିଥି ଏମପି ଡା. କୁଳମଣି ସାମଲ, ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ସବିତା ମହାପାତ୍ର, ନରେନ୍ଦ୍ର ପରିଡା, ସନ୍ତୋଷ ସେଠୀ, ସାଗରିକା ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶରତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ସବିତା ମିଶ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ଡ. ରବୀନ୍ଦ୍ର ପ୍ରହରାଜଙ୍କ ଦ୍ୱାରା ଦିଆନପୁର ଗ୍ରାମର ଐତିହାସିକ ପୃଷ୍ଠଭୂମି ଉପରେ ଲିଖିତ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପରେ ମୁଖ୍ୟ ଅତିଥି ମନ୍ତ୍ରୀ ପାତ୍ର ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଗ୍ରାମର କେତେଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବକୁ ରଞ୍ଜନ ସ୍ୱାଇଁ ଓ ଶିକ୍ଷକ ମନୋରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ବୈରାଗୀ ସୂତାର ଓ ଦିଲୀପ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ। ରାହାମା ସାରଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ହେମନ୍ତ ବର୍ଦ୍ଧନ ଧନ୍ୟବାଦ ଦେଇଥିଲେ।

# ନିଶା ନିବାରଣ ସଂଘ ପକ୍ଷରୁ ସଚେତନତା ସଭା

**ଏରସମା,୯।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ଭୁବନେଶ୍ୱର ପଞ୍ଚଶଖା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଶିକ୍ଷକ ସରୋଜ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରାଜା ନିରଞ୍ଜନ ପ୍ରସାଦ ଦାସ, ସଙ୍ଗଠନ କର୍ମକର୍ତ୍ତା ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ଗୋପୀମୋହନ ପଟ୍ଟନାୟକ, ଗଗନ ବିହାରି ପାଇଟାଳ, ଦେବଦାସ ମହାନ୍ତି, ସନ୍ତୋଷ କୁମାର ତ୍ରିପାଠୀ, ପ୍ରଭାକର ପଣ୍ଡା, ପ୍ରବୀର ପଣ୍ଡା, ସରପଞ୍ଚ ଗୀତାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଶା ନିବାରଣ ଓ ଏରସମାକୁ ମଦମୁକ୍ତ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୦୦ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସଂଗ୍ରାମ କେଶରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରବୀର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଲକ୍ଷ୍ମୀନାରାୟଣ ପୁଟୁଳି ବୈଶ୍ୟ ସମାଜର ମହାସମ୍ମିଳନୀ

# ପାରିବାରିକ ସମସ୍ୟା ସମାଧାନକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୯।୧୨**


ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ସମ୍ପ୍ରତି ପାରିବାରିକ ବିବାଦର ସମାଧାନ ଗୁରୁତ୍ୱପୂର୍ଣ୍ଣ। ପରିବାରରେ ସୁଖ ଓ ସମୃଦ୍ଧି ଦେଖାଦେଲେ ପ୍ରତ୍ୟେକଙ୍କ ମଙ୍ଗଳ ହେବ। ରବିବାର ସ୍ଥାନୀୟ ଏକ ମଣ୍ଡପରେ ଲକ୍ଷ୍ମୀ ନାରାୟଣ ପୁଟୁଳି ବୈଶ୍ୟ ସମାଜ (କେନ୍ଦୁପାଟଣା)ର ପାରିବାରିକ ମହାସମ୍ମିଳନୀରେ ଏଭଳି ମତ ପ୍ରକାଶ ପାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଏକଥା ମଧ୍ୟ କହିଥିଲେ ଯେ, ବୈଶ୍ୟ ସମାଜକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକଙ୍କ ସହଯୋଗ ଆବଶ୍ୟକ। ସମାଜ ବୈବାହିକ କାର୍ଯ୍ୟଗୁଡିକ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବିବାହ ସମୟରେ ସ୍ତ୍ରୀ ଓ ସ୍ୱାମୀଙ୍କ ସମେତ ସେମାନଙ୍କ ପରିବାର ମଧ୍ୟରେ ଯେପରି ସମ୍ପର୍କ ଚିରସ୍ଥାୟୀ ହେବ ତା ଉପରେ ଧ୍ୟାନ ଦେବାକୁ ପଡିବ। ଏନେଇ କେବେ କିଛି ସମସ୍ୟା ଆସିଲେ ସମାଜର ଦୃଷ୍ଟି ଆକର୍ଷଣ କରିବା ଉଚିତ। କାରଣ ସମାଜ ହସ୍ତକ୍ଷେପ କରି ସେମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନ କରିପାରିବ। ଏଥିସହ ଅନ୍ୟ ସମସ୍ୟାଗୁଡିକର ମଧ୍ୟ ସମାଧାନ କରିବା ନେଇ ଦାୟିତ୍ୱବାନ ହେବ। ଏହିଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସମାଜ କେନ୍ଦୁପାଟଣା ମଣ୍ଡଳ ସଭାପତି ରଶ୍ମିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ନିଖିଳ ଉତ୍କଳ ବୈଶ୍ୟ ସମାଜ ଉପସଭାପତି କୈଳାସ ଚନ୍ଦ୍ର ନାୟକ ଓ ସମାଜ ଯୁଗ୍ମ ସମ୍ପାଦକ ଗୋପାଳ ଚନ୍ଦ୍ର ପୃଷ୍ଟି ମୁଖ୍ୟବକ୍ତା ଯୋଗ ଦେଇଥିଲେ। ସମାଜର ସମ୍ପାଦକ ନୃସିଂହ ପ୍ରସାଦ ଦାସ, କେନ୍ଦୁପାଟଣା ମଣ୍ଡଳ ଉପସଭାପତି ଗୋବର୍ଦ୍ଧନ ପୃଷ୍ଟି, ମଣ୍ଡଳ ପୂର୍ବତନ ଉପସଭାପତି ବୈରାଗୀ ମହାନ୍ତି ଓ ସମ୍ପାଦକ ରବିନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଦୀପ୍ତ ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଏଥିରେ ଯାଜପୁର, କେନ୍ଦୁଝର, ପୁରୀ, ଭୁବନେଶ୍ୱର ଓ କଟକ ଆଦି ମଣ୍ଡଳର ଶତାଧିକ କର୍ମକର୍ତ୍ତା, ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

**ବାଲିକୁଦା,୯।୧୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବଡ଼ଗାଁର ଜଣେ ଯୁବକଙ୍କ ଢେଙ୍କାନାଳରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଗାଁର କୈଳାସ ମହାନ୍ତିଙ୍କ ସାନପୁଅ ଚନ୍ଦ୍ରକାନ୍ତ(୨୩)। ସେ ବାଲିକୁଦା ଥାନା ଥାଇଲୋ ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଧାନ କଟା ମେଶିନରେ ଅପରେଟର ଭାବେ କାମ କରୁଥିଲେ। ମାସକୁ ୪୦ ହଜାର ଟଙ୍କା ଦରମା ଦେବାକୁ କହି ମେଶିନ ମାଲିକ ତାଙ୍କୁ ଗତ ସେପ୍ଟେମ୍ବର ମାସରୁ କାମକୁ ନେଇଥିଲେ। କିନ୍ତୁ କାମରେ ଯୋଗଦେବା ଦିନଠାରୁ ଅଦ୍ୟାବଧି ଟଙ୍କାଟିଏ ମଧ୍ୟ ଦେଇ ନ ଥିଲେ। ଢେଙ୍କାନାଳରୁ କାମ ସରିଯାଇଥିଲା। ତେଣୁ ରବିବାର ମେଶିନ ବାଲିକୁଦା ଆସିବାର ଥିଲା। ଚନ୍ଦ୍ରକାନ୍ତ ଏକ ବାଇକ ଯୋଗେ ବାଲିକୁଦା ଫେରୁଥିବାବେଳେ ବାଟରେ ପରିଶ୍ରା କରିବାକୁ ରାସ୍ତାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇ ପଳାଇଥିଲା ବୋଲି ତାଙ୍କ ମାଲିକ କହିଛନ୍ତି। ଦୁର୍ଘଟଣାରେ ଚନ୍ଦ୍ରକାନ୍ତଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ପରିବାର ଲୋକଙ୍କୁ ଫୋନ୍ ଯୋଗେ କୁହାଯାଇଥିଲା। ମାତ୍ର ସେଠାରେ ଚନ୍ଦ୍ରକାନ୍ତଙ୍କ ମା' ଓ ପରିବାର ଲୋକେ ପହଞ୍ଚି ତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଢେଙ୍କାନାଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ତାଙ୍କ ପୁଅକୁ ଦରମା ନ ଦେଇ ହତ୍ୟା କରାଯାଇଥିବା ଚନ୍ଦ୍ରକାନ୍ତଙ୍କ ବାପା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ରଘୁନାଥ ନୋଡାଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ

କୁଜଙ୍ଗ,୯।୧୨(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ୍ କୋଠିସ୍ଥିତ ରଘୁନାଥ ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଚିନ୍ତାନାୟକ ତଥା ଲେଖକ ହରପ୍ରସାଦ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଜିଲା ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତ, ସ୍କୁଲ ପ୍ରତିଷ୍ଠାତା ସଭ୍ୟ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ, ହରେକୃଷ୍ଣ ପ୍ରଧାନ, ଲକ୍ଷ୍ମୀଧର ମହାରଣା, ଅଭିରାମ ମହାରଣା, ଛାତ୍ର ସଂସଦ ସାଧାରଣ ସମ୍ପାଦକ ମେଜର କୁଳମଣି ସୂତାର, ଅଞ୍ଜନ କୁମାର ପ୍ରଧାନ, ପ୍ରଧାନଶିକ୍ଷକ ଅକ୍ଷୟ ସାମନ୍ତରାୟ, ପୂର୍ବତନ ଛାତ୍ର ହରେକୃଷ୍ଣ ନାୟକ, ତ୍ରିଲୋଚନ ପତି ଓ ସାଙ୍ଗଠନିକ ସମ୍ପାଦକ ରବି ନାରାୟଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ଦେବାସହ ସମସ୍ତ ଦିବଂଗତ ଶିକ୍ଷକ, ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସକାଳେ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ବୈଜ୍ଞାନିକ ଜ୍ୟୋତିଷଚନ୍ଦ୍ର ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବୌଦ୍ଧିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ପୁରାତନ ଛାତ୍ରୀଛାତ୍ର ପରିଚାଳନା କରିଥିଲେ। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବୃତ୍ତିଗତ ଶିକ୍ଷଣ ଗୋଷ୍ଠୀ କର୍ମଶାଳା ପ୍ରସ୍ତୁତି ବୈଠକ

ଡେରାବିଶ, ୯।୧୨ (ସ୍ୱ.ପ୍ର.): ଡେରାବିଶ ବ୍ଲକ ବାଲିଆସ୍ଥିତ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଆସନ୍ତା ସପ୍ତାହରେ ହେବାକୁ ଥିବା ବୃତ୍ତିଗତ ଶିକ୍ଷଣ ଗୋଷ୍ଠୀ କର୍ମଶାଳାର ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରିଣୀ କଳ୍ପନା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଶିକ୍ଷା ଅଧିକାରୀ ଏସ୍.କେ. ସାମସୁଲ ଆରଫିନ୍, ଡିଆଇଇଟି ଅଧକ୍ଷ, ପ୍ରତିଷ୍ଠାନର ପ୍ରଶିକ୍ଷକ ଶରତ କୁମାର ନାୟକ, ଗଣେଶ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ରିସୋର୍ସପର୍ସନ୍ ଭାବେ ତାଲିମ ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା। ବୈଠକରେ ତାଲିମ କାର୍ଯ୍ୟକ୍ରମ ସଂଯୋଜକ ଭାବେ ପ୍ରଶିକ୍ଷକ ଶରତ କୁମାର ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୈଠକ ପରିଚାଳନାରେ କର୍ମଚାରୀ ରାଜକିଶୋର ଲେଙ୍କା, ସୁଜାତା ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ଦୋବନ୍ଧାରେ କଂଗ୍ରେସ କର୍ମୀ ସମ୍ମିଳନୀ

କେନ୍ଦ୍ରାପଡା ଅଫିସ, ୯।୧୨: କେନ୍ଦ୍ରାପଡା ବ୍ଲକ ଗାଙ୍ଗପଡ଼ା ପଞ୍ଚାୟତ ଦୋବନ୍ଧାଠାରେ ପଞ୍ଚାୟତସ୍ତରର କଂଗ୍ରେସ କର୍ମୀ ସମ୍ମିଳନୀ ଶନିବାର ଆୟୋଜିତ ହୋଇଥିଲା। ପଞ୍ଚାୟତ ସଭାପତି ଦାମୋଦର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଗଠନ ସୁଦୃଢ଼ ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା। ଏଥିସହ ରାଜ୍ୟ ନିର୍ବାଚନ ଇସ୍ତାହାର କମିଟିର ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଥିବାରୁ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ବେହେରା, ଜୋନ୍ ସଭାପତି ଚିତ୍ରସେନ ପରିଡ଼ା, ଦିଲ୍ଲୀପ ରାଉତ, ପୀତବାସ ବେହେରା, ଫକୀର ରାଉତ ପ୍ରମୁଖ ଯୋଗଦେଇ କୃଷି ଋଣ ଛାଡ, ସାମାଜିକ ସୁରକ୍ଷା ଭତ୍ତାକୁ ୧୦୦୦ ଟଙ୍କା ବୃଦ୍ଧି, ପ୍ରତି ପଞ୍ଚାୟତରେ ଜନ ଜାଗରଣ ଯାତ୍ରା ଆଦି ପ୍ରସ୍ତାବ ଆଗତ ସହ ଆଗାମୀ ନିର୍ବାଚନ ପାଇଁ ସଂଗଠନ ଦୃଢ଼କୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ରାହାସ ବିହାରୀ ପରିଡ଼ାଙ୍କୁ ପଞ୍ଚାୟତ ଯୁବ କଂଗ୍ରେସ ସଭାପତି ଓ ପ୍ରସନ୍ନ କୁମାର ମାହାଲିକଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏଥିସହ ନିର୍ବାଚନ ପରିଚାଳନା ନିମନ୍ତେ ସରପଞ୍ଚ ଦିଲ୍ଲୀପ ରାଉତଙ୍କ ସମେତ ୧୦ଜଣିଆ କମିଟି ଗଠନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସବ୍ୟସାଚୀ ରାଉତ, ଏକରାମ ଖାଁ, ଅକ୍ଷୟ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ହରିଣ ମୁହଁରେ ଗଲା ବର୍ଷକ ଆହାର

# ନଡ଼ା ସାଉଁଟୁଛନ୍ତି ଚାଷୀ

ରଘୁନାଥପୁର,୯।୧୨(ଡି.ଏନ.ଏ.)



ହରିଣ ଉଜାଡ଼ି ଦେଇଥିବା ଧାନ ଫସଲର ନଡ଼ା କାଟୁଛନ୍ତି ଚାଷୀ।

ବନ୍ୟା, ବାତ୍ୟା ପରିବର୍ତ୍ତେ ଜଙ୍ଗଲି ହରିଣ ସାଧିଛନ୍ତି ଦାଉ। ଉଜାଡି ଦେଇଛନ୍ତି ଶତାଧିକ ଏକର ଧାନ ଫସଲ। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଏରଡଙ୍ଗା, ଗୋପାଳପୁର ପଞ୍ଚାୟତ ଗୋପାଳପୁର ରାଜସ୍ୱ ଗ୍ରାମକୁ ଲାଗି ରହିଥିବା ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଚାଷଜମିରେ। ହରିଣ ମୁହଁରେ ଚାଲିଯାଇଛି ବର୍ଷକ ଆହାର। ଚାଷଜମିରୁ କେବଳ ନଡ଼ା ସାଉଁଟିବା ସାର ହୋଇଛି ବୋଲି ଅଭିଯୋଗ କରିଛନ୍ତି ଚାଷୀ। ଜଙ୍ଗଲ ଚତୁଃପାର୍ଶ୍ୱରେ ଆବଦ୍ଧ ନ ଥିବାରୁ ରାତିରେ ହରିଣ ପଲ ସିଧାସଳଖ ଧାନବିଲକୁ ଆସି ନିର୍ଭୟରେ ଚରିଥାନ୍ତି। ଏହାଛଡା ସେମାନଙ୍କ ଖୋଜରେ ବହୁ ପରିମାଣରେ ପାଚିଲା ଧାନ ବିଲରେ ଝଡି ପଡି ନଷ୍ଟ ହୋଇଥିବା ଦେଖାଯାଇଛି। ଗ୍ରାମର ଛଇନା ଜେନା, ରଶ୍ମି ଜେନା, ସବିତା ଗୋଚ୍ଛାୟତ ଓ କେଶିଲତା ରାଉତ କୁହନ୍ତି, ଭାଗ ବଖରା ଏକର ଏକର ଜମିରେ ଧାନଚାଷ କରି କରଜ ଦାମରେ ବୁଡି ରହିଛୁ। ଧାନ ତ ହରିଣ ମୁହଁରେ ଗଲା ସଂସାର କେମିତି ଚଳାଇବୁ, କରଜ ଦାମ କେମିତି ଶୁଝିବୁ, ବୁଦ୍ଧିବାଟ ଦିଶୁନାହିଁ ବୋଲି ପ୍ରକାଶ କରିଛନ୍ତି। ଧାନ ତଳି ବିଲରେ ପୋତ ହେବା ଦିନଠାରୁ ହରିଣ ପଲ କ୍ଷତି କରି ଆସୁଛନ୍ତି। ସେହିପରି ମୁଗବିରି ଫସଲକୁ ରଖୁନାହାନ୍ତି ବୋଲି ଅଭିଯୋଗ କରନ୍ତି ଗ୍ରାମବାସୀ। ଗ୍ରାମର ଲକ୍ଷ୍ମଣ ବିଶ୍ୱାଳ, ନିମାଇ ରାଉତ, ପଦ୍ମଚରଣ ମୁଦୁଲି, ଶରତ ରାଉତ, ଶିବପ୍ରସାଦ ଜେନା, ଟୁନ ଜେନା, ଅଭିରାମ ମୁଦୁଲି, ରମେଶ ରାଉତଙ୍କ ସମେତ ବହୁ ଚାଷୀଙ୍କ ଧାନ ଫସଲ ହରିଣ ଉଜାଡି ଦେଇଥିବା ଦେଖିବାକୁ ମିଳିଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଥିଲେ ବି ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଚାଷୀମାନେ କ୍ଷୋଭର ସହ କହିଛନ୍ତି। ସ୍ଥାୟୀ ପ୍ରତିକାର ସ୍ୱରୂପ ସରକାରଙ୍କ ପକ୍ଷରୁ ଯଦି ଜଙ୍ଗଲ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଆନ୍ତା ତାହା ହେଲେ ସମସ୍ୟାର ଅନ୍ତ ଘଟନ୍ତା ବୋଲି ଗ୍ରାମବାସୀ ପ୍ରକାଶ କରନ୍ତି। ଏଥିପ୍ରତି ଜିଲାପାଳ ଆରଡିସି ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ପରିମାଣରେ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଫରେଷ୍ଟ ରେଞ୍ଜର ବଳରାମ ସାହୁଙ୍କୁ ପଚାରିବାରେ, ଗ୍ରାମବାସୀଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗର ସୁବିଚାର କରାଯାଉଛି ବୋଲି ସେ କହିଛନ୍ତି।

## ଆଷାଢ଼ ସାହିତ୍ୟ ସଂସଦ ବାର୍ଷିକୋତ୍ସବ



ସାହିତ୍ୟ ସଂସଦ ବାର୍ଷିକ ଉତ୍ସବରେ ଅତିଥି ଜଣେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବିରିଡି, (ଡି.ଏନ.ଏ.)/ବାଲିଆ, ୯।୧୨: ଗ୍ରାମାଞ୍ଚଳରେ ସାହିତ୍ୟର ବାସ୍ନା ଭରି ରହିଛି। ନଈ ପଠାର ସୋରିଷ ଫୁଲ, କୃଷକର ଧାନ କ୍ଷେତ, ଖଳାବାଡିର କୁସୁମ ଓ ସେବତୀ ଫୁଲ କବିର ମନରେ ଭାବାବେଗ ସୃଷ୍ଟି କରିଥାଏ। ଏଣୁ ସାହିତ୍ୟର ପ୍ରାଣ ଗାଁରେ ଅଛି ବୋଲି ଆଷାଢ଼ ସାହିତ୍ୟ ସଂସଦ ଦଳେଇଘାଇର ୨୭ ତମ ବାର୍ଷିକୋତ୍ସବ, ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀ, ପୁସ୍ତକ ପତ୍ରିକା ଉନ୍ମୋଚନ ଓ ମାନପତ୍ର ପ୍ରଦାନ ଉତ୍ସବରେ ବକ୍ତାମାନେ କହିଛନ୍ତି। ରବିବାର ହାଜିପୁରସ୍ଥିତ ଜେନେସିସ ଆଇଟିଆଇ ପରିସରରେ ଅନୁଷ୍ଠିତ ସଂସଦର ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରିଥିଲେ ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ। ଉତ୍ସବ କମିଟି ଅଧ୍ୟକ୍ଷ ନିଳମଣୀ ସାହୁଙ୍କ ସଭାପତିତ୍ୱରେ ଅତିଥିଭାବେ ସାହିତ୍ୟିକ ଡ. ଶ୍ରୀଚରଣ ଦାସ, ସାହିତ୍ୟିକ ଇଂ. ତୋଫାନ ଜେନା, ବସନ୍ତ ମାଝୀ ଯୋଗ ଦେଇଥିବା ବେଳେ ବେଦପାଠ କରିଥିଲେ ଗୁରୁପ୍ରସାଦ ରଥ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଅନୁଷ୍ଠାନ ସମ୍ପାଦକ ଖଗେଶ୍ୱର ମହାରଣା। ସଂଯୋଜନା କରିଥିଲେ ଶାଶ୍ୱତ ସେତୁର ସମ୍ପାଦିକା ଆରତୀ ତ୍ରିପାଠୀ, ସାହିତ୍ୟିକା ପ୍ରତିଭାରାଣୀ ରାୟ, ସଂଯୋଜକ ଭାବେ ସୌମେନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ। ଏହି ଅବସରରେ ଆଷାଢ ବାର୍ଷିକ ସଂଖ୍ୟା ୨୦୧୮ ଓ ଗୀତିକାର ବାମଦେବ ସ୍ୱାଇଁଙ୍କ ଗୀତି କବିତା ସଂକଳନ 'ଚାତକର ଚାରଣୀକା' ଉନ୍ମୋଚିତ ହୋଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ କେତେଜଣ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

## ସରକାରୀ ଜାଗାରେ ବେଆଇନ ପାଚେରି ନିର୍ମାଣ

ନାଉଗାଁ,୯।୧୨(ସ୍ୱ.ପ୍ର.): ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତ ନାରସୀମା ଗାଁର ଏକ ସରକାରୀ ଜମିକୁ ମଡ଼ାଇ ବେଆଇନ ଭାବେ ପାଚେରି ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମର ଜଟାଧାରୀ ମହାରଣା, ସୁଦାମ ଭୋଇ, ନିରଞ୍ଜନ ବାରିକ, ଗଙ୍ଗାଧର ମହାରଣା, ସଞ୍ଜୟ ମହାରଣା ପ୍ରମୁଖ ୨୫ ଜଣଙ୍କ ସ୍ୱାକ୍ଷରିତ ଏକ ଲିଖିତ ଅଭିଯୋଗପତ୍ର ତହସିଲଦାର ଜେ. କଳ୍ପନାଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗାଁ ମଝିରେ ଯାଇଥିବା ରାସ୍ତାର ଗୋଟିଏ ପାର୍ଶ୍ୱରେ ଠାକୁରଙ୍କ ମନ୍ଦିର ଥିବାବେଳେ ଅପରପାର୍ଶ୍ୱରେ ପ୍ଲଟ ନଂ ୩୮୭ ଓ ଖାତା ନଂ ୩୦ରେ ଏକ ଗୃହ ନିର୍ମାଣ ଚାଲିଛି। ଉକ୍ତ ଗୃହର ପାଚେରି ସରକାରୀ ସ୍ଥାନ ଅର୍ଥାତ୍ ରାସ୍ତାକୁ ମଡ଼ାଇ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ଉକ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାବେଳେ ଏହି ସ୍ଥାନରେ ରାସ୍ତା ସଂକୁଚିତ ହେବାର ସମ୍ଭାବନା ରହିଛି। ତେଣୁ ଏଠାରେ ସରକାରୀ ଜାଗା ମାପଚୁପ କରାଯାଇ ରାସ୍ତା ପ୍ରଶସ୍ତୀକରଣ କରିବା ଓ ବେଆଇନ୍ ପାଚେରି ନିର୍ମାଣ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଯାଇ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି। ଖୁବଶୀଘ୍ର ମାପ କରାଯିବ ବୋଲି ତହସିଲଦାର ଜେ.କଳ୍ପନା ପ୍ରକାଶ କରିଛନ୍ତି। ଏ ବିଷୟରେ ଗୃହ ନିର୍ମାଣ କରୁଥିବା ଅଶୋକ ସ୍ୱାଇଁଙ୍କୁ ପଚାରିବାରେ ସେ କହିଲେ ଯେ ଉକ୍ତ ସ୍ଥାନ ସରକାରୀ ଜାଗା ନୁହେଁ। ତେଣୁ ମାପଚୁପ କରିବାରେ ତାଙ୍କର କିଛି ଅସୁବିଧା ନାହିଁ।

## ଗରେଇରେ କଂଗ୍ରେସ ପକ୍ଷରୁ ସମାବେଶ

କୁଜଙ୍ଗ,୯।୧୨(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ଗରେଇ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଏକ ସମାବେଶ ବରିଷ୍ଠ ସଙ୍ଗଠକ ସାରଦା ପ୍ରସନ୍ନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପିସିସି ସମ୍ପାଦକ ଇଂ. ପ୍ରମୋଦ ଜେନାଙ୍କ ନେତୃତ୍ୱରେ ପିସିସି ଅନୁସୂଚିତ ଜାତି ରାଜ୍ୟ ଅଧ୍ୟକ୍ଷ ବିଭୂ ପ୍ରସାଦ ତରାଇ ଯୋଗଦେଇ ଦଳର ସଂଗଠନକୁ ମଜଭୁତ କରିବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମର ଜିଲା ଉପସଭାପତି ସନ୍ତୋଷ ଦାଶ, ପିସିସି କିଷାନ ସେଲ୍ ସମ୍ପାଦକ ବିଶ୍ୱନାଥ ପାଣି, ଯୁବ କଂଗ୍ରେସ ସଭାପତି ସନ୍ତୋଷ ବିଶ୍ୱାଳ, ମନୋଜ ବେହେରା, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।


# ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି

## ଚାଷୀଭାଇମାନଙ୍କ ଧାନ ବିକ୍ରୟ ସମ୍ବନ୍ଧେ ବିଶେଷ ସୂଚନା

ଏତଦ୍ୱାରା ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ଇଲାକାଧୀନ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୧୮-୧୯ ବର୍ଷ ପାଇଁ ଆସନ୍ତା ତା୦୭।୧୨।୨୦୧୮ରିଖଠାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ନିମ୍ନଲିଖିତ ସେବା ସମବାୟ ସମିତି ଜରିଆରେ ଧାନକ୍ରୟ କରାଯାଉଅଛି। ଏଣୁ ଚାଷୀ ଭାଇ/ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ଶୁଖାଇ ଓ ସଫାକରି F.A.Q.ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବାକୁ ଅନୁରୋଧ।

**'ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଆନ୍ତୁ'।**

| କ୍ର.ନଂ. | ବ୍ଲକ୍‌ର ନାମ | ଧାନକ୍ରୟ କେନ୍ଦ୍ରର ନାମ |
|---|---|---|
| ୧. | ଜଗତସିଂହପୁର | ସାଁପୁର, ପୁରୋହିତପୁର, ଶାଳଜଙ୍ଗା, ମଣ୍ଡାସାହି, ସଭାମୂଳ, ଓଡ଼ିଶୋ, କଣ୍ଟାବଲ୍ଲଭପୁର, ତରଡ଼ାପଡ଼ା, କାଦୁଅପଡ଼ା, ପଳାଶୋଳ, ସିଙ୍ଗାରପୁର, ଆଳିପିଙ୍ଗଳ, କଣ୍ଟିଲୋ, ମୁଦୁପୁର, ମାର୍କଣ୍ଡପୁର, ବିଶିପିଉଳ |
| ୨. | ବିରିଡ଼ି | ଅଢ଼ଙ୍ଗଗଡ଼, ପୂରଣ, ଗୋପୀନାଥପୁର, ଉତ୍ତର ଶାସନ, ମଙ୍ଗୁଳି, ଅଲାଣ୍ଡୋ |
| ୩. | ନାଉଗାଁ | ଡେରିକି, ତିରୁଣା, ଶିଖର, ଗଜରାଜପୁର, ନାଉଗାଁ (ଉପକେନ୍ଦ୍ର ଦାଣ୍ଡୁଆ), ଅଲଣା |
| ୪. | ରଘୁନାଥପୁର | ରାଢ଼ଙ୍ଗ, ଜିରା, ରେଡୁଆ, ତାରପୁର, ତରିକୁନ୍ଦ, ଛପଡ଼ା, ଗୁଆଳିପୁର, ପୁରୁଣାବସନ୍ତ, ଜଗନ୍ନାଥପୁର |
| ୫. | ବାଲିକୁଦା | ଇଚ୍ଛାପୁର, ସଂଗ୍ରାମପୁର, କାଳିଓ, ମାଛଗାଁ, ଅପଣ୍ଡରା, ଅନନ୍ତପୁର, ନହରଣା, ଶୋଭା, ରାହାଣ, ବୋରିକିନା, କାଞ୍ଚିଆକଣ, ଅଳାଭର, ନାଗପୁର, ଅଳାବୋଳ, ତଣ୍ଡିକୂଳ, ମୁଲୁଗାଁ, କୃଷ୍ଣଦାସପୁର, ଦୁଆ, ବରମୁଣ୍ଡଳି, ବାହାରଣା, ଆମ୍ବଶାଳ |
| ୬. | ତିର୍ତ୍ତୋଲ | ବୋଧେଇ, କଟରା, ତରଜଙ୍ଗା, ଡୁଲଙ୍ଗ, ଗରାମ, କୃଷ୍ଣାନନ୍ଦପୁର, କନକପୁର, ଜଗନ୍ନାଥପୁର, କୋଳର, ସାମନ୍ତରାପୁର, ପଟିଲୋ, ଗୋବିନ୍ଦପୁର, ବିରିତୋଳ, ତିର୍ତ୍ତୋଲ, ଦାଇଁଲୋ |

| ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ସରକାରୀ ଧାର୍ଯ୍ୟ ଦର) | |
|---|---|
| ସାଧାରଣ ମାନ | ଟ.୧,୭୫୦.୦୦ (କ୍ୱିଣ୍ଟାଲ ପ୍ରତି) |
| ଗ୍ରେଡ୍-'ଏ' ଧାନ | ଟ.୧,୭୭୦.୦୦ (କ୍ୱିଣ୍ଟାଲ ପ୍ରତି) |

ସର୍ବଶେଷରେ ଚାଷୀ ଭାଇ/ଭଉଣୀମାନେ ଧାନମଣ୍ଡିରେ ଶୃଙ୍ଖଳାର ସହିତ ଧାନକ୍ରୟରେ ଜିଲ୍ଲା ପ୍ରଶାସନ ସହିତ ସହଯୋଗ କରିବାକୁ ଅନୁରୋଧ।

ନିୟନ୍ତ୍ରିତ ବଜାର କମିଟି
ଜଗତସିଂହପୁର

ଜିଲ୍ଲା ପ୍ରଶାସନ
ଜଗତସିଂହପୁର



919-A

**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES**
**ODISHA, BHUBANESWAR**

**'e' Procurement Notice No.CELMB 64 OF 2018-19**

1. Name of the work : Raising & strengthening to saline embankment from Ambiki to Kankan from RD 2.00 Km to RD 8.00 Km under NABARD Assistance RIDF-XXII.
2. Tender Cost : Rs. 11,58,50,265.00
3. Bid Document Cost : Rs.10, 000.00 (online)
4. Bid Security : Rs.11,58,600.00 (online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB MSD 05 OF 2018-19 | 12.12.2018 10.00hrs | 27.12.2018 17.00hrs | 28.12.2018 11.00 hrs |

8. e-mail Id : celmbbbsr@yahoo.co.in
Further detail conditions can be seen from the Govt. website www.tendersorissa.gov.in

32252/11/0075/1819 *Sd./- Chief Engineer FC & Basin Manager, Lower Mahanadi Basin*



**GOVERNMENT OF ODISHA,**
**OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI**
e-mail: ruralworksdivisioniimalkangiri@yahoo.co.in

**NATIONAL COMPETITIVE BIDDING THROUGH e-Procurement**
Identification No. Online 07/RWD-II, MKG/2018-19

1088-O

1. Name of the work : Building & Road works (Detailed in Annexure)
2. Total Number of Works : 05 (Five) numbers.
3. Tender Cost : From Rs.5.19 lakhs to Rs.22.10 lakhs
4. Class of Contractor : 'D' ,'C' and "B" Class contractors
5. Period of Completion : 2 and 4 Months (Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Malkangiri | Online Tender /07 / RWD-II, MKG/ 2018-19 | 05 (Five) Nos. of Building & Road works | 12.12.2018 from 11.00AM | 27.12.2018 upto 5.00PM | 26.12.2018 upto 5.00PM | 29.12.2018 at 11.00AM |

Further details can be seen from the Website www.tenderorissa.gov.in

25079/11/0007/1819 *Executive Engineer, R.W. Division-II, Malkangiri*



**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com, Tel/FAX:- 0680-2404287

**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender /26-2018-19/BPR

1136-O

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 26-2018-19/ BPR | Road Works under Periodical Maintenance | 13 Nos. | From Rs. 98.80 lakhs to Rs. 251.40 Lakhs | "B" or "A" Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 26-2018-19/BPR | 12.12.2018 at 10.00AM | 26.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

25071/11/0041/1819 *Sd./- Superintending Engineer, R.W. Circle, Berhampur*



**GOVERNMENT OF ODISHA "e" PROCUREMENT NOTICE**
**Bid Identification No 22 of 2018 - 19**

1111-O

1. Name of the Work :- Execution of different civil works in the district of Kandhamal. (Refer DTCN available in the website:- tendersorissa.gov.in)
2. Total No. of work :- 04 Nos.
3. Estimated Cost :- Rs. 39.90 lakh to 49.80 lakh
4. Eligible Class of Contractor :- "C & B" and " B & A" Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 22 of 2018-19 | Dt. 12.12.2018 At 10.00 Hrs | Dt. 26.12.2018 Upto 17.00 Hrs | Dt.27.12.2018 at 11.00AM |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

25006/11/0026/1819 *Executive Engineer, RWS&S Division, Phulbani*

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 1

## CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***The question paper comprises two sections, A and B. You are to attempt both the section.***

*ii.* ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

*iii.* ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

*iv.* ***Question numbers 3 to 5 in Section A are two marks questions. These are to be answered in about 30 words each.***

*v.* ***Question numbers 6 to 15 in Section A are three marks questions. These are to be answered in about 50 words each.***

*vi.* ***Questions number 16 to 21 in Section A are five marks questions. These are to be answered in about 70 words***


*vii.* ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** What do you mean by rainwater harvesting ?

**2.** Which pancreatic enzyme is effective in digesting proteins.

**3.** Find the value of the current in the circuit shown in figure.




**4.** Write the name and molecular formula of the first member of the homologous series of alkynes and alkanes.

**5.** "Fossils are related to evolution", justify this statement. Give the two ways by which age of fossils can be estimated ?

**6.** What are sexually transmitted diseases (STDs) ? Name four such diseases. Name one STD which damages the immune system of human body.

**7.** Suggest any four activities in daily life which are eco-friendly.

**8.** Describe with the help of a diagram, how the refraction of light takes place through a glass prism?

**9.** a. Choose amphoteric oxides from the following oxides.

$Na_2O$, $ZnO$, $Al_2O_3$, $SO_2$

b. "Hydrogen gas is not evolved when most metals react with nitric acid". State reasons to justify this statement.

**10.** What is DNA copying ? How many copies of DNA are created in a reproducing cell ? Why is DNA copying considered an essential part of process of reproduction ?

**11.** a. Write the role of motor areas in brain.

b. A nerve input signal travelled only upto the spinal cord and gave output signal for a response. What type of action will the body show voluntary or involuntary ?

c. Draw a nerve pathway for the above action.

**OR**

Mention one role of each of the following:

a. Cerebellum b. Forebrain c. Medulla

**12.** a. Write the name given to bases that are highly soluble in water. Give an example.

b. How is tooth decay related to pH ? How can it be prevented ?

c. Why does bee sting cause pain and irritation ? Rubbing of baking soda on the sting area gives relief. How ?

**13.** What are the environmental consequences of the increasing demand for energy ? What steps would you suggest to reduce energy consumption ?

**14.** Ria and Rama are the students of Class X. Ria is very much organized and maintained. The teachers admire her. She earns a great respect in the class whereas Rama is unorganized and always faces a lot of problems in handling life situations. Answer the following questions based on above information:

i. In your opinion how does organisation help in daily life ?

ii. How can you relate the above fact with the chapter classification of element ?

iii. How does classification of elements help us in studying them properly ?

**15.** An object of size 7.0 cm is placed at 27 cm in front of a concave mirror of focal length 18 cm. At what distance from the mirror, should a screen be placed, so that a sharp focussed image can be obtained ? Find the size and the nature of the image.

**OR**

A myopic person has been using spectacles of power –1.00 D for clear vision. During old age he also needs to use separate reading glasses of power +2.00 D. Explain what may have happened to his eye-sight?

**16.** a. Describe the process of fertilization in a flower.

b. Why is the number of sperms produced always much more than the number of eggs produced ?

**17.** a. Name the gas evolved when sodium hydrogen carbonate reacts with dilute hydrochloric acid. How will you test the presence of this gas ?

b. A substance 'X' which is an oxide of a metal is used extensively in the cement industry. The element present in the substance X is an important constituent of our bones. On treatment with water, it forms a solution which turns red litmus blue. Identify 'X' and also write the equation for its chemical reaction with water.

c. Why is concentrated acid added to water and not water to concentrated acid to make dilute solution of acid ?

**18.** Explain:

a. Why stars seem higher than they actually are ?

b. Sun appears to rise 2 minutes before and set 2 minutes later.

c. Sun appears oval or flattened at sunrise and sunset.

**19.** Explain the underlying principle and working of an electric generator by drawing a lavelled diagram. What is the function of brushes ?

**20.** a. Draw a diagram of cross-section of the human heart and label the following parts:

i. Right ventricle ii. Aorta iii. Left atrum iv. Pulmonary arteries

b. Give reasons for the following

i. The muscular walls of ventricles are thicker than the walls of atria.

ii. Arteries have thick elastic walls.

**21.** a. Explain the following terms.

i. Mineral ii. Ore iiii. Gangue

b. Name the reducing agent in the following reaction

$3MnO_2 + 4Al \rightarrow 2Al_2O_3 + 3Mn$

Which is more reactive Mn or Al and why ?

**OR**


In what forms are the metals found in nature ? With the help of examples, explain how metals react with oxygen, water and dilute acids. Also, write chemical equations for these reactions.

### SECTION-B

**22.** Mention the procedure to obtain a leaf's peel.

**23.** What precautions should be taken while performing the experiment to identify the different parts of an embryo of a dicot seed ?

**24.** A student, using the same two resistors, battery, ammeter and voltmeter, sets up two circuits, connecting the two resistors, first in series and then in parallel as shown. If the ammeter and voltmeter reading in the two cases are ($I_1$, $I_2$) and ($V_1$, $V_2$) respectively, write the conclusion drawn by him.




**25.** Draw the diagram for tracing the path of ray of light through a glass slab with correct labelling.

**26.** Five solutions P, Q, R, S and T when tested with universal indicator showed pH of 13, 8, 1, 7 and 5 respectively.

a. Which solution is

i. strongly alkaline ii. weakly acidic ?

b. Arrange the pH in the increasing order of hydrogen ion concentration.

**27.** Which of the following pairs will give displacement reaction ?

a. $FeSO_4$ and copper metal.

b. $FeSO_4$ and aluminium metal.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଆଜ୍‌ମା

ଆଜ୍‌ମା ଏକ ଶ୍ୱାସଜନିତ ସମସ୍ୟା। ଏହାଦ୍ୱାରା ଆକ୍ରାନ୍ତ ହେଉଥିବା ରୋଗୀ ସହଜରେ ନିଃଶ୍ୱାସ ନେଇପାରେ ନାହିଁ। ଫଳରେ ଏହାର ତୁରନ୍ତ ଚିକିତ୍ସା କରାଇବାକୁ ପଡିଥାଏ। ବେଳେବେଳେ ରୋଗୀର ଅବସ୍ଥା ଦେଖି ତାକୁ ଆଇସିୟୁରେ ଆଡ୍‌ମିଶନ କରାଯାଇ ଚିକିତ୍ସା କରାଯାଏ। ଆଜ୍‌ମାରୁ ଉପଶମ ପାଇବା ପାଇଁ କେତେକ ଔଷଧ ଧୀରେ ଧୀରେ କାମ କରେ ଏବଂ କେତେକରୁ ଶୀଘ୍ର ଫଳ ମିଳିଥାଏ। ହେଲେ ଔଷଧ କେତେ ପରିମାଣରେ ଏବଂ କେତେ ବ୍ୟବଧାନରେ ଖାଇବାକୁ ପଡିବ, ତାହା ଡାକ୍ତରଙ୍କ ପରାମର୍ଶ ଉପରେ ନିର୍ଭର କରିଥାଏ। ଏହି ସମସ୍ୟା ଗମ୍ଭୀର ହେଲେ ରୋଗୀକୁ ଇନ୍‌ହେଲରର ସାହାଯ୍ୟ ନେବାକୁ ପଡେ। ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ଯେତେବେଳେ ଧୂଳି ଉଡୁଛି କି ଘର ସଫା ହେଉଛି ସେତେବେଳେ ଏଭଳି ପ୍ରଦୂଷିତ ଧୂଳିକଣାଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ଏସବୁ ଶ୍ୱାସକ୍ରିୟା ଦ୍ୱାରା ଶରୀର ଭିତରକୁ ଗଲେ ତାହା ଆଜ୍‌ମା ସମସ୍ୟାକୁ ବଢ଼ାଇ ଦେଇଥାଏ। ଯଦି କୌଣସି ଗୃହପାଳିତ ପଶୁପକ୍ଷୀ ରଖିଛନ୍ତି ତେବେ ସେମାନଙ୍କ ଲୋମ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଆଜ୍‌ମା ରୋଗୀ ଧୂମପାନ ଅଭ୍ୟାସକୁ ତୁରନ୍ତ ପରିହାର କରିବା ଆବଶ୍ୟକ। ଏହା ବ୍ୟତୀତ ପ୍ରଦୂଷିତ ସ୍ଥାନ, ଥଣ୍ଡାଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଯଦି ଇନ୍‌ହେଲର ବ୍ୟବହାର କରୁଛନ୍ତି, ତେବେ ବ୍ୟାୟାମ କରିବାର ୧୦-୧୫ ମିନିଟ୍ ପୂର୍ବରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଡୋଜ୍ ନିଅନ୍ତୁ।



# କୃତ୍ରିମ ଚନ୍ଦ୍ର

**ଅତୀତରେ ଯାହା ଦିନେ ଥିଲା କବିର କଳ୍ପନା, ତାହା ଏବେ ବାସ୍ତବତାରେ ପରିଣତ ହେବାକୁ ଯାଉଛି ଚାଇନାର ବୈଜ୍ଞାନିକମାନେ ୨୦୨୦ ମସିହା ସୁଦ୍ଧା ଆକାଶରେ ଏକ କୃତ୍ରିମ ଚନ୍ଦ୍ର ସ୍ଥାପନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଏହି କୃତ୍ରିମ ଚନ୍ଦ୍ରକୁ ସିଚୁଆନ୍ ପ୍ରଦେଶର ରାଜଧାନୀ ଚେଙ୍ଗଡୁ ସହର ଉପରେ ଅବସ୍ଥାପିତ କରାଯିବ...**







ନିକୁଞ୍ଜ ବିହାରୀ ସାହୁ

ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର। ଏହାକୁ ଆମେ ଶ୍ରଦ୍ଧାରେ ଜହ୍ନମାମୁ ବୋଲି ଡାକୁ। ଜହ୍ନ ଆଲୁଅ ଶୀତଳ ଓ ମନମତାଣିଆ। ଜହ୍ନ ଆଲୁଅରେ ପଢ଼ାପଢ଼ି କରି ହୁଏନା, ମାତ୍ର ଚାରିଆଡ଼େ ଫର୍ଚ୍ଚା ଦେଖାଯାଏ ଓ କାମଦାମ କରିହୁଏ। ଯଦି ପୃଥିବୀର ଆଉ ଗୋଟିଏ ଚନ୍ଦ୍ର ଥାନ୍ତା, ଦୁଇଟି ପୂର୍ଣ୍ଣଚନ୍ଦ୍ର ଏକାବେଳେ ଉଦୟ ହେଲେ ଆମର ଆକାଶ ଆଲୁଅର ରୋଶଣିରେ ଉଦ୍ଭାସିତ ହୋଇ ଉଠନ୍ତା!

ଅତୀତରେ ଯାହା ଦିନେ ଥିଲା କବିର କଳ୍ପନା, ତାହା ଏବେ ବାସ୍ତବତାରେ ପରିଣତ ହେବାକୁ ଯାଉଛି। ଚାଇନାର ବୈଜ୍ଞାନିକମାନେ ୨୦୨୦ ମସିହା ସୁଦ୍ଧା ଆକାଶରେ ଏକ କୃତ୍ରିମ ଚନ୍ଦ୍ର ସ୍ଥାପନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହି କୃତ୍ରିମ ଚନ୍ଦ୍ରକୁ ସିଚୁଆନ୍ ପ୍ରଦେଶର ରାଜଧାନୀ ଚେଙ୍ଗଡୁ ସହର ଉପରେ ଅବସ୍ଥାପିତ କରାଯିବ।

ଏହା ପ୍ରକୃତରେ ଏକ ବିଶାଳକାୟ ଦର୍ପଣ, ଯାହା ଭୂପୃଷ୍ଠଠାରୁ ୫୦୦ କି.ମି. ଊର୍ଦ୍ଧ୍ୱରେ ରହି କକ୍ଷପଥରେ ଘୂରିବ। ଏହା ପ୍ରାକୃତିକ ଚନ୍ଦ୍ର ଭଳି ସୂର୍ଯ୍ୟରଶ୍ମିକୁ ପୃଥିବୀ ଆଡ଼କୁ ପ୍ରତିଫଳନ କରିବ। ଏହା ଆଲୋକ ପ୍ରଦାନରେ ପ୍ରାକୃତିକ ଚନ୍ଦ୍ରକୁ ବଳିଯାଇ ଆକାଶରେ ଆଠ ଗୁଣ ଉଜ୍ଜ୍ୱଳରେ ଦେଖାଯିବ।

ମାତ୍ର ଏହା ଦ୍ୱାରା ପ୍ରାକୃତିକ ଚନ୍ଦ୍ର ଭଳି ପୃଥିବୀର ସବୁ ଅଞ୍ଚଳକୁ ଆଲୋକିତ କରିହେବ ନାହିଁ। ଏହାଦ୍ୱାରା ପୃଥିବୀର ଏକ ସୀମିତ ଅଞ୍ଚଳକୁ ଆଲୋକିତ କରିହେବ। ପ୍ରଥମେ ଏହି ଯୋଜନାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇ ଏକ ମରୁଭୂମିର କିଛି ଅଞ୍ଚଳକୁ ଆଲୋକିତ କରାଯିବ। ଏହି ଯୋଜନା ସଫଳ ହେଲେ ୨୦୨୨ ମସିହା ବେଳକୁ ତିନୋଟି କୃତ୍ରିମ ଚନ୍ଦ୍ରକୁ ଆକାଶରେ ଏକ ସମୟରେ ଅବସ୍ଥାପିତ କରାଯିବ। ଏହା ଆକାଶର ସମୁଦାୟ ୩୬୦ ଡିଗ୍ରୀ ପରିସରରେ ରହି ପ୍ରତ୍ୟେକ ସମୟରେ ସୂର୍ଯ୍ୟର ଆଲୋକ ରଶ୍ମିକୁ ପୃଥିବୀକୁ ପ୍ରତିଫଳନ କରିବ। ଏହି ତିନୋଟି ଯାକ କୃତ୍ରିମ ଚନ୍ଦ୍ର ଦ୍ୱାରା ପୃଥିବୀ ପୃଷ୍ଠର ୨୪୭୦ ବର୍ଗମାଇଲ ବିସ୍ତୃତ ଅଞ୍ଚଳକୁ ଆଲୋକିତ କରାଯାଇ ପାରିବ।

ଏହି ଯୋଜନାର ଅସଲ ଉଦ୍ଦେଶ୍ୟ ହେଉଛି ସହରର ବିଜୁଳି ଖର୍ଚ୍ଚ ହ୍ରାସ କରିବା। ଏହାଦ୍ୱାରା ଷ୍ଟ୍ରିଟ୍ ଲାଇଟ୍ ସବୁକୁ ବେଶି ଜଳାଇବା ଆବଶ୍ୟକ ହେବ ନାହିଁ। ଆକଳନ ଅନୁସାରେ ଭୂମିରେ ୫୦ ବର୍ଗ କିଲୋମିଟର ଅଞ୍ଚଳକୁ ଆଲୋକିତ କରିହେଲେ ଚେଙ୍ଗଡୁ ସହରର ବର୍ଷକୁ ୧୭କୋଟି ଡଲାର୍ ମୂଲ୍ୟର ବିଦ୍ୟୁତ୍ ସଞ୍ଚୟ କରିହେବ ବୋଲି ଜଣାପଡ଼େ। ଏହାକୁ ମଧ୍ୟ ବନ୍ୟା, ବାତ୍ୟା ଭଳି ଆପଦକାଳୀନ ପରିସ୍ଥିତିରେ ରାତି ସମୟରେ ଅନ୍ଧାର ଦୂର କରିବା ନିମନ୍ତେ ବ୍ୟବହାର କରାଯାଇ ପାରିବ। ଆକାଶରେ କୃତ୍ରିମ ଚନ୍ଦ୍ର ସ୍ଥାପନ କରି ଭୂପୃଷ୍ଠକୁ ଆଲୋକିତ କରିବା ଏକ ନୂଆ ଘଟଣା ନୁହେଁ। ବିଗତ ୧୯୯୩ ମସିହାରେ ରୁଷିଆ ନାମ୍ୟା-୨ ନାମକ ୬୫ ଫୁଟ ବ୍ୟାସର ଏକ ପ୍ଲାଷ୍ଟିକ ଦର୍ପଣକୁ ଉପଗ୍ରହରେ ଖଞ୍ଜି ଅନ୍ତରୀକ୍ଷରେ ଅବସ୍ଥାପିତ କରିଥିଲା। ଏହା ସ୍ୱଳ୍ପ ସମୟ ପାଇଁ ଭୂପୃଷ୍ଠକୁ ଏକ ସରୁ ଆଲୋକଗୁଚ୍ଛ ପ୍ରତିଫଳନ କରିଥିଲା ଯାହାକୁ ମିର୍ ମହାକାଶ ଷ୍ଟେଶନ୍‌ରେ ମହାକାଶଚାରୀମାନେ ଲକ୍ଷ୍ୟକରି ଫଟୋ ଉତ୍ତୋଳନ କରିଥିଲେ। ଭୂପୃଷ୍ଠରେ ସାଧାରଣ ଲୋକେ ଏହି ଆଲୋକଗୁଚ୍ଛକୁ ଆକାଶର ତାରା ଭଳିଆ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କରୁ ଆସିଥିବାର ଦେଖିଥିଲେ।

ଛଅ ବର୍ଷ ପରେ ରୁଷିଆ ନାମ୍ୟା-୨.୫ ନାମକ ପୂର୍ବଠାରୁ ବଡ଼ ଆଉ ଏକ ଦର୍ପଣ ମହାକାଶକୁ ପ୍ରେରଣ କରିଥିଲା। ଦିବାଲୋକର ସମୟ ବୃଦ୍ଧି ସାଙ୍ଗକୁ ସୌରଫଳକ ନିମନ୍ତେ ଅଧିକ ଶକ୍ତି ପ୍ରେରଣ କରିବା ଏହାର ଉଦ୍ଦେଶ୍ୟ ଥିଲା। ମାତ୍ର ଏହା ଅନ୍ତରୀକ୍ଷରେ ସୁଚାରୁ ରୂପେ ଅବସ୍ଥାପିତ ହୋଇ ନ ପାରି ନଷ୍ଟ ହୋଇଗଲା। ସେବେଠାରୁ କ୍ରମବର୍ଦ୍ଧିଷ୍ଣୁ ଖର୍ଚ୍ଚ ଦୃଷ୍ଟିକୋଣରୁ ରୁଷିଆ ଏହି ପ୍ରକଳ୍ପକୁ ସ୍ଥଗିତ ରଖିଥିଲା।

କିଛି ବୈଜ୍ଞାନିକ କୃତ୍ରିମ ଚନ୍ଦ୍ରର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ସତର୍କବାଣୀ ଶୁଣାଇଲେଣି। ଏହାଦ୍ୱାରା ଆକାଶରେ ମାତ୍ରାଧିକ ଉଜ୍ଜ୍ୱଳତା ସୃଷ୍ଟି ହୋଇ ଆଲୋକ ପ୍ରଦୂଷଣ ଘଟିବ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କଲେଣି। ଫଳରେ ଜୀବଜନ୍ତୁମାନଙ୍କର ଜୈବିକ ଘଡ଼ି ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି ହେବା ଦ୍ୱାରା ସେମାନଙ୍କ ଜୀବନକ୍ରିୟା ଉପରେ ଘୋର ପ୍ରଭାବ ପଡ଼ିବ। ଆହୁରି ମଧ୍ୟ ଅତ୍ୟଧିକ ଆଲୋକ ହେତୁ ରାତିରେ ଲୋକମାନଙ୍କ ନିଦ୍ରା ବାଧାପ୍ରାପ୍ତ ହେବ ଯାହାଦ୍ୱାରା ମୋଟାପଣ, ଡାଇବେଟିସ୍ ତଥା ମାନସିକ ଅବସାଦ ଭଳି ରୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଏସବୁ ଆଶା, ଆଶଙ୍କା ସତ୍ତ୍ୱେ ଆକାଶରେ କୃତ୍ରିମ ଚନ୍ଦ୍ରର ସ୍ଥାପନ ଯେ ଏକ ବଡ଼ ପ୍ରଯୁକ୍ତିଗତ ଉପଲବ୍ଧି ହେବା ସାଙ୍ଗକୁ ଏକ ଦର୍ଶନୀୟ ଦୃଶ୍ୟ ହେବ, ଏଥିରେ ସନ୍ଦେହ ନାହିଁ।

*-ଏଜୁକେଶନ୍ ଅଫିସର*
*ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର*
*ଢେଙ୍କାନାଳ*
*ମୋ: ୮୦୧୮୭୦୮୮୫୮*

# ପାଚନକ୍ରିୟାକୁ ସକ୍ରିୟ କରାଇବାର ସହଜ ଉପାୟ

ଯଦି ଆମର ପାଚନ କ୍ରିୟା ଠିକ୍ ରହିଲା ତେବେ ଆମେ କେତେକ ରୋଗଠାରୁ ନିଜକୁ ଦୂରେଇ ରଖିଥାଉ। ଏହା ଅସନ୍ତୁଳିତ ରହିଲେ ପେଟଜନିତ ସମସ୍ୟା ଦେଖାଦେଇଥାଏ। ତେବେ ପାଚନ କ୍ରିୟାକୁ ଆହୁରି ଦୃଢ଼ କରିବାର ଏକ ସହଜ ଉପାୟ ରହିଛି। ବାସ୍, ଗୋଟିଏ କଥାକୁ ଟିକେ ଧ୍ୟାନ ଦିଅନ୍ତୁ ନା ! ତାହା କ'ଣ ଜାଣନ୍ତି ? ସକାଳ ଜଳଖିଆ। ଯଦି ଆପଣ ନିୟମିତ ସକାଳ ଜଳଖିଆ ଖାଉଛନ୍ତି ତେବେ ଏହାର ସୁପ୍ରଭାବ ପାଚନକ୍ରିୟା ଉପରେ ପଡିଥାଏ। କେବଳ ସେତିକି ନୁହେଁ ଏହା ଆପଣଙ୍କ ମନକୁ ଦିନତମାମ ଫ୍ରେଶ ରଖିବା ସହ ମାନସିକତାକୁ ସକାରାତ୍ମକ ରଖେ। ବିଶେଷଭାବରେ ସକାଳ ଜଳଖିଆରେ ଯଦି ତଟକା ଫଳମୂଳ ସାମିଲ କଲେ ତେବେ ତାହା ଶରୀର ପାଇଁ ଆହୁରି ଉପକାରୀ ସାବ୍ୟସ୍ତ ହୋଇଥାଏ। ଲଣ୍ଡନ ୟୁନିଭର୍ସିଟିର ଖାଦ୍ୟ ବିଶେଷଜ୍ଞମାନେ କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରି ସେମାନଙ୍କ ପାଚନକ୍ରିୟା ଉପରେ ସକାଳ ଜଳଖିଆର କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିଥିଲେ।






ବିଶେଷଭାବରେ ସେମାନଙ୍କୁ ସକାଳ ଜଳଖିଆ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ପରିଶେଷରେ ସେମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତିଙ୍କର ପାଚନ କ୍ରିୟା ପୂର୍ବାପେକ୍ଷା ସକ୍ରିୟ ହେଉଥିବାର ଲକ୍ଷ୍ୟ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

- ସୁସ୍ଥ ରହିବାକୁ ସମସ୍ତେ ଚାହାନ୍ତି। ହେଲେ କେତେକ ବ୍ୟସ୍ତବହୁଳ ଜୀବନଶୈଳୀ ପାଇଁ ନିଜ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ମୁତାବକ ଧ୍ୟାନ ଦେଇପାରନ୍ତି ନାହିଁ। ତେଣୁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- ରାତିରେ ଶୋଇବା ଏବଂ ସକାଳୁ ଉଠିବା ପ୍ରତି ଧ୍ୟାନ ଦିଅନ୍ତୁ। ଠିକ୍ ସମୟରେ ନିଦ୍ରା ଗଲେ ତାହା ଶରୀରକୁ ଅନେକାଂଶରେ ସୁସ୍ଥ ରଖିଥାଏ। ଅପରପକ୍ଷରେ ସକାଳୁ ଠିକ୍ ସମୟରେ ଉଠିବାକୁ ଚେଷ୍ଟା କରନ୍ତୁ।
- ରାତ୍ରି ଭୋଜନ ପରେ ପରେ ଶୋଇବା ଅଭ୍ୟାସ ତ୍ୟାଗ କରନ୍ତୁ। ରାତିରେ ଖାଇବା ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିବା ଭଲ।
- କେଉଁ ବ୍ୟାୟାମ କଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସେ ସମ୍ପର୍କରେ ଡାକ୍ତର କିମ୍ବା ବ୍ୟାୟାମ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ଖାଇବା ସମୟରେ ନିଜର ଲୋଭ ପ୍ରତି ସଚେତନ ରହନ୍ତୁ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ।



# ମାଂସପେଶୀ ବଢ଼ାଇବ ଷ୍ଟେମ୍ ସେଲ୍



ଆଜିକାଲି ବିଭିନ୍ନ କ୍ଷେତ୍ରରେ ଷ୍ଟେମ୍ ସେଲ୍‌ର ବ୍ୟବହାର କରାଯାଉଛି। ଫଳତଃ କେତେକ ଚିକିତ୍ସା ପ୍ରଣାଳୀ ଆହୁରି ସହଜ ହୋଇପାରିଛି। ଏହି ତାଲିକାରେ ନିକଟରେ ଆଉ ଏକ ଜିନିଷ ଯୋଡା ଯାଇଛି। ଆଘାତଜନିତ ସମସ୍ୟା ପରେ ମାଂସପେଶୀ ବୃଦ୍ଧି ପାଇଁ ଏହାର ଉପଯୋଗ କରାଯାଇପାରିବ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏଭଳି ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟଶଳ୍ୟ ବିଶେଷଜ୍ଞମାନେ। ଦୁର୍ଘଟଣାରେ ଯଦି ମାଂସପେଶୀ ପ୍ରଭାବିତ ହେଲା ତେବେ ଏହା ପୂରଣ ହେବାକୁ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ପଡିଥାଏ। ହେଲେ ଏଣିକି ମାଂସପେଶୀ ବଢ଼ାଇବା ପାଇଁ ଷ୍ଟେମ୍ ସେଲ୍‌ର ବ୍ୟବହାର କରାଯାଇପାରିବ। କେବଳ ସେତିକି ନୁହେଁ, ଏହାକୁ ଉପଯୋଗ କରାଯାଇ ସେଥିରୁ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।

# କଫ ସମସ୍ୟାର ଘରୋଇ ଉପଚାର

- ଅଧା କପ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ ଭଲ ଭାବରେ ମିଶାଇ ଦିଅନ୍ତୁ। ତା'ପରେ ଏଥିରେ ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଉଷୁମ କରି ପିଅନ୍ତୁ। ନିୟମିତ କିଛିଦିନ ଏହାକୁ ପିଇଲେ କଫ ସମସ୍ୟା ଦୂର ହୋଇଥାଏ।
- ଅଦାକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏହାକୁ ପାଣିରେ ମିଶାଇ ଭଲ ଭାବରେ ଫୁଟାନ୍ତୁ। ଏହାକୁ ଉଷୁମ ଅବସ୍ଥାରେ ପିଇଲେ କଫରୁ ଉପଶମ ମିଳିଥାଏ।
- ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ।



- ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ କେବଳ କଫ ନୁହେଁ ଥଣ୍ଡାଜନିତ ସମସ୍ୟା ଦୂର ହୋଇଥାଏ।

# ଅକ୍ୟୁପେସନାଲ ଥେରାପି



ଡା. ଅନୁରୂପା ସେନାପତି

**ବର୍ତ୍ତମାନର ଆଧୁନିକ ଚିକିତ୍ସା ବିଜ୍ଞାନର ଅବିଭକ୍ତ ତଥା ଅତ୍ୟାବଶ୍ୟକ ପଦ୍ଧତି ହେଉଛି ଅକ୍ୟୁପେସନାଲ୍ ଥେରାପି। ସ୍ୱଧ୍ୟାୟ, ଆବଶ୍ୟକ କାର୍ଯ୍ୟ ତଥା କ୍ରୀଡ଼ା ସାହାଯ୍ୟରେ ଶାରୀରିକ ତଥା ମାନସିକ ସ୍ତରରେ ପ୍ରୋତ୍ସାହନ ତଥା ଉନ୍ନତି, ଅସାମର୍ଥ୍ୟତା ଦୂରୀକରଣ, ସ୍ୱୟଂ ଚଳପ୍ରଚଳତାର କ୍ଷମତା ହାସଲ, ଅକ୍ୟୁପେସନାଲ୍ ଥେରାପିର ମୁଖ୍ୟ ଲକ୍ଷ୍ୟ।**

ବର୍ତ୍ତମାନର ଆଧୁନିକ ଚିକିତ୍ସା ବିଜ୍ଞାନର ଅବିଭକ୍ତ ତଥା ଅତ୍ୟାବଶ୍ୟକ ପଦ୍ଧତି ହେଉଛି ଅକ୍ୟୁପେସନାଲ୍ ଥେରାପି। ସ୍ୱଧ୍ୟାୟ, ଆବଶ୍ୟକ କାର୍ଯ୍ୟ ତଥା କ୍ରୀଡ଼ା ସାହାଯ୍ୟରେ ଶାରୀରିକ ତଥା ମାନସିକ ସ୍ତରରେ ପ୍ରୋତ୍ସାହନ ତଥା ଉନ୍ନତି, ଅସାମର୍ଥ୍ୟତା ଦୂରୀକରଣ, ସ୍ୱୟଂ ଚଳପ୍ରଚଳର କ୍ଷମତା ହାସଲ ଆକ୍ୟୁପେସନାଲ୍ ଥେରାପିର ମୁଖ୍ୟ ଲକ୍ଷ୍ୟ।

ଅକ୍ୟୁପେସନାଲ ଥେରାପି ପୁରାତନ ଯୁଗର ଅସାଧ୍ୟ ରୋଗ ନିରାକରଣ କରିବାରେ ସଫଳ ହୋଇ ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଖ୍ରୀଷ୍ଟପୂର୍ବ ୧୦୦ରେ ଗ୍ରୀକ୍ ବୈଜ୍ଞାନିକ ଆସକ୍ଲେ ପିଆଡେସ୍ (Ascle Piades) ବିଭିନ୍ନ ପ୍ରକାର ଡାକ୍ତର ସ୍ନାନ ପ୍ରଣାଳୀ (Therapeutic Bath), ମସାଜ୍ (massage), ବ୍ୟାୟାମ୍ ଓ ମ୍ୟୁଜିକ୍ ଥେରାପି ମାଧ୍ୟମରେ ବିଭିନ୍ନ ପ୍ରକାର ମାନସିକ ରୋଗ ଦୂର କରିପାରୁଥିଲେ। ସେହିପରି ରୋମାନ୍ ଡାକ୍ତର ତଥା ଦାର୍ଶନିକ ସେଲ୍‌ସସ୍ (celsus) ମ୍ୟୁଜିକ୍ ଥେରାପି, ଭ୍ରମଣ ଚିକିତ୍ସା, ବ୍ୟାୟାମ ଓ ଆଜନ୍ମ ମୂକ ରୋଗୀମାନଙ୍କୁ କଥୋପକଥନର ବିଭିନ୍ନ ପ୍ରଣାଳୀ ଦ୍ୱାରା ଆରୋଗ୍ୟ କରିପାରୁଥିଲେ। ଆକ୍ୟୁପେସନାଲ୍ ଥେରାପି ସମ୍ଭବତଃ ଅଠର ଶହ ଶତାବ୍ଦୀରେ ଚିକିତ୍ସାଳୟଧୀନ ହୋଇପାରିଥିଲା । ଏହାକୁ ସମ୍ଭବ କରିପାରିଥିଲେ ଫିଲିପ୍ସି ପିନେଲ୍ (Philippe Pinel) ଏବଂ ଜିହାନ୍ ଖ୍ରୀଷ୍ଟାନ୍ ରେଲ୍ (Jihann christian Reil)। ବିଶ୍ୱଯୁଦ୍ଧ ଦ୍ୱାରା ଭୟାବହ ଶାରୀରିକ ତଥା ମାନସିକ କ୍ଷତି ଅକ୍ୟୁପେସନାଲ ଥେରାପିର ଆବଶ୍ୟକ ଲୋଡିଥିଲେ । ମୂଳତଃ, ୟୁରୋପରେ ସଂପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରିବା ପରେ ଯୁକ୍ତରାଷ୍ଟ୍ର ଓ ପରେ ପରେ ସମଗ୍ର ବିଶ୍ୱରେ ଅକ୍ୟୁପେସନାଲ୍ ଥେରାପି ନିଜ କାୟା ବିସ୍ତାର କରିବାରେ ସଫଳ ହୋଇପାରିଛି । ଦ୍ୱାରା ବିଭିନ୍ନ ରୋଗର ଭିନ୍ନ ଭିନ୍ନ ସମାଧାନ ପ୍ରଣାଳୀ ଆବିଷ୍କାର କରିବା (Romanticism), ବାସ୍ତବବାଦ ଉପରେ ବିଶେଷ ଦୃଷ୍ଟି ଦେଇ ଅସାଧ ରୋଗରୁ ଲୋକମାନଙ୍କୁ ମୁକ୍ତି ପ୍ରଦାନ କରିପାରୁଛି । ଏହାବ୍ୟତୀତ ଅକ୍ୟୁପେସନାଲ ଥେରାପି ସ୍ୱାସ୍ଥ୍ୟ ଉପରେ ଏକ ଯୁକ୍ତାତ୍ମକ ପ୍ରଭାବ ପକାଏ। ଅକ୍ୟୁପେସନାଲ ଥେରାପି ରୋଗୀକୁ ଏକ ଠିକ୍ ପ୍ରଣାଳୀ ଦ୍ୱାରା ବ୍ୟାୟାମ ଅଭ୍ୟାସ ଓ ସମୟର ଠିକ୍ ବିନିଯୋଗ କିପରି ହୋଇପାରିବ ତାହା ଶିଖାଏ ଏବଂ ସ୍ୱାସ୍ଥ୍ୟ, ସଂସ୍କୃତି ଓ ବ୍ୟକ୍ତିଗତ ଉନ୍ନତି ପାଇଁ ସଦାସର୍ବଦା ପ୍ରଚେଷ୍ଟା କରିଥାଏ । ଅତଏବ ଅକ୍ୟୁପେସନାଲ ଥେରାପି ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ମାନସିକ ତଥା ଶାରୀରିକ ବିକଳାଙ୍ଗତାରୁ ମୁକ୍ତି ପାଇବା ଅନିବାର୍ଯ୍ୟ ଅଟେ ।





ଦାର୍ଶନିକ ଦୃଷ୍ଟିକୋଣରୁ ଦେଖିବା ଦ୍ୱାରା ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଅକ୍ୟୁପେସନାଲ ଥେରାପି କଳ୍ପନା

ଅକ୍ୟୁପେସନାଲ ଥେରାପିଷ୍ଟ ସମସ୍ତ ବୟସ ତଥା ଲିଙ୍ଗ କ୍ଷେତ୍ରରେ ଉନ୍ନତ ସେବା ପ୍ରଦାନ କରିଥାନ୍ତି । ଏହିମାନେ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ ।

Autism, Cerebral Palsy ବା ମସ୍ତିଷ୍କ କ୍ରମବିକାଶରେ ଅକ୍ଷମତା, Spinal cord ବା ମେରୁଦଣ୍ଡ ଆଘାତ, ଅସ୍ଥି ଏବଂ ସ୍ନାୟୁ ସମ୍ବନ୍ଧୀୟ ଚିକିତ୍ସା, Learning disorder ବା ଶିକ୍ଷାଜନିତ ଅକ୍ଷମତା, ପୋଲିଓ ମସ୍ତିଷ୍କ ସମ୍ବନ୍ଧୀୟ ରୋଗ, ମସ୍ତିଷ୍କ ଆଘାତ (Head injury), ବାର୍ଦ୍ଧକ୍ୟ ଜନିତ ଦୁର୍ବଳତା, ଷ୍ଟ୍ରୋକ (stroke) ଆଦି ଚିକିତ୍ସାରେ ଆକ୍ୟୁପେସନାଲ ଥେରାପି ସଞ୍ଜିବନୀ-ରୂପେ କାର୍ଯ୍ୟରତ ।

ଅକ୍ୟୁପେସନାଲ ଥେରାପି ଦ୍ୱାରା ମେରୁଦଣ୍ଡ ଆଘାତଜନିତ ରୋଗର ଚିକିତ୍ସା ଯଥାକ୍ରମେ ତିନୋଟି ପ୍ରକ୍ରିୟାରେ କରାଯାଏ। (୧) ପ୍ରତିକାରକ (remedial), (୨) compensation (ବିଭିନ୍ନ କୌଶଳ ଦ୍ୱାରା କ୍ଷତିପୂରଣ) ଏବଂ madification (ରୂପାନ୍ତରଣ)। ପ୍ରଥମତଃ ମେରୁଦଣ୍ଡ ଆଘାତ ଦ୍ୱାରା ରୋଗୀଟି ନିଜର ଦୈନନ୍ଦିନ ଜୀବନର ସମସ୍ତ କାର୍ଯ୍ୟ କିପରି ସୁରୁଖୁରୁରେ କରିପାରିବ ସେଥିପ୍ରତି ଧ୍ୟାନ ଦିଆଯାଏ। ଯଦି ରୋଗୀଟିଏ ପ୍ରଥମ ପ୍ରକ୍ରିୟାରେ ଅସଫଳ ହେଲା ତେବେ ବିଭିନ୍ନ କୌଶଳ ଏବଂ ସହକାରୀ ଯନ୍ତ୍ରପାତି ଦ୍ୱାରା ଦୈନନ୍ଦିନ ଜୀବନର ସମସ୍ତ କାର୍ଯ୍ୟ କିପରି ଉନ୍ନତ ମାନରେ କରିପାରିବେ ସେଥିପାଇଁ ସାହାଯ୍ୟରତ ରହିଥାନ୍ତି ଅକ୍ୟୁପେସନାଲ ଥେରାପିଷ୍ଟ । ମସ୍ତିଷ୍କ (stroke) ଦ୍ୱାରା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କ ଚିକିତ୍ସା ଅକ୍ୟୁପେସନାଲ ଥେରାପି ଦ୍ୱାରା ଅତିଶୀଘ୍ର (ପକ୍ଷାଘାତ ହେବାର ଦୁଇ ସପ୍ତାହ ମଧ୍ୟରେ) ଆରମ୍ଭ କରାଯାଇଥାଏ। ପକ୍ଷାଘାତ ଦ୍ୱାରା ପ୍ରଭାବିତ ହୋଇଥିବା ଅଙ୍ଗପ୍ରତ୍ୟଙ୍ଗର ଗତିବିଧିକୁ ପୁନର୍ଗଠନ କରିବାରେ ଅକ୍ୟୁପେସନାଲ ଥେରାପି ଅତ୍ୟନ୍ତ ସାହାଯ୍ୟକାରୀ ଯାହା ବିଭିନ୍ନ କାର୍ଯ୍ୟକଳାପ (Activity) ଦ୍ୱାରା ସମ୍ଭବପର, ଏହା ସହ ସ୍ନାୟୁକୁ ପୁନର୍ଜୀବିତ କରିବାରେ ମଧ୍ୟ ଏହା ସାହାଯ୍ୟକାରୀ । ପକ୍ଷାଘାତ ରୋଗୀକୁ ଏକ ଉତ୍ତମ ସ୍ୱାସ୍ଥ୍ୟ ଦ୍ୱାରା ନିଜ ପୁନର୍ଜୀବନକୁ ଫେରିପାଇବାରେ ଆକ୍ୟୁପେସନାଲ ଥେରାପି ଅତ୍ୟନ୍ତ ସାହାଯ୍ୟ କରିଥାଏ ।

ସମସ୍ତେ ଜାଣନ୍ତି ମାନସିକ ରୋଗଗ୍ରସ୍ତ ହୋଇଥିବା ବ୍ୟକ୍ତିବିଶେଷ ସୁସ୍ଥ ହେବା ପାଇଁ ଏକ ଉତ୍ତମ ପରିବେଶର ନିତାନ୍ତ ଆବଶ୍ୟକ ହୋଇଥାଏ । ଏମିତି ଏକ ପରିବେଶ ଯେଉଁଠାରେ ସେ ନିଜକୁ ସୁରକ୍ଷିତ ଓ ସ୍ନେହବହୁଳ ଅନୁଭବ କରିପାରୁଥାଏ। ଅକ୍ୟୁପେସନାଲ ଥେରାପିଷ୍ଟ ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ମାନସିକ ଦୁର୍ବଳତାରୁ ରୋଗୀଙ୍କୁ ମୁକ୍ତି ପ୍ରଦାନ କରନ୍ତି ଏବଂ ତତ୍ ସହିତ ଏକ ନୂତନ ଜୀବନର ଆଶା ମଧ୍ୟ ପ୍ରେରଣ କରିଥାନ୍ତି ।

ଅକ୍ୟୁପେସନାଲ ଥେରାପିରେ ଭିନ୍ନକ୍ଷମ ଶିଶୁଙ୍କୁ ବିଶେଷ ଧ୍ୟାନ ଦିଆଯାଏ । ଅନ୍ୟ ଡାକ୍ତରୀ ବୃତ୍ତି ଅପେକ୍ଷା ଅକ୍ୟୁପେସନାଲ ଥେରାପିର ଅବଦାନ ଏଥିପ୍ରତି ଅତୁଳନୀୟ। ସାମାଜିକ, ବ୍ୟକ୍ତିଗତ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଯେଉଁ ଶିଶୁମାନେ ଦୁର୍ବଳଥାନ୍ତି ସେମାନଙ୍କ ଅସୁବିଧାର ମୂଳକାରଣର ଅନୁସନ୍ଧାନ କରି ତାହାର ଚିକିତ୍ସା କରିଥାନ୍ତି ଅକ୍ୟୁପେସନାଲ ଥେରାପିଷ୍ଟ। ଏହି ଶିଶୁମାନେ ନିଜ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ କାର୍ଯ୍ୟକଳାପରେ ସନ୍ତୁଳନ ହରାଇବସିଥାନ୍ତି, ଯଥା ବସିବା, ଖାଇବା, ଦୌଡ଼ିବା ଇତ୍ୟାଦି । ଅକ୍ୟୁପେସନାଲ ଥେରାପିଷ୍ଟମାନେ ଉକ୍ତ ରୋଗଥିବା ଶିଶୁମାନଙ୍କୁ ୪ରୁ ୬ ମାସ ବୟସ ମଧ୍ୟରେ ନିଦାନ ଓ ଚିକିତ୍ସା ଦ୍ୱାରା ଏକ ନୂତନ ଜୀବନ ଦାନ କରି ବଞ୍ଚିବାର ମୁଖ୍ୟସ୍ରୋତକୁ ଫେରାଇ ଆଣିବାରେ ସଫଳ ହୋଇଥାନ୍ତି।

*-ବିଭାଗୀୟ ମୁଖ୍ୟ, ଅକ୍ୟୁପେସନାଲ ଥେରାପି, ନିଟାର, ଫୁଲନଖରା, କଟକ*
*ମୋ : ୯୪୩୭୬୩୧୪୯୧*

## ସଂକ୍ଷେପରେ

### ଟିସିଏସ୍ ଦ୍ୱାରା ବିକଶିତ ପାନ୍ ପ୍ରଣାଳୀକୁ ଚରଣ ସିଂହ ମଞ୍ଜୁରୀ ଦେଇ ନ ଥିଲେ

**ନୂଆଦିଲ୍ଲୀ,୯-୧୨:** ଭାରତ ୭୦ ଦଶକର ଶେଷାର୍ଦ୍ଧରେ ପୂର୍ଣ୍ଣ କମ୍ପ୍ୟୁଟରୀକୃତ ଟିକସ ବ୍ୟବସ୍ଥାକୁ ଲାଗୁ କରିବାର ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲା। ମ୍ୟାନେଜମେଣ୍ଟ ରଣନୀତିକାର ତଥା ଅନୁସନ୍ଧାନକାରୀ ଶଶାଙ୍କ ଶାହଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଦ ଟାଟା ଗ୍ରୁପ୍: ଫ୍ରମ୍ ଟର୍ଚ୍ଚବିୟରର୍ସ ଟୁ ଟ୍ରେଲବ୍ଲେଜର୍ସ'ରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଟାଟା ସମୂହର ୧୫୦ ବର୍ଷ ପୂର୍ତ୍ତି ଅବସରରେ ନଭେମ୍ବର ୨୯ରେ ଏହି ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। ଏଥିରେ ଦର୍ଶାଯାଇଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୬୯ରେ ବ୍ୟାଙ୍କର ରାଷ୍ଟ୍ରୀୟକରଣ କରିବା ପରେ ବ୍ୟବସାୟ କମିବା ଆରମ୍ଭ ହୋଇଥିଲା, କାରଣ ସରକାର ଦେଶରେ କମ୍ପ୍ୟୁଟର ଆଣିବାକୁ ଚାହୁଁ ନ ଥିଲେ। ଏହାଦ୍ୱାରା ନିଯୁକ୍ତି ହ୍ରାସ ପାଇବ ବୋଲି ସରକାର ଆଶଙ୍କା କରୁଥିଲେ। ଟିସିଏସ୍ ଦ୍ୱାରା ୧୯୭୭ରେ ଆୟକର ବିଭାଗ ପାଇଁ ପାନ୍ ପ୍ରଣାଳୀ ବିକଶିତ କରାଯାଇଥିଲା। କିନ୍ତୁ ଚରଣ ସିଂହ ବେକାରି ସମସ୍ୟା ବଢ଼ିବ ବୋଲି ଦର୍ଶାଇ ଏହାକୁ ଗ୍ରହଣ କରି ନ ଥିଲେ ବୋଲି ପୁସ୍ତକରେ ଦର୍ଶାଯାଇଛି।

### ମାଲ୍ୟା ପ୍ରତ୍ୟର୍ପଣ ମାମଲା ରାୟ
### ସିବିଆଇ-ଇଡି ଟିମ୍‌ର ଲଣ୍ଡନ ଗସ୍ତ



**ନୂଆଦିଲ୍ଲୀ,୯-୧୨:** ସଙ୍କଟ ଦେଇ ଗତି କରୁଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ସୋମବାର ଲଣ୍ଡନସ୍ଥିତ ୱେଷ୍ଟ ମିନିଷ୍ଟର ଅଦାଲତରେ ହାଜର ହେବେ। ଏହି ଦିନ ତାଙ୍କର ପ୍ରତ୍ୟର୍ପଣ ନେଇ ବିଚାରପତି ତାଙ୍କ ରାୟ ଶୁଣାଇବେ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ଏ.ସାଇ ମନୋହରଙ୍କ ନେତୃତ୍ୱରେ ଉଭୟ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ବରିଷ୍ଠ ଅଧିକାରୀମାନେ ଲଣ୍ଡନ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିଛନ୍ତି। ବନ୍ଦ ହୋଇଯାଇଥିବା କିଙ୍ଗଫିଶର ଏୟାରଲାଇନ୍ସର ପ୍ରମୁଖ ରହିଥିବା ୬୨ ବର୍ଷୀୟ ମାଲ୍ୟାଙ୍କ ବିରୋଧରେ ପ୍ରାୟ ୯ ହଜାର କୋଟି ଟଙ୍କା ଠକେଇ ଅଭିଯୋଗ ରହିଛି। ଏହି କାରଣରୁ ତାଙ୍କୁ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ ମାମଲା ଦାଏର କରାଯାଇଛି। ଗତ ବର୍ଷ ଏପ୍ରିଲରେ ପ୍ରତ୍ୟର୍ପଣ ୱାରେଣ୍ଟ ପରେ ତାଙ୍କୁ ଗିରଫ କରାଯାଇଥିଲା। ଏବେ ସେ ଜାମିନରେ ରହିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ପ୍ରତ୍ୟର୍ପଣ ଉଦ୍ୟମ କରାଯାଉଛି ବୋଲି ମାଲ୍ୟା ଅଭିଯୋଗ କରିଛନ୍ତି। ଟୁଇଟ୍ କରି ବ୍ୟାଙ୍କରୁ ସେ ଟଙ୍କାଟିଏ ଋଣ ନେଇନାହାନ୍ତି ବୋଲି ସଫେଇ ଦେଇଛନ୍ତି। କିଙ୍ଗଫିଶର ଏୟାରଲାଇନ୍ସ ଉକ୍ତ ଋଣ ନେଇଥିଲା। ସେ କେବଳ ଗ୍ୟାରେଣ୍ଟର ଥିଲେ। ନିକଟରେ ଟୁଇଟ୍ କରି ସେ ବ୍ୟାଙ୍କଗୁଡିକର ମୂଳଧନ ଫେରାଇ ଦେବେ ବୋଲି ପ୍ରକାଶ କରିଛନ୍ତି।

### ମତ ରଖିଲେ ନୀତି ଆୟୋଗ ସଦସ୍ୟ
### ଋଣଛାଡ଼ର ଫାଇଦା କିଛି ଚାଷୀଙ୍କୁ ମିଳୁଛି

**ନୂଆଦିଲ୍ଲୀ,୯-୧୨:** ଫସଲ ବିକ୍ରି ସମେତ ପ୍ରାକୃତିକ ବିପର୍ଯ୍ୟୟ ଜନିତ ସମସ୍ୟା ଯୋଗୁ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଚାଷୀମାନଙ୍କ ଭିତରେ ଋଣଛାଡ଼ ଦାବି ଜୋର୍ ଧରୁଛି। ଏହା ଉପରେ ନୀତି ଆୟୋଗ ସଦସ୍ୟ ରମେଶ ଚାନ୍ଦ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଋଣ ଛାଡ଼ର ଫାଇଦା ସବୁ ଚାଷୀଙ୍କୁ ମିଳୁନି। କିଛି ଚାଷୀଙ୍କୁ ଏହାର ଲାଭ ମିଳୁଛି। ସେ ଏହା ସପକ୍ଷରେ ନାହାନ୍ତି ବୋଲି ଚାନ୍ଦ କହିଛନ୍ତି। ଗତ ୧୫ ବର୍ଷ ଧରି ଦେଶର ନୀତି ନିର୍ଦ୍ଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଚାନ୍ଦ କହିଛନ୍ତି ଯେ, ଗରିବ ରାଜ୍ୟଗୁଡିକର ମାତ୍ର ୧୦ରୁ ୧୫ ପ୍ରତିଶତ ଚାଷୀ ଋଣଛାଡ଼ର ଲାଭ ପାଉଛନ୍ତି। କାରଣ ସେମାନଙ୍କୁ କମ୍ ସଂସ୍ଥାଗତ ଋଣ ମିଳୁଛି। ସ୍ୱାମୀନାଥନ କମିଶନ ରିପୋର୍ଟ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅଧିକାଂଶ ସୁପାରିସ୍‌କୁ ଲାଗୁ କରିସାରିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ସଂକ୍ରାନ୍ତରେ ଚାନ୍ଦ କହିଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ସୀମା ପରେ ଏହାକୁ ଆଉ ବଢ଼ାଯାଇପାରିବ ନାହିଁ। କାରଣ ଚାହିଦାକୁ ଦୃଷ୍ଟି ଦେଲେ ସମାଜର ଅଧିକାଂଶ ଦରବୃଦ୍ଧିକୁ ସହ୍ୟ କରିପାରିବେ ନାହିଁ। ଚାହିଦା-ଯୋଗାଣ ପ୍ରସଙ୍ଗ ପ୍ରତି ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି।

> ଦେଶରେ କୌଣସି ଗ୍ଲୋବାଲ ଫଣ୍ଡ ନିବେଶ କରିବାକୁ ଚାହୁଁଥିଲେ ସରକାର ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦେବେ।
> **– ସୁରେଶ ପ୍ରଭୁ, ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ**



> ଇ-ଯାନ ନେଇ କୌଣସି ନୀତି ଆସି ନ ଥିଲେ ବିଶ୍ୱ ବଜାରର ଧାରାକୁ ଦେଖି ଭାରତରେ ନୂଆ ମଡେଲ ଆଣିବାକୁ ବିଚାର କରିବୁ।
> **– କୋଖ୍ୟୁନ୍ ହିମ୍, ସିଇଓ, କିଆ ମୋଟର ଇଣ୍ଡିଆ**



### ବଢୁଛି ବିଦେଶୀ ନାଗରିକତ୍ୱ ସଂଖ୍ୟା
# ଚୋକ୍‌ସୀଙ୍କ ରାସ୍ତାରେ ଧନୀ ଭାରତୀୟ

**ନୂଆଦିଲ୍ଲୀ,୯-୧୨**

ଗତ କିଛିବର୍ଷ ଧରି ଚାଇନା ଓ ରୁଷର ଧନିକ ଶ୍ରେଣୀ ବିଦେଶୀ ନାଗରିକତା ପାଇବାକୁ ଆଗ୍ରହ ପ୍ରକାଶ କରିଆସୁଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ୨୦୧୭ ନଭେମ୍ବରରେ ଆଣ୍ଟିଗୁଆର ନାଗରିକତ୍ୱ ହାସଲ କରିଛନ୍ତି। ତାଙ୍କୁ ଦେଖି ଏବେ ଧନୀ ଭାରତୀୟଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ ବଢୁଛି। ସ୍ୱଳ୍ପ ନିବେଶ ଜରିଆରେ ସେମାନେ ବିଦେଶୀ ନାଗରିକତ୍ୱ ହାସଲ ପାଇଁ ଏବେ ଆଗ୍ରହ ଦେଖାଇବା ଆରମ୍ଭ କରିଛନ୍ତି।


ବିଦେଶୀ ନାଗରିକତ୍ୱ ପ୍ରଦାନରେ ସହାୟତା କରୁଥିବା ବ୍ରିଟେନର କିଛି କମ୍ପାନୀ ଦାବି କରିଛନ୍ତି ଯେ, ଚୋକ୍‌ସୀଙ୍କ ପରେ ବିଦେଶୀ ନାଗରିକତ୍ୱ ହାସଲ ପାଇଁ ବହୁ ଧନୀ ଭାରତୀୟ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ବସ୍ତୁତଃ କହିବାକୁ ଗଲେ ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜର୍ସିସ୍ଥିତ ହେନଲେ ଆଣ୍ଡ୍ ପାର୍ଟନର୍ସ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱର ବିଭିନ୍ନ ଦେଶରୁ ନାଗରିକତ୍ୱ ନେଇ ପଚରାଉଚୁରା ୩୨୦% ବୃଦ୍ଧି ପାଇଛି। ଏଥିରେ ଭାରତୀୟଙ୍କ ସଂଖ୍ୟା ଯଥେଷ୍ଟ ଅଧିକ।

- ଏକ ନିଶ୍ଚିତ ନିବେଶ ପରେ ମିଳୁଛି ନାଗରିକତ୍ୱ
- ବିଦେଶୀ ନାଗରିକତ୍ୱ ନେଇ ଭାରତୀୟଙ୍କ ପଚରାଉଚୁରା ବଢୁଛି
- ଦେଶର ଆଇନ ନ ଥିବାରୁ ନିବେଶ ସାଜିଛି ଧନୀ ଭାରତୀୟଙ୍କ ବିକଳ୍ପ




ଧନୀ ବ୍ୟକ୍ତିଙ୍କୁ ନାଗରିକତ୍ୱ ଯୋଗାଇ ଦେଉଥିବା ଲଣ୍ଡନସ୍ଥିତ କମ୍ପାନୀ ନାଇଟବ୍ରିଜ କ୍ୟାପିଟାଲ ପାର୍ଟନର୍ସ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ୭୦ରୁ ୮୦ ପ୍ରତିଶତ ଧନୀ ଭାରତୀୟ ବିଦେଶୀ ନାଗରିକତ୍ୱ ଅଥବା ସେଠାରେ ବସବାସ କରିବା ଯୋଜନା ସମ୍ପର୍କରେ ପଚାରି ବୁଝୁଛନ୍ତି। ତେବେ ଧନୀ ପରିବାର ଦେଶ ଛାଡୁଛନ୍ତି କାହିଁକି ବୋଲି ପ୍ରଶ୍ନ ହେବାରୁ ହେନଲେ ଆଣ୍ଡ ପାର୍ଟନର୍ସର ସାଉଥ ଇଷ୍ଟ ଏସିଆ ମୁଖ୍ୟ ଡୋମିନିକ ବୋଲେକ କହିଛନ୍ତି ଯେ, ଲାଇଫଷ୍ଟାଇଲ, ଶିକ୍ଷା, ଟ୍ରାନ୍ସପୋର୍ଟ, ନିର୍ମଳ ବାୟୁ ଏବଂ ସ୍ୱାସ୍ଥ୍ୟସେବା ପାଇବାକୁ ନେଇ ଚାଇନା, ରୁଷ ଭଳି ଭାରତୀୟଙ୍କ ମଧ୍ୟରେ ସମାନ ମତ ରହିଛି। ତେବେ ଏହା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ହୋଇଥାଏ। ଅଧିକାଂଶ ଭାରତୀୟ ନିଜ ଘର ଓ ସ୍ୱଦେଶ ଛାଡିବାକୁ ରାଜି ନୁହନ୍ତି। କିନ୍ତୁ ଅନ୍ୟ ଦେଶର ନାଗରିକତ୍ୱ ପାଇବାକୁ ଚାହାନ୍ତି। ଉଦାହରଣ ସ୍ୱରୂପ, ଜଣଙ୍କ ନିକଟରେ ପର୍ତ୍ତୁଗାଲର ଗୋଲ୍ଡେନ ଭିଜା ଥିଲେ ସେ ବର୍ଷକରେ ଥରେ ୭ ଦିନ ପାଇଁ ସେ ଦେଶରେ ଅତିବାହିତ କରିବାର ସୁବିଧା ପାଇବେ। ତେବେ ଅନ୍ୟ ଦେଶର ନାଗରିକତ୍ୱ ଲାଗି ଭାରତୀୟ ଆଇନ ଅନୁମତି ଦିଏ ନାହିଁ। ଏହି କାରଣରୁ ବହୁ ଧନୀ ଭାରତୀୟ ନିବେଶ ଜରିଆରେ ବିକଳ୍ପ ଆପଣାଉଛନ୍ତି। ନାଇଟବ୍ରିଜ କ୍ୟାପିଟାଲ ପାର୍ଟନର୍ସର ଡାଇରେକ୍ଟର ଲୁକ୍ ହେକ୍ସଟର କହିଛନ୍ତି ଯେ, ଲୋକେ ଏବେ ୟୁରୋପୀୟ ୟୁନିୟନର ସିଙ୍ଗଲ ମାର୍କେଟରେ ପହଞ୍ଚିବାକୁ ଚାହୁଁଛନ୍ତି। ସେମାନେ ନିଜ ପିଲାଙ୍କୁ ବିଦେଶୀ ସ୍କୁଲରେ ପଢ଼ାଇବାକୁ ଆଗ୍ରହୀ। ଏହାଛଡ଼ା କଳାଧନ ଲୁଚାଇବାର ସୁରକ୍ଷିତ ସ୍ଥାନ ହୋଇଥାଏ ବିଦେଶ। ଏହାବାଦ୍ ସୁରକ୍ଷିତ ଠିକଣା ଓ ରାଜନୈତିକ ସ୍ଥିରତା ସେମାନେ ଆଶା କରୁଛନ୍ତି। ନିଜର ସମ୍ପତ୍ତି ରକ୍ଷା ଲାଗି ଏହି ଧନିକ ଶ୍ରେଣୀ ଯଥାସମ୍ଭବ ପ୍ରୟାସ କରୁଛନ୍ତି। ଯେକୌଣସି ପନ୍ଥା-ପଦ୍ଧତି ଆପଣାଇବାକୁ ପ୍ରସ୍ତୁତ। ସୂଚନାଥାଉ କି, ଗ୍ଲୋବାଲ ମାଇଗ୍ରେଶନ ରିଭ୍ୟୁ ଅନୁସାରେ ୨୦୧୭ରେ ୭ ହଜାର ଭାରତୀୟ ଧନୀ ଦେଶ ଛାଡ଼ିଛନ୍ତି। ଅଧିକାଂଶ ଲୋକ ଆମେରିକା, କାନାଡା ଓ ଅଷ୍ଟ୍ରେଲିଆରେ ବସବାସ କରୁଛନ୍ତି। ଚୋକ୍‌ସୀଙ୍କ ପଳାୟନ ପରେ ଏବେ ଧନୀ ଭାରତୀୟଙ୍କ ମଧ୍ୟରେ ନିବେଶ ଜରିଆରେ ନାଗରିକତ୍ୱ ହାସଲ କରିବା ନେଇ ସଚେତନତା ସୃଷ୍ଟି ହୋଇଛି। ଚୋକ୍‌ସୀ ଆଇନଗତ ଭାବେ ସିଟିଜେନଶିପ୍ ବାଏ ଇନଭେଷ୍ଟମେଣ୍ଟ ପ୍ରୋଗ୍ରାମ ଜରିଆରେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱରେ ଏଭଳି ବହୁ ଦେଶ ରହିଛି ଯେଉଁଠି ଜଣେ ବ୍ୟକ୍ତି ନିବେଶ ଜରିଆରେ ନାଗରିକତ୍ୱ ମିଳିପାରିବ ବୋଲି ବୋଲେକ କହିଛନ୍ତି।

## ଏସିଆ ରୋଡ ରେସିଂ ଚାମ୍ପିୟନଶିପରେ ହୋଣ୍ଡା ଚାଳକଙ୍କ ସଫଳତା



**ଭୁବନେଶ୍ୱର,୯-୧୨**

ଏସିଆ ରୋଡ ରେସିଂ ଚାମ୍ପିୟନଶିପ ୨୦୧୮ରେ ହୋଣ୍ଡାର ଭାରତୀୟ ଚାଳକମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଥାଇଲାଣ୍ଡ ବୁରିଆମର ଚାଙ୍ଗ ସର୍କିଟରେ ଅନୁଷ୍ଠିତ ଦ୍ୱିତୀୟ ରେସ୍‌ରେ ଆଇଡେମିସୁ ହୋଣ୍ଡା ରେସିଂ ଭାରତୀୟ ଟିମର ଚାଳକ ରାଜୀବ ସେତୁ ଏପି ୨୫୦ରେ ଉତ୍ତମ ପ୍ରଦର୍ଶନ କରିଥିଲେ। ସେହିଭଳି ଏସ୍ ୬୦୦ ଶ୍ରେଣୀରେ ଟିଆଗା ହାଡା ପଏଣ୍ଟ ହାସଲ କରିଛନ୍ତି। ବାଙ୍ଗାଲୋରର ଚାଳକ ଅନିଷ ଏପି ୨୫୦ ଶ୍ରେଣୀ ରେସରେ ଶ୍ରେଷ୍ଠ ୨୦ ମଧ୍ୟରେ ନିଜକୁ ସାମିଲ କରିପାରିଛନ୍ତି। ସେହିଭଳି ଏସ୍‌ଏସ୍ ୬୦୦ ଶ୍ରେଣୀରେ ଟିଆଗା ହାଡା ଭଲ ପ୍ରଦର୍ଶନ କରି ୧୨ତମ ସ୍ଥାନରେ ରେସ୍ ସମାପ୍ତ କରିଛନ୍ତି। ଏହି ସଫଳତା ଭାରତୀୟ ମୋଟର ସ୍ପୋର୍ଟକୁ ବହୁ ଆଗକୁ ନେବାରେ ସହାୟତା କରିବ ବୋଲି କମ୍ପାନୀର ବ୍ରାଣ୍ଡ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଏନ୍‌ଆଇଏନ୍‌ଏଲ୍‌ରେ ବିଲେଟ ଉତ୍ପାଦନ ଆରମ୍ଭ

**ଭୁବନେଶ୍ୱର,୯-୧୨**



ଯାଜପୁର କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍) ନିଜର ଷ୍ଟିଲ ମେଲ୍ଟିଂ ୱାର୍କଶପକୁ କାର୍ଯ୍ୟକ୍ଷମ କରାଇବା ସହ ବିଲେଟ ଉତ୍ପାଦନ ଆରମ୍ଭ କରିଛି। କମ୍ପାନୀର ଟର୍ନ ଆରାଉଣ୍ଡ ଯୋଜନା ମୁତାବକ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପଦକ୍ଷେପ ଦ୍ୱାରା କମ୍ପାନୀ ଲାଭଜନକ ସ୍ଥିତିକୁ ଆସିବ ବୋଲି ଆଶା ରଖିଥିବା କମ୍ପାନୀ କହିଛି। ବିଲେଟ ଉତ୍ପାଦନ ପରେ କନଭର୍ସନ ମାଧ୍ୟମରେ ୱାୟାର ରଡ ଏବଂ ବାର ଉତ୍ପାଦନ କରିବାକୁ ଯୋଜନା ରଖିଛି। କମ୍ପାନୀକୁ ଲାଭଜନକ ସ୍ଥିତିକୁ ଆଣିବାକୁ ଶେଷ ପର୍ଯ୍ୟାୟରେ ରହିଛୁ ବୋଲି ଏନ୍‌ଆଇଏନ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଶଶୀ ଶେଖର କହିଛନ୍ତି। ଅତି ଶୀଘ୍ର ବିଲେଟ ରପ୍ତାନି ଯୋଜନା ରହିଛି ବୋଲି ସେ ସୂଚନା ଦେଇଛନ୍ତି। କମ୍ପାନୀ ଏହାର କୋଇଡାସ୍ଥିତ ନିଜସ୍ୱ ଖଣିରୁ ଚଳିତ ବର୍ଷ ଶେଷ ସୁଦ୍ଧା ଉତ୍ପାଦନ ଆରମ୍ଭ କରିବା ନେଇ ଯୋଜନା ରଖିଛି।

# ପୁଣି କେନ୍ଦ୍ର ବିରୋଧରେ ମୁହଁ ଖୋଲିଲେ ସୁବ୍ରମଣ୍ୟନ

**ନୂଆଦିଲ୍ଲୀ,୯-୧୨**

ଜିଡିପି ବ୍ୟାକ୍ ସିରିଜ ଡାଟାକୁ ନେଇ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ସଂଶୋଧିତ ଆର୍ଥିକ ଅଭିବୃଦ୍ଧି ତଥ୍ୟକୁ ନେଇ ବିବାଦ ଉପୁଜିଥିବା ବେଳେ ବିଶେଷଜ୍ଞଙ୍କ ଦ୍ୱାରା ଏହାର ସମୀକ୍ଷା ହେବା ଉଚିତ୍ ବୋଲି ସେ କହିଛନ୍ତି। କାରଣ ପରିସଂଖ୍ୟାନକୁ ନେଇ ସୃଷ୍ଟି ହୋଇଥିବା କୁହେଳିକା ଦୂର କରାଯିବା ସହ ବିଶ୍ୱାସ ଜନ୍ମାଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ନୀତି ଆୟୋଗକୁ ପରୋକ୍ଷରେ ସମାଲୋଚନା କରି ସୁବ୍ରମଣ୍ୟନ କହିଛନ୍ତି ଯେ, ମୋଟ ଘରୋଇ ଉତ୍ପାଦ(ଜିଡିପି)ର ଗଣନା କରିବାର ବିଶେଷଜ୍ଞତା ନ ଥିବା ବ୍ୟକ୍ତିବିଶେଷ ଏହି ପ୍ରକ୍ରିୟାରେ ସାମିଲ ହେବାର ଆବଶ୍ୟକତା ନାହିଁ। ସେ କହିଛନ୍ତି ଯେ, ଜଣେ ଅର୍ଥନୀତିଜ୍ଞ ଭାବେ ସେ ମନେକରନ୍ତି ଯେ, ନିକଟରେ ସରକାରଙ୍କ ଦ୍ୱାରା ଜାରି ବ୍ୟାକ୍ ଡାଟା ଜିଡିପିରେ କିଛି କୁହେଳିକା ରହିଯାଉଛି, ଯାହା ଦୂର କରାଯିବା ଉଚିତ। ବିଶେଷଜ୍ଞମାନଙ୍କ ଦ୍ୱାରା ଏହାର ଗଭୀର ଭାବେ ସମୀକ୍ଷା କରାଯିବା ଉଚିତ ବୋଲି ତାଙ୍କର ମତ।

**ଜିଡିପିକୁ ନେଇ ସନ୍ଦେହ ଦୂର ହେବା ଉଚିତ**



ଅରବିନ୍ଦ ସୁବ୍ରମଣ୍ୟନ

### ଆର୍‌ବିଆଇ ପାଣ୍ଠି ନେବା ଲୁଟ୍ ସଙ୍ଗେ ସମାନ

ଅରବିନ୍ଦ ସୁବ୍ରମଣ୍ୟନ ନିଜ ପୁସ୍ତକ 'ଅଫ୍ କାଉନସିଲ: ଦ ଚ୍ୟାଲେଞ୍ଜେସ ଅଫ୍ ଦ ମୋଦି-ଜେଟ୍‌ଲୀ ଇକୋନୋମୀ' ପୁସ୍ତକର ଉନ୍ମୋଚନ ଉତ୍ସବରେ ଯୋଗ ଦେବାକୁ ଆସି ଆର୍‌ବିଆଇ ସହ ବିବାଦକୁ ନେଇ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିକଟରେ ପ୍ରାୟ ୪ରୁ ୪.୫ ଲକ୍ଷ କୋଟି ଟଙ୍କାର ବଳକା ଅର୍ଥ ରହିଛି। ଏହାକୁ ବ୍ୟାଙ୍କର ପୁନଃପୁଞ୍ଜୀକରଣରେ ବ୍ୟବହାର କରାଯିବା ଉଚିତ। କିନ୍ତୁ ବିତ୍ତୀୟ ନିଅଣ୍ଟ ଭରଣା କରିବା ପାଇଁ ଏହାକୁ ବିନିଯୋଗ କରାଯିବା ଗ୍ରହଣୀୟ ନୁହେଁ। ଏହା ଏକ ପ୍ରକାର ଆର୍‌ବିଆଇକୁ ଲୁଟ୍ କଲା ଭଳି ହେବ। ଆର୍‌ବିଆଇ ବୋର୍ଡର ରାଜନୀତିକରଣ ହେବା ଅନୁଚିତ ବୋଲି ସେ କହିଛନ୍ତି।

## ପୂର୍ବତଟ ରେଳପଥର ଆନ୍ତଃମଣ୍ଡଳ ଡ୍ରାମା

**ଭୁବନେଶ୍ୱର,୯-୧୨**

ପୂର୍ବତଟ ରେଳପଥ ପକ୍ଷରୁ ଆନ୍ତଃ ମଣ୍ଡଳ ଡ୍ରାମା ପ୍ରତିଯୋଗିତା ଭୁବନେଶ୍ୱରର ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର ଅତିଥି ଭାବେ ଯୋଗ ଦେଇ ପୂର୍ବତଟ ରେଳପଥ ମୁଖ୍ୟାଳୟ ଦଳକୁ ଚାମ୍ପିୟନ ସିଲ୍ଡ ପ୍ରଦାନ କରିଥିଲେ। ଏଭଳି ଗୁଣାତ୍ମକ କଳା ପ୍ରଦର୍ଶନ ଓ ପ୍ରତିଯୋଗିତା ରେଲୱେର ପରମ୍ପରା ସହ କର୍ମଚାରୀଙ୍କ ସାମର୍ଥ୍ୟକୁ ଉତ୍ସାହିତ କରିଥାଏ ବୋଲି ମିଶ୍ର ଏଥିରେ କହିଥିଲେ। ଏଥିରେ ସମ୍ବଲପୁର ଏବଂ ୱାଲଟିୟର ରେଳ ମଣ୍ଡଳ ରନର୍ସ ଅପ୍ ହୋଇଛନ୍ତି। କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ, ସମ୍ବଲପୁର ୱାଲଟିୟର, ମଞ୍ଚେଶ୍ୱର ୱାର୍କଶପ ଏବଂ ମୁଖ୍ୟାଳୟକୁ ମିଶାଇ ୫ଟି ଦଳ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ ପ୍ରକାଶ କୁମାର ନାୟକ, ବରିଷ୍ଠ ସହ ବିତ୍ତ ପ୍ରବନ୍ଧକ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଏମ୍‌ଆଇରେ ବାଣିଜ୍ୟ ସମ୍ମିଳନୀ




**ଭୁବନେଶ୍ୱର,୯-୧୨**

ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଆଇଏମ୍‌ଆଇ) ଭୁବନେଶ୍ୱର ଓ ଇଗାଡେ ବିଜନେସ ସ୍କୁଲ ମେକ୍ସିକୋର ମିଳିତ ସହଯୋଗରେ ଇଣ୍ଡଷ୍ଟ୍ରୀ ୪.୦ବିଜନେସ ବିୟଣ୍ଡ ବାଉଣ୍ଡ୍ରିଜ ସଂକ୍ରାନ୍ତ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୦ ରିସର୍ଚ୍ଚ ପେପର ଉପରେ ପ୍ରକାଶ ପାଇଥିବା ସକାରାତ୍ମକ ପ୍ରତିକ୍ରିୟାର ଆଲୋଚନା ହୋଇଥିଲା। ଅନ୍ତଃରାଷ୍ଟ୍ରୀୟ ଫୋରମଗୁଡ଼ିକ ଗୋଟିଏ ପ୍ଲାଟଫର୍ମରେ ବ୍ୟବସାୟିକ ପ୍ରଥା ଏବଂ ଏହାର ମୂଲ୍ୟାଙ୍କନ ଉପରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଏଠାରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ରମେଶ ବେହଲ, ଇଗାଡେ ବିଜନେସ ସ୍କୁଲର ପ୍ରଫେସର ରାଜଗୋପାଳ, ନେପାଳ ରାଷ୍ଟ୍ର ବ୍ୟାଙ୍କର ପୂର୍ବତନ ଗଭର୍ନର ଡ. ତିଲକ ରାୱଲ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ। ପ୍ରଫେସର ମିନତି ମିଶ୍ର ଓ ସୌରଭ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ବିମୁଦ୍ରୀକରଣ ଲାଗୁ ପ୍ରକ୍ରିୟା ଭୁଲ୍ ଥିଲା'

**ନୂଆଦିଲ୍ଲୀ,୯-୧୨**

ବିମୁଦ୍ରୀକରଣର ୨ ବର୍ଷ ପରେ ଦେଶର ପ୍ରମୁଖ ବ୍ୟାଙ୍କର ଭାବେ ଜଣାଶୁଣା ଉଦୟ କୋଟାକ୍ ଏହାକୁ ସମାଲୋଚନା କରିଛନ୍ତି। ବିମୁଦ୍ରୀକରଣ ଲାଗୁ କରିବା ପ୍ରକ୍ରିୟା ଭୁଲ୍ ଥିଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, କିଛି ପ୍ରସଙ୍ଗ ଉପରେ ଠିକ୍ ଭାବେ ଗୁରୁତ୍ୱ ଦିଆଯାଇଥିଲେ ଏହାର ପରିଣାମ ବହୁତ ଭଲ ମିଳିଥାନ୍ତା। ଏ ପ୍ରସଙ୍ଗରେ ସେ ୨୦୦୦ ଟଙ୍କିଆ ନୂଆ ନୋଟ୍ ଆଣିବାର ଯୁକ୍ତି ନେଇ ପ୍ରଶ୍ନ ଉଠାଇଥିଲେ ମଧ୍ୟ ଏହା ଆର୍ଥିକ କ୍ଷେତ୍ର ଲାଗି ଏକ ବଡ଼ ବରଦାନ ଥିଲା ବୋଲି ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଛୋଟ ଛୋଟ ଉଦ୍ୟୋଗଗୁଡିକ ପ୍ରତି କେନ୍ଦ୍ର ସରକାର ଧ୍ୟାନ ଦେଉଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି। ବିମୁଦ୍ରୀକରଣ ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ଉଦୟ କୋଟାକ୍ କହିଛନ୍ତି ଯେ, ଏହାକୁ ଠିକ୍ ଭାବେ ଲାଗୁ କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଥିଲେ,ଆମକୁ ଭଲ ପରିଣାମ ମିଳିଥାନ୍ତା। ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବନ୍ଦ କରାଯିବା ପରେ ୨୦୦୦ ଟଙ୍କିଆ ନୋଟ୍ କାହିଁକି ପ୍ରଚଳନ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବିମୁଦ୍ରୀକରଣ ଲାଗୁ କରିବା ପୂର୍ବରୁ ଛୋଟ ମୂଲ୍ୟର ଅଧିକ ନୋଟ୍ ପ୍ରଚଳନ କରାଯିବାର ଆବଶ୍ୟକତା ଥିଲା ବୋଲି କୋଟାକ୍ କହିଛନ୍ତି।



ଉଦୟ କୋଟାକ୍

# ଇ-ଯାନ ସବ୍‌ସିଡିକୁ ନେଇ ମତଭେଦ

**ନୂଆଦିଲ୍ଲୀ,୯-୧୨**

ଇଲେକ୍ଟ୍ରିକ ଗାଡ଼ିକୁ ସବ୍‌ସିଡି ପ୍ରଦାନ ପାଇଁ ୨ ଚକିଆ ଯାନ ଉପରେ 'ଫିବେଟ୍' (ଗୋଟିଏ ପ୍ରକାର ଶୁଳ୍କ) ଲାଗୁ କରିବାକୁ ନେଇ ନୀତି ଆୟୋଗ ଓ ଭାରି ଉଦ୍ୟୋଗ ମନ୍ତ୍ରଣାଳୟ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଫିବେଟ୍ ଆଦାୟକୁ ଆୟୋଗ ସମର୍ଥନ କରୁଥିବା ବେଳେ ମନ୍ତ୍ରଣାଳୟ ଏହାକୁ ବିରୋଧ କରିଛି। ଏହା ଏଭଳି ଶୁଳ୍କ ଆଦାୟକୁ ଚିନ୍ତାଜନକ ବୋଲି ଦର୍ଶାଇଛି। କାରଣ ଏହାଦ୍ୱାରା ଗାଡ଼ି ମୂଲ୍ୟ ବୃଦ୍ଧି ପାଇବା ସହିତ ଶୁଳ୍କ ଆଦାୟ କିପରି ହେବ ସେ ନେଇ ପ୍ରଶ୍ନ ଉଠାଯାଇଛି। ଏହା ବ୍ୟବହାରିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଶୁଳ୍କ ଆଦାୟ କରି ଏହି ପାଣ୍ଠିକୁ ଇଲେକ୍ଟ୍ରିକ ବାହନ ପାଇଁ ସବ୍‌ସିଡି ବାବଦରେ ବିନିଯୋଗ କରାଯାଇପାରିବ ବୋଲି ଆୟୋଗ ଯୁକ୍ତି ଦର୍ଶାଉଛି। ଅନ୍ୟପକ୍ଷରେ ମନ୍ତ୍ରଣାଳୟ ପକ୍ଷରୁ ପାଲ୍‌ଟା ଯୁକ୍ତିଦର୍ଶାଯାଇ କୁହାଯାଇଛି ଯେ, ଇଲେକ୍ଟ୍ରିକ ବାହନରେ ୧୨% ଜିଏସ୍‌ଟି ଆଦାୟ ହେଉଥିବା ବେଳେ ୨ ଚକିଆ ଗାଡ଼ିରେ ୨୮% ଆଦାୟ କରାଯାଉଛି। ଏହି ଦୃଷ୍ଟିରୁ ଦେଖିଲେ ଇଲେକ୍ଟ୍ରିକ ଗାଡ଼ିକୁ ୧୬% ଛାଡ଼ ପୂର୍ବରୁ ମିଳୁଛି। ଅଧିକାରୀଙ୍କ କହିବାନୁଯାୟୀ ଏବେ ଦେଶରେ ବର୍ଷକୁ ପ୍ରାୟ ୨ କୋଟି ଦୁଇ ଚକିଆ ଗାଡ଼ି ବିକ୍ରି ହେଉଛି। ପ୍ରତି ଗାଡ଼ି ପିଛା ୫୦୦ ଟଙ୍କାଏ ଲେଖାଏ ଶୁଳ୍କ ଆଦାୟ କରାଯାଏ, ତେବେ ପ୍ରାୟ ୧୦ ହଜାର କୋଟି ଟଙ୍କା ଲେଖାଏ ଆଦାୟ ହେବ।

# ଶୀଘ୍ର ଆସିବ ନୂଆ ଶିଳ୍ପନୀତି

**ପଣଜୀ,୯-୧୨**

ସରକାର ଦେଶରେ ଶୀଘ୍ର ନୂଆ ଶିଳ୍ପନୀତି ଲାଗୁ କରିବେ। ଶିଳ୍ପନୀତିକୁ ମଞ୍ଜୁରୀ ପ୍ରଦାନ ଲାଗି କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ସମସ୍ତ ପ୍ରକ୍ରିୟାକୁ ଚୂଡାନ୍ତ ପର୍ଯ୍ୟାୟକୁ ନେଇଛି। ଏ ସମ୍ପର୍କିତ ଡ୍ରାଫ୍ଟକୁ କେନ୍ଦ୍ର କ୍ୟାବିନେଟକୁ ମଞ୍ଜୁରୀ ଲାଗି ପଠାଯାଇଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ ରବିବାର ସୂଚନା ଦେଇଛନ୍ତି। ଏ ନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଥିବା ପ୍ରଭୁ କହିଛନ୍ତି। ଦେଶର ମାନୁଫାକ୍‌ଚରିଂ କ୍ଷେତ୍ରକୁ ପ୍ରୋତ୍ସାହନ, ବୈଦେଶିକ ଟେକ୍ନୋଲୋଜି ହସ୍ତାନ୍ତର, ଏଫ୍‌ଡିଆଇ ଆକୃଷ୍ଟ କରିବା ନେଇ ଏହି ନୀତିରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରଭୁ ସ୍ପଷ୍ଟ କରିଛନ୍ତି। ସେହିଭଳି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ ଅଫ୍ ଥିଙ୍ଗସ ଏବଂ ରୋବଟିକ୍ସ ଭଳି ପ୍ରମୁଖ ଟେକ୍ନୋଲୋଜି ବ୍ୟବହାରକୁ ଅଗ୍ରାଧିକାର ମିଳିବ। ଏଥି ଲାଗି ଆର୍ଥିକ ପ୍ରୋତ୍ସାହନ ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିବ।

ଦେଶର ନୂତନ ଶିଳ୍ପ କ୍ଷେତ୍ର ସମେତ ଅଦ୍ୟାବଧି କାର୍ଯ୍ୟ କରୁଥିବା ଶିଳ୍ପଗୁଡ଼ିକୁ ଧ୍ୟାନରେ ରଖି ବିଭିନ୍ନ ପ୍ରୋତ୍ସାହନ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହା ବାଦ୍ ନିୟାମକ ଅସୁବିଧା ଏବଂ ପେପର ୱାର୍କ ହ୍ରାସ ଉପରେ ନୀତିରେ ଗୁରୁତ୍ୱାରୋପ କରାଯାଇଛି। ନୀତିକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଇବା ପାଇଁ ଷ୍ଟିଅରିଂ କମିଟି ସହ ବିଭିନ୍ନ ବ୍ୟବସ୍ଥା ହାତକୁ ନିଆଯିବ। ଖରାପ ସ୍ଥିତି ଦେଇ ଗତି କରୁଥିବା ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗଗୁଡ଼ିକର ଅସୁବିଧା ସମାଧାନକୁ ଧ୍ୟାନରେ ରଖାଯାଇଛି। ଏଥି ଲାଗି ଇଣ୍ଡଷ୍ଟ୍ରିଆଲ୍ ହେଲ୍‌ଥ କ୍ଲିନିକ ସ୍ଥାପନ ନେଇ ପ୍ରସ୍ତାବ ରହିଛି। ସେହିଭଳି ଦେଶରେ ନୂଆ ନିଯୁକ୍ତି ସୃଷ୍ଟି, ବିଦେଶୀ ଟେକ୍ନୋଲୋଜି ହସ୍ତାନ୍ତର ଏବଂ ବାର୍ଷିକ ୧୦୦ ବିଲିୟନ ଡଲାର ଏଫ୍‌ଡିଆଇ ଆକୃଷ୍ଟ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଶିଳ୍ପନୀତି ପ୍ରୋତ୍ସାହନ ବିଭାଗ ଗତ ବର୍ଷ ଅଗଷ୍ଟରେ ଏହି ନୀତି ଡ୍ରାଫ୍ଟ କରିଥିଲା। ଏହା ୧୯୯୧ର ଶିଳ୍ପନୀତିକୁ ବାଦ ଦେବ ବୋଲି ଜଣାଯାଇଛି। ବିଶ୍ୱ ବଜାରରେ ଭାରତୀୟ ଶିଳ୍ପକୁ ଆହୁରି ପ୍ରତିଦ୍ୱନ୍ଦ୍ୱୀ କରିବା ପାଇଁ ଏଭଳି ପଦକ୍ଷେପ ଉପରେ ସରକାର କାର୍ଯ୍ୟ କରୁଥିବା ପ୍ରଭୁ ସୂଚନା ଦେଇଛନ୍ତି। ଦେଶର ମୋଟ ଜିଡ଼ିପିକୁ ମାନୁଫାକ୍‌ଚରିଂ ଶିଳ୍ପର ଅବଦାନକୁ ୨୫%କୁ ବଢାଇବାକୁ ପ୍ରୟାସ କରାଯାଉଛି। ଏହା ବର୍ତ୍ତମାନ ୧୬ରୁ ୧୭% ରହିଥିବା ଜଣାଯାଇଛି।

- କ୍ୟାବିନେଟ ମଞ୍ଜୁରୀକୁ ଅପେକ୍ଷା
- ୨୦୧୭ ଅଗଷ୍ଟରେ ଡ୍ରାଫ୍ଟ ହୋଇଥିଲା
- ନୂଆ ଟେକ୍ନୋଲୋଜିକୁ ମିଳିତ ପ୍ରୋତ୍ସାହନ
- ଏମ୍‌ଏସ୍‌ଏମ୍‌ଇ ଲାଗି ଆସିବ ଇଣ୍ଡଷ୍ଟ୍ରିଆଲ ହେଲଥ କ୍ଲିନିକ



# ଜର୍ମାନୀ କ୍ୱାର୍ଟର ଫାଇନାଲରେ



ଖ୍ରିଷ୍ଟୋଫର ରୁହର

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

ଟିମ୍ ହର୍ଜବୃକ୍ ଓ ଖ୍ରିଷ୍ଟୋଫର ରୁହରଙ୍କ ଡବଲ ଗୋଲ ବଳରେ ଜର୍ମାନୀ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ରବିବାର ପୁଲ୍ 'ଡି' ମ୍ୟାଚରେ ମାଲେସିଆକୁ ୫-୩ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଜର୍ମାନୀ ପକ୍ଷରୁ ମାର୍କୋ ମିଲ୍ଟକାଉ ଅନ୍ୟତମ ଗୋଲଟି ଦେଇଥିବାବେଳେ ମାଲେସିଆ ପକ୍ଷରୁ ରାଜି ରହିମ ୨ଟି ଓ ନାବିଲ ନୁର ଗୋଟିଏ ଗୋଲ ପରିଶୋଧ କରିଥିଲେ। ବିଶିଷ୍ଟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଜର୍ମାନୀର ୧୭ ନମ୍ବର ଖେଳାଳି ଖ୍ରିଷ୍ଟୋଫର ରୁହର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ମାଲେସିଆ ବିପକ୍ଷରେ ଆରମ୍ଭରୁ ପ୍ରଭାବୀ ରହିଥିଲା ଜର୍ମାନୀ। ମ୍ୟାଚର ଦ୍ୱିତୀୟ ମିନିଟରେ ହିଁ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହର୍ଜବୃକ୍ ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ଆକ୍ରମଣ ଜାରି ରଖି ୯ମ ମିନିଟରେ ଜର୍ମାନୀ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏହା ମିସ୍ ହୋଇଥିବାବେଳେ ୧୧ତମ ମିନିଟରେ ଗୋଲ ପରିଶୋଧ କରିବାପାଇଁ ସୁଯୋଗକୁ ହାତଛଡ଼ା କରିଥିଲା ମାଲେସିଆ। ଅର୍ଥାତ୍ ଦଳକୁ ମିଳିଥିବା ପେନାଲ୍ଟି କର୍ନର ମିସ୍ ହୋଇଥିଲା। ୧୩ତମ ମିନିଟରେ ଜର୍ମାନୀ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲେ ହେଁ ୧୪ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଖ୍ରିଷ୍ଟୋଫର ରୁହର ଜର୍ମାନୀର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ତାହାର କିଛି କ୍ଷଣ ପରେ ଅର୍ଥାତ୍ ସେହି ୧୪ତମ ମିନିଟରେ ଜର୍ମାନୀ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ମାତ୍ର ଅଧିନାୟକ ମାର୍ଟିନ ହାନେରଙ୍କ ଶଟ୍‌କୁ ମାଲେସିଆ ଗୋଲକିପର କୁମାର ସୁବ୍ରମିଆମ ଅଟକାଇ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମଧ୍ୟ ଜର୍ମାନୀର ଆଧିପତ୍ୟ ଜାରି ରହିଥିଲା। ୧୮ତମ ମିନିଟରେ ଆଉ ଏକ ଗୋଲ ଦେଇ ୧୭ ନମ୍ବର ଖେଳାଳି ରୁହର ଜର୍ମାନୀକୁ ୩-୦ରେ ଅଗ୍ରଣୀ କରାଇଥିଲେ। ମ୍ୟାଚରେ ଏହା ତାଙ୍କର ଦ୍ୱିତୀୟ ଗୋଲ ଥିଲା। ମ୍ୟାଚଟି ଏକପାଖିଆ ହୋଇଯାଉଥିବାବେଳେ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ମାଲେସିଆ। ରୋଲାଣ୍ଟ ଓଲ୍ଟମାନ୍ସଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ୨୩ତମ ମିନିଟରେ ପେନାଲ୍ଟି କର୍ନର ମିସ୍ କରିଥିଲେ ହେଁ ୨୬ତମ ମିନିଟରେ ଏଥିରୁ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲା। ୧୭ ନମ୍ବର ଜର୍ସି ପରିହିତ ରାଜି ରହିମ ଏହି ଗୋଲଟି ସ୍କୋର କରିଥିଲେ। ଏହାର ୨ ମିନିଟ ପରେ ଦଳ ଆଉ ଏକ ପେନାଲ୍ଟି କର୍ନର ପାଇଥିଲା। ୨୮ତମ ମିନିଟରେ ନାବିଲ ନୁର୍ ଏହାକୁ ଗୋଲରେ ପରିଣତ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଜର୍ମାନୀ ୩-୨ରେ ଅଗ୍ରଣୀ ରହିଥିଲା।

ବିଶ୍ୱର ୬ ନମ୍ବର ମାନ୍ୟତାପ୍ରାପ୍ତ ଜର୍ମାନୀ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରୁ ଏହି ଦଳ ଆକ୍ରମଣକୁ ଜୋରଦାର କରିଥିଲା। ମାତ୍ର ୧୨ ନମ୍ବର ଦଳ ମାଲେସିଆ କଡ଼ା ଚ୍ୟାଲେଞ୍ଜ ମଧ୍ୟ ଦେଇଥିଲା। ତେବେ ୩୯ତମ ମିନିଟରେ ମାର୍କୋ ମିଲ୍ଟକାଉଙ୍କ ଗୋଲ ବଳରେ ଜର୍ମାନୀ ଅଗ୍ରଣୀ ବ୍ୟବଧାନକୁ ୪-୩ରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା। ଏହାର ୩ ମିନିଟ ପରେ ଜର୍ମାନୀର ଡି ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ଏହାର ୨ ନମ୍ବର ଖେଳାଳି ମାଥିଆସ ମୁଲର ଠେଲି ମାଲେସିଆର ନୁରସାଫିକ୍ ସୁମନ୍ତ୍ରୀଙ୍କୁ ତଳେ ପକାଇଦେବାରୁ ରେଫରି ପେନାଲ୍ଟି କର୍ନର ଦେଇଥିଲେ। ଜର୍ମାନୀ ଆବେଦନ କରିଥିଲେ ହେଁ ରେଫରାଲରେ ତାହା ନାକଚ ହୋଇ ଯାଇଥିଲା। ଏହାର ସଦୁପଯୋଗ କରି ରାଜି ରହିମ ୪୨ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳପାଇଁ ତୃତୀୟ ଗୋଲ ସ୍କୋର କରିବାରେ କୌଣସି ଭୁଲ କରି ନ ଥିଲେ। ୪୫ତମ ମିନିଟରେ ଦଳ ପାଇଁ ମ୍ୟାଚକୁ ବରାବର କରିବା ସୁଯୋଗ ଆସିଥିଲା। ମାତ୍ର ପେନାଲ୍ଟି କର୍ନରରୁ ଦଳ ଗୋଲ କରିପାରି ନ ଥିଲା। ଶଟ୍ ଦୁର୍ବଳ ଥିବାରୁ ତାହା ଗୋଲକିପରଙ୍କ ପର୍ଯ୍ୟନ୍ତ ମଧ୍ୟ ଯାଇ ନ ଥିଲା। ୪ର୍ଥ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୮ତମ ମିନିଟରେ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲା ଜର୍ମାନୀ। ଦଳର ଦୁଇ ଖେଳାଳି ପାସ୍ ଏବଂ ଶୁଟ୍ ରଣନୀତି ଫେଲ୍ ମାରିଥିଲା। ୫୦ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ହେଁ ଏହି ଦଳ ଗୋଲ ଦେଇପାରି ନ ଥିଲା। ୫୮ତମ ମିନିଟରେ ଜର୍ମାନୀ ପେନାଲ୍ଟି କର୍ନର ମିସ୍ କରିଥିବାବେଳେ ୫୯ତମ ମିନିଟରେ ମ୍ୟାଚକୁ ବରାବର କରିବାକୁ ମାଲେସିଆ ନିକଟରେ ସୁଯୋଗ ଥିଲା। ମାତ୍ର ପେନାଲ୍ଟି କର୍ନରକୁ ଫୈଜଲ ସାରି ଗୋଲରେ ପରିଣତ କରିପାରି ନ ଥିଲେ। ଅନ୍ୟପକ୍ଷରେ କାଳବିଳମ୍ବ ନ କରି ସେହି ୫୯ତମ ମିନିଟରେ ଜର୍ମାନୀର ଟିମ୍ ହର୍ଜବୃକ୍ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ହର୍ଜବୃକ୍‌ଙ୍କ ଦ୍ୱିତୀୟ ଗୋଲ ବଳରେ ଜର୍ମାନୀ ୫-୩ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ ମଧ୍ୟରେ ମାଲେସିଆର ୨ ଖେଳାଳି ହଳଦିଆ ଏବଂ ଜଣେ ଖେଳାଳି ଗ୍ରୀନ୍ କାର୍ଡ ପାଇଥିଲେ। ଜର୍ମାନୀର ୨ ଖେଳାଳିଙ୍କୁ ଗ୍ରୀନ କାର୍ଡ ମିଳିଥିଲା।



ଜର୍ମାନୀ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।

# ଲିଗ୍ ଶେଷ, ଆଜିଠାରୁ କ୍ରସ୍ ଓଭର

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ୧୪ତମ ସଂସ୍କରଣର ଲିଗ୍ ପର୍ଯ୍ୟାୟ ରବିବାର ଶେଷ ହୋଇଛି। ପ୍ରତିଯୋଗିତାର କ୍ରସ୍ ଓଭର ମ୍ୟାଚ ସୋମବାରଠାରୁ ଆରମ୍ଭ ହେବ। ୪ଟି ଗ୍ରୁପ୍‌ର ଶୀର୍ଷ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିୟମ ଅନୁସାରେ ପ୍ରତି ଗ୍ରୁପର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରୁପ୍'ଏ'ରୁ ଆର୍ଜେଣ୍ଟିନା, 'ବି'ରୁ ଅଷ୍ଟ୍ରେଲିଆ, 'ସି'ରୁ ଆୟୋଜକ ଭାରତ ଏବଂ 'ଡି'ରୁ ଜର୍ମାନୀ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ଗ୍ରୁପ୍'ଏ'ରୁ ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଗ୍ରୁପ'ବି'ରୁ ଇଂଲଣ୍ଡ, ଚାଇନା, ଗ୍ରୁପ'ସି'ରୁ ବେଲଜିୟମ, କାନାଡ଼ା ଓ ଗ୍ରୁପ୍ 'ସି'ରୁ ନେଦରଲାଣ୍ଡ୍ସ ଓ ପାକିସ୍ତାନ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୪ଟି ଗ୍ରୁପର ୪ର୍ଥ ସ୍ଥାନରେ ରହିଥିବା ଦଳ ଯଥାକ୍ରମେ ସ୍ପେନ, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ମାଲେସିଆ ବିଦାୟ ନେଇଛନ୍ତି।

## କ୍ରସ୍ ଓଭର କ'ଣ

ହକିର ନୂଆ ନିୟମ ଅନୁସାରେ ୨୦୧୮ ବିଶ୍ୱକପ ୧୬ ଦଳ ବିଶିଷ୍ଟ ହୋଇଛି। ୨୦୨୨ ବିଶ୍ୱକପରେ ମଧ୍ୟ ୧୬ ଦଳ ଖେଳିବା କାର୍ଯ୍ୟକ୍ରମ ରହିଛି। ୨୦୧୬ରେ ଅନ୍ତର୍ଜାତୀୟ ହକି ଫେଡେରେଶନ କାର୍ଯ୍ୟକାରିଣୀ ଅନୁମୋଦନ ଲାଭ କରିଥିବା ନୂଆ ନିୟମ ଅନୁସାରେ ପ୍ରତି ମ୍ୟାଚ ୪ କ୍ୱାର୍ଟର ବିଶିଷ୍ଟ ହେଉଛି। ପ୍ରତି କ୍ୱାର୍ଟର ୧୫ ମିନିଟ ବିଶିଷ୍ଟ ହେଉଛି। ୪ଟି ଗ୍ରୁପ୍‌ର ଶୀର୍ଷ ଦଳ ସିଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରୁଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଦଳ କ୍ରସ୍ ଓଭର ଦେଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅର୍ଥାତ୍ କ୍ରସ୍ ଓଭର ମ୍ୟାଚ ପୁଲ୍ 'ଏ'ର ଦ୍ୱିତୀୟ ଓ ପୁଲ୍'ବି'ର ତୃତୀୟ ଏବଂ ପୁଲ୍'ବି'ର ତୃତୀୟ ଓ ପୁଲ୍'ଏ'ର ଦ୍ୱିତୀୟ ସ୍ଥାନୀୟ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପୁଲ୍ ସି'ର ଦ୍ୱିତୀୟ ଦଳ ସହ ପୁଲ୍'ଡି'ର ତୃତୀୟ ଏବଂ ପୁଲ୍'ସି'ର ତୃତୀୟ ଦଳ ସହ ପୁଲ୍'ଡି'ର ଦ୍ୱିତୀୟ ଦଳ ମଧ୍ୟରେ କ୍ରସ୍ ଓଭର ଖେଳାଯିବ। ପ୍ରତି କ୍ରସ୍ ଓଭରର ବିଜେତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ପୂର୍ବରୁ ସିଧାସଳଖ ଯୋଗ୍ୟତା ପାଇଥିବା ୪ କ୍ୱାର୍ଟର ଫାଇନାଲିଷ୍ଟ ସହ ଏହି ଦଳ ଗୁଡ଼ିକର ମୁକାବିଲା ହେବ। ୨୦୧୭ ଜାନୁୟାରୀ ୧ରୁ ଏହି ନିୟମ କାର୍ଯ୍ୟକାରୀ ହେଉଛି।

**କ୍ରସ୍ ଓଭର କାର୍ଯ୍ୟସୂଚୀ**

| ତାରିଖ | ଦଳ | ସମୟ |
|---|---|---|
| ଡିସେମ୍ବର ୧୦ | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅପରାହ୍ନ ୪ଟା ୪୫ |
| ଡିସେମ୍ବର ୧୦ | ଫ୍ରାନ୍ସ ବନାମ ଚାଇନା | ସନ୍ଧ୍ୟା ୭ଟା |
| ଡିସେମ୍ବର ୧୧ | ବେଲଜିୟମ ବନାମ ପାକିସ୍ତାନ | ଅପରାହ୍ନ ୪ଟା ୪୫ |
| ଡିସେମ୍ବର ୧୧ | ନେଦରଲାଣ୍ଡ୍ସ ବନାମ କାନାଡ଼ା | ସନ୍ଧ୍ୟା ୭ଟା। |

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୧୦ | ୮ | +୨ | ୬ |
| ଫ୍ରାନ୍ସ | ୩ | ୧ | ୧ | ୧ | ୭ | ୬ | +୧ | ୪ |
| ନ୍ୟୁଜିଲାଣ୍ଡ | ୩ | ୧ | ୧ | ୧ | ୪ | ୬ | -୨ | ୪ |
| ସ୍ପେନ୍ | ୩ | ୦ | ୨ | ୧ | ୬ | ୭ | -୧ | ୨ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୩ | ୩ | ୦ | ୦ | ୧୬ | ୧ | +୧୫ | ୯ |
| ଇଂଲଣ୍ଡ | ୩ | ୧ | ୧ | ୧ | ୬ | ୭ | -୧ | ୪ |
| ଚାଇନା | ୩ | ୦ | ୨ | ୧ | ୩ | ୧୪ | -୧୧ | ୨ |
| ଆୟର୍ଲାଣ୍ଡ | ୩ | ୦ | ୧ | ୨ | ୪ | ୭ | -୩ | ୧ |
| **ପୁଲ୍-ସି** | | | | | | | | |
| ଭାରତ | ୩ | ୨ | ୧ | ୦ | ୧୨ | ୩ | +୯ | ୭ |
| ବେଲଜିୟମ | ୩ | ୨ | ୧ | ୦ | ୯ | ୪ | +୫ | ୭ |
| କାନାଡା | ୩ | ୦ | ୧ | ୨ | ୩ | ୮ | -୫ | ୧ |
| ଦ.ଆଫ୍ରିକା | ୩ | ୦ | ୧ | ୨ | ୨ | ୧୧ | -୯ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୩ | ୩ | ୦ | ୦ | ୧୦ | ୪ | +୬ | ୯ |
| ନେଦରଲାଣ୍ଡ୍ସ | ୩ | ୨ | ୦ | ୧ | ୧୩ | ୫ | +୮ | ୬ |
| ପାକିସ୍ତାନ | ୩ | ୦ | ୧ | ୨ | ୨ | ୭ | -୫ | ୧ |
| ମାଲେସିଆ | ୩ | ୦ | ୧ | ୨ | ୪ | ୧୩ | -୯ | ୧ |

(ବି.ଦ୍ର: ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

# କ୍ରସ୍ ଓଭର ଖେଳିବେ ନେଦରଲାଣ୍ଡ୍ସ, ପାକିସ୍ତାନ

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ରବିବାର ଅନୁଷ୍ଠିତ ଅନ୍ତିମ ୨ଟି ଲିଗ୍ ମ୍ୟାଚରେ ଜର୍ମାନୀ ଓ ନେଦରଲାଣ୍ଡ୍ସ ବିଜୟୀ ହୋଇଛନ୍ତି। ଜର୍ମାନୀ ୫-୩ ଗୋଲରେ ମାଲେସିଆକୁ ହରାଇଥିବାବେଳେ ନେଦରଲାଣ୍ଡ୍ସ ୫-୧ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ଜର୍ମାନୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ଶେଷ ମ୍ୟାଚରେ ନେଦରଲାଣ୍ଡ୍ସ ପକ୍ଷରୁ ଥିଏରୀ ବ୍ରିଙ୍କ୍‌ମ୍ୟାନ ୭ମ(ଫିଲ୍ଡ ଗୋଲ), ଭାଲେଣ୍ଟିନ ଭର୍ଗା ୨୭(ଫିଲ୍ଡ), ବବ୍ ଡି ଭୋଗ୍‌ଦ୍ ୩୭(ଫିଲ୍ଡ), ଜୋରିଟ କ୍ରୁନ ୪୭(ପେନାଲ୍ଟି କର୍ନର) ଓ ମିଙ୍କ୍ ଭାନ୍ ଡର୍ ୱିର୍ଡେନ ୫୯(ପେନାଲ୍ଟି କର୍ନର) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ପାକିସ୍ତାନ ପକ୍ଷରୁ ଉମର ବଟ୍ଟ ୯ମ(ପେନାଲ୍ଟି କର୍ନର) ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଭାରତୀୟ ହକି ଦଳର ପୂର୍ବତନ ଖେଳାଳି ଯୁଗରାଜ ସିଂ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିବାବେଳେ ଶେଷରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ସୁଦାମ ମାରାଣ୍ଡି ଅତିଥିଭାବେ ଯୋଗଦେଇ ନେଦରଲାଣ୍ଡ୍ସର ସେଭ୍ ଭାନ୍ ଆସ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଭାନ୍ ଆସ୍‌ଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ପୁଲ୍'ଡି'ର ଶେଷ ୨ଟି ମ୍ୟାଚ ସହ ଦଳଗୁଡ଼ିକର ସ୍ଥିତି ସ୍ପଷ୍ଟ ହୋଇ ଯାଇଛି। ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା ଓ ଭାରତ ସହ ଜର୍ମାନୀ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ପୁଲ୍ 'ଡି'ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ ନେଦରଲାଣ୍ଡ୍ସ ଓ ପାକିସ୍ତାନ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟତା ପାଇଛନ୍ତି। ଜର୍ମାନୀ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇ ଏହି ଗ୍ରୁପ୍‌ରୁ ଅପ୍ରତିଦ୍ୱନ୍ଦ୍ୱୀଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ନେଦରଲାଣ୍ଡ୍ସ ୩ ମ୍ୟାଚରୁ ୨ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଲିଗ୍ ଶେଷରେ ପାକିସ୍ତାନ ଓ ମାଲେସିଆ ସମାନ ୧ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ମାଲେସିଆକୁ ପଛରେ ପକାଇ ପାକିସ୍ତାନ କ୍ରସ୍ ଓଭରରେ ପ୍ରବେଶ କରିଛି। ମାଲେସିଆ ୩ଟି ମ୍ୟାଚ ଖେଳି ଗୋଟିଏ ଡ୍ର ରଖିଥିବାବେଳେ ୨ଟିରେ ପରାଜିତ ହୋଇଛି। ଏହି ଦଳ ମାତ୍ର ୪ଟି ଗୋଲ ଦେଇଥିବାବେଳେ ୧୩ଟି ବରଣ କରିଛି। ଏହାର ଗୋଲବ୍ୟବଧାନ -୯ ରହିଛି। ଅନ୍ୟପକ୍ଷରେ ପାକିସ୍ତାନ ମଧ୍ୟ ୩ଟି ମ୍ୟାଚ ଖେଳି ଗୋଟିଏ ଡ୍ର ରଖିଥିବାବେଳେ ୨ଟିରେ ପରାଜିତ ହୋଇଛି। ଏହି ଦଳ ୨ ଗୋଲ ଦେଇଥିବାବେଳେ ୭ ଗୋଲ ବରଣ କରିଛି। ଏହାର ଗୋଲ ବ୍ୟବଧାନ -୫ ରହିଛି। ଫଳରେ ସ୍ପେନ, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସହିତ ମାଲେସିଆ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଛି। ସୋମବାର କ୍ରସ୍ ଓଭରର ୨ଟି ମ୍ୟାଚରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଏବଂ ଫ୍ରାନ୍ସ-ଚାଇନା ମଧ୍ୟରେ ମୁକାବିଲା ହେବ।



ବିଜୟ ହାସଲ ପରେ ଉଲ୍ଲସିତ ନେଦରଲାଣ୍ଡ୍ସ ଖେଳାଳି ।

## ଫ୍ୟାନ୍ କର୍ନର


ଫ୍ୟାନ ଭିଲେଜରେ ସୁନ୍ଦରଗଡ଼ରୁ ଆସିଥିବା ହକିପ୍ରେମୀ ।


ନୃତ୍ୟରତ ଚିୟର ଗର୍ଲ ।

# ନେଦରଲାଣ୍ଡ୍ସ-କାନାଡ଼ା ମ୍ୟାଚର ବିଜେତାକୁ ଭେଟିବ ଭାରତ

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ପୁଲ୍ ପର୍ଯ୍ୟାୟ ରବିବାର ଶେଷ ହୋଇଛି। ୧୦ ଓ ୧୧ ତାରିଖରେ ୪ଟି କ୍ରସ୍ ଓଭର ମ୍ୟାଚ ପରେ ୧୨ ଓ ୧୩ ତାରିଖରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ପୁଲ୍ 'ସି' ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଦଖଲ କରିଥିବାରୁ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୧୩ ତାରିଖରେ ହେବାକୁଥିବା କ୍ୱାର୍ଟର ଫାଇନାଲରେ ଭାରତ ୪ର୍ଥ କ୍ରସ୍ ଓଭର ମ୍ୟାଚର ବିଜେତାକୁ ଭେଟିବ। କ୍ରସ୍ ଓଭରରେ ୪ର୍ଥ ମ୍ୟାଚ ପୁଲ୍'ସି'ର ୩ୟ ଦଳ କାନାଡ଼ା ଓ ପୁଲ୍'ଡି'ର ୨ୟ ଦଳ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ହେବ। ତେଣୁ କାନାଡ଼ା-ନେଦରଲାଣ୍ଡ୍ସ ମ୍ୟାଚର ବିଜେତା ସହିତ ଭାରତ କ୍ୱାର୍ଟର ଫାଇନାଲ ଖେଳିବ। ବିଶ୍ୱ ର୍‍ୟାଙ୍କିଙ୍ଗ୍ ଏବଂ ସାମ୍ପ୍ରତିକ ପ୍ରଦର୍ଶନ ଦୃଷ୍ଟିରୁ କାନାଡ଼ା ଅପେକ୍ଷା ନେଦରଲାଣ୍ଡ, ଶକ୍ତିଶାଳୀ ଦଳ। ତେଣୁ ଭାରତ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସକୁ ଭେଟିବା ସମ୍ଭାବନା ଅଧିକ ବୋଲି ଆଲୋଚନା ଜୋର୍ ଧରିଛି। ପୁଲ୍ ପର୍ଯ୍ୟାୟରୁ ଏଲିମିନେଟ ହୋଇଥିବା ୪ ଦଳ ମଧ୍ୟରୁ ସ୍ପେନ ୧୩, ଆୟର୍ଲାଣ୍ଡ ୧୪, ମାଲେସିଆ ୧୫ ଓ ଦକ୍ଷିଣ ଆଫ୍ରିକା ସର୍ବନିମ୍ନ ୧୬ତମ ସ୍ଥାନରେ ରହିଛି।



ଦୁବାଇରେ ପାକିସ୍ତାନ ବିପକ୍ଷ ମ୍ୟାଚ ଆମେ ଆଶ୍ଚର୍ଯ୍ୟଜନକ ଭାବେ ଡ୍ର' ରଖିପାରିଥିଲୁ। ଏହି ସଫଳତା ଆମେ ଭାରତ ବିପକ୍ଷ ଆଡିଲେଡ୍ ଟେଷ୍ଟରେ ଦୋହରାଇବୁ।

—ନାଥାନ ଲିୟନ, ଅଷ୍ଟ୍ରେଲୀୟ କ୍ରିକେଟର



ଚଳିତ ଅଷ୍ଟ୍ରେଲିଆ ବିପକ୍ଷ କ୍ରିକେଟ ଟେଷ୍ଟ ସିରିଜରେ ଭଲ କରିବାକୁ ହେଲେ ଆମ ଲୋୟର ଅର୍ଡର ବ୍ୟାଟିଂରେ ସୁଧାର ଆଣିବା ନିହାତି ଜରୁରୀ ହୋଇଡ଼ିଛି।

—ସଞ୍ଜୟ ବାଙ୍ଗର, ଭାରତୀୟ ସହକାରୀ କୋଚ୍

## ସଂକ୍ଷେପରେ

### ମନ୍ଧାନା, ହରମନପ୍ରୀତଙ୍କ ଦ୍ରୁତ ଅର୍ଦ୍ଧଶତକ

**ନୂଆଦିଲ୍ଲୀ,୯।୧୨:** ଭାରତୀୟ ମହିଳା ଟି୨୦ ଦଳର ଅଧିନାୟକ ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ବିଗ୍ ବାଶ ଲିଗ୍‌ରେ ସେମାନଙ୍କ ଦଳ ବିଜୟ ହାସଲ କରିଛନ୍ତି। ମନ୍ଧାନାଙ୍କ ଇନିଂସ ଯୋଗୁ ହାବର୍ଟ ହରିକେନ୍ସ ୭୨ ରନ୍‌ର ବ୍ୟବଧାନରେ ମେଲବୋର୍ନ ଷ୍ଟାର୍ସକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ହରିକେନ୍ସ ପକ୍ଷରୁ ଭାରତୀୟ ଦଳର ଉପଅଧିନାୟିକା ମନ୍ଧାନା ୪୧ ବଲରୁ ୬୯ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ୧୩ ଚୌକା ସାମିଲ ଥିଲା। ମନ୍ଧାନାଙ୍କ ଇନିଂସ ଯୋଗୁ ହରିକେନ୍ସ ଦଳ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୯୬ ରନ୍ କରିଥିଲା। ଏହାପରେ ଇଂଲଣ୍ଡ ଅଧିନାୟିକା ହେଥର ନାଇଟ ୩ ଉଇକେଟ ନେବାରୁ ମେଲବୋର୍ନ ଦଳ ୧୨୪ ରନ୍‌ରେ ସୀମିତ ରହିଥିଲା। ଶନିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ସିଡ୍‌ନୀ ଥଣ୍ଡର୍ସ ଦଳର ବିଜୟରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ ମୁଖ୍ୟଭୂମିକା ଗ୍ରହଣ କରିଛନ୍ତି। ସେ ୨୬ ବଲରୁ ୬ ଚୌକା ଓ ୩ ଛକା ବଳରେ ବିସ୍ଫୋରକ ୫୬ ରନ୍ କରିଥିଲେ। ସେ ୨୩ତମ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ, ଯାହାକି ମହିଳା ବିଗ୍ ବାଶ ଲିଗ୍ ଇତିହାସରେ ୩ୟ ଦ୍ରୁତତମ ଅର୍ଦ୍ଧଶତକ। ତାଙ୍କ ବ୍ୟତୀତ ରାକେଲ ପ୍ରିଷ୍ଟ ୪୯ ରନ୍ କରିଥିଲେ। ଏଥିଯୋଗୁ ସିଡ୍‌ନୀ ଥଣ୍ଡର୍ସ ଦଳ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୧୯୨ ରନ୍ କରିଥିଲା। ଜବାବରେ ବ୍ରିସବେନ ହିଟ୍ ୧୬୪ ରନ୍ କରିବାକୁ ସକ୍ଷମ ହୋଇଥିଲେ।

### ମୁସ୍ତାଫିଜୁର ଆଇପିଏଲରେ ଖେଳିବେନି

**ଢାକା,୯।୧୨:** ବାଂଲାଦେଶ ପେସର ମୁସ୍ତାଫିଜୁର ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ର ଆଗାମୀ ସଂସ୍କରଣରେ ଖେଳିପାରିବେ ନାହିଁ। ଏହି ବିତ୍ତଶାଳୀ ଲିଗ୍‌ରେ ଖେଳିବା ଲାଗି ତାଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଅନୁମତି ଦେବାକୁ ମନାକରିଦେଇଛି। ଆଗାମୀ ବର୍ଷ ବିଶ୍ୱକପ୍ ଓ ତାଙ୍କ ଫିଟ୍‌ନେସ ସମସ୍ୟା ଯୋଗୁ ବିସିବି ଏଭଳି ନିଷ୍ପତ୍ତି ନେଇଛି। ମୁସ୍ତାଫିଜୁର ୨୦୧୬ ଆଇପିଏଲ ଚାମ୍ପିୟନ ସନରାଇଜର୍ସ ହାଇଦ୍ରାବାଦ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ଉକ୍ତ ସିଜନରେ ୧୭ ଉଇକେଟ ନେଇଥିଲେ। ମାତ୍ର ୨୦୧୭ ସିଜନରେ ତାଙ୍କୁ ମାତ୍ର ଗୋଟିଏ ମ୍ୟାଚ୍ ଖେଳିବାକୁ ସୁଯୋଗ ମିଳିଥିଲା। ଚଳିତ ବର୍ଷ ସେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିଲେ। ତାଙ୍କ ବ୍ୟତୀତ ବାଂଲାଦେଶର ୯ ଜଣ ଖେଳାଳିଙ୍କୁ ଆଇପିଏଲରେ ଅଂଶଗ୍ରହଣ କରିବା ଲାଗି ଅନୁମତି ମିଳିଛି। ଏହି ତାଲିକାରେ ତାମିମ ଇକବାଲ, ମୁସଫିକୁର ରହିମ, ମହମଦୁଲ୍ଲା, ସୌମ୍ୟ ସରକାର, ସବିର ରହମାନ, ଇମରୁଲ କାଇସ, ଅବୁ ହାଇଦର, ଲିଟନ ଦାସ ଓ ଶାକିବ ଅଲ ହାସନଙ୍କ ଭଳି ଖେଳାଳି ରହିଛନ୍ତି।

# ଭାରତ ନିୟନ୍ତ୍ରଣରେ ଆଡିଲେଡ୍ ଟେଷ୍ଟ

### ଚମତ୍କାର ଆଶାରେ ଅଷ୍ଟ୍ରେଲିଆ

ଆଡିଲେଡ୍, ୯।୧୨(ପି.ଟି.)

ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ରହିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୨୩ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ଅଷ୍ଟ୍ରେଲିଆ ୨ୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ରବିବାର ୪ର୍ଥ ଦିବସ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୪ ଉଇକେଟ୍ ହରାଇ ୧୦୪ ରନ କରିଛି। ଶନ୍ ମାର୍ଶ ୩୧ ଓ ଟ୍ରାଭିସ୍ ହେଡ୍ ୧୧ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସାମି ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ବିଜୟ ପାଇଁ ଅଷ୍ଟ୍ରେଲିଆ ଆଉ ୨୧୯ ରନ ଆବଶ୍ୟକ କରୁଛି। ମାର୍ଶ ଓ ହେଡ୍‌ଙ୍କୁ ବାଦ୍ ଦେଲେ ଏକମାତ୍ର ବିଶେଷଜ୍ଞ ବ୍ୟାଟ୍ସମ୍ୟାନଭାବେ କେବଳ ଅଧିନାୟକ ଟିମ୍ ପେନ୍ ରହିଛନ୍ତି। ସେହିଭଳି ପିଚ୍ କ୍ରମଶଃ ସ୍ପିନରଙ୍କୁ ସହାୟତା କରୁଥିବାରୁ ୫ମ ଦିବସରେ ଅଶ୍ୱିନଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ତେଣୁ ମ୍ୟାଚ୍‌ରେ ଏବେ ଭାରତର ପଲା ଭାରି ରହିଛି।

ପୂର୍ବରୁ ଅସମାପ୍ତ ୨ୟ ଇନିଂସ ସ୍କୋର ୧୫୧/୩ ରନରୁ ଖେଳ ଆରମ୍ଭ କରି ଭାରତ ରବିବାର ୩୦୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଥମ ଇନିଂସରେ ୧୨୩ ରନ କରିଥିବା ଚେତେଶ୍ୱର ପୂଜାରା ୨ୟ ଇନିଂସରେ ୭୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସେହିଭଳି ଅଜିଙ୍କ୍ୟ ରାହାନେ (୭୦), ରିଷଭ ପନ୍ତ (୨୮) ମଧ୍ୟ ଉପଯୋଗୀ ବ୍ୟାଟିଂ କରିଥିଲେ। ତେବେ ନିମ୍ନକ୍ରମରେ ଇଶାନ୍ତ ଶର୍ମା (୦), ମହମ୍ମଦ ସାମି (୦), ଅଶ୍ୱିନ (୫) ବିଫଳ ହେବାଯୋଗୁ ଭାରତ ୩୦୭ ରନରେ ସୀମିତ ରହିଥିଲା। ଭାରତ ତା'ର ଶେଷ ୭ ଉଇକେଟ୍ ୭୩ ରନରେ ହରାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଲିୟନ ସର୍ବାଧିକ କ୍ଷତି ଘଟାଇଥିଲେ। ଏହି ଭେଟେରାନ ଅଫ୍-ସ୍ପିନର ୬ଜଣ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ମିଚେଲ ଷ୍ଟାର୍କ ୩ ଓ ଜୋଶ୍ ହାଜେଲଉଡ୍‌ଙ୍କୁ ଗୋଟିଏ ଉଇକେଟ୍ ମିଳିଥିଲା।



ଉଇକେଟ୍ ହାସଲ ପରେ ଅଶ୍ୱିନଙ୍କୁ ବଧାଇ ଜଣାଉଛନ୍ତି ବିରାଟ କୋହଲି ।

#### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୨୫୦ରେ ଅଲ୍‌ଆଉଟ୍
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୨୩୫ରେ ଅଲ୍‌ଆଉଟ୍
- ଭାରତ ୨ୟ ଇନିଂସ- ୩୦୭/୧୦, ୧୦୬.୫ ଓଭର (ପୂଜାରା ୭୧, ରାହାନେ ୭୦, କୋହଲି ୩୪, ରୋହିତ୍ ୧, ଲୋକେଶ ରାହୁଲ ୪୪, ଲିୟନ ୬/୧୨୨)।
- ଅଷ୍ଟ୍ରେଲିଆ ୨ୟ ଇନିଂସ- ୧୦୪/୪, ୪୯ ଓଭର (ଫିଞ୍ଚ୍ ୧୧, ହାରିସ ୨୬, ଖାଓ୍ୱଜା ୮, ମାର୍ଶ ୩୧*, ହ୍ୟାଣ୍ଡ୍ସକମ୍ବ ୧୪, ହେଡ୍ ୧୧*, ସାମି ୨/୧୫, ଅଶ୍ୱିନ ୨/୪୪)

### ସିରିଜ୍ ଜିତିଲା ଭାରତ –ଏ

ମାଉଣ୍ଟମାଉଙ୍ଗାନୁଇ, ୯।୧୨

ଏଠାରେ ରବିବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ଭାରତ ଏ' ଦଳ ଗୋଟିଏ ଓଭର ପୂର୍ବରୁ ୫ ଉଇକେଟ ହାତରେ ଥାଇ ଜିତି ନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୩୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ଅଧିନାୟକ ମନୀଷ ପାଣ୍ଡେଙ୍କ ଆକର୍ଷଣୀୟ ଅପରାଜିତ ଶତକ (୧୧୧*) ସହାୟତାରେ ଭାରତ ଏ' ହାସଲ କରି ନେଇଥିଲା। ବିଜୟ ଶଙ୍କର (୫୯) ଅର୍ଦ୍ଧଶତକ ହାସଲ କରିଥିଲେ। ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ୧୧ ତାରିଖରେ ଖେଳାଯିବ। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଏ' ଧାର୍ଯ୍ୟ ୫୦ ଓଭରରେ ୯ ଉଇକେଟ ହରାଇ ୨୯୯ ରନ୍ କରିଥିଲା। ଦଳ ପାଇଁ ୱିଲ ୟଙ୍ଗ ସର୍ବାଧିକ ୧୦୨ ଓ ଜର୍ଜ ୱାର୍କର ୯୯ ରନ୍ କରିଥିଲେ। ଭାରତୀୟ ଦଳ ପକ୍ଷରୁ ଖଲିଲ ଅହମ୍ମଦ ଓ ନବଦୀପ ସାଇନି ୨ଟି ଲେଖାଏଁ ଉଇକେଟ ନେଇଥିଲେ।

# ମିଜୋରାମ ଚାମ୍ପିୟନ

### ବିସି ରାୟ ଟ୍ରଫି ଫୁଟବଲ

ଭୁବନେଶ୍ୱର, ୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ବାଳକ ଫୁଟବଲ ପ୍ରତିଯୋଗିତା ତଥା ଡ. ବି.ସି. ରାୟ (ଟାଇର-୧) ଟ୍ରଫି ଟୁର୍ନାମେଣ୍ଟରେ ମିଜୋରାମ ଟାଇଟଲ ହାସଲ କରିଛି। ରବିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ମିଜୋରାମ ୨-୧ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ପଞ୍ଜାବ ପକ୍ଷରୁ ଏମ. ସିଙ୍ଗସଙ୍ଗ୍ ୨୦ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହା ପରେ ମିଜୋରାମ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ସ୍କୋର କରିବା ସହ ମ୍ୟାଚ୍ ହାତେଇ ନେଇଥିଲା। ମିଜୋରାମ ତରଫରୁ ୨୩ତମ ମନିଟ୍‌ରେ ଏଚ୍.ପି. ଲାଲରେମରୁଆଟା ପ୍ରଥମ ଗୋଲ ଦେଇଥିଲେ। ଏହାପରେ ୮୩ତମ ମିନିଟ୍‌ରେ ଜନ ଲାଲ୍‌ମୁନପୁଇଆ ଦ୍ୱିତୀୟ ଗୋଲ ସ୍କୋର କରି ମିଜୋରାମକୁ ଜିତାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ (ଓଓଏ) ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି ଭାବେ ଓ ପୂର୍ବତନ ଭାରତୀୟ ଅଧିନାୟକ ମହେଶ ଗଓ୍ୱାଲି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ବିଜୟ ଦାସ, ଫାଓ ଉପସଭାପତି ଭକ୍ତ ବଲ୍ଲଭ ଦାସ, ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ୍ ପଲ୍ ଓ ସଂଗୀତା ଶର୍ମା, ମହମ୍ମଦ ସାହିତ ଜବାର ଉପସ୍ଥିତ ଥିଲେ।




ଡ. ବିସି ରାୟ ଟ୍ରଫି ଚାମ୍ପିୟନ ମିଜୋରାମ ଦଳ ଅତିଥିଙ୍କ ଗହଣରେ।

# ହକି ବିଶ୍ୱକପ: ଇଂଲଣ୍ଡ– ନ୍ୟୁଜିଲାଣ୍ଡ ମୁକାବିଲା

ଭୁବନେଶ୍ୱର, ୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣର କ୍ରସ୍ ଓଭର ମ୍ୟାଚ୍ ସୋମବାରଠାରୁ ଆରମ୍ଭ ହେବ। କ୍ରସ୍ ଓଭର ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ନ୍ୟୁଜିଲାଣ୍ଡ ପୁଲ୍ ଏ'ର ତୃତୀୟ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ପୁଲ ବି'ର ଦ୍ୱିତୀୟ ସ୍ଥାନରେ ରହିଛି। କ୍ରସ୍ ଓଭରର ବିଜୟୀ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ନ୍ୟୁଜିଲାଣ୍ଡ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ସପ୍ତମ ସ୍ଥାନରେ ରହିଛି। ପୁଲ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ୨-୧ ଗୋଲରେ ଫ୍ରାନ୍ସକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୦-୩ ଗୋଲରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାଠାରୁ ପରାସ୍ତ ହୋଇଥିଲା। ତେବେ ସ୍ପେନ ବିପକ୍ଷ ତୃତୀୟ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ୩ଟି ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଗୋଟିଏ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା।

ଅପରପକ୍ଷରେ ଇଂଲଣ୍ଡ ପୁଲ୍ ବି'ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନା ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଇଂଲଣ୍ଡ ୨-୨ ଗୋଲରେ ଡ୍ର ରଖିଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ୦-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ୪-୨ ଗୋଲରେ ଆୟର୍ଲାଣ୍ଡକୁ ହରାଇଥିଲା।

କ୍ରସ୍ ଓଭର ମ୍ୟାଚ୍ ନକ୍‌ଆଉଟ୍ ହୋଇଥିବାରୁ ଉଭୟ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ତେଣୁ ଉଭୟ ଦଳ ଏହି ମୁକାବିଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ୨୦୧୩ ପରଠାରୁ ଉଭୟ ଦଳ ପରସ୍ପରକୁ ୪ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ତେଣୁ ଦକ୍ଷତା, ସାମର୍ଥ୍ୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଉଭୟ ଦଳ ପ୍ରାୟ ସମାନ ସ୍ଥିତିରେ ରହିଛନ୍ତି। ଫଳରେ ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଏହି କ୍ରସ୍ ଓଭର ମ୍ୟାଚ୍‌ର ବିଜୟୀ ଦଳ କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାକୁ ଭେଟିବ।

#### ଆଜିର ମ୍ୟାଚ୍



ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ
ସମୟ: ଅପରାହ୍ନ ୪ଟା ୪୫

ଫ୍ରାନ୍ସ ବନାମ ଚାଇନା
ସମୟ: ରାତି ୭ଟା

ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ






# ଝାଡ଼ଖଣ୍ଡଠାରୁ ୨ ରନରେ ହାରିଲା ଓଡ଼ିଶା

### ରଣଜୀ ଟ୍ରଫି

### ଶୁଭ୍ରାଂଶୁଙ୍କ ୧୫୭* ରନ ବୃଥା

କଟକ ଅଫିସ, ୯।୧୨

ରାଞ୍ଚିସ୍ଥିତ ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ସଂଘର୍ଷକରି ଘରୋଇ ଝାଡ଼ଖଣ୍ଡଠାରୁ ମାତ୍ର ୨ ରନ୍‌ରେ ପରାସ୍ତ ହୋଇଛି। ୨୬୦ ରନର ଟାର୍ଗେଟ୍‌କୁ ପିଛା କରି ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ରବିବାର ଅନ୍ତିମ ତଥା ୪ର୍ଥ ଦିବସରେ ୨୫୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ଏକଦା ୧୫୪ ରନ୍‌ରେ ୮ଟି ଉଇକେଟ ହରାଇ ପରାଜୟ ଦିଗକୁ ଅଗ୍ରସର ହେଉଥିଲା। କିନ୍ତୁ ମଧ୍ୟକ୍ରମରେ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି ଅପରାଜିତ ଦେଢ଼ଶତକୀୟ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ବିଜୟ ସ୍ୱାଦ ଚଖାଇ ପାରି ନ ଥିଲେ। ୨୧ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ୩୨୧ବଲ ଖେଳି ୧୨ ଚୌକା ଓ ୬ ଛକା ସହାୟତାରେ ୧୫୭ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବସନ୍ତ ମହାନ୍ତି ୩୮ବଲରୁ ୪ ଓ ଧୀରାଜ ସିଂ ୪୩ ବଲରୁ ୭ ରନ୍ ଗୁରୁତ୍ୱପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଶୁଭ୍ରାଂଶୁ ଅନ୍ତିମ ଦୁଇ ଉଇକେଟ ଭାଗିଦାରୀରେ ବସନ୍ତ ଓ ଧୀରାଜଙ୍କ ସହ ୧୦୩ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ୧୦ମ ଉଇକେଟ୍‌ରେ ଧୀରାଜଙ୍କୁ ସାଥୀ କରି ଶୁଭ୍ରାଂଶୁ ୬୪ ରନ ଭାଗିଦାରୀ କରିଥିଲେ ମଧ୍ୟ ତାହା ବୃଥା ଯାଇଥିଲା। ବିଜୟ ପାଇଁ ଓଡ଼ିଶାକୁ ୩ ରନ ଆବଶ୍ୟକ ହେଉଥିବାବେଳେ ଧୀରାଜଙ୍କୁ କ୍ଲିନ ବୋଲ୍ଡ କରି ଅନ୍ତର୍ଜାତୀୟ ତାରକା ବରୁଣ ଆରୋନ ଝାଡ଼ଖଣ୍ଡକୁ ସ୍ମରଣୀୟ ବିଜୟୀ କରାଇଥିଲେ। ଶୁଭ୍ରାଂଶୁ ଓ ଅନୁରାଗ ଷଡ଼ଙ୍ଗୀ(୪୧ରନ୍)ଙ୍କୁ ବାଦ୍ ଦେଇ ଓଡ଼ିଶାର ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଆଶାନୁରୂପ ପ୍ରଦର୍ଶନ କରି ପାରି ନ ଥିଲେ। ଅଧିନାୟକ ବିପ୍ଳବ ୨୩, ସୁଜିତ୍ ଲେଙ୍କା ୨, ଅଭିଷେକ ରାଉତ ୩, ସୂର୍ଯ୍ୟକାନ୍ତ ପ୍ରଧାନ ୫ ଓ ରାଜେଶ ମହାନ୍ତି ଖାତା ଖୋଲି ପାରି ନ ଥିଲେ। ବିଜୟୀ ଝାଡ଼ଖଣ୍ଡ ଦଳର ଅନୁକୂଳ ରାୟ ୪ଟି ଉଇକେଟ୍ ନେଇଥିଲେ।

ଏହି ମ୍ୟାଚ୍‌ରେ ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂ କରି ୧୭୨ ରନ୍ କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୨୦୧ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସ୍‌ରେ ଝାଡ଼ଖଣ୍ଡ ୨୮୮ରେ ଅଲ୍‌ଆଉଟ୍ ହୋଇଥିଲା।ଏହି ପରାଜୟ ସହ ଓଡ଼ିଶା ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଖସିଯାଇଛି। ଚଳିତ ସିଜନରେ ଓଡ଼ିଶା ୫ ମ୍ୟାଚ୍‌ରୁ ୨ ବିଜୟ, ୨ଟି ପରାଜୟ ଓ ଗୋଟିଏ ଡ୍ର ବଳରେ ଦଳ ୧୩ ପଏଣ୍ଟ ପାଇଛି।



ଶୁଭ୍ରାଂଶୁ ସେନାପତି



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ


MARUTI SUZUKI ARENA
BEST TIME to buy
Biggest offers of the year.
Hurry, buy before price hike.
Maruti Suzuki to increase vehicle prices upto ₹20,000'
Maruti Suzuki India Wednesday said it will increase prices of its vehicles across various models from next month to offset adverse impact of increase in commodity prices and foreign exchange rates.
ALTO
CELERIO
WAGONR
ALTO 800 SAVE UP TO ₹60,000*
CELERIO SAVE UP TO ₹60,000*
WAGONR SAVE UP TO ₹65,000*
ALTO 800 CELERIO WAGONR
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal/ DGS&D/ GeM Enquiries, Please email at adinath.ray@maruti.co.in
ODYSSEY MOTORS
• ANGUL: 7752076136,9776901481
• PALLAHARA: 7873565435,9437831123
JYOTE MOTORS
• BHUBANESWAR: LEWIS ROAD - 9776615020, 9776615035, 9776615032
NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240
• NAYAGARH: 7381028515 • BALASORE: 7064499108
SKY AUTOMOBILES
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777
NARAYANI MOTORS
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of December'18 only. Offers as shown above may change without any prior notice.

■ ବିଷ ବଳୟରେ କଳିଙ୍ଗନଗର

# ଛୁଟିଦିନ ସୁଯୋଗରେ ଛଡ଼ାଯାଉଛି ବିଷାକ୍ତ ଜଳ

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୯।୧୨**

ତୀବ୍ର ବିଷାକ୍ତ ଦ୍ରବ୍ୟ ସାୟାନାଇଡ ଓ ଫେନୋଲିକ କମ୍ପାଉଣ୍ଡ (କୋଇଲାକ୍ତ ପଦାର୍ଥ) ବିଷ ବଳୟରେ କଳିଙ୍ଗନଗରବାସୀ ଅତିଷ୍ଠ ହୋଇପଡିଛନ୍ତି। ସୁଯୋଗ ଦେଖି କେତେକ ରବିବାର ଛୁଟି ଦିନରେ ଶିଳ୍ପ କାରଖାନାର ବିଷାକ୍ତ ପାଣି ଛାଡୁଥିବାରୁ ଗଣ୍ଡନାଳା ପାଣି ଆଉ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ରବିବାର ଯାଜପୁରରୋଡ-ଡବୁରୀ ରାଜ୍ୟ ରାଜପଥର ଅନ୍ଧାରି ନାଳ ଦେଇ ବିଷାକ୍ତ ଚୂନ ଓ ଅନ୍ୟାନ୍ୟ କେମିକାଲ ମିଶ୍ରିତ ଧଳା ପାଣି ବୋହି ଗଣ୍ଡନାଳାରେ ମିଶୁଥିବା ଦେଖି ସାରଙ୍ଗପୁର ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ବିଷାକ୍ତ ପାଣି ବୋହୁଥିବାରୁ ଆଖପାଖ ଅଞ୍ଚଳବାସୀ ଦୁର୍ଗନ୍ଧରେ ରୁନ୍ଧି ହୋଇଯାଇଛନ୍ତି। ଟାଟା ଷ୍ଟିଲର ଏହି ବିଷାକ୍ତ ପାଣି ନିଳାଚଳ ଇସ୍ପାତ ମାଟେରିଆଲ ଗେଟ ସମ୍ମୁଖ ପୋଲ ଦେଇ ବିଆରପିଏଲ କାରଖାନା କଡରେ ବୋହି ଗଣ୍ଡନାଳାରେ ମିଶୁଛି ବୋଲି ସାରଙ୍ଗପୁର ଗ୍ରାମବାସୀ କହିଛନ୍ତି। ସେମାନେ ଧରିତ୍ରୀ ପ୍ରତିନିଧିଙ୍କୁ ଦେଖାଇଥିବା ଏକ ଭିଡିଓରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି। ସେହିପରି ନୀଳାଚଳ ଇସ୍ପାତ ନିଗମର ପିଗ୍ ଆଇରନର ଚୂନ ମିଶା ପାଣି ଏଥିରେ ମିଶୁଥିବା କେତେଜଣ ସୂଚନା ଦେଇଛନ୍ତି।

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନ ବି ଲୋଡ଼ା। ମାତ୍ର ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ସାଧାରଣ ଜନତାଙ୍କୁ ପରୋକ୍ଷରେ ମୃତ୍ୟୁମୁଖକୁ ଠେଲି ଦିଆଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶା ସରକାର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) କାରଖାନାରୁ ନିର୍ଗତ ମାରାତ୍ମକ ବିଷାକ୍ତ ଦ୍ରବ୍ୟ ସାୟାନାଇଡ ଓ ଫେନୋଲିକ କମ୍ପାଉଣ୍ଡ ଭଳି କେତେକ ଜଳ ପ୍ରଦୂଷଣକୁ ଆଖି ବୁଜି ଦେଇଛନ୍ତି। ଟାଟା ଷ୍ଟିଲ ଓ ନୀଳାଚଳ ଇସ୍ପାତ ନିଗମ ସମେତ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ମେସ୍କୋ କାରଖାନାର ନିର୍ଗତ ବର୍ଜ୍ୟବସ୍ତୁରେ ବିଷାକ୍ତ ହେଉଛି କଳିଙ୍ଗନଗର ଓ ଏହାର ଜୀବନରେଖା ଗଣ୍ଡନାଳା। ଖୋଦ ଏସ୍‌ପିସିବିର ବିଶେଷଜ୍ଞ ଦଳଙ୍କ ରିପୋର୍ଟ ଏହା କହୁଥିବାବେଳେ ଏସ୍‌ପିସିବି କର୍ତ୍ତୃପକ୍ଷ କେବଳ ନୋଟିସରେ ହିଁ ସୀମିତ ରହିଛନ୍ତି। ରବିବାର ଅନ୍ଧାରି ନାଳ ପୋଲ ଦେଇ ଅହରହ ବାହାରୁଥିବା ଏହି ବିଷାକ୍ତ କେମିକାଲ ପାଣି ଗନ୍ଧରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇ ପଡିଛନ୍ତି। ଏହାବାଦ ସରୀସୃପ, ମାଛ, ଗୃହପାଳିତ ପଶୁଙ୍କ ଜୀବନ ମଧ୍ୟ ବିପଦରେ ପଡିଛି। ଚାଷଜମିରେ କେମିକାଲ ପାଣି ମାଡି ଯାଇଛି। ବିଶେଷ କରି ସାରଙ୍ଗପୁର, ତଣ୍ଟିପୁର, ଧପଙ୍ଗି, ବେଙ୍ଗପାଟିଆ ପ୍ରଭୃତି ଗ୍ରାମର ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ଅକ୍ଟୋବର ୨୫ରେ କେନ୍ଦ୍ରୀୟ ପରୀକ୍ଷାଗାରରେ ହୋଇଥିବା ପରୀକ୍ଷା ରିପୋର୍ଟରେ ଗଣ୍ଡାନାଳାର ଜଳ ବିଷାକ୍ତ ହେଉଥିବା ଭଳି ଏକ ସାଂଘାତିକ ତଥ୍ୟ ମିଳିଛି। ବ୍ରାହ୍ମଣୀ, ଖରସ୍ରୋତା ଓ ଗଣ୍ଡନାଳାର ୭ଟି ବିଭିନ୍ନ ସ୍ଥାନରେ ହୋଇଥିବା ପାଣିରେ ଅନୁଜ୍ଞେୟ ସୀମିତ (ପରମିସିବୁଲ ଲିମିଟ) ୦.୦୦୫ (ମିଲିଗ୍ରାମ/ଲିଟର)ଠାରୁ ହାରାହାରି ୦.୦୯ (ମିଲିଗ୍ରାମ/ଲିଟର) ଫେନୋଲିକ କମ୍ପାଉଣ୍ଡ ଓ ପରମିସିବୁଲ ଲିମିଟ ୦.୦୫ (ମିଲିଗ୍ରାମ/ଲିଟର)ଠାରୁ ୦.୪୨୭ (ମିଲିଗ୍ରାମ/ଲିଟର) ସାୟାନାଇଡ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ରବିବାର ଜଳ ନମୁନା ସଂଗ୍ରହ କରି ଯଦି ପରୀକ୍ଷା କରାଯାଆନ୍ତା ତେବେ ପରମିସିବୁଲ ଲିମିଟଠାରୁ ଶତାଧିକ ଗୁଣ ବିଷାକ୍ତ ଦ୍ରବ୍ୟ ମିଳିଥାନ୍ତା ବୋଲି ଅଞ୍ଚଳବାସୀ ମତପ୍ରକାଶ କରୁଛନ୍ତି। ସାରଙ୍ଗପୁର ଗ୍ରାମର ଶ୍ରୀକାନ୍ତ ନାଏକ, ବଳରାମ ନାଏକ, ବେଣୁଧର ନାଏକ, ଅରୁଣ କୁମାର ମଲ୍ଲିକ ପ୍ରମୁଖ କୁହନ୍ତି, ଏ ନେଇ ଟାଟା ଷ୍ଟିଲ ଓ ନିଳାଚଳ ଇସ୍ପାତ ନିଗମ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ହେଁ କିଛି ସୁଫଳ ମିଳୁନାହିଁ। ପରିବେଶ ବିଭାଗ ମଧ୍ୟ ଆଖି ବୁଜି ଦେଇଛି। ଆଜି ଗଣ୍ଡାନାଳା ପାଣି ବିଷାକ୍ତ ହୋଇଥିବାରୁ ମଣିଷ ସମେତ ପ୍ରାଣୀଙ୍କ ଜୀବନ ମଧ୍ୟ ବିପଦରେ ପଡିଛି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଅଭିଯୋଗକୁ ଟାଟା ଷ୍ଟିଲ କର୍ତ୍ତୃପକ୍ଷ ଖଣ୍ଡନ କରିବା ସହ ସମ୍ପ୍ରତି କୌଣସି ବିଷାକ୍ତ ପାଣି ବାହାରକୁ ଛଡାଯାଉ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏସପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏନେଇ ନିଶ୍ଚିତ ଭାବେ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



■ଅନ୍ଧାରି ପୋଲ ଦେଇ ଗଣ୍ଡନାଳାରେ ମିଶିଲା ବିଷାକ୍ତ ପାଣି

■ଦୁର୍ଗନ୍ଧରେ ରୁନ୍ଧି ହେଉଛନ୍ତି ଅଞ୍ଚଳବାସୀ

## ଲୁହା ରଡ୍‌ରେ ଆକ୍ରମଣ: ୨ ଆହତ, ଅଭିଯୁକ୍ତ ଗିରଫ

**ରସୁଲପୁର,୯।୧୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତର ବ୍ରାହ୍ମଣୀ ପୋଲ ନିକଟରେ ଶନିବାର ଦିଆନଚକ ଗ୍ରାମର ସୁନା ଓରଫ ଶ୍ୟାମସୁନ୍ଦର ସ୍ୱାଇଁ(୨୧) ଏକ ଲୁହାରଡରେ ୨ଜଣ ବାଇକ୍ ଆରୋହୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ୨ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଚାନ୍ଦପୁର ଗାଁର ଶଙ୍କର୍ଷଣ ସ୍ୱାଇଁ(୨୭), କୁଆଖିଆ ଥାନା ଅନ୍ତର୍ଗତ ଏହି ପଞ୍ଚାୟତ କାନପୁର ଗ୍ରାମର ଗଣେଶ ଲେଙ୍କା(୩୭)। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଯେ, ଉକ୍ତ ୩ଜଣ ଭାଗିଦାରୀରେ ଏକ ଟ୍ରାକ୍ଟର ଆଣି ବ୍ୟବସାୟରେ ଲଗାଇଥିଲେ। ମାତ୍ର ବ୍ୟବସାୟରେ କ୍ଷତି ହେବାରୁ ସୁନା ରାଗି ଯାଇ ଶଙ୍କର୍ଷଣ ଓ ଗଣେଶଙ୍କୁ ଏକ ଲୁହାରଡରେ ଆକ୍ରମଣ କରିଥିଲେ। ଏ ନେଇ ଆହତ ଦୁଇଜଣ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ-୧୯୩/୧୮) ରୁଜୁ କରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## କଂଗ୍ରେସର ସନ୍ଦେଶ ଯାତ୍ରା ଆରମ୍ଭ



**ବିରଜାକ୍ଷେତ୍ର,୯।୧୨(ଡି.ଏନ୍.ଏ):** ଭାରତୀୟ ଜାତୀୟ କଂଗ୍ରେସର ମାର୍ଗଦର୍ଶକ ସୋନିଆ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ଯାଜପୁର ବିଧାନସଭା କଂଗ୍ରେସ ପକ୍ଷରୁ ତାଙ୍କ ଜନ୍ମଦିନ ପାଳନ କରାଯିବା ସହ ସନ୍ଦେଶ ଶୋଭାଯାତ୍ରା ରବିବାର ଆରମ୍ଭ ହୋଇଛି। ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ଯୁବନେତା ତଥା ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ସଦସ୍ୟ ପୁଲିନ ପ୍ରକାଶ ପୁହାଣ ସନ୍ଦେଶ ଯାତ୍ରା ରଥକୁ ରାମବାଗଠାରେ ଶୁଭାରମ୍ଭ କରିଥିଲେ। କଂଗ୍ରେସର ନୀତି, ଆଦର୍ଶ, କଂଗ୍ରେସ ସରକାର ସମୟରେ ହୋଇଥିବା ବିଭିନ୍ନ ଜନହିତକର ଯୋଜନା ଓ ମୋଦି ସରକାରଙ୍କ ବିଫଳତା ବିଷୟରେ ଏହି ରଥ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତି ଗ୍ରାମକୁ ଯାଇ ସାଧାରଣ ଲୋକଙ୍କୁ ସଚେତନ କରାଇବ। ଶୋଭାଯାତ୍ରା ଶୁଭାରମ୍ଭ ଦିନ ଏହି ରଥ ଯାଜପୁର ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ସଚେତନ କରାଇଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ସୋନିଆ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ପୁଲିନ ପୁହାଣ କେକ୍ କାଟି ସୋନିଆ ଗାନ୍ଧୀଙ୍କ ଉତ୍ତରୋତ୍ତର କାମନା କରିଥିଲେ। ସୋନିଆ ଗାନ୍ଧୀଙ୍କ ଜନ୍ମଦିନ ଓ ସନ୍ଦେଶ ଶୋଭାଯାତ୍ରାରେ ବ୍ଲକ୍ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ରବିନାରାୟଣ ଯେନା, ବିଘ୍ନେଶ୍ୱର ମହାନ୍ତି, ରଞ୍ଜୟ ପଣ୍ଡା, କାଲାମ ଚାନ୍ଦ, ଚନ୍ଦ୍ରମଣି ମହାନ୍ତି, ଅଲେଖ ପୃଷ୍ଟି, ଅଫସର ଖାନ୍, ଭଗବାନ ମଲ୍ଲିକ, ଦୀପକ ସାହୁ, ସୌମ୍ୟରଞ୍ଜନ ସେଠୀ, ଜୁଲଫିକର ଅଲ୍ଲୀ, ହଲିମ ଖାନ୍, ଶକ୍ତିପ୍ରକାଶ ମହାପାତ୍ର, ପାଣ୍ଡବ ବାରିକ, ପ୍ରତାପ ସାହୁଙ୍କ ସହ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ରକ୍ତଦାନ ଶିବିର

**ବିରଜାକ୍ଷେତ୍ର,୯।୧୨(ଡି.ଏନ୍.ଏ):** ଯାଜପୁର ସହରସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିସରରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବାରିସ କୁମାର ଦାସ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କ ସହିତ ଯୋଡ଼ି ହୋଇଥିବା ଅନ୍ୟାନ୍ୟ କର୍ମଚାରୀମାନେ ଏହି ଶିବିରରେ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ। ଏହି ଶିବିରକୁ ଶାଖା ପରିଚାଳକ ଦେବାଶିଷ ପରିଡ଼ା ଓ ସଂଗ୍ରାମ ମହାନ୍ତି ପରିଚାଳନା କରିଥିଲେ। ବ୍ୟାଙ୍କ କର୍ମଚାରୀ ରାଜା ପଣ୍ଡା, ସନୋଜ ଦାସ, ରିମାରାଣୀ ବାରିକ ରିତେନ୍ଦ୍ର ସାମଲ, ରାକେଶ ତ୍ରିପାଠୀ ପ୍ରମୁଖ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସମୁଦାୟ ୫୧ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଜିଲା ରେଡକ୍ରସ୍ ସହାୟତାରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହେଉଥିଲା।

■ ରାଜ୍ୟସ୍ତରୀୟ ୬ଷ୍ଠ ଲୋକକଳା ମହୋତ୍ସବ

## ଦ୍ୱିତୀୟ ସନ୍ଧ୍ୟାରେ ମନ ମୋହିଲେ ଶିଶୁ କଳାକାର

**ବିଞ୍ଝାରପୁର,୯।୧୨(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦାଗ୍ରାମ ପଞ୍ଚାୟତର ତାଉଁତରାସ୍ଥିତ ପାଲା ମଣ୍ଡପରେ ଘୁଙ୍ଗୁର ନାଟ୍ୟ ପରିଷଦ ପକ୍ଷରୁ ଆୟୋଜିତ ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ପ୍ରଧାପକ ବଟକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିଲା। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ରୂପେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ସମ୍ମାନିତ ଅତିଥି ରୂପେ ପ୍ରାଧ୍ୟାପକ ପ୍ରସନ୍ନ ରାଉତ, ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ବରିଷ୍ଠ ଶିଶୁ ଚିକିତ୍ସକ ସୁପ୍ରକାଶ ଶତପଥି, ଅଧ୍ୟାପିକା ବିନ୍ଦୁରେଖା ମହାପାତ୍ର ପ୍ରମୁଖ ଯୋଗଦେଇ ବିଞ୍ଝାରପୁର ଅଞ୍ଚଳରେ ଲୋକକଳା ମହୋତ୍ସବ ଆୟୋଜନ କରୁଥିବାରୁ ଏହା ବିଞ୍ଝାରପୁର ମାଟିକୁ ଗୌରବାନ୍ୱିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ରବିବାର ସନ୍ଧ୍ୟାରେ ଶିଶୁକଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପୂର୍ବ ନିର୍ଦ୍ଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀ ଭାଗବତ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ମହୋତ୍ସବରେ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ମହୋତ୍ସବରେ ରବୀନ୍ଦ୍ର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସ୍ୱାଗତ ଭାଷଣ କାମଦେବ ଧଳ ଓ ମଞ୍ଚ ପରିଚାଳନା ଅଧ୍ୟାପକ ସୁବ୍ରତ ଦାସ କରିଥିଲେ। କାର୍ଯ୍ୟକ୍ରମକୁ ଘୁଙ୍ଗୁର ନାଟ୍ୟ ସଂସଦ ସମ୍ପାଦକ ବାଦଲ ରାଉତ, ପରିଚାଳନା କରିଥିଲେ।



ମହୋତ୍ସବରେ ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ୨ବଖରା

**ରସୁଲପୁର,୯।୧୨(ଡିଏନଏ):** ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତରେ ରବିବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ୨ବଖରା ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ରସୁଲପୁର ବ୍ଲକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଛି। ଅଗ୍ନିକାଣ୍ଡ ଯୋଗୁ ଘରର ବହୁ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଯାଜପରୁ ତହସିଲ ଅଧିନସ୍ଥ ମେହେଶ୍ୱରପୁର ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## କୁଆଖିଆ ମହୋତ୍ସବର ପ୍ରତିଭା ଚୟନ ୧୬ରେ

**ରସୁଲପୁର,୯।୧୨(ଡିଏନଏ)**

ଯାଜପୁର ଜିଲା ପ୍ରସିଦ୍ଧ ରସୁଲପୁର ବ୍ଲକ ଅଞ୍ଚଳର ୬୪ତମ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଓ ୧୧ତମ କୁଆଖିଆ ମହୋତ୍ସବ ଚଳିତ ମାସରେ ଆରମ୍ଭ ହେବ। ଏହି ଅବସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମହୋତ୍ସବ କମିଟି ପକ୍ଷରୁ ଆୟୋଜନ କରାଯିବ। ଡିସେମ୍ବର ୧୬ରେ ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ପାଇଁ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ରସୁଲପୁର ସରସ୍ୱତୀ ଶିଶୁମନ୍ଦିର ଆନୁକୂଲ୍ୟରେ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ମହୋତ୍ସବକୁ ଅଧିକ ସରସ ସୁନ୍ଦର ଭାବେ ଆୟୋଜନ କରିବା ନେଇ କମିଟି ପକ୍ଷରୁ ଏଭଳି ଅଭିନବ ପ୍ରୟାସ କରାଯାଇଛି। ଓଡିଶାର କୋଣ ଅନୁକୋଣରେ ସୁନାମ ଅର୍ଜନ କରିଥିବା ଲୋକକଳା ଏଠାରେ ପ୍ରଦର୍ଶନ କରାଇବା ସହିତ ସ୍ଥାନୀୟ ଅଞ୍ଚଳର ପ୍ରତିଭାଙ୍କୁ ସୁଯୋଗ ଦେଇ ଆଞ୍ଚଳିକ କଳାର ବିକାଶ ଘଟାଇବା ଦିଗରେ କମିଟିର ଏହା ଏକ ସୁପଦକ୍ଷେପ ବୋଲି କୁହାଯାଉଛି। ଏହି କ୍ରମରେ ପ୍ରତିବର୍ଷ ଭଳି ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ପାଇଁ ଇଚ୍ଛୁକ କଳାକାରଙ୍କ ଅଡିସନ ନିଆଯିବ। ଆଗ୍ରହୀ କଳାକାରମାନେ ନିର୍ଦ୍ଦିଷ୍ଟ ତାରିଖରେ ରସୁଲପୁର ସରସ୍ୱତୀ ଶିଶୁମନ୍ଦିରରେ ପହଞ୍ଚିବା ପାଇଁ ମହୋତ୍ସବ କମିଟି ସଭାପତି ଅରୁଣ କୁମାର ସାହୁ ଜଣାଇଛନ୍ତି।

■ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

## ୨୭ ଜିଲାରୁ ଭାଗନେଲେ ୬୦୦ ପ୍ରତିଯୋଗୀ

**ରସୁଲପୁର,୯।୧୨(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧୁବନ ନୋଡାଲ ହାଇସ୍କୁଲ ପରିସରରେ ରବିବାର ଅପରାହ୍ଣରେ ୬୪ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ବର୍ଷରୁ କମ୍ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଶପଥ ପାଠ କରାଇଥିଲେ। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଯାଜପୁର ଏସ୍‌ପି ଚରଣ ସିଂ ମୀନା, ଉପନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସ୍ନେହମୟୀ ସନାପତି, ସମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା, କ୍ରୀଡାବିତ୍ ସରସ୍ୱତୀ ଚାନ୍ଦ, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ବେଣୁଧର ଦୋବାଇ, ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡାକୁ ଶୃଙ୍ଖଳାର ସହ ସମାପନ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଯୋଗୀମାନେ ଶୃଙ୍ଖଳାର ସହ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ରାଧାକାନ୍ତ ବୋଷ ଓ କ୍ରୀଡା ଶିକ୍ଷକ ନିରଞ୍ଜନ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ଜେନା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରୀଡ଼ା ୩ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୨୭ଟି ଜିଲାରୁ ମୋଟ ୬ଶହ ବାଳିକାବାଳକ କବାଡି ପ୍ରତିଯୋଗୀ ଭାଗ ନେଇଛନ୍ତି। ଉକ୍ତ କ୍ରୀଡାକୁ ପରିଚାଳନା କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫୦ରୁ ଊର୍ଦ୍ଧ୍ୱ ଖେଳ ପରିଚାଳକ ଯୋଗ ଦେଇଛନ୍ତି। କ୍ରୀଡା ଶିକ୍ଷକ ଅନାଦି ସାହୁ, ସୁରେଶ ସାହୁ, ଶୈଳେଶ ମିଶ୍ର, ଶଙ୍କର୍ଷଣ ବେହେରା, ରାଜେଶ ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରୁ ୧୨ଜଣ ଶ୍ରେଷ୍ଠ ବାଳିକା ଓ ବାଳକ କବାଡି ଖେଳାଳିଙ୍କୁ ଜାତୀୟ କବାଡି ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ। ଚଳିତବର୍ଷ ଜାତୀୟ ବିଦ୍ୟାଳୟ କବାଡି ପ୍ରତିଯୋଗିତା ବାଙ୍ଗାଲୋରରେ ଅନୁଷ୍ଠିତ ହେବ।

## ସତ୍ୟସାଇ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ସ୍କାନ ସ୍ପୋର୍ଟିଂ

**ଧର୍ମଶାଳା,୯।୧୨(ଡି.ଏନ.ଏ.)**

କାକୁଡିକୁଦସ୍ଥିତ ହାଇସ୍କୁଲ ପଡ଼ିଆରେ ସତ୍ୟସାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩୫ ତମ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱର ଓ ବିଶ୍ୱଭାରତୀ କ୍ରିକେଟ କ୍ଲବ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଶ୍ୱଭାରତୀ କ୍ରିକେଟ କ୍ଲବକୁ ୨୪ ରନରେ ପରାସ୍ତ କରି ସ୍କାନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ସ୍କାନ୍ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୯ରନ୍ ସଂଗ୍ରହ କରିଥିଲା। ଜବାବରେ ବିଶ୍ୱଭାରତୀ ଟିମ୍ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୫୫ରନ କରି ପରାସ୍ତ ହୋଇଥିଲା। ରମେଶ ମହାରଣା, ଶରତ ଜେନା ଖେଳ ପରିଚାଳନା କରିଥିଲେ। ସୋମବାର ବିଏମସିସି ଗୋଲକୁଣ୍ଡ ଓ ଫ୍ରେଣ୍ଡସ୍ କ୍ଲବ କେନ୍ଦୁଝର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ରଞ୍ଜିତ ନାୟକ ସୂଚନା ଦେଇଛନ୍ତି।

## ବିଞ୍ଝାରପୁର କଂଗ୍ରେସର ବୁଥ୍ ଚାଲ ଅଭିଯାନ

**ବିଞ୍ଝାରପୁର,୯।୧୨(ଡି.ଏନ.ଏ)**

ବିଞ୍ଝାରପୁର କଂଗ୍ରେସ କମିଟି ପକ୍ଷରୁ ରବିବାର ପୂର୍ବାହ୍ନରେ ବୁଥ୍ ଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଞ୍ଝାରପୁର ୨୬ନମ୍ବର ଜୋନ ଅନ୍ତର୍ଗତ ଫାଜିଲ ମହଲାଠାରେ ଜୋନ୍ ସଭାପତି କିଶୋର ଦାସଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ମୁଖ୍ୟଅତିଥି ରୂପେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାସ, ଗୋବିନ୍ଦ ଚନ୍ଦ୍ର ପରିଡା, ଭୁବନାନନ୍ଦ ସାମଲ, ପ୍ରଦ୍ୟୁମ୍ନ ପାତ୍ର, ମନୋଜ ସାମଲ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରୁ କଂଗ୍ରେସକୁ ସୁଦୃଢ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ ଆଗାମୀ ଦିନରେ ଏକାଠି ହୋଇ ଜନସାଧାରଣଙ୍କ ନିକଟରେ ପହଞ୍ଚି ସୁଖଦୁଃଖରେ ସାମିଲ ହୋଇପାରିଲେ କଂଗ୍ରେସ ଦଳ ସୁଦୃଢ ହୋଇପାରିବ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ପୂର୍ବତନ ଜାତୀୟ କଂଗ୍ରେସ ଅଧ୍ୟକ୍ଷା ସୋନୀଆ ଗାନ୍ଧୀଙ୍କର ୭୨ତମ ଜନ୍ମ ଦିବସ ପାଳନ କରାଯିବା ସହିତ ସମସ୍ତ କର୍ମୀ ଏକାଠି ହୋଇ କଂଗ୍ରେସକୁ ମଜବୁତ କରିବାକୁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜନ ଦାସ, ମହେନ୍ଦ୍ର ମଲ୍ଲିକ, ବ୍ରଜସୁନ୍ଦର ଦାସ, ସୁଦାମ ଚରଣ ସାମଲ, ମଦନୀ ଚାଚା, ହାଫିଜୁଲ୍ଲା ଖାଁ, କାଲୋ ଭାଇ, ଆସବ ଅଲ୍ଲୀ ଖାଁ, ୱାବ ଅଲ୍ଲୀ ଖାଁ, ସବିର ଅଲ୍ଲୀ ଖାଁ, ଜାନୁ ରହେମାନ,ଅସରଫ ଅଲ୍ଲୀ ଖାଁ, ରାଜା ବାବୁ, ଜାହିଦ ହୋସେନନ ଖାଁ, ଏରସାଦ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

■ ବିନା ଅନୁମତିରେ ଚାଲିଛି ଶତାଧିକ ପାଥୋଲାବ

# ୬୦ଦିନରେ ପଞ୍ଜୀକରଣ କରିବାକୁ ଚେତାବନୀ

**ଯାଜପୁର ଅଫିସ,୯।୧୨**

ଯାଜପୁର ଜିଲାରେ ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ଆଇନକୁ କେହି ମାନୁ ନ ଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ପ୍ରାଣୀ ଚିକିତ୍ସାକେନ୍ଦ୍ର, ଡାକ୍ତରଖାନା ଓ ପଶୁଶାଳା ଏହି ଆଇନର ପରିସରଭୁକ୍ତ ହୋଇଛି। ଏଥିରେ ସୃଷ୍ଟି କରିବା, ସଂଗ୍ରହ, ଗ୍ରହଣ, ଷ୍ଟୋର, ପରିବହନ, ଚିକିତ୍ସା ଆଦିରେ ସମ୍ପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଆଇନ ରହିଛି। ଯେଉଁମାନେ ଏହି କାର୍ଯ୍ୟରେ ଲିପ୍ତ ରହିବେ, ସେମାନେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନେଇ କାର୍ଯ୍ୟ କରିବେ। ଯେପରି ପରିବେଶ ଓ ମଣିଷ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ନ ପଡେ ସେଥିପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବୋର୍ଡ ଚେତାବନୀ ଦେଇଛି। ପେଥୋଲାବ, ନର୍ସିଂହୋମ, ପଶୁଶାଳା ଆଦି କେନ୍ଦ୍ରଗୁଡିକ ୬୦ ଦିନ ମଧ୍ୟରେ ଏହି ଆଇନରେ ପଞ୍ଜିକରଣ ନ କଲେ ପରିବେଶ ନିୟନ୍ତ୍ରଣ ଆକ୍ଟର ଧାରା-୫ ଓ ୧୫ରେ ଦୋଷୀ ସାବ୍ୟସ୍ତ ହୋଇ ଆଇନଗତ ଦଣ୍ଡ ଭୋଗିବେ ବୋଲି ବୋର୍ଡର ସଦସ୍ୟ ସଚିବ ତାଙ୍କ ପତ୍ରସଂଖ୍ୟା ୧୪୩୨୬/୪।୧୨।୨୦୧୮ରେ ସୂଚନା ଦେଇଛନ୍ତି। ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ରକ୍ତଭିଜା ତୁଳା ସହିତ ପ୍ଲାଷ୍ଟିକ ସାଲାଇନ ବୋତଲ, ପରିଶ୍ରାନଳୀ, ସିରିଞ୍ଜ, ପ୍ଲାଷ୍ଟିକ ଥଳି, ବ୍ୟବହୃତ ରକ୍ତର ଥଳି, କ୍ୟାଥେଟର ଓ ବ୍ୟବହୃତ ଗ୍ଲୋବ୍ସ ଆଦି ପଦାରେ ପଡୁଛି। ସାମାନ୍ୟ ପବନ ହେଲେ ଏହି ବିପଦପୂର୍ଣ୍ଣ କଠିନ ବର୍ଜ୍ୟବସ୍ତୁ ଜନବସତି ଆଡକୁ ଉଡୁଛି। ବେସରକାରୀ ଡାକ୍ତରଖାନା, ପ୍ୟାଥୋଲେବ, ନର୍ସିଂହୋମ ଓ ସରକାରୀ ଡାକ୍ତରଖାନାର ଏହି ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ବିଶୋଧନ ପାଇଁ ମେଡିଆରା କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ସରକାରୀ ତହବିଲରୁ ମାସିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ମେଡିଆରା କମ୍ପାନୀ ଜିଲାର ସର୍ବବୃହତ୍ତ ସହର ଯାଜପୁରରୋଡ ସମେତ ସଦର ମହକୁମା ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରୁ ଏହି ବର୍ଜ୍ୟବସ୍ତୁ ସଂଗ୍ରହ କରୁନାହିଁ। ଜିଲାର ନର୍ସିଂହୋମ, ପାଥୋଲେବ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ମ୍ୟୁନିସିପାଲିଟୀ ଡଷ୍ଟବିନରେ ପକାଇ ଦେଉଛନ୍ତି। ଯାଜପୁରରୋଡ ସହରର ପରିମଳ ଦାୟିତ୍ୱରେ ଥିବା ଗାୟତ୍ରୀ ଠିକାସଂସ୍ଥା ଆବର୍ଜନା ସହିତ ସେହି ବିପଦପୂର୍ଣ୍ଣ କଠିନ ବର୍ଜ୍ୟବସ୍ତୁକୁ ବ୍ୟାସ ସରୋବର ନିକଟସ୍ଥ ଟ୍ରେନ ଲାଇନ କଡରେ ଯେନତେନ ପ୍ରକାରେ ପକାଇ ଦେଉଛି। ଏହା ଲୋକଙ୍କ ଜୀବନ ସହ ଖେଳ ଖେଳାଯାଉଛି ବୋଲି ଅଭିଯୋଗ ହୋଇଛି। ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ସହ ନର୍ସିଂହୋମଗୁଡିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ସହିତ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଚୁକ୍ତି କରିଛନ୍ତି। କେତେକ ନର୍ସିଂହୋମ ଓ ପାଥୋଲ୍ୟାବ ବର୍ଜ୍ୟବସ୍ତୁ ପରିଚାଳନା କରିବାକୁ କୁଣ୍ଠାପ୍ରକାଶ କରି ପ୍ରାଧିକରଣ କିମ୍ବା ନବୀକରଣ କରୁନାହାନ୍ତି। ଯଦ୍ୱାରା ଜିଲାରେ ବର୍ଜ୍ୟବସ୍ତୁ ପରିଚାଳନା ବିପର୍ଯ୍ୟସ୍ତ ହୋଇପଡିଛି। ଡାକ୍ତରଖାନାର ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ବିଶୋଧନ ପାଇଁ ଦାୟିତ୍ୱରେ ଥିବା ମେଡିଆର କମ୍ପାନୀ ସପ୍ତାହକୁ ଥରେ ଆସି ବର୍ଜ୍ୟବସ୍ତୁ ନେଇ ବିଶୋଧନ କରିବା ପରିବର୍ତ୍ତେ ତାହାକୁ କେଉଁଠି ପୋତି ଦେଉଛି ତ ଅନ୍ୟ କେଉଁଠି ପୋଡି ଦିଆଯାଉଛି। ଏହାଦ୍ୱାରା ବାୟୁ ପ୍ରଦୂଷଣ ଉତ୍କଟ ହେଉଥିବାବେଳେ ସଂକ୍ରମଣ ବ୍ୟାପିବାର ଅଧିକ ସମ୍ଭାବନା ସୃଷ୍ଟି କରୁଛି ବୋଲି ମତପ୍ରକାଶ ପାଉଛି। ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟରେ ପ୍ଲାଷ୍ଟିକ ସାଲାଇନ ବୋତଲ, ପରିଶ୍ରାନଳୀ, ସିରିଞ୍ଜ, ପ୍ଲାଷ୍ଟିକ ଥଳି, ବ୍ୟବହୃତ ରକ୍ତର ଥଳି, କ୍ୟାଥେଟର ଓ ବ୍ୟବହୃତ ଗ୍ଲୋବ୍ସ, ମଣିଷର କଟା ଅଙ୍ଗ ଇତ୍ୟାଦି ସ୍ୱତନ୍ତ୍ର ଡଷ୍ଟବିନରେ ପକାଇବା କଥା। ସେହିପରି ବ୍ଲେଡ, ଛୁଞ୍ଚି, ଭଙ୍ଗା ଅମ୍ପୁଲ କାଚ ଏବଂ ଅନ୍ୟ ସୂକ୍ଷ୍ମ ବସ୍ତୁ ଆଦି ଜାରକିନରେ ସୁରକ୍ଷିତ ଭାବେ ରଖିବାର ନିୟମ ରହିଛି। ସେହିସବୁକୁ ଡାକ୍ତରଖାନା ଜୈବିକ ବର୍ଜ୍ୟବସ୍ତୁ ବିଷୋଧନାଗାରରେ ବିଷୋଧନ କରିବାର ନିତ୍ୟାନ୍ତ ଆବଶ୍ୟକତା ରହିଛି। ଏଥିପାଇଁ ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ପାଇଁ ଅନୁଦାନ ରହିଛି। କିନ୍ତୁ ଏହିସବୁ କାର୍ଯ୍ୟକ୍ରମ ଜିଲାର ସମସ୍ତ ଡାକ୍ତରଖାନାରେ ବୁମେରାଂ ହେଉଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବାରିସ କୁମାର ଦାସଙ୍କୁ ପଚାରିବାରୁ, ଯେଉଁମାନେ ଆଇନ ଅନୁସାରେ ପଞ୍ଜିକରଣ କରିନାହାନ୍ତି କିମ୍ବା ଆଇନକୁ ମାନୁ ନାହାନ୍ତି ତାଙ୍କ ବିରୋଧରେ ବିହିତ ପଦକ୍ଷେପ ନିଆଯିବ। ଆକସ୍ମିକ ଚଢାଉ କରି ଆଇନ ଅନୁସାରେ ଦଣ୍ଡିତ କରାଯିବ ବୋଲି କହିଛନ୍ତି।



■ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ଦିଗହରା

■ପଦାରେ ଉଡୁଛି କଠିନ ବର୍ଜ୍ୟବସ୍ତୁ

■ ବାରମ୍ବାର ସ୍କୁଲ ଗାଡ଼ି ହେଉଛି ଦୁର୍ଘଟଣାଗ୍ରସ୍ତ

# ବେପରୁଆ ଚାଳକ ହାତରେ ବିଦ୍ୟାର୍ଥୀଙ୍କ ଜୀବନ

**ରସୁଲପୁର,୯।୧୨(ଡିଏନଏ)**

ରସୁଲପୁର ବ୍ଲକ ଅଧୀନସ୍ଥ ବାରବାଟୀ ପଞ୍ଚାୟତ ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ଓଡଙ୍ଗ ଗାଁ ନିକଟରେ ଶନିବାର ଅପରାହ୍ନରେ ଗୁରୁକୁଳ ଘରୋଇ ସ୍କୁଲ ବସ୍‌ଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବସ୍‌ଟି ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ବସ୍ ଚାଳକଙ୍କ ତ୍ରୁଟିପୂର୍ଣ୍ଣ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି। ରାସ୍ତା ଉପରେ ବସ୍‌ଟି ହଠାତ୍ ବ୍ରେକ୍ ମାରିଦେବାରୁ ପଛରେ ଆସୁଥିବା ଏକ ବାଇକ୍ ବସ୍ ପଛରେ ଧକ୍କା ହୋଇଥିଲା। ବାଇକ ଆରୋହୀ ଦୁଇଜଣ ରାସ୍ତା ଉପରେ ପଡ଼ି ସାମନ୍ୟ ଆହତ ହୋଇଥିଲେ। ବାଇକ୍ ଚାଳକମାନେ ଘଟଣାସ୍ଥଳରେ ବସ୍‌କୁ ଅଟକାଇ ତାର ଚାବି ନେଇଯାଇଥିଲେ। ପରେ ସ୍କୁଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଚାଳକଙ୍କୁ କ୍ଷତିପୂରଣ ବାବଦ ଅର୍ଥ ଭରଣା କରି ମାମଲାକୁ ରଫାଦଫା କରିଦେଇଥିଲେ। ଉକ୍ତ ବିଦ୍ୟାଳୟର ପରିବହନ ଦାୟିତ୍ୱରେ ଥିବା ଗାଡି ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଗତ ମାସରେ ଏକ ଭ୍ୟାନ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲା। ପିଲାଙ୍କୁ ନେଇ ଯାଉଥିବା ଭ୍ୟାନଟି ରାସ୍ତା ତଳକୁ ଏକ ଧାନ କିଆରୀକୁ ଓଲଟି ପଡିଥିଲା। ସେଥିରେ ୨୪ଜଣ ଛାତ୍ରୀଛାତ୍ର ରହିଥିଲା ବେଳେ ୨ଜଣ ଛାତ୍ର ଓ ଗାଡ଼ି ଚାଳକ ଆହତ ହୋଇଥିଲେ। ଏହା ସତ୍ତ୍ୱେ ବି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚେତା ପଶିଲା ନାହିଁ। ଫଳରେ ଘଟଣାର ପୁନରାବୃତ୍ତି ଘଟିଛି। ଦୁର୍ଘଟଣାରୁ ଅନେକ କୋମଳମତି ଛାତ୍ରୀଛାତ୍ର ବିପଦରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୌଭାଗ୍ୟ ବଶତଃ ବସ୍‌ଟି ଏକ ବଡ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଚାଳକଙ୍କ ଦକ୍ଷତାକୁ ଠିକ୍ ଭାବରେ ନ ପରଖି ନିଯୁକ୍ତି ଦେଉଛନ୍ତି। ଏହାଛଡା ରାଜପଥ ଉପରେ ଗମନାଗମନ କରୁଥିବା ବସ୍ ଟ୍ରାଫିକ୍ ନିୟମକୁ କଡାକଡ଼ି ଭାବେ ପାଳନ କରାଯାଉ ନାହିଁ। ରାଜପଥ ଉପରେ ରହଣି ସମୟରେ ବସ୍‌ଟି ବାଇପାସ୍ ରୋଡକୁ ବ୍ୟବହାର କରୁନାହିଁ। ରାଜପଥ ଉପରେ ବସ୍‌କୁ ରଖି ପିଲାଙ୍କୁ ଓହ୍ଲାଇ ଦେଉଛନ୍ତି। ଚାଳକଙ୍କ ଲାଇସେନ୍ସ ଓ ଦକ୍ଷତା ପ୍ରମାଣପତ୍ରକୁ ନଜର ଅନ୍ଦାଜ କରାଯାଉଛି ବୋଲି ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଛାତ୍ରୀଛାତ୍ରଙ୍କ ଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଉଛି। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶପାଉଛି। ଏ ସମ୍ପର୍କରେ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କରଙ୍କୁ ପଚାରିବାରୁ, ସେ ଦୁର୍ଘଟଣା ଘଟିଥିବା କଥାକୁ ସ୍ୱୀକାର କରିଛନ୍ତି। ଏଥିପାଇଁ ବାଇକ୍ ଚାଳକଙ୍କୁ ଅର୍ଥ ପ୍ରଦାନ କରାଯାଇଛି। ଦୁର୍ଘଟଣା ପଛରେ ତାଙ୍କ ବସ୍‌ର କିଛି ଭୁଲ ନ ଥିଲା ବୋଲି ପ୍ରକାଶ କରିଛନ୍ତି।

**ଗୁରୁକୁଳ ପବ୍ଲିକ ସ୍କୁଲ**
- ପୁଣିଥରେ ଦୁର୍ଘଟଣାଗ୍ରସ୍ତ ହେଲା ସ୍କୁଲ ବସ୍
- ପୂର୍ବରୁ ଓଲଟିଥିଲା ସ୍କୁଲ ଭ୍ୟାନ
- ଚେତୁ ନାହାନ୍ତି ସ୍କୁଲ କର୍ତ୍ତୃପକ୍ଷ

## ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର

**ରସୁଲପୁର,୯।୧୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ବାରବାଟୀ ଗଳିପୋଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ବରୀ ଥାନା ଅନ୍ତର୍ଗତ ବରୀ ମାଉଣ୍ଡ ନେଉଳା ଗ୍ରାମର ନିରଞ୍ଜନ ମୁଦୁଲି(୩୩)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣାରୁ ପ୍ରକାଶ ଯେ, ନିରଞ୍ଜନ ରାଜପଥ ପାର୍ଶ୍ୱସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିରକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଆସିଥିଲେ। ସେ ଘରକୁ ଫେରୁଥିବା ବେଳେ ବାଟରେ ରାସ୍ତାରେ ଦୁଇଟି ଗାଡ଼ି ଦୁଇ ପାର୍ଶ୍ୱରେ ଅତିକ୍ରମ କରୁଥିଲା। ଫଳରେ ନିରଞ୍ଜନ ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାଣ ନିୟମ ପକାଉ କେତେ,**
**ଶୃଙ୍ଖଳା ସୁଆଗ ଲଗାଉ କେତେ ।**

ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ପତିପତ୍ନୀଙ୍କ ମଧ୍ୟରେ ବିଶ୍ୱାସ ଓ ଭଲପାଇବା ଯେତେ ଦୃଢ଼ ହୁଏ, ସେମାନଙ୍କ ଦାମ୍ପତ୍ୟଜୀବନ ସେତେ ସୁଖମୟ ହୋଇଥାଏ। ତେବେ ଯେଉଁଠି ଆନ୍ତରିକତା ନ ଥାଏ ସେଠି ସବୁ ସମ୍ପର୍କ ତୁଚ୍ଛ ଲାଗିଥାଏ। ଏଭଳି ସ୍ଥଳେ ଫମ୍ପା ମାଠିଆ ଭଳି ଉପର ଦେଖାଣିଆ ସ୍ନେହ ଶ୍ରଦ୍ଧାରେ କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରାଉ ରାଉ ତୁ ହଉଚୁ କିଆଁ ?**
**ଓଦା କାଠରେ ଲଗାଉଚୁ ନିଆଁ ।**

ଯେତେ ଚେଷ୍ଟା କଲେ ମଧ୍ୟ ଓଦା କାଠରେ ନିଆଁ ଧରିବା କଷ୍ଟକର ସେଥିପାଇଁ ମନରେ ରାଗଭାବ ଆଣିବା ନିରର୍ଥକ। ପରୋକ୍ଷରେ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡ଼ା ଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ତିଳକୁ ତାଳ କରି କଥା ବଢ଼ାଇ ପରିବେଶକୁ ତିକ୍ତ କରୁଥିବା କଳହପ୍ରିୟ ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଜିଆରଏସ୍‌ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

# ସାମିଲ ହେବେ ପରିବାର ଲୋକେ

**ରସୁଲପୁର,୯।୧୨(ଡିଏନଏ)**

ଗ୍ରାମ ରୋଜଗାର ସେବକ(ଜିଆରଏସ)ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ରବିବାର ୨୪ଦିନରେ ପହଞ୍ଚିଛି । ସରକାର ସେମାନଙ୍କର ସ୍ଥାୟୀ ନିଯୁକ୍ତି ଭଳି ଏକମାତ୍ର ଦାବିକୁ ଅଣଦେଖା କରୁଛନ୍ତି। ଦାବି ପୂରଣକୁ ନେଇ ସରକାରଙ୍କ ସହ ସଂଘର ଆଲୋଚନା ସମ୍ଭବପର ହେଉ ନାହିଁ। ପରୋକ୍ଷରେ କର୍ମଚାରୀମାନେ କାର୍ଯ୍ୟରେ ଯୋଗ ନ ଦେଲେ କାର୍ଯ୍ୟରୁ ବାହାର କରିଦିଆଯିବ ବୋଲି ଧମକ ଦିଆଯାଉଛି। ସରକାରଙ୍କ ଧମକକୁ କର୍ମଚାରୀମାନେ ବେଖାତିର କରି ଆନ୍ଦୋଳନ ଜାରି ରଖିଛନ୍ତି। ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ସହ ପରିବାର ଲୋକଙ୍କୁ ସାମିଲ କରିବା ପାଇଁ ରସୁଲପୁର ବ୍ଲକ ଗ୍ରାମ୍ୟ ରୋଜଗାର ସେବକ ସଂଘ ପକ୍ଷରୁ ଏକ ବୈଠକ ସଭାପତି ପ୍ରଭାକର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉଦୟ ବରାଳ, ବିଦ୍ୟାଧର ଦଳେଇ, ପ୍ରଶାନ୍ତ ଘଡାଇ, ପ୍ରଶାନ୍ତ ସାହୁ, ରଞ୍ଜନ ସାହୁ,ମମତା ସାହୁ, ସିପ୍ରାସୁନ୍ଦରୀ ଶରଣ, କମଳା ଦାସ, ସାହାଦତ୍ ଅଲ୍ଲୀ, ମଧୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ୍) ବଳରେ ପ୍ରତ୍ୟେକ ପଞ୍ଚାୟତରେ ଜିଆରଏସ୍‌ଙ୍କୁ ନିଯୁକ୍ତି ଦେଇଥିଲେ। ମାସକୁ ମାତ୍ର ୭ହଜାର ଟଙ୍କା ଦରମାରେ ସେମାନଙ୍କଠାରୁ ସରକାର ଗ୍ରାମୀଣ ଆବାସ ଯୋଜନା ଅଧୀନସ୍ଥ ଏମ୍‌ଜିଏନ୍‌ଆରଇଜିଏସ୍, ଜିଓ ଟ୍ୟାଗିଂ, ପଞ୍ଚାୟତ ଓ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟ, ବ୍ୟକ୍ତିଗତ ଘରୋଇ ପାଇଖାନା, ଭତ୍ତା ବଣ୍ଟନ, ପ୍ରାକୃତିକ ବିପର୍ଯ୍ୟୟ ଆଦି କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ହେଲେ ସେମାନଙ୍କୁ ସର୍ବନିମ୍ନ ମଜୁରୀ ମିଳୁନାହିଁ । ଏତେ କାମ କରିବା ପରେ ମଧ୍ୟ ସେମାନେ ପରିବାରକୁ ଦିନକୁ ଦିଓଳି ଖାଇବାକୁ ଦେଇପାରୁ ନାହାନ୍ତି ବୋଲି କର୍ମଚାରୀମାନେ ମତବ୍ୟକ୍ତ କରିଥିଲେ। ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ସରକାରଙ୍କୁ ବିଭିନ୍ନ ଯୋଜନାରେ ଅସହଯୋଗ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରଣତି ପତି ଧନ୍ୟବାଦ ଦେଇଥିଲେ।


## ବସ୍‌ରେ ନିଆଁ, ବର୍ତ୍ତିଲେ ଯାତ୍ରୀ

**କେନ୍ଦୁଝର, ୯।୧୨(ସ୍ୱ.ପ୍ର.):** ନରଣପୁର ନିକଟ ୨୦ ନମ୍ବର ଜାତୀୟ ରାଜପଥରେ କେନ୍ଦୁଝରରୁ ଘଟଗାଁ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରେ ରବିବାର ହଠାତ ନିଆଁ ଲାଗି ଯାଇଥିଲା। ଏ ନେଇ ଯାତ୍ରୀଙ୍କ ମଧ୍ୟରେ ଭୟ ଦେଖାଦେଇଥିଲା। ଯାତ୍ରୀଙ୍କ କୌଣସି କ୍ଷୟକ୍ଷତି ହୋଇ ନାହିଁ। ସର୍ଟସର୍କିଟ କାରଣରୁ ବସ୍‌ରେ ନିଆଁ ଲାଗିଯାଇ ପ୍ରବଳ ଧୂଆଁ ବାହାରିଥିଲା। ଲୋକେ ବସ୍‌ରୁ ଓହ୍ଲାଇ ପଡିଥିଲେ। ନିଆଁକୁ ଆୟତ କରାଯାଇଥିଲା। ତାରିଣୀ ପ୍ରସାଦ ନାମକ ବସ୍‌ରେ ପାଖାପାଖି ୩୦ ଯାତ୍ରୀ ଥିଲେ ବୋଲି କୁହାଯାଉଛି।



No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

# ଆବାସ ଯୋଜନାରୁ ବଞ୍ଚିତ ପରିବାର



ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ପୀତବାସ ମହାନ୍ତି।

**ଚଢ଼େଇଧରା, ୯।୧୨(ଡି.ଏନ୍.ଏ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣିଡିହ ପଞ୍ଚାୟତ ଅଧୀନ ବାରମାଣ ଗ୍ରାମର ପୀତବାସ ମହାନ୍ତି ଆବାସ ଯୋଜନାରେ ଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘଦିନ ଧରି ଗୃହ ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିବା ସେ କହିଛନ୍ତି। ୨୦୧୯ ସୁଦ୍ଧା ରାଜ୍ୟର ସମସ୍ତ କଚା ଘରକୁ ପକ୍କା ଘରରେ ପରିଣତ କରିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗ୍ରାମର ୧୨ନଂ ୱାର୍ଡରେ ପୀତବାସ ଦୁଇ ଝିଅ ଓ ସ୍ତ୍ରୀଙ୍କ ସହ ବାସକରନ୍ତି। ଗ୍ରାମରେ ଥିବା ଏକ ଛୋଟିଆ ପାନ ଦୋକାନରୁ ଯାହା କିଛି ରୋଜଗାର ହୁଏ ସେଥିରେ ପୀତବାସ ପରିବାର ଭରଣ ପୋଷଣ କରିବା ସହ ଦୁଇ ଝିଅଙ୍କୁ ପାଠ ପଢାଇଥାନ୍ତି। ଘର ଖଣ୍ଡେ କରିବା ପାଇଁ ଟଙ୍କା ଯୋଗାଡ କରିପାରୁ ନ ଥିବାରୁ ପୁରୁଣା ଚାଳଛପର ଘରେ ପାଲ ଟାଣି ପରିବାର ରହୁଛନ୍ତି। ତେଣୁ ସରକାରୀ ଯୋଜନାରେ ଘର ପାଇଁ ବହୁବାର ଚେଷ୍ଟା କରିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ପାଇ ପାରି ନାହାନ୍ତି। ଅପରପକ୍ଷେ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରଦାନ କରାଯାଉଥିବା ଚାଉଳ ପାଇବାରୁ ପରିବାର ବଞ୍ଚିତ ହୋଇଥିବା ସେ କହିଛନ୍ତି । ଏଭଳି ସ୍ଥିତିରେ ବ୍ଲକ ପ୍ରଶାସନ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବାକୁ ପୀତବାସ ନିବେଦନ କରିଛନ୍ତି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭୟ କୁମାର ସାହୁଙ୍କୁ ପଚାରିବାରୁ ଏ ବାବଦରେ ଖବର ଅଛି। ତେବେ ତଦନ୍ତ ପରେ ପର୍ଯ୍ୟାୟକ୍ରମେ ଗୃହ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

■ ନକଲି ୨ ହଜାର ଟଙ୍କିଆ ନୋଟ ଜବତ ଘଟଣା

# ଜେଲ୍ ଗଲେ ଯୁବକ

**ଜଳେଶ୍ୱର, ୯।୧୨(ଡି.ଏନ.ଏ.)**

ନକଲି ୨ ହଜାର ଟଙ୍କିଆ ନୋଟ ବ୍ୟବହାର କରୁଥିବା ଅଭିଯୋଗରେ ଜଳେଶ୍ୱର ପୋଲିସ ଅଟକ ରଖିଥିବା ଅମଜଦ୍ ଖାନ୍ (୨୩) ନାମକ ଯୁବକଙ୍କୁ ପଚରାଉଚୁରା ପରେ ରବିବାର ଗିରଫ କରିଛି। ତାଙ୍କ ବିରୋଧରେ ଆଇପିସିର ଧାରା ୪୮୯ (ବି)(ସି) ଅନୁଯାୟୀ ଏକ ମାମଲା(ନଂ.୩୪୯/୨୦୧୮) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅମଜଦ୍‌ଙ୍କ ଘର ଜଳେଶ୍ୱର ସହର ଝାଡ଼େଶ୍ୱରପୁର ଗ୍ରାମରେ। ଅମଜଦ୍‌ଙ୍କଠାରୁ ଜବତ ହୋଇଥିବା ନକଲି ୨ହଜାର ଟଙ୍କିଆ ଚିରାନୋଟ୍‌କୁ ଯାଞ୍ଚ ନିମନ୍ତେ ପଶ୍ଚିମବଙ୍ଗ ରାଜ୍ୟ ଖଡ଼ଗପୁର ନିକଟସ୍ଥ ଶାଳବଣି ଅଞ୍ଚଳରେ ଅବସ୍ଥିତ ଟଙ୍କା ଛପା କାରଖାନାରେ କାର୍ଯ୍ୟରତ ଥିବା ଏକ ବିଶେଷଜ୍ଞ ଟିମ୍ ନିକଟକୁ ସୋମବାର ପଠାଯିବ ବୋଲି ଆଇଆଇସି ପ୍ରଦୀପ କୁମାର ମାଝି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶନିବାର ସନ୍ଧ୍ୟାରେ ଅଭିଯୁକ୍ତ ଜଣକ ସହରର ଷ୍ଟେଶନବଜାରସ୍ଥିତ ଏକ ଗୁପ୍‌ଚୁପ୍ ଦୋକାନୀଙ୍କୁ ଉକ୍ତ ନକଲି ନୋଟ୍ ଦେବା ପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD B-157, Baramunda, BBSR
9777196285 9861088447

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286 7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469 8395030162

T.C.F. FINANCE
(Govt. Registered)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614 09753490869
#908, Dhiman Line, Yamuna Nagar, Haryana.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜକମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370 7840058835
H.No.-258, VPO Duhai, Ghaziabad, (U.P.) 201203

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551 9068296909

## ସଂକ୍ଷେପରେ

### କଂଗ୍ରେସର ବୁଥ ଅଭିଯାନ କାର୍ଯ୍ୟକ୍ରମ



ସିଂହପୁର,୯।୧୨(ଡି.ଏନ୍.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ୨୬ ନଂ. ଜୋନ କଂଗ୍ରେସ କମିଟି ପକ୍ଷରୁ ରବିବାର କଂଗ୍ରେସର ବୁଥ ଅଭିଯାନ କାର୍ଯ୍ୟକ୍ରମ ଓ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୭୦ ଓ ୭୧ ନଂ. ବୁଥ କଂଗ୍ରେସ କମିଟି ଗଠନ କରାଯାଇଛି। କଂଗ୍ରେସ ନେତା ମନୋରଞ୍ଜନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ତୃଣମୂଳ ସ୍ତରରେ କଂଗ୍ରେସକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସୋନିଆ ଗାନ୍ଧୀଙ୍କ ଆଦର୍ଶକୁ ଆଗେଇ ନେବାରେ ସହାୟକ ହେବ ବାଲି କହିଥିଲେ। ଆୟୋଜକ ଗୁଲସହାନ ୱାଜ ଅଲ୍ଲୀ ଖାଁ, ଜୋନ ସଭାପତି ଗୋବିନ୍ଦ ଚନ୍ଦ୍ର ପରିଡା, ଭୁବନାନନ୍ଦ ସାମଲ, ମହେନ୍ଦ୍ର ମଲିକ, ମନୋଜ ସାମଲ, ପ୍ରଦ୍ୟୁମ୍ନ ପାତ୍ର, ବିଜନ ଦାସ, ବ୍ରଜସୁନ୍ଦର ଦାସ, ଜାନୁ ରହମାନ, ଅପସର ଅଲ୍ଲୀ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ଏରସାଦ ଅଲ୍ଲୀ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

### ନବ ନିର୍ମାଣ କୃଷକ ସଂଗଠନର ଧାରଣା

କୋରେଇ,୯।୧୨(ସ୍ୱ.ପ୍ର.): ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍ସନ ଦାବିରେ ଓଡ଼ିଶା ନବ ନିର୍ମାଣ କୃଷକ ସଂଗଠନର କୋରେଇ ବ୍ଲକ ଶାଖା ପକ୍ଷରୁ ଶନିବାର ବୈତରଣୀରୋଡ ମେଡିକାଲ ପଡିଆରେ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ସଂଗଠନ ସଭାପତି ଅକ୍ଷୟ କୁମାରଙ୍କ ଅନଶନକୁ ସମର୍ଥନ କରାଯାଇଥିଲା। କୋରେଇ ବ୍ଲକ ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଜିଲା ସହ ସଂଯୋଜକ ବସନ୍ତ କୁମାର ନାୟକ ଯୋଗଦେଇ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାର ମନ୍ତ୍ର ପ୍ରଦାନ କରିଥିଲେ। ସକାଳ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଧାରଣାରେ ବୈତରଣୀରୋଡ ସଂଯୋଜକ ମହେନ୍ଦ୍ର ସାହୁ, ବାବନ ପରିଡା, ଭୀମସେନ ବିଶ୍ୱାଳ, ବିଜୟ ସ୍ୱାଇଁ, ଅଭିମନ୍ୟୁ ବିଶ୍ୱାଳ, ବିଶ୍ୱମ୍ଭର ବାରିକ, ଭରତ ମହାପାତ୍ର ପ୍ରମୁଖ ଧାରଣାରେ ଯୋଗଦେଇଥିଲେ ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସିଂହପୁର,୯।୧୨(ଡି.ଏନ୍.ଏ.): ସିଂହପୁର ନିକଟବର୍ତ୍ତୀ ପାଳିମୀ ପଞ୍ଚାୟତ ମୋହନପୁର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ଦାସଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ସାହୁ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଅତିରିକ୍ତ ବିଇଓ ଅଜୟ କୁମାର ସାମଲ ମୁଖ୍ୟଅତିଥି, ମୋହନପୁର ଗଣେଶ୍ୱରପୁର ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ମୁଖ୍ୟବକ୍ତା, ସିଆରସିସି ବିନୋଦ ବିହାରୀ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ମହେଶ୍ୱର ସାର୍ ଜଣେ ଆଦର୍ଶ, କର୍ତ୍ତବ୍ୟପରାୟଣ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଅଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁରଲୀଧର ସାହୁ, ବୀରବର ଜେନା, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭାବାବେଗ, ଭକ୍ତିର ପରିଚୟ ଦିଏ ଖିରି

ବାଞ୍ଛାନିଧି ସାହୁ
ବରୀ,୯।୧୨(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ଅଙ୍ଗାଳ ପଞ୍ଚାୟତସ୍ଥିତ ଅରିଲୋ ଡିହବାରିଙ୍ଗି ସୀମାରେ ରହିଛି ଶାମେଶ୍ୱର ମହାଦେବଙ୍କ ପୀଠ। କେଉଁ ଆବହମାନ କାଳରୁ ଏଠାରେ ପାତାଳଫୁଟା ମହାଦେବ ଆବିର୍ଭାବ ହୋଇ ଶାମେଶ୍ୱର ନାମରେ ପୂଜା ପାଇଆସୁଛନ୍ତି। ବର୍ଷକ ୧୨ ମାସର ତେର ପରବ ଏଠାରେ ପାଳନ କରାଯାଏ। ଅକ୍ଷୟତୃତୀୟା ଦିନ ଯଜ୍ଞ କରାଯାଏ। ଏହି ଯଜ୍ଞ ଦେଖିବାକୁ ହଜାର ହଜାର ଭକ୍ତ ରୁଣ୍ଡ ହୋଇଥାନ୍ତି। ଭକ୍ତ ମାନସିକ ରଖିଲେ ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ମନସ୍କାମନା ପୂର୍ଣ୍ଣ ପରେ ରୁଦ୍ରାଭିଷେକ କରିଥାନ୍ତି। ପ୍ରସାଦ ସହିତ ମହାଦେବଙ୍କ ପାଇଁ ସ୍ୱତନ୍ତ୍ର ଖିରି ପ୍ରସ୍ତୁତ ହୋଇଥାଏ। ଭକ୍ତିଭାବରେ ଖିରି ତିଆରି କଲେ ବାସ୍ନା ଓ ସ୍ୱାଦରେ ସ୍ୱତନ୍ତ୍ରତା ରହିଥାଏ ବୋଲି ବିଶ୍ୱାସ ରହିଛି। ପୀଠର ପୂଜକ ନିଜ ହାତରେ ତିଆରି କରିଥାନ୍ତି। ଏହି ଖିରି ଚାଖିବାକୁ ଦୂରଦୂରାନ୍ତରୁ



ଭକ୍ତମାନେ ଧାଇଁ ଆସନ୍ତି। ଶୁକ୍ରବାର ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ ରୁଦ୍ରାଭିଷେକ କରି ମହାଦେବଙ୍କ ପ୍ରସାଦଭାବେ ଖିରି ବ୍ୟଞ୍ଜନ କରିଥିଲେ। ଶହ ଶହ ଭକ୍ତ ଖିରୀ ଚାଖିଥିବା ଜଣାପଡିଛି। ଏହି ଖିରିରୁ ଭକ୍ତର ଭାବାବେଗ ଓ ଭକ୍ତିର ପରିଚୟ ମିଳିଥାଏ। କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଅଞ୍ଚଳରୁ ଦୈନିକ ଭକ୍ତମାନେ ଏହି ପୀଠକୁ ଆସିଥାନ୍ତି। ମହାଦେବଙ୍କର ୮ ଏକରରୁ ଊର୍ଦ୍ଧ୍ୱ ଜମି ଥିବା ରେକର୍ଡ ରହିଛି। ୧୦ଖଣ୍ଡ ମୌଜାର ଲୋକେ ଏଠାରେ ବିବାହ, ବ୍ରତ, ଯଜ୍ଞ ଆଦି ଶୁଭକାମ କରିଥାନ୍ତି ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଦୈନିକ ରୀତିନୀତି ଅନୁଯାୟୀ ପୀଠରେ ପୂଜା ହୋଇଥାଏ। ଶାମେଶ୍ୱର ଉନ୍ନୟନ

**ବରୀ ବ୍ଲକ**
- ଅକ୍ଷୟତୃତୀୟାରେ କରାଯାଏ ଯଜ୍ଞ
- ଖିରି ଚାଖିବାକୁ ଦୂରଦୂରାନ୍ତରୁ ଭକ୍ତଙ୍କ ଭିଡ଼ ଲାଗିଥାଏ

ପରିଷଦ ନାମରେ ଏକ କମିଟି ରହିଛି। ଗୋବିନ୍ଦ ସାମଲ, ଦେବେନ୍ଦ୍ର ଦାସ, ବ୍ରହ୍ମାନନ୍ଦ ସାମଲ, ପାଣ୍ଡବ ସାମଲ ପ୍ରମୁଖ କମିଟିର ମୁଖ୍ୟ। ମାଧବାନନ୍ଦ ଦାଶ, ଚକ୍ରଧର ଦାଶ, ସନ୍ତୋଷ ଦାଶ, ପ୍ରମୋଦ ଦାଶ, ସୁବାସ ଦାଶ, ଟୁବୁଲା ଦାଶ, ରମେଶ ଦାଶ ପ୍ରମୁଖ ସ୍ଥାୟୀ ପୂଜକଭାବେ ରହିଛନ୍ତି। ହେଲେ ବିଦ୍ୟୁତ୍ ସେବା ନ ଥିବାରୁ ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳାମାଟିଆ–ବିଞ୍ଝାରପୁର ରାସ୍ତା ସମ୍ପୂର୍ଣ୍ଣ ହେଲେ ଉକ୍ତ ପୀଠକୁ ଯାତାୟାତରେ ସୁବିଧା ହୋଇପାରିବ ବୋଲି କୁହାଯାଇଛି। ତେବେ ଶାମେଶ୍ୱର ପୀଠର ଉନ୍ନତି ପାଇଁ ସାଧାରଣରେ ଦାବି କରାଯାଇଛି।

■ ଗାଁ ମଝିରେ ଚାଲିଛି ବେଆଇନ ଇଟାଭାଟି

# ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କୋରେଇ,୯।୧୨(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ଗୌରପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ବେଆଇନ ଇଟାଭାଟିକୁ ନେଇ ଗ୍ରାମବାସୀ ରବିବାର କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଗତ ନଭେମ୍ବର ୧୯ରେ ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା ଓ ନଭେମ୍ବର ୨୬ରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ। ଜରିମାନା ଆଦାୟ କରିବା ସହ ଇଟାଭାଟି ବନ୍ଦ କରିବାକୁ ତହସିଲ ପକ୍ଷରୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ଅତିରିକ୍ତ ତହସିଲଦାର ଅସ୍ମିତା ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଇଚ୍ଛାପୁର ଗ୍ରାମର ବିଷ୍ଣୁ ଚରଣ ପଣ୍ଡା ଗାଁ ମଝିରେ ଇଟାଭାଟି କରିଛନ୍ତି। ଏହି ଇଟାଭାଟି ଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ଅଘଟଣ ଘଟିବାର ସମ୍ଭାବନା ଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ମାତ୍ର ବିଷ୍ଣୁଚରଣ ଇଟାଭାଟି ବନ୍ଦ ନ କରିବାରୁ ଗ୍ରାମରେ ଉତ୍ତେଜନା



ଗାଁ ମଝିରେ ଜଳୁଛି ଇଟାଭାଟି।

ଦେଖାଦେଇଛି । କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସ୍ୱାଇଁଙ୍କୁ ପଚାରିବାରେ, ସେମାନେ ଇଟାଭାଟି ବନ୍ଦ କରିବାକୁ ପୋଲିସକୁ ଚିଠି କରିଛନ୍ତି। ତେଣୁ ଗ୍ରାମବାସୀ ପୋଲିସକୁ ଜଣାନ୍ତୁ ବୋଲି କହିଥିଲେ।

# ବିଜେଡିରେ ମିଶିଲେ ୭୫ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ

ଦଶରଥପୁର,୯।୧୨(ଡି.ଏନ.ଏ.)

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତର ୭୫ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଶନିବାର ବିଜେଡିରେ ଯୋଗ ଦେଇଥିବା ବିଜେଡି ଜିଲା ସଭାପତି ସରୋଜ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଉକ୍ତ ପଞ୍ଚାୟତର ବିଜେଡି ପକ୍ଷରୁ ଜାଜୁଆ ପୀଠ ପାଲା ମଣ୍ଡପଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେଡି ଜିଲା ସଭାପତି ସରୋଜ ମହାପାତ୍ର ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ସଭାରେ ଯୋଗଦେଇ ନୂତନ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିଧାୟିକା ପ୍ରମିଳା ମଲ୍ଲିକ ସ୍ଥାନୀୟ ଅଞ୍ଚଳ ପ୍ରତି କରୁଥିବା ବିକାଶ କାର୍ଯ୍ୟ ଉପରେ ଆଶା ଓ ବିଶ୍ୱାଶ ରଖି ଭାଜପା କର୍ମୀମାନେ ବିଜେଡିରେ ସାମିଲ ହୋଇଥିବା କୁହାଯାଇଛି । ବ୍ଲକ ଉପାଧ୍ୟକ୍ଷ ରଞ୍ଜନ ପୃଷ୍ଟି, ସରପଞ୍ଚ ସେବତୀବାଳା ପରିଡା, ରୁକ୍ମଣୀ ଦାସ, ଯୁବ ସଂଗଠକ ହିମାଂଶୁ ପରିଡା, ଜିଲା ଉପସଭାପତି ପ୍ରଦୀପ ମହାନ୍ତି, କେଦାର ବିଶ୍ୱାଳ, ବିଜେଡିର ବରିଷ୍ଠ କର୍ମୀ ରବୀନ୍ଦ୍ର ବିଶ୍ୱାଳ, ପୂର୍ବତନ ଜିଲାପରିଷଦ ସଭ୍ୟା ନିନାରାଣୀ ସାମଲ, ଗଗନ ବିଶ୍ୱାଳ, ବିଶ୍ୱଭୂଷଣ ବିଶ୍ୱାଳ, ରଞ୍ଜୁ ବିଶ୍ୱାଳ, ଭାଗିରଥି ସାହାଣୀ, ସନ୍ତୋଷ ଦାସଙ୍କ ସମେତ ପଞ୍ଚାୟତର ହଜାର ହଜାର କର୍ମୀ ଉପସ୍ଥିତ ଥିଲେ ।




ମିଶ୍ରଣ ପର୍ବରେ ଉପସ୍ଥିତ ବିଜେଡି କର୍ମୀ।

■ ନବରତ୍ନା କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍ଯାପିତ

# ଆକ୍କା କ୍ଲବକୁ ହରାଇ ମା' ଭୁଆସୁଣି ଚାମ୍ପିୟନ

ଚଣ୍ଡିଖୋଲ,୯।୧୨(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଖଇରା ଖେଳ ପଡିଆରେ ରାଜୀବ ମେମୋରିଆଲ ଯୁଥ କ୍ଲବ ଦ୍ୱାରା ଆୟୋଜିତ ସର୍ବଭାରତୀୟ ପିପିଏଲ ନବରତ୍ନା କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ମା' ଭୁଆସୁଣି କ୍ଲବ ବିଡାନାସି ଓ ଆକ୍କା କ୍ଲବ କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ଟାଇବ୍ରେକର ଜରିଆରେ ୩–୨ ଗୋଲରେ ଆକ୍କା କ୍ଲବକୁ ହରାଇ ମା' ଭୁଆସୁଣି କ୍ଲବ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳର ମନୋଜ ଦାସଙ୍କୁ ଶିବା ମୋବାଇଲ ପଏଣ୍ଟ ତରଫରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିବା ବେଳେ ଆକ୍କା କ୍ଲବର ସୁଧାଂଶୁ ଦାସଙ୍କୁ ଶାନ୍ତିଲତା ଟ୍ରାନ୍ସପୋର୍ଟ



ବିଜୟୀ ଟିମ୍ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ତରଫରୁ ମ୍ୟାନ ଅଫ ଟୁର୍ନାମେଣ୍ଟ ପୁରସ୍କାର ଦିଆଯାଇଛି। କ୍ଲବ ସମ୍ପାଦକ ବିନୟ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୧୦ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ପିପିଏଲ ଅଧିକାରୀ ବିଶ୍ୱଜିତ ନନ୍ଦ, ସୁନୀଲ ସାହୁ, ଦୁଃଶାସନ ମହାରଣା, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସୁମତୀ ବାସ୍କେ, ହରପ୍ରିୟା ବରାଳ, କ୍ଲବ ଅଧ୍ୟକ୍ଷ ଦିଲୀପ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। କ୍ଲବର କ୍ରୀଡା ସମ୍ପାଦକ ଗଣେଶ୍ୱର ବରାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ରାଜକିଶୋର ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ଜଣଙ୍କୁ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବଡ଼ଚଣା ଥାନାଧିକାରୀ ଶରତଚନ୍ଦ୍ର ପାତ୍ରଙ୍କୁ ଶ୍ରେଷ୍ଠ ପ୍ରଶାସନିକ ଅଧିକାରୀ, ଜଳଧର ଦଳେଇ ଓ ପରମାନନ୍ଦ ସିଂହଙ୍କୁ ସଫଳ ଚାଷୀଭାବେ ସମ୍ମାନିତ କରାଯାଇଛି। ରିତାଲି ବରାଳ, କୀର୍ତ୍ତିରଞ୍ଜନ ସ୍ୱାଇଁ, ଅମିତ ନାୟକ ଓ ସରୋଜ ମହାରଣା ଖେଳ ପରିଚାଳନା କରିଥିବା ବେଳେ ସେକ ଅସଲମ ଅଲ୍ଲୀ,ପ୍ରବୋଧ ସାହୁ,ତ୍ରିଲୋଚନ ମହାନ୍ତି,ଉମାକାନ୍ତ ପୃଷ୍ଟି ବିଚାରକ ଭାବେ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ଦଶରଥପୁର,୯।୧୨(ଡି.ଏନ.ଏ.)

ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥିତ ସାଧୁଗୌରେଶ୍ୱରେ ମହାବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ରବିବାର ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ କଲେଜର ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ରେଡ୍‌କ୍ରସ ସମ୍ପାଦକ କୁଳମଣି ନାୟକ ମୁଖ୍ୟଅତିଥି, ରେଡ୍‌କ୍ରସ ଉତ୍ତର ଉପଖଣ୍ଡ ସଂଯୋଜକ ଦିଲୀପ ଭୋଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ରେଡ୍‌କ୍ରସ ଆବାହକ ବିଷ୍ଣୁଚରଣ ଦାସ, ଜିଲା ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ଦାଶରଥୀ ମହାରଣା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀ ସମାଜକୁ ଭଲପାଇବା, ସେବା କରିବା ଓ ପରିବେଶକୁ ସୁରକ୍ଷିତ ରଖିବା ସହ ଦୟା ମନୋଭାବ ପୋଷଣ କରିବା ଉପରେ ମତ ଦେଇଥିଲେ। ଦଶରଥପୁର ଦମକଳ କେନ୍ଦ୍ର ବାହିନୀ ପକ୍ଷରୁ ଗ୍ୟାସ ନିଆଁ, ତେଲ ନିଆଁ, ଅଙ୍ଗାର ନିଆଁକୁ କିପରି ଲିଭାଇବା, ଉଦ୍ଧାର କାର୍ଯ୍ୟ ଶୈଳୀ ଓ ଜ୍ଞାନ କୌଶଳ ଉପରେ ଶିକ୍ଷା ଦିଆଯିବା ସହ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଯାଇଛି। ଏଲ୍‌ଏଫ୍‌ଏମ୍ ନାରାୟଣ ପ୍ରଧାନ, ହାବିଲଦାର୍ ତ୍ରିଲୋଚନ ମହାନ୍ତି, ବାପିନ୍ଦ୍ର କୁମାର ଦାସ, ଚନ୍ଦନ କୁମାର ତରାଇ, ଗିରିଜା ଶଙ୍କର କର ଓ ବିକାଶ ସାହୁ ପ୍ରମୁଖ ଶିକ୍ଷା ଦେଇଥିଲେ। ଓଡ଼ିଆ ଓ ଇଂଲିଶ ରଚନା, ତର୍କ, ସଂଗୀତ ଓ ନୃତ୍ୟର କୃତୀ ପ୍ରତିଯୋଗୀ ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟାଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଛି। ଆରାଧନା ମିଶ୍ର, ସ୍ୱାଗତିକା ପାଢ଼ୀ, ରଞ୍ଜନ କୁମାର ମଲ୍ଲିକ, ମୟୂରୀ ମିଶ୍ର, ଦୁଲାଲ ଦୁଲହନ ପତି ଏବଂ ଶୁଭାଶିଷ ତ୍ରିପାଠୀ, ସିତୁପ୍ରକାଶ ନାୟକ ରାଜ୍ୟସ୍ତରୀୟ ଯୁବ ରେଡ୍‌କ୍ରସକୁ ମନୋନୀତ ହୋଇଛନ୍ତି। ୩୦ ମହାବିଦ୍ୟାଳୟରୁ ୧୮୦ଜଣ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟା ଅଂଶଗ୍ରହଣ କରିଥିଲେ। ଶେଷରେ ରେଡ୍‌କ୍ରସର ମହିଳା ଉପଦେଷ୍ଟା ଅଧ୍ୟାପିକା ଝାନ୍ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

ଛତିଆ,୯।୧୨(ଡି.ଏନ୍.ଏ.)

ବୈରୀ ଥାନା ଅନ୍ତର୍ଗତ ସମିଆଁ ପଞ୍ଚାୟତର ଦେହୁରୀଗଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ରାଜନୀତିଜ୍ଞ ବାଳକୃଷ୍ଣ ସାହୁ(୯୮)ଙ୍କର ଶନିବାର ପରଲୋକ ହୋଇଛି। ତାଙ୍କ ମର ଶରୀରକୁ ଉକ୍ତ ଅଞ୍ଚଳରେ ପରିଭ୍ରମଣ କରାଯାଇ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଖବରପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଅମର ନାୟକ, ଏଆଇସିସି ସଭ୍ୟ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପ୍ରହଲ୍ଲାଦ ନନ୍ଦ କୈଳାସ ରାଉତ, ନିରଞ୍ଜନ ସେନାପତି, ଭାଗ୍ୟଧର ମଲ୍ଲିକ, ମିହିର ପ୍ରତାପ ଦାସ, ଶାରଦା ନନ୍ଦ ରାଉତ, ବେଣୁଧର ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ପ୍ରଶାସନର ନୀରବତାକୁ ନିନ୍ଦା କଲା ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ

କୋରେଇ,୯।୧୨(ସ୍ୱ.ପ୍ର.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲାରେ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିଠାରେ ନିର୍ମାଣ କରିବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ରବିବାର ୨୮ ଦିନରେ ପହଞ୍ଚିଛି। ପ୍ରଶାସନର ନୀରବତାକୁ ନିନ୍ଦା କରି ଧାରଣାରେ ସାମିଲ ହୋଇଛି ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ଓ ଆଦର୍ଶ ଯୁଥ କ୍ଲବ। ଉଭୟ ସଂଗଠନ ପାଣିକୋଇଲି ବଜାରରୁ ଶୋଭାଯାତ୍ରାରେ ବାହାରି ଧାରଣାସ୍ଥଳରେ ପହଞ୍ଚିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ସମ୍ପାଦକ ଶିଶିର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ଦାସ, ଉପଦେଷ୍ଟା ଚିନ୍ତାମଣି ପାଢ଼ୀ, ବିଏସକେ ସାମଲ, ଦେବଦତ୍ତ ରାୟ, ବିଚିତ୍ର ବଳ, ଜନାର୍ଦ୍ଦନ ପଣ୍ଡା, ପ୍ରାଣବନ୍ଧୁ ଜେନା, ସୌମିତ୍ର ପଟ୍ଟନାୟକ, ମଦନ ବେହେରା, ବିଶ୍ୱଜିତ ବାରିକଙ୍କ ସମେତ ଜ୍ୟୋତି ପ୍ରକାଶ ମଲ୍ଲିକ, ଦିବ୍ୟସିଂହଦେବ ମହାପାତ୍ର, ଭ୍ରମରବର ରାଉତ, ସଦାଶିବ ଦାସ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ନାୟକ, ମଞ୍ଚ ପକ୍ଷରୁ ଧରଣୀଧର ଘଡେଇ, ସୁବାସ ଧଳ, ମଧୁସୂଦନ ସାହୁ, କୃଷକ ନେତା ବଳରାମ ସାହୁ, ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ, ବେଣୁଧର ଖଣ୍ଡାଇ ପ୍ରମୁଖ ଉପସ୍ଥିତ ଥିଲେ ।

■ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ

# ସୁନ୍ଦରପୁର କ୍ରିକେଟ କ୍ଲବ ଚାମ୍ପିୟନ

ସିଂହପୁର,୯।୧୨(ଡି.ଏନ୍.ଏ.)

ସିଂହପୁର ନିକଟବର୍ତ୍ତୀ ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ସାଇବାବା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ସୁନ୍ଦରପୁର କ୍ରିକେଟ କ୍ଲବ ଓ ଜୋଇଁମରା କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରପୁର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ବିଜୟୀ ଟିମ୍‌କୁ ୫ ହଜାର ଟଙ୍କା ଓ ରନର୍ସ ଅପ୍ ଟିମ୍‌କୁ ୨ ହଜାର ଟଙ୍କା ଅର୍ଥରାଶି ସହ କପ୍ ଦିଆଯାଇଥିଲା। ସାଇବାବା କ୍ଲବର ଦିବ୍ୟରଞ୍ଜନ ମଲିକ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। କ୍ଲବ ସଭ୍ୟ ପାର୍ଥ ସାରଥି ନାୟକ, ରାକେଶ ବେହେରା, ଅଜୟ ସାମଲ, ରୋହିତ ମଲିକ, ପିଙ୍କୁଆ ନାୟକ, ତପନ ସାହୁ, ପ୍ରଶାନ୍ତ ସେଠୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଟିମ୍।

■ ଦିନରାତି ଚାଲିଛି ବେଆଇନ ଖନନ

# ସୌନ୍ଦର୍ଯ୍ୟ ହରାଉଛି ଅସିହା ପର୍ବତମାଳା

ଚଣ୍ଡିଖୋଲ,୯।୧୨(ଡି.ଏନ.ଏ.)

ଦର୍ପଣ ତହସିଲ ଅନ୍ତର୍ଗତ ଅସିହା ପର୍ବତମାଳା ଏବେ ବିପଦରେ। ଏଠାରେ ଥିବା ୬ଟି ପାହାଡ଼ର ବିଭିନ୍ନ ଅଂଶ ଖନନ କରାଯିବା ଦ୍ୱାରା ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ପାହାଡ଼ରେ ହିନ୍ଦୁ ଓ ମୁସଲମାନଙ୍କ ଧର୍ମପୀଠ ସତ୍ୟପୀର ରହିଥିବା ବେଳେ ପ୍ରାଚୀନ କୀର୍ତ୍ତିରାଜୀପୂର୍ଣ୍ଣ ସିଦ୍ଧଗୁମ୍ଫା ରହିଛି। ସେହିଭଳି ମାଣ୍ଡୁକା ପାହାଡ଼ରେ ମା' ନାହାକାଣୀ, ଧାଉଡ଼ିଆପଦା ଉପରି ଭାଗରେ ମା' ଷୋଳପୁଅଙ୍କ ମନ୍ଦିର ଶୋଭାପାଉଛି। ଉଦୟଗିରି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନକୁ ଯାଇଥିଲା ବେଳେ ସତ୍ୟପୀର ଓ ସିଦ୍ଧଗୁମ୍ଫା ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ତହସିଲ ଅନ୍ତର୍ଗତ ମାଣ୍ଡୁକା, ଚାରିନଙ୍ଗଳ, ଧାଉଡ଼ିଆପଦା, ମଝିପଡ଼ା, ଅଚ୍ୟୁତବସନ୍ତ



ଓ ଉଦୟଗିରି ପାହାଡ଼ର ଜଙ୍ଗଲ ନଷ୍ଟ ହେବା ସହ ପରିବେଶ ଧ୍ୱଂସ ପାଇବାକୁ ବସିଲାଣି।

ଚାଷୀମାନେ ପାହାଡ଼ର ପାଦଦେଶରେ ଚାଷ କରୁଥିବା ବେଳେ ଜଳଧାରା ଉପରେ ମଧ୍ୟ ନିର୍ଭର କରିଥାନ୍ତି। ମାତ୍ର ପାହାଡ଼ ଖନନ ଯୋଗୁ ସମ୍ପୃକ୍ତ ପାଣିଝରଗୁଡ଼ିକର ମୁହଁ ବନ୍ଦ ହୋଇଗଲାଣି। ଫଳରେ ହଜାର ହଜାର ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ବନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲେ ମଧ୍ୟ ତାହା ମଧ୍ୟ ଧ୍ୱଂସ ପାଇଗଲାଣି। ପୂର୍ବରୁ ଏହା ଏକ ସଂରକ୍ଷିତ ଜଙ୍ଗଲ ଥିବା ଯୋଗୁ ଏଠାରେ ବାଘ, ହାତୀ, ଝିଙ୍କ, ହରିଣ ଆଦି ବନ୍ୟପ୍ରାଣୀ ରହୁଥିଲେ। ସେମାନଙ୍କ ଭୟରେ ସାଧାରଣଲୋକ ପାହାଡ଼କୁ ଯାତାୟାତ କରିବା କଷ୍ଟକର ହୋଇଥାଏ। ଏବେ ପାହାଡ଼ ଖନନ ଯୋଗୁ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହେଲେ ଜଙ୍ଗଲ ଧ୍ୱଂସ ପାଇବାକୁ ବସିଲାଣି। ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ୨୦୦୭ରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ କରାଯାଇଥିଲା। ଏହି ଅବସରରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଘୋଷଣା କରାଯାଇଥିଲା ଯେ, ଯଦି ଉଦୟଗିରି ଓ ତତ୍ ସଂଲଗ୍ନ ପାହାଡ଼ଗୁଡ଼ିକର ଖନନ ବନ୍ଦ କରାଯିବ ଏବଂ ବୃକ୍ଷରୋପଣ କରାଯାଇ ସବୁଜ ବଳୟ ସୃଷ୍ଟି କରାଯିବ, ତେବେ ଉଦୟଗିରି ବିଶ୍ୱ ଐତିହ୍ୟ ମାନ୍ୟତାରେ ସ୍ଥାନ ପାଇବ। କିନ୍ତୁ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଚତୁଃପାର୍ଶ୍ୱ ଖନନ କରାଯିବା ଦ୍ୱାରା ସୌନ୍ଦର୍ଯ୍ୟ ହ୍ରାସ ପାଇଲାଣି। ଏ ସମ୍ପର୍କରେ ଫରେଷ୍ଟର ଶଶିକାନ୍ତ ବେହେରାଙ୍କୁ ପଚାରିବାରେ, ଜଙ୍ଗଲ ବିଭାଗ ଅଧୀନରେ ଥିବା କୌଣସି ସ୍ଥାନରେ ଖନନ କରାଗଲେ ସେମାନେ କାର୍ଯ୍ୟାନୁଷ୍ଠାନ ନେବେ। କିନ୍ତୁ ରାଜସ୍ୱ ବିଭାଗ ଅଧୀନ ସ୍ଥାନଗୁଡ଼ିକରେ ସେମାନେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସଙ୍କୁ ପଚାରିବାରେ, ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ଗାଡ଼ି ଜବତ କରାଯାଉଛି। ଆଗକୁ ଖବର ପାଇଲେ ଚଢାଉ କରାଯିବ ବୋଲି କହିଥିଲେ।

**ଦର୍ପଣ ତହସିଲଦାର**
- ପାହାଡ଼ ଖନନ ଯୋଗୁ ବନ୍ଦ ହୋଇଗଲାଣି ପାଣିଝର
- ହ୍ରାସ ପାଇବାକୁ ବସିଲାଣି ପାହାଡ଼ର ସୌନ୍ଦର୍ଯ୍ୟ
- ବିଶ୍ୱ ଐତିହ୍ୟ ମାନ୍ୟତାରୁ ବାଦ୍ ପଡ଼ିଲା ଉଦୟଗିରି ଓ ତତ୍‌ସଂଲଗ୍ନ ପାହାଡ଼

**ସଂକ୍ଷେପରେ**

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଧର୍ମଶାଳା, ୯।୧୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ଧର୍ମଶାଳା- କବାଟବନ୍ଧ ରାସ୍ତାର ଗଙ୍ଗାଧରପୁରଠାରେ ରବିବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଢେଙ୍କାନାଳ ଜିଲା ମୋହୁଲ୍‌ପାଳ ଗ୍ରାମର ଅମୂଲ୍ୟ ଓଝା(୩୮)। ଦୁର୍ଘଟଣାରେ ଅମୂଲ୍ୟଙ୍କ ଗୋଡ ଭାଙ୍ଗିଯାଇଛି। ଧର୍ମଶାଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଫେରାର୍ ହୋଇଯାଇଛି। ପ୍ରକାଶ ଯେ, ସକାଳେ ବାଇକ୍‌ରେ ବାରବାଟି ପରିବା ହାଟରୁ ପରିବା ନେଇ ଅମୂଲ୍ୟ ଘରକୁ ଫେରୁଥିଲେ। ଏହି ସମୟରେ ଜାରକାରୁ ଆସୁଥିବା ଏକ ମାଙ୍କଡା ପଥର ବୋଝେଇ ଟ୍ରକ୍ (ଓଆର୍-୦୯ସି ୭୪୫୭) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରୁ ଅମୂଲ୍ୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ପୁରାତନ ପେନସନ ଯୋଜନା ଲାଗୁ ନିମନ୍ତେ ବୈଠକ

**ସୁକିନ୍ଦା, ୯।୧୨(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ବିଭାଗରେ ଚାକିରି କାର୍ଯ୍ୟରତ ନୂତନ କର୍ମଚାରୀ ଅବସର ସମୟରେ ପୁରାତନ ପେନସନ୍ ଯୋଜନା ଲାଗୁ କରିବା ପାଇଁ ଦାବି କରିଛନ୍ତି। ରବିବାର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜାତୀୟ ପୁରାତନ ପେନସନ ଆନ୍ଦୋଳନର ସୁକିନ୍ଦା ଶାଖା ସଭାପତି ଶିଶିର ବାରିକଙ୍କ ଅଧକ୍ଷତା ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ପୂର୍ବରୁ କର୍ମଚାରୀଙ୍କୁ ପ୍ରଦାନ କରୁଥିବା ଅବସର ପରବର୍ତ୍ତୀ ସୁବିଧା ସୁଯୋଗକୁ ବର୍ତ୍ତମାନ ସ୍ଥିତିରେ ବନ୍ଦ କରିଦେଇ ଜାତୀୟ ପେନଶନ ଯୋଜନା ଅନୁଯାୟୀ ପେନଶନ ସୁବିଧାରୁ ବଞ୍ଚିତ କରୁଛନ୍ତି। ବିଭିନ୍ନ ରାଜ୍ୟରେ ପୁରାତନ ପେନଶନ ବ୍ୟବସ୍ଥା ଥିବାବେଳେ ଓଡ଼ିଶାରେ ଏହି ସୁବିଧା ପ୍ରଦାନ କରିବା ପାଇଁ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି। ଏ ନେଇ ଡିସେମ୍ବର ୨୯ ତାରିଖରେ ଦିଲ୍ଲୀ ଚାଲୋ ଅଭିଯାନରେ ସାମିଲ ହେବା ପାଇଁ ବାରିକ ବୈଠକରେ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧରେ ଅନଓର ଅଲ୍ଲୀଙ୍କ ସମେତ ବାବୁଲି ହେମ୍ବ୍ରମ୍, ହିମାଂଶୁ ଭୂଷଣ ପାତ୍ର, ଲଛମନ ଦୋରା, ମୃତ୍ୟୁଞ୍ଜୟ ମିଶ୍ର, ବିଶ୍ୱଜିତ ଉଦୟଭାନୁ, ନନ୍ଦରାମ ମହାନ୍ତ, ପାର୍ବତୀ ଦାସ, ଦୁଲାରୀ ହାଂସଦା, ମାନସ ରଞ୍ଜନ ମଲ୍ଲିକ, ବିଭୁତିଭୂଷଣ ମଲ୍ଲିକ, ଅର୍ଜ୍ଜୁନ ମଲ୍ଲିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଶେଷରେ ଅନୀଲ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ଧର୍ମଘଟ କରିବ ସଚେତନ ନାଗରିକ ମଞ୍ଚ

**କଳିଙ୍ଗନଗର,୯।୧୨(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ କ୍ୟାବିନେଟ କମିଟି ଅନ୍ ଇକୋନୋମିକ ଆଫାୟାର୍ସ ୬ ବର୍ଷ ତଳେ ଚଣ୍ଡିଖୋଲ-ତାଳଚେର ୫୩ ନମ୍ବର ଜାତୀୟ ରାଜପଥକୁ ଚାରି ଥାକିଆ ଏବଂ କଳିଙ୍ଗନଗର ନିକଟ କବାଟବନ୍ଧଠାରେ ବ୍ରହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ବିଭିନ୍ନ ଆଳ ଦେଖାଇ ଅଦ୍ୟାବଧି କୌଣସି କାର୍ଯ୍ୟ ଆରମ୍ଭ କରାଯାଇ ପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ଏତାଦୃଶ ଅବହେଳା ବିରୋଧରେ ସୋମବାର ବ୍ରାହ୍ମଣୀ ସେତୁ ନିକଟରେ ଧର୍ମଘଟ କରବ ସଚେତନ ନାଗରିକ ମଞ୍ଚ । ରାଜ୍ୟ ସରକାର କେତେକ ସ୍ଥାନରେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରିନାହାନ୍ତି। ମରାମତି ଅଭାବରୁ ଜାତୀୟ ରାଜପଥ ଏବଂ ବ୍ରାହ୍ମଣୀ ସେତୁ ଅବସ୍ଥା ଶୋଚନୀୟ ହୋଇ ପଡିଲାଣି। ସେହିପରି କଳିଙ୍ଗନଗରଠାରେ ୧୦୦ ଶଯ୍ୟାବିଶିଷ୍ଟ ଇଏସ୍ଆଇ ହସ୍ପିଟାଲ ନିର୍ମାଣ ଦିଗରେ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ମଧ ବିଳମ୍ବ କରୁଛି। କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଏବଂ ଶ୍ରମ ବିଭାଗର ବୈମାତୃକ ମନୋଭାବର ଦୃଢପ୍ରତିବାଦ ଜଣାଇ ପ୍ରତିବାଦ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

### ■ ଘୋଷଣାରେ ସୀମିତ ଗୁହିଆଶାଳ ବିକାଶ

# ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ

**କାଳିଆପାଣି, ୯।୧୨(ଡି.ଏନ୍.ଏ)**

ନଗଡାର ସାମଗ୍ରିକ ବିକାଶ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଉନ୍ନୟନ ମୂଳକ ଯୋଜନା କରିଛନ୍ତି। ମାତ୍ର କିଛି ବାଟ ଦୂର ଗୁହିଆଶାଳ ଓ ତୁମୁଳି ବନ୍ଧ ଗ୍ରାମର ବିକାଶ କେବଳ ଘୋଷଣାରେ ସୀମିତ ରହିଛି। ଗ୍ରାମବାସୀ ଏବେ ବି ପାନୀୟ ଜଳ, ଗମନାଗମନ ଓ ଚିକିତ୍ସା ଆଦି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ନିକଟରେ ଖାଦ୍ୟ କମିଶନର ନଗଡା ଗସ୍ତ ସମୟରେ ସମ୍ପୃକ୍ତ ଗ୍ରାମକୁ ଗମନାଗମନ ସୁବିଧା ସହ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିବା ଜଣାପଡିଛି।

ନଗଡାଠାରୁ ମାତ୍ର କିଛି ବାଟ ଦୂରରେ ଜୁଆଙ୍ଗ ଜନଜାତି ବାସ କରନ୍ତି। ପାହାଡ ଓ ଘଞ୍ଚ ଜଙ୍ଗଲ ମଧରେ ଏହି ଆଦିବାସୀ ସମ୍ପ୍ରଦାୟ ବାସ କରିଥିବାରୁ ଗମନାଗମନ ସୁବିଧା ହୋଇ ପାରି ନାହିଁ। ୨୦୧୬ରେ ଅପପୁଷ୍ଟି ଓ ରକ୍ତହୀନତାରେ ନଗଡାରେ ଶିଶୁ ମୃତ୍ୟୁ ଘଟଣା ପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନଗଡାର ବିକାଶ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଗୁହିଆଶାଳ ଓ ତୁମିଳିବନ୍ଧ ଗ୍ରାମବାସୀ ମୌଳି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ରାସ୍ତା ନ ଥିବାରୁ ସାପ୍ତାହରେ ଥରେ ନଗଡ଼ା ଅଞ୍ଚଳକୁ ଚିକିତ୍ସା ପାଇଁ ଆସୁଥିବା ଚିକିତ୍ସକ ଦଳ ଗୁହିଆଶାଳ ଓ ତୁମୁଣୀ ଗ୍ରାମକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ଗ୍ରାମରେ ବିଭିନ୍ନ ସମୟରେ ଗୁରୁତର ରୋଗୀ ଅକାରଣରେ ମୃତ୍ୟୁ ବରଣ କରୁଛନ୍ତି। ଅପରପକ୍ଷେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଗ୍ରାମରେ ଥିବା ଝରଣା ପାଣି ଜୁଆଙ୍ଗ ଜନଜାତିଙ୍କ ଏକ ମାତ୍ର ଭରଷା ପାଲଟିଛି। ଫଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଗ୍ରାମର ବହୁ ଲୋକେ ମୃତ୍ୟୁ ବରଣ କରୁଥିବା ଗ୍ରାମବାସୀ କହିଛନ୍ତି। ନକଟରେ ବାଣିଜ୍ୟ ଓ ପରିବହନ କମିଶନର ନଗଡ଼ା ଗସ୍ତବେଳେ ଜୁଆଙ୍ଗଙ୍କ ଜୀବନଶୈଳୀ ତଦାରଖ କରି ବିଭାଗୀୟ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ତୁରନ୍ତ ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ କୌଣସି ସୁଫଳ ମିଳି ପାରି ନାହିଁ। ଏ ନେଇ ସୁକିନ୍ଦା ବିଡ଼ିଓ ମଣିପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ଗୁହିଆଶାଳ ଗ୍ରାମ ରାସ୍ତା ବନବିଭାଗ ଅଧୀନରେ ରହିଛି। ବନ ବିଭାଗ ଅନୁମତି ମିଳିଲେ ରାସ୍ତା କାମ ଆରମ୍ଭ ହେବ ବୋଲି କହିଛନ୍ତି। ଅତିରକ୍ତ ବନ ସଂରକ୍ଷକ ସୌଭାଗ୍ୟ ସାହୁଙ୍କୁ ପଚାରିବାରୁ ଅଞ୍ଚଳଟି ସଂରକ୍ଷିତ ବନାଞ୍ଚଳ ଅଧୀନ ରହିଛି। ଏହାର କିସମ ପରିବର୍ତ୍ତନ ପାଇଁ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସି ନାହିଁ। ନିର୍ଦ୍ଦେଶ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



## କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ୍: ଥାନୁଆଳ, କଣ୍ଟିଗଡିଆ ବିଜୟୀ

**ଧର୍ମଶାଳା, ୯।୧୨(ଡି.ଏନ୍.ଏ.):** ଧର୍ମଶାଳା ନିର୍ବାଚନମଣ୍ଡଳୀ ତରଞ୍ଜିଆ ଗ୍ରାମସ୍ଥିତ ଖେଳ ପଡ଼ିଆରେ ଆୟୋଜିତ ଚତୁର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୩ନଂ ଜୋନ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ରବିବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଦୁଇଟି ମ୍ୟାଚ୍‌ରେ ଯଥାକ୍ରମେ ଥାନୁଆଳ ଓ କଣ୍ଟିଗଡିଆ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଥାନୁଆଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୩୧ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅୟସକାନ୍ତ ସେଠୀ ୩୬ ରନ୍ ଓ ଜିତେନ୍ଦ୍ର ଜେନା ୨୭ ରନ୍ କରିଥିଲେ। ବିପକ୍ଷ ଦଳର ସୁନୀଲ ସ୍ୱାଇଁ ୩ଟି ଓ ସୁରେଶ ବେହେରା ୨ଟି ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଜବାବ୍‌ରେ ଗଙ୍ଗାଧରପୁର ପଞ୍ଚାୟତ ୧୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୭୨ରନ୍ କରି ପରାସ୍ତ ହୋଇଥିଲା। ଏହିପରି ଦ୍ୱିତୀୟ ମ୍ୟାଚ୍‌ରେ କଣ୍ଟିଗଡିଆ ଦଳ ପ୍ରଥମେ ବ୍ୟାଟିଂ କରି ୧୩.୫ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୦୫ରନ୍ ସଂଗ୍ରହ କରିଥିଲା। ଜବାବରେ ପାଖର ପଞ୍ଚାୟତ ୧୦.୨ ଓଭର୍‌ରେ ସମସ୍ତ ଉଇକେଟ ହରାଇ ମାତ୍ର ୪୪ରନ୍ କରି ପରାସ୍ତ ହୋଇଥିଲା। ଇନ୍ତେକାମ୍ ଆଲମ୍, ରଞ୍ଜନ ପାଳ, ବାସୁଦେବ ମିଶ୍ର, ପ୍ରକାଶ ଧଳ ଓ ପପି ଜେନା ସ୍କୋର୍‌ରେ ସହାୟତା କରିଥିଲେ। ସୋମବାର ହରିଦାସପୁର ସହିତ ନେଉଳପୁର ଓ ରାଇଛନ୍ଦା ସହିତ ଆରୁହା ପଞ୍ଚାୟତ ମଧରେ ଖେଳ ଅନୁଷ୍ଠିତ ହେବ।


# ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି

## ଚାଷୀଭାଇମାନଙ୍କ ଧାନ ବିକ୍ରୟ ସମ୍ବନ୍ଧେ ବିଶେଷ ସୂଚନା

ଏତଦ୍ୱାରା ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ଇଲାକାଧୀନ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୧୮-୧୯ ବର୍ଷ ପାଇଁ ଆସନ୍ତା ତା୦୭।୧୨।୨୦୧୮ରିଖଠାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ନିମ୍ନଲିଖିତ ସେବା ସମବାୟ ସମିତି ଜରିଆରେ ଧାନକ୍ରୟ କରାଯାଉଅଛି। ଏଣୁ ଚାଷୀ ଭାଇ/ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ଶୁଖାଇ ଓ ସଫାକରି F.A.Q.ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବାକୁ ଅନୁରୋଧ।

**'ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଆନ୍ତୁ'।**

| କ୍ର.ନଂ. | ବ୍ଲକ୍‌ର ନାମ | ଧାନକ୍ରୟ କେନ୍ଦ୍ରର ନାମ |
|---|---|---|
| ୧. | ଜଗତସିଂହପୁର | ସାଁପୁର, ପୁରୋହିତପୁର, ଶାଳଜଙ୍ଗା, ମଣ୍ଡାସାହି, ସଭାମୂଳ, ଓଡ଼ିଶୋ, କଣ୍ଟାବଲ୍ଲଭପୁର, ତରଡ଼ାପଡ଼ା, କାଦୁଅପଡ଼ା, ପଳାଶୋଳ, ସିଙ୍ଗାରପୁର, ଆଳିପିଙ୍ଗଳ, କଣ୍ଟିଲୋ, ମୁଦୁପୁର, ମାର୍କଣ୍ଡପୁର, ବିଶିପିଓଳ |
| ୨. | ବିରିଡ଼ି | ଅଢ଼ଙ୍ଗଗଡ଼, ପୂରଣ, ଗୋପୀନାଥପୁର, ଉତ୍ତର ଶାସନ, ମଙ୍ଗୁଳି, ଅଲାଣ୍ଡୋ |
| ୩. | ନାଉଗାଁ | ଡେରିକି, ତିରୁଣା, ଶିଖର, ଗଜରାଜପୁର, ନାଉଗାଁ (ଉପକେନ୍ଦ୍ର ଦାଣ୍ଟୁଆ), ଅଲଣା |
| ୪. | ରଘୁନାଥପୁର | ରାଢ଼ଙ୍ଗ, ଜିରା, ରେଢୁଆ, ତାରପୁର, ତରିକୁନ୍ଦ, ଛପଡ଼ା, ଗୁଆଳିପୁର, ପୁରୁଣାବସନ୍ତ, ଜଗନ୍ନାଥପୁର |
| ୫. | ବାଲିକୁଦା | ଇଚ୍ଛାପୁର, ସଂଗ୍ରାମପୁର, କାଳିଓ, ମାଛଗାଁ, ଅପଣ୍ଡରା, ଅନନ୍ତପୁର, ନହରଣା, ଶୋଭା, ରାହାଣ, ବୋରିକିନା, କାଞ୍ଜିଆକଣ, ଅଳାଭର, ନାଗପୁର, ଅଳାବୋଳ, ତଣ୍ଡିକୂଳ, ମୁଲୁଗାଁ, କୃଷ୍ଣଦାସପୁର, ଦୁଆ, ବରମୁଣ୍ଡଳି, ବାହାରଣା, ଆମ୍ବଶାଳ |
| ୬. | ତିର୍ତ୍ତୋଲ | ବୋଧେଇ, କଟରା, ତରଜଙ୍ଗା, ତୁଳଙ୍ଗ, ଗରାମ, କୃଷ୍ଣାନନ୍ଦପୁର, କନକପୁର, ଜଗନ୍ନାଥପୁର, କୋଳର, ସାମନ୍ତରାପୁର, ପଟିଲୋ, ଗୋବିନ୍ଦପୁର, ବିରିତୋଳ, ତିର୍ତ୍ତୋଲ, ଦାଇଁଲୋ |

| ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ସରକାରୀ ଧାର୍ଯ୍ୟ ଦର) | |
|---|---|
| ସାଧାରଣ ମାନ | ଟ.୧,୭୫୦.୦୦ (କ୍ୱିଣ୍ଟାଲ ପ୍ରତି) |
| ଗ୍ରେଡ୍-'ଏ' ଧାନ | ଟ.୧,୭୭୦.୦୦ (କ୍ୱିଣ୍ଟାଲ ପ୍ରତି) |

ସର୍ବଶେଷରେ ଚାଷୀ ଭାଇ/ଭଉଣୀମାନେ ଧାନମଣ୍ଡିରେ ଶୃଙ୍ଖଳାର ସହିତ ଧାନକ୍ରୟରେ ଜିଲ୍ଲା ପ୍ରଶାସନ ସହିତ ସହଯୋଗ କରିବାକୁ ଅନୁରୋଧ।

**ନିୟନ୍ତ୍ରିତ ବଜାର କମିଟି**
**ଜଗତସିଂହପୁର**

**ଜିଲ୍ଲା ପ୍ରଶାସନ**
**ଜଗତସିଂହପୁର**


### ■ କଳିଙ୍ଗନଗର ମହୋତ୍ସବ ପ୍ରସ୍ତୁତି ବୈଠକ

# ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**କଳିଙ୍ଗନଗର, ୯।୧୨(ଡି.ଏନ୍.ଏ.)**


ବୈଠକରେ ବିଧାୟକଙ୍କ ସହିତ ଅନ୍ୟମାନେ।

କଳିଙ୍ଗନଗର ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଦାନଗଦୀ ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କଳିଙ୍ଗନଗର ମହୋତ୍ସବ ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଧାୟକ ଘଡେଇ ସୂଚନା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ନିର୍ବାଚନମଣ୍ଡଳୀର ଜନ ସାଧାରଣ ବିପୁଳ ସଂଖ୍ୟାରେ ଯୋଗ ଦେବାପାଇଁ ନିବେଦନ କରିଛନ୍ତି। କଳିଙ୍ଗନଗର ମହାପାଟ ପଡ଼ିଆ ତେଲିବାହାଳିଠାରେ ବିଧାୟକ ଘଡେଇଙ୍କ ଉଦ୍ୟମରେ ୨୦୧୭ରେ ମହୋତ୍ସବ ଆରମ୍ଭ କରାଯାଇଥଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦାନଗଦୀ ବ୍ଲକ ଅଧକ୍ଷା ଲୋପାମୁଦ୍ରା ନାୟକ, ଉପାଧକ୍ଷ ସୁଧାଂଶୁ ଭଞ୍ଜ, ଜିଲାପରିଷଦ ସଭ୍ୟ ଭାଗ୍ୟଲକ୍ଷ୍ମୀ ରାଉତ, ପ୍ରଦୀପ କୁମାର ମହାନ୍ତି, ମହେଶ୍ୱର ଗୁରୁ, ପ୍ରଫୁଲ୍ଲ କୁମାର ରାୟ, ପ୍ରଶାନ୍ତ ରାୟ, ହଳଧର ନାୟକଙ୍କ ସମେତ ୨୩ଟି ପଞ୍ଚାୟତର ଛାମୁଆ କର୍ମୀ ଯୋଗଦେଇଥିଲେ।

### ■ ଥାନାଧିକାରୀ ପରିଚୟ ଦେଇ ଅପହରଣ ଉଦ୍ୟମ

# ଦୁର୍ବୃତ୍ତଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**କାଳିଆପାଣି, ୯।୧୨(ଡି.ଏନ୍.ଏ.)**

କାଳିଆପାଣି ଥାନା ଅନ୍ତର୍ଗତ ଚିରୁଗୁଣିଆଁ ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରିରେ ଥାନାଧିକାରୀ ପରିଚୟ ଦେଇ ଗ୍ରାମର ଜଣେ ଯୁବକଙ୍କୁ ଅପହରଣ ଉଦ୍ୟମ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ କୋରେଇ ଥାନା ଅନ୍ତର୍ଗତ ତୈଳିଗାଡ଼ିଆ ଗ୍ରାମର କାଟିଆ ମୁର୍ମୁ (୩୦)। ଏ ନେଇ ପୋଲିସ ଏକ ମାମଲା (୯୨/୧୮)ରୁଜୁ କରି ତଦନ୍ତ ଚଳାଇଛି। ମାଝୀ ସାହିରେ ଭାସ୍କର ମାଝିଙ୍କ ଘରେ ବିଳମ୍ବିତ ରାତିରେ ୩ରୁ ୪ ଯୁବକ ତୁମ ପୁଅ ନାମରେ କେସ୍ ଅଛି ଥାନା ଅଧିକାରୀ ଆସିଛନ୍ତି କହି କବାଟ ବାଡେଇ ଡାକିଥିଲେ। କେହି ନ ଉଠିବାରୁ ପୁଅ ସୁବାନ ମାଝି(୨୫)ଙ୍କୁ ଯୋର ଜବରଦସ୍ତ ଉଠାଇ ନେଇଥିଲେ। ତେବେ ସୋମାନଙ୍କ ମଧ୍ୟରୁ କେହି ସ୍ଥାନୀୟ ଅଞ୍ଚଳର ଥାନାଧିକାରୀ ନ ଥିବା ଦେଖି ପରିବାର ଲୋକେ ପାଟି କରିଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ଜଣଙ୍କୁ କାବୁ କରି କାଳିଆପାଣି ପୋଲିସ ଜିମା ଦେଇଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ସୁବାନ ଦୁଇ ବର୍ଷତଳେ ସୁକିନ୍ଦା ଥାନା ଅନ୍ତର୍ଗତ ଭାଲିଆ ଗ୍ରାମର ହୀରା ଟୁଡୁଙ୍କୁ ବିବାହ କରିଥିଲେ। ହେଲେ କିଛିଦିନ ହେବ ହୀରା ନିଜ ବାପଘର ଭାଲିଆରେ ରହୁଛନ୍ତି। ବର୍ତ୍ତମାନ ସୁବୁନା ଦ୍ୱିତୀୟ ବିବାହ କରିବାକୁ ଯାଉଥିବାରୁ ହୀରାଙ୍କ ଭାଇ ଏପରି ଷଡଯନ୍ତ୍ର କରିଥିବା ପ୍ରାଥମିକ ତଦନ୍ତରୁ ଜାଣିପଡିଥିବା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି।


**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR** 919-A

**'e' Procurement Notice No.CELMB 64 OF 2018-19**

1. Name of the work : Raising & strengthening to saline embankment from Ambiki to Kankan from RD 2.00 Km to RD 8.00 Km under NABARD Assistance RIDF-XXII.
2. Tender Cost : Rs. 11,58,50,265.00
3. Bid Document Cost : Rs.10, 000.00 (online)
4. Bid Security : Rs.11,58,600.00 (online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB MSD 05 OF 2018-19 | 12.12.2018 10.00hrs | 27.12.2018 17.00hrs | 28.12.2018 11.00 hrs |

8. e-mail Id : celmbbbsr@yahoo.co.in
Further detail conditions can be seen from the Govt. website www.tendersorissa.gov.in

32252/11/0075/1819 *Sd./- Chief Engineer FC & Basin Manager, Lower Mahanadi Basin*

**GOVERNMENT OF ODISHA,**
**OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI**
e-mail: ruralworksdivisioniimalkangiri@yahoo.co.in

**NATIONAL COMPETITIVE BIDDING THROUGH e-Procurement**
Identification No. Online 07/RWD-II, MKG/2018-19 1088-O

1. Name of the work : Building & Road works (Detailed in Annexure)
2. Total Number of Works : 05 (Five) numbers.
3. Tender Cost : From Rs.5.19 lakhs to Rs.22.10 lakhs
4. Class of Contractor : 'D' ,'C' and "B" Class contractors
5. Period of Completion : 2 and 4 Months (Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Malkangiri | Online Tender /07 / RWD-II, MKG/ 2018-19 | 05 (Five) Nos. of Building & Road works | 12.12.2018 from 11.00AM | 27.12.2018 upto 5.00PM | 26.12.2018 upto 5.00PM | 29.12.2018 at 11.00AM |

Further details can be seen from the Website www.tenderorissa.gov.in

25079/11/0007/1819 *Executive Engineer, R.W. Division-II, Malkangiri*

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com, Tel/FAX:- 0680-2404287

**NATIONAL COMPETITIVE BIDDING THROUGH e-Procurement** 1136-O
Bid Identification No. Online Tender /26-2018-19/BPR

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 26-2018-19/ BPR | Road Works under Periodical Maintenance | 13 Nos. | From Rs. 98.80 lakhs to Rs. 251.40 Lakhs | "B" or "A" Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 26-2018-19/BPR | 12.12.2018 at 10.00AM | 26.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

25071/11/0041/1819 *Sd./- Superintending Engineer, R.W. Circle, Berhampur*

**GOVERNMENT OF ODISHA "e" PROCUREMENT NOTICE** 1111-O
Bid Identification No 22 of 2018 - 19

1. Name of the Work :- Execution of different civil works in the district of Kandhamal. (Refer DTCN available in the website:- tendersorissa.gov.in)
2. Total No. of work :- 04 Nos.
3. Estimated Cost :- Rs. 39.90 lakh to 49.80 lakh
4. Eligible Class of Contractor :- "C & B" and " B & A" Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 22 of 2018-19 | Dt. 12.12.2018 At 10.00 Hrs | Dt. 26.12.2018 Upto 17.00 Hrs | Dt.27.12.2018 at 11.00AM |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

25006/11/0026/1819 *Executive Engineer, RWS&S Division, Phulbani*

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଟ୍ରକ୍ ଚାଳକ ମୃତ

**ପାରାଦୀପ,୯।୧୨(ସ୍ୱ.ପ୍ର.):** ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ୫ନଂ(କ) ଜାତୀୟ ରାଜପଥର କଣ୍ଟାଘର ନିକଟରେ ରବିବାର ଅଜଣାଗାଡ଼ି ଧକ୍କାରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ଚକ୍ରଧରପୁରର ପ୍ରକାଶ ଚନ୍ଦ୍ର ଖୁଲାର(୨୬)। ସେ କୌଣସି କାରଣରୁ ରାସ୍ତା କଡ଼ରେ ଶୋଇଥିବା ବେଳେ ଅଜଣା ଗାଡ଼ି ତାଙ୍କୁ ଚଢ଼ାଇ ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ପରେ ଏକାଧିକ ଗାଡ଼ି ତାଙ୍କ ଉପରେ ଯାତାୟାତ ହେବା ଫଳରେ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ରାସ୍ତାରେ ବିକ୍ଷିପ୍ତଭାବେ ପଡ଼ିଥିଲା। ପରେ ଖବର ପାଇ ଲକ୍ ଥାନା ପୋଲିସ ପହଞ୍ଚି ରାସ୍ତାରୁ ସେହି ଖଣ୍ଡ ବିଖଣ୍ଡିତ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ମାମଲା ନଂ -୧୭୯/୧୮ ରୁଜୁ ହୋଇଛି।

### ଚୋରି ଘଟଣାରେ ଗିରଫ ହୋଇପାରିନି ଲୁଟେରା

**ଖଣ୍ଡପଡ଼ା,୯।୧୨(ସ୍ୱ.ପ୍ର):** ଖଣ୍ଡପଡ଼ା ସହରର ରଥଗଡ଼ାଛକ ସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଶାଖା ସମ୍ମୁଖରୁ ଏକ ସ୍କୁଟି ଡିକି ଭାଙ୍ଗି ଲୁଟେରାମାନେ ଶୁକ୍ରବାର ସ୍ୱଷ୍ଟ ଦିବାଲୋକରେ ୧ଲକ୍ଷ ୫୭ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଖଣ୍ଡପଡ଼ା ଥାନାରେ ୨୪୪/୧୮ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ତେବେ ଏହି ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ମଧ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ କି, କିଆଝର ଗ୍ରାମର ଠିକାଦାର ମହେଶ୍ୱର ମହାନ୍ତି ସ୍ଥାନୀୟ ୟୁକୋ ବ୍ୟାଙ୍କରୁ ଟଙ୍କା ଉଠାଇ ସ୍କୁଟି ଡିକିରେ ଏହାକୁ ନିକଟସ୍ଥ ଷ୍ଟେଟ୍‌ବ୍ୟାଙ୍କ ଶାଖା ସମ୍ମୁଖରେ ରଖିଥିବା ବେଳେ କେହି ଚୋରି କରିନେଇଛନ୍ତି। ତେଣୁ ଏଭଳି ସ୍ଥାନରେ ସିସି ଟିଭି ସଂଯୋଗ ନିମନ୍ତେ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

**ନୟାଗଡ଼ ଅଫିସ,୯।୧୨:** ବରିଷ୍ଠ ନାଗରିକ ସମାଜ ପାଇଁ ଅଲୋଡ଼ା ନୁହନ୍ତି, ସେମାନେ ମାର୍ଗଦର୍ଶକ। ସେମାନଙ୍କ ଅଭିଜ୍ଞତା, ଅନୁଭୂତି ଉତ୍ତରପିଢ଼ି ପାଇଁ ଅନୁକରଣୀୟ। ନୟାଗଡ଼ ଜିଲା ବରିଷ୍ଠ ନାଗରିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ରବିବାର ଆୟୋଜିତ ବୈଠକରେ ଏହି ମତ ପ୍ରକାଶ ପାଇଛି। ସ୍ଥାନୀୟ ରୋଟାରୀଭବନଠାରେ ଟ୍ରଷ୍ଟର ସଭାପତି ସୁବୋଧ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକମାନେ ପ୍ରତି ମାସର ଦ୍ୱିତୀୟ ଶନିବାର ଜନହିତକର ଓ ସମାଜସେବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବେ ବୋଲି ପ୍ରକାଶ କରିଥିଲେ। ସଭାସମିତିରେ ଧାନ ନ ଦେଇ ଜୀବନର ଅବଶିଷ୍ଟ ସମୟକୁ ଗରିବ, ନିରୀହ, ନିଷ୍ପେଶିତ ମଣିଷମାନଙ୍କ ଦୁଃଖ ଲାଘବ ପାଇଁ ଶ୍ରମଦାନ କରିବାକୁ ଶପଥ ନେଇଥିଲେ। ସେହିଭଳି ରୋଟାରୀ କ୍ଲବ ଦ୍ୱାରା ପରିଚାଳିତ ଆହାର କେନ୍ଦ୍ର ଫିଜିଓଥେରାପି, ବୃଦ୍ଧାଶ୍ରମରେ ହିତାଧିକାରୀମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ମଧ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ ବିଭିନ୍ନ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ଉପସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଅରୁଣ ମହାନ୍ତି ବିବରଣୀ ଉପସ୍ଥାପନ କରିଥିବା ବେଳେ ଟ୍ରଷ୍ଟି ଭବାନୀ ଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ।

### ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ନୟାଗଡ଼ ଅଫିସ,୯।୧୨:** ନୟାଗଡ଼ ବ୍ଲକ ମୁଥାଗାଡ଼ିଆ ପଞ୍ଚାୟତ ତୁଳସୀପୁର ଗ୍ରାମଠାରେ ରବିବାର ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚଡ଼ିଏଫସି ବ୍ୟାଙ୍କ୍‌ର ସିଏସ୍‌ଆର ଓ ସାମଗ୍ରୀକ ଗ୍ରାମୀଣ ବିକାଶ ପରିଯୋଜନା ନୟାଗଡ଼ ସହାୟତାରେ ହେବାକୁ ଯାଉଥିବା ଏହି ପ୍ରକଳ୍ପକୁ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧରେ ଏଚ୍‌ଡିଏଫସି ବ୍ୟାଙ୍କର ପୁରୁଷୋତ୍ତମ ନାୟକ, ମୁଥାଗାଡ଼ିଆ ସରପଞ୍ଚ ମଞ୍ଜୁବାଳା ବେହେରା, ଗ୍ରାମୀଣ ବିକାଶର ଦେବାଶିଷ ହୋତାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

# କେରଳ ପୋଲିସ ଟିମ୍ ଚାମ୍ପିୟନ



ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

- ୧-୦ ଗୋଲ୍‌ରେ ସାଇ ହଷ୍ଟେଲ କଟକକୁ ହରାଇଲା
- ଆକର୍ଷଣ ସାଜିଲା ୧୨୦୦ ଛାତ୍ରୀଛାତ୍ରଙ୍କ ନୃତ୍ୟ

**ନୟାଗଡ଼ ଅଫିସ,୯।୧୨**

ଶେଷରେ କେରଳ ପୋଲିସ ଟିମ୍ ହୋଇଛି ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ନୟାଗଡ଼ କପ୍ ୨୦୧୮ର ଚାମ୍ପିୟନ୍। ୭ଟି ଦଳକୁ ପଛରେ ପକାଇ ଏହି ଟିମ୍ ହାସଲ କରିଛି ଚାମ୍ପିୟନ୍ ଟ୍ରଫି। ଅନ୍ୟପକ୍ଷରେ ସାଇ ହଷ୍ଟେଲ କଟକ ଦଳ ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଚାମ୍ପିୟନ୍ ଦଳକୁ ଟ୍ରଫି ସହ ଘରୋଇ ବସ୍ ମାଲିକ ସଂଘ ତରଫରୁ ୩୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସଅପ ଦଳକୁ କପ୍ ସହିତ ଆଶିଷ ଅଗ୍ରୱାଲଙ୍କ ଦ୍ୱାରା ୨୦ହଜାର ଟଙ୍କା ଚେକ୍ ଦିଆଯାଇଥିଲା। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି କୋଚ୍ ପ୍ରଶାନ୍ତ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ କୋଚ୍, କେରଳର ୧୯ ନମ୍ବର ଜର୍ସି, କଟକର ୧୬ ନମ୍ବର ଜର୍ସି ଓ ଦୁଇ ଦଳର ଗୋଲ୍‌କିପରଙ୍କୁ ପୁରସ୍କୃତ କରାଯାଇଥିଲା।

୭୮୬ ୟୁଥ୍ କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ୍ ମ୍ୟାଚ୍ କେରଳ ପୋଲିସ ଓ ସାଇ ହଷ୍ଟେଲ କଟକ ମଧରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେରଳ ଦଳର ୮ ନମ୍ବର ଜର୍ସି ଅଭିଜିତ୍ ବିପକ୍ଷ ଦଳକୁ ପ୍ରଥମ ଗୋଲ ଦେଇଥିଲେ। ଏହା ପରେ ନିର୍ଦ୍ଧାରିତ ସମୟ ଶେଷ ପର୍ଯ୍ୟନ୍ତ ଆଉ କୌଣସି ଗୋଲ୍ ସ୍କୋର ହୋଇପାରି ନ ଥିଲା। ଫଳରେ କେରଳ ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ, ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଡା. ଦେବାଶିଷ ମାରାଣ୍ଡି, ଏସ୍‌ପି ଶଶିଭୂଷଣ ଶତପଥୀ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶେଖ୍ ଅବଦୁଲ୍ ଖାଲିକ, ଆଶୁତୋଷ ମିଶ୍ର, ରାମକୃଷ୍ଣ ରଥ ପ୍ରମୁଖ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ରାଜୁ ମହାନ୍ତି, ଶେଷଦେବ ବେହେରା, ଜ୍ୟୋତିରଞ୍ଜନ ସ୍ୱାଇଁ ଓ ସୁଦୀପ୍ତ ଦାଶ ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ନୟାଗଡ଼ ବ୍ଲକର ୧୪ ଗୋଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୧୨୦୦ ଛାତ୍ରୀଛାତ୍ରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଡ଼ିଆ ମଧରେ ସମସ୍ତ ଛାତ୍ରୀଛାତ୍ର ଦଳ ଦଳ ହୋଇ ତ୍ରିରଙ୍ଗା ପତାକା ଧରି ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ କରିଥିଲେ। ଛାତ୍ରୀଛାତ୍ରଙ୍କ ଏହି କାର୍ଯ୍ୟକ୍ରମ ଟୁର୍ନାମେଣ୍ଟର ଆକର୍ଷଣ ସାଜିଥିଲା।

### କେରଳ ଖେଳାଳି ଗୁରୁତର

ରବିବାର ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ ଚାଲିଥିବାବେଳେ କେରଳ ପୋଲିସ ଦଳର ଜଣେ ଖେଳାଳି ଗୁରୁତର ହୋଇଛନ୍ତି। ସେ ହେଲେ ୧୩ ନମ୍ବର ଜର୍ସି ସୁଜିଲ। ଖେଳର ଦ୍ୱିତୀୟାର୍ଦ୍ଧରେ ଗୋଲକିପରଙ୍କ ଡାହାଣ ପାର୍ଶ୍ୱରେ ଥିଲେ ସୁଜିଲ। ଏହି ସମୟରେ ବିପକ୍ଷ କଟକ ଦଳ ପକ୍ଷରୁ ମରାଯାଇଥିବା ବଲ୍‌ଟି ଆସି ତାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ସେ ପଡ଼ିଆରେ ପଡ଼ିଯାଇ ଗୁରୁତର ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।




ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

### ସଡ଼କ ଦୁର୍ଘଟଣାରେ ୪ ବାଳକ ଗୁରୁତର



ଗୁରୁତର ୨ ନାବାଳକ।

**ଭାପୁର,୯।୧୨(ଡି.ଏନ୍.ଏ.)**

ଫତେଗଡ ଥାନା ଚକ୍ରଧରପ୍ରସାଦ ପଞ୍ଚାୟତର ୪ଜଣ ନାବାଳକ ରବିବାର ବାଇକ୍ ଯୋଗେ ସାଇମନ୍ଦିର ଦର୍ଶନ ପାଇଁ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗମ୍ଭୀର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇ ଦିଆଯାଇଛି। ଚକ୍ରଧରପ୍ରସାଦ ଗ୍ରାମର ଲଳିତ ବେହେରାଙ୍କ ପୁଅ ଦିବ୍ୟରଞ୍ଜନ (୧୩), ବିଜୟ କରଙ୍କ ପୁଅ ଶ୍ରୀମୟ (୧୫) ଓ ଲକ୍ଷ୍ମୀଧର ପରିଡ଼ାଙ୍କ ପୁଅ ଆଶିଷ (୧୨) ଓ ଏହି ପଞ୍ଚାୟତ କୁରୁବେଙ୍ଗ ଗ୍ରାମର ଭ୍ରମର ପ୍ରଧାନଙ୍କ ପୁଅ ଭବାନୀ (୧୩) ଗୋଟିଏ ବାଇକ୍‌ରେ ସକାଳ ୧୦ଟା ସମୟରେ ବିଜିପୁର ସାଇ ମନ୍ଦିରକୁ ଯାଉଥିଲେ। ଭାପୁର-ମାଳିବେରେଣୀ ରାସ୍ତାର ଏକ ବୁଲାଣି ସ୍ଥାନରେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତାକଡ଼ ପୋଲ ବାଡ଼ାରେ ପିଟିହୋଇ ଯାଇଥିଲା। ଫଳରେ ସମସ୍ତେ ବାଇକ୍‌ରୁ ଛିଟିକିପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଦମକଳବାହିନୀ ସେମାନଙ୍କୁ ଉଦ୍ଧାର କରି ଭାପୁର ଡାକ୍ତରଖାନାକୁ ଦମକଳବାହିନୀ ଆଣିଥିଲେ। ଦିବ୍ୟରଞ୍ଜନ ଓ ଭବାନୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେମାନଙ୍କୁ ଭୁବନେଶ୍ୱର ପଠାଇ ଦିଆଯାଇଛି।

## ଓଡ଼ଗାଁ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

# ୯ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

**ଓଡ଼ଗାଁ, ୯।୧୨(ସ୍ୱ.ପ୍ର.)**

ଓଡ଼ଗାଁ ମଣ୍ଡଳସ୍ତରୀୟ ୨୪ତମ ବିଜ୍ଞାନମେଳା କୋମଣ୍ଡ ହାଇସ୍କୁଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ତଥା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲୋକନାଥ ସାହୁ ମୁଖ୍ୟ ଅତିଥି, ଜିଲାପରିଷଦ ସଦସ୍ୟ(୨) ବିଭୂପ୍ରସାଦ ସାହୁ, କୋମଣ୍ଡ ପଞ୍ଚାୟତ ସମିତ ସଭ୍ୟ ନବକିଶୋର ସେନାପତି, ସହ ଶିକ୍ଷା ଅଧିକାରୀ ସଦାଶିବ ପାତ୍ର, ଭାଗ୍ୟଲତା ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । କୋମଣ୍ଡ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସମନ୍ୱୟ ଶିକ୍ଷକ ସଂଘ ସଭାପତି ଦୀନବନ୍ଧୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବ୍ଲକର ସମସ୍ତ ସ୍କୁଲରୁ ସର୍ବକନିଷ୍ଠ ବର୍ଗର ୪୭, କନିଷ୍ଠ ବର୍ଗର ୧୯ ଓ ବରିଷ୍ଠ ବର୍ଗର ୨୮ ଏହିପରି ସମୁଦାୟ ୯୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୧୨ ଓ ୧୩ ତାରିଖ ଦୁଇଦିନ ସ୍ଥାନୀୟ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନମେଳା ନିମନ୍ତେ ସମୁଦାୟ ୯ ପ୍ରକଳ୍ପ ମନୋନୀତ ହୋଇଛି। ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଇଓ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାସ୍ତରକୁ ମନୋନୀତ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ରଞ୍ଜନ କୁମାର ଦାଶ ଓ ପଞ୍ଚାନନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ବିଦ୍ୟାଳୟକୁ ପାଇପ୍ ପାନୀୟଜଳ ଯୋଗାଣ ଦାବି

**ବୋଲଗଡ଼,୯।୧୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତ ଜରିପଡା-ପୋଡାପାଟଣା ପ୍ରାଥମିକ ବିଦ୍ୟାଳୟକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଦୀର୍ଘଦିନ ଧରି ଦାବି ହେଉଛି । ଏଠାରେ ୧ମ ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢ଼ୁଛନ୍ତି। ବିଦ୍ୟାଳୟ ପରିସରରେ ଏକ ଅଙ୍ଗନୱାଡି କେନ୍ଦ୍ର ମଧ ରହିଛି । ଅନ୍ୟପକ୍ଷରେ ଏହି ବିଦ୍ୟାଳୟ ପାଇଁ ନଳକୂପ ବ୍ୟବସ୍ଥା ନ ଥିବାରୁ ପ୍ରାୟ ଦେଢ଼ଶହ ମିଟର ଦୂରରେ ଥିବା ନଳକୂପ ଉପରେ ଛାତ୍ରୀଛାତ୍ରମାନେ ନିର୍ଭର କରୁଛନ୍ତି। ତେଣୁ ପୂର୍ବତନ ସମିତି ସଭ୍ୟ ତପନ କୁମାର ପ୍ରଧାନ, ଚିତ୍ରସେନ ପ୍ରଧାନ, ସାମାଜିକ କର୍ମୀ ସୁଦର୍ଶନ ଦେବତା ଓ ଗ୍ରାମବାସୀ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ନେଇ ବିଡିଓ ମଧୁସୂଦନ ବେହେରା କହିଛନ୍ତି, ବିଦ୍ୟାଳୟକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରଚେଷ୍ଟା କରାଯିବ ।

## ଦଲିଲ ଲେଖକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

### ଅପମୃତ୍ୟୁ ମାମଲା ରୁଜୁ

**ଖଣ୍ଡପଡ଼ା,୯।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳର ୯ନଂ ୱାର୍ଡ ମଣିକର୍ଣ୍ଣିକା ସାହିର ଜଣେ ବରିଷ୍ଠ ମୋହରୀର ତଥା ଦଲିଲ ଲେଖକ କୁସୁମି ନଦୀ ପଠାରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଠାରେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ମୃତକ ହେଉଛନ୍ତି ଶରତଚନ୍ଦ୍ର ପଣ୍ଡା(୭୨)। ଖବର ପାଇ ଖଣ୍ଡପଡ଼ା ଓ ଫତେଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେବ ଜବତ କରିବା ସହ ଥାନାରେ ଏ ନେଇ ୧୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ରବିବାର ପୂର୍ବାହ୍ନ ୧୦ଟାରେ ସ୍ୱର୍ଗତ ପଣ୍ଡା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନଦୀପଠାର ଏକ ଆମ୍ବଗଛରେ ତାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଏହା ଏକ ପାରିବାରିକ କଳହ ଜନିତ ଆତ୍ମହତ୍ୟା ବୋଲି ସନ୍ଦେହ ପ୍ରକଟ ହେଉଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ନୟାଗଡ଼ରେ ଶ୍ରମିକ ସମ୍ମିଳନୀ

**ନୟାଗଡ଼ ଅଫିସ,୯।୧୨**

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ତଥା ଜନବିପକ୍ଷବାଦୀ ନୀତି ପ୍ରତିବାଦରେ ଆସନ୍ତା ଜାନୁୟାରୀ ୮ ଓ ୯ ତାରିଖ ସର୍ବଭାରତୀୟ ସାଧାରଣ ଧର୍ମଘଟ (ବନ୍ଦ) ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ରବିବାର ନୟାଗଡ଼ କେ.ସି. କ୍ଲବଠାରେ ସିଆଇଟିୟୁ ଆହ୍ୱାନରେ ଏକ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସିଆଇଟିୟୁ ଜିଲା ସଭାପତି ବିଶ୍ୱନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂଗଠନର କେନ୍ଦ୍ର କମିଟି ସଦସ୍ୟ ଯୁଷ୍ମନ୍ତ ଦାଶ ଯୋଗଦେଇ ମୋଦି ସରକାର ଯେଉଁଭଳି ଶ୍ରମ ଆଇନ ସଂଶୋଧନ କରି ଶ୍ରମିକମାନଙ୍କ ଦାବି କରିବାର ଅଧିକାରକୁ ଖର୍ବ କରି କର୍ପୋରେଟ ମାଲିକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଚାଲିଛନ୍ତି ତାହାକୁ ତୀବ୍ର ସମାଲୋଚନା କରିଥିଲେ। ଏହାସହ ଆସନ୍ତା ଜାନୁୟାରୀ ୮ ଓ ୯ତାରିଖରେ ହେବାକୁ ଥିବା ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶ୍ରମିକ ନେତା ତଥା ପୂର୍ବତନ ଏମପି ଶିବାଜୀ ପଟ୍ଟନାୟକ ଆଲୋଚନା ସଭାକୁ ଉଦ୍‌ଘାଟନ କରିଥିବା ବେଳେ କୃଷକ ନେତା ଜଗନ୍ନାଥ ମିଶ୍ର ଉଦ୍‌ଯାପନୀ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁ ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଆଇଏନଟିୟୁସି ନେତା ସତ୍ୟବ୍ରତ ନାୟକ, ଶ୍ରମିକ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ, ଆଲୋକ ପ୍ରଧାନ, ସଂଯୁକ୍ତା ସେଠୀ, ଏସ.ଏ. କରିମ୍, ଗୋଲଖ ବିହାରୀ ମୁଦୁଲି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧର୍ମଘଟକୁ ସର୍ବାନ୍ତକରଣରେ ସଫଳ କରିବା ପାଇଁ ସର୍ବସମ୍ମିତ କ୍ରମେ ନିଷ୍ପତ୍ତି ହୋଇଥିଲା।



ବିଶ୍ୱନାଥ ମହାପାତ୍ର ନିଜର ବକ୍ତବ୍ୟ ରଖୁଛନ୍ତି।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ନୟାଗଡ଼ ଅଫିସ,୯।୧୨**

ନୟାଗଡ଼ ବ୍ଲକ ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ପାଇଁ ୧୨ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ କଲେଜ ଅଧକ୍ଷ ଅଶୋକ କୁମାର ନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଚୈତନ୍ୟ ବିଶୋଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକସ୍ତରରେ ପ୍ରସ୍ତୁତ ହୋଇ ଯେ କୌଣସି ଅସୁବିଧାକୁ ସମ୍ମୁଖୀନ ହେବାକୁ ସୂଚନା ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧାପକ ପ୍ରଶାନ୍ତ କୁମାର ରଥ ନାରୀ ସଶକ୍ତୀକରଣ ଉପରେ ନିଜର ମତ ରଖିଥିଲେ। ଛାତ୍ରୀମାନେ କିଭଳି ନିଜକୁ ସୁରକ୍ଷା ଦେଇପାରିବେ ସେ ଦିଗରେ ଅଧକ୍ଷ ଆଲୋଚନା କରିଥିଲେ। ପ୍ରଶିକ୍ଷକ ସନ୍ଧ୍ୟାରାଣୀ ନାୟକ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ସୁପ୍ରିୟା ମହାପାତ୍ର ସଂଯୋଜନା କରିଥିଲେ।



ଛାତ୍ରୀମାନେ ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଛନ୍ତି।

# ଗଣମାଧମ, ଯୁବଶକ୍ତି ଗଣତନ୍ତ୍ରର ସୁରକ୍ଷା କବଚ

**ଗଣିଆ,୯।୧୨(ଡି.ଏନ.ଏ.)**

ଗଣିଆସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ କ୍ରିଏଟିଭ ନୟାଗଡ଼ ପରିବାର ତରଫରୁ ଶନିବାର ଗଣତନ୍ତ୍ରରେ ଗଣମାଧମ ଓ ଯୁବଶକ୍ତିର ଭୂମିକା ଶୀର୍ଷକ ମହାବିଦ୍ୟାଳୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଖିଳ କୁମାର ହୋତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଅଧ୍ୟାପକ ଅଶୋକ ମିଶ୍ର,କ୍ଷୀରୋଦ ଚନ୍ଦ୍ର ମହାପାତ୍ର,ଭଗବାନ ପୃଷ୍ଟି, ଅଧ୍ୟାପିକା ଶର୍ମିଳା ଦାଶ ପ୍ରମୁଖ ଯୋଗଦେଇଥିଲେ। ଗଣମାଧ୍ୟମ ଓ ଯୁବଶକ୍ତି ଗଣତନ୍ତ୍ରର ସୁରକ୍ଷା କବଚ। ଗଣତନ୍ତ୍ରକୁ ଅକ୍ଷୁଣ୍ଣ ରଖିବା ପାଇଁ ଗଣମାଧ୍ୟମ ପ୍ରତିନିଧି ଓ ଯୁବଶକ୍ତି ନିର୍ଭୀକ, ନିଃସ୍ୱାର୍ଥପର ଓ ନୀରପେକ୍ଷ ଭାବେ କାର୍ଯ୍ୟକରିବା ଆବଶ୍ୟକ ବୋଲି ମୁଖ୍ୟଅତିଥି ସ୍ୱାଇଁ କହିଥିଲେ । ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ମତ ଉପସ୍ଥାପନ କରିଥିଲେ। ଗଣିଆ ବ୍ଲକର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ନିଜର ଅନୁଭୂତିସମ୍ପନ୍ନ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନେ ନିଜ ଅଞ୍ଚଳରେ ଘଟୁଥିବା ବିଭିନ୍ନ ପ୍ରକାର ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରି ସହଯୋଗ କରିବାକୁ ମତପ୍ରକାଶ ପାଇଥିଲା। କ୍ରିଏଟିଭ ନୟାଗଡ଼ ତରଫରୁ ବ୍ୟଙ୍ଗ କବି ଉତ୍ପଳ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।




ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ନୈତିକ ଶିକ୍ଷା କାର୍ଯ୍ୟକାରୀ କରିବା ସାମର୍ଥ୍ୟ ଶିକ୍ଷକଙ୍କର ରହିଛି

**ପୁରୀ ଅଫିସ, ୯।୧୨:** ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍‌ଠାରେ ଚାଲିଥିବା ଦୁଇଦିନିଆ ଶିକ୍ଷାନୁଷ୍ଠାନରେ ନୈତିକ ଶିକ୍ଷା ଶୀର୍ଷକ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାକୁ ଉଦ୍‌ଘାଟନ କରି ଅନ୍ତର୍ଜାତୀୟ କ୍ରିୟାଯୋଗର ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ କହିଲେ, ଶିକ୍ଷକଙ୍କର ଭୂମିକା ହେଉଛି ବ୍ୟକ୍ତି ନିର୍ମାଣ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ସଂଶୋଧନ କରି ନୈତିକ ଶିକ୍ଷାକୁ କାର୍ଯ୍ୟକାରୀ କରିବାର ସାମର୍ଥ୍ୟ ଶିକ୍ଷକମାନଙ୍କ ରହିଛି। ଅନ୍ୟତମ ପ୍ରବକ୍ତା ସ୍ୱାମୀ ସମର୍ପଣାନନ୍ଦ ଗିରି ନୈତିକ ଶିକ୍ଷା ପାଠ୍ୟକ୍ରମରେ ରାଷ୍ଟ୍ରପ୍ରୀତି, ସ୍ୱାଭିମାନ, ସ୍ୱାବଲମ୍ବନଶୀଳତା, ଜାତୀୟତାବାଦ, ଯୋଗ, ସଂସ୍କୃତି ଓ ସଂସ୍କାର ସହିତ ସତ୍ୟ, ଅହିଂସା ଓ ବ୍ରହ୍ମଚର୍ଯ୍ୟ ଇତ୍ୟାଦି ସ୍ଥାନ ପାଇବା ଉଚିତ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଗଗନବିହାରୀ ନିତ୍ୟାନନ୍ଦ ଚଇନି, ଡ. କୁଳମଣି ନାୟକ, କମଳାକାନ୍ତ ପତି, ସୁଜାତା ମିଶ୍ର ପ୍ରମୁଖ ନୈତିକ ଶିକ୍ଷାର ଆବଶ୍ୟକତା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ଅନୁଷ୍ଠିତ ଦଳଗତ ଆଲୋଚନାରେ ଅଂଶଗ୍ରହଣ କରି ଖେଳ, ଗୀତ, ଚିତ୍ର, ଅଭିନୟ ମାଧମରେ ପିଲାଙ୍କୁ ଗ୍ରହଣୀୟ ହେବା ଭଳି ନୈତିକ ଶିକ୍ଷା ଦିଆଯିବା ଉଚିତ ବୋଲି ଶିକ୍ଷକମାନେ ପ୍ରସ୍ତାବ ଦେଇଥିଲେ। ପ୍ରଚଳିତ ଦଣ୍ଡମୁକ୍ତ ଅଞ୍ଚଳ ବ୍ୟବସ୍ଥାକୁ ପରିବର୍ତ୍ତନ କରି ଭୟମୁକ୍ତ ଅଞ୍ଚଳ ବ୍ୟବସ୍ଥା ପ୍ରଚଳନ କରିବାକୁ ମତପ୍ରକାଶ ପାଇଥିଲା। ଏହି କର୍ମଶାଳାରେ ୧୦ ଜିଲାରୁ ୮୨ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଧାପକ ଯୋଗଦେଇଥିଲେ।

# ଏନ୍‌ଏସି ପକ୍ଷରୁ ଡ୍ରେନ୍ କାମ ଆରମ୍ଭ

ଭଞ୍ଜନଗର,୯।୧୨(ଡି.ଏନ.ଏ.)

ଭଞ୍ଜନଗର ଷ୍ଟେଟବ୍ୟାଙ୍କ ଛକରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବା ଯୋଗୁ ବର୍ଷା ହେଲେ ବ୍ୟାଙ୍କ ସମ୍ମୁଖରେ ୩ଫୁଟ ପାଣି ଜମି ରହୁଛି। ଉକ୍ତ ରାସ୍ତାଟି ସହରର ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବ୍ୟାଙ୍କ ଭିତରେ ମଧ୍ୟ ପାଣି ପଶିଯାଉଛି। ଗ୍ରାହକମାନେ ବ୍ୟାଙ୍କକୁ ଯିବାରେ ହଇରାଣ ହେଉଛି। ବହୁବର୍ଷ ହେଲା ଏହି ସମସ୍ୟା ଲାଗିରହିଛି। ଏହାର ସମାଧାନ ପାଇଁ ଏନଏସି ଓ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଇତିମଧ୍ୟରେ ଏନଏସି ପକ୍ଷରୁ ୪ଫୁଟ ଚଉଡା ଡ୍ରେନ କାମ କରାଯାଉଛି। ଏହା ପେଟ୍ରୋଲ ଟାଙ୍କି, ଏସ୍‌ଡିପିଓ ଅଫିସ, ମନଇଛା ସାହି ହୋଇଯିବ। ଏବାବଦରେ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ସେହିଭଳି ବ୍ୟାଙ୍କ ଛକରେ ଥିବା ପୁରୁଣା କଲଭର୍ଟଟିକୁ ଭାଙ୍ଗି ସେଠାରେ ଏକ ନୂଆ କଲଭର୍ଟ ନିର୍ମାଣ କରାଯିବ, ପୂର୍ତ୍ତବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଚାଲିଛି। କଲଭର୍ଟ ଓ ଡ୍ରେନକାମ ସରିଲେ ବ୍ୟାଙ୍କ ଛକରେ ବର୍ଷା ସମୟରେ ରହୁଥିବା ପାଣି ଆଉ ଅଟକି ରହିବ ନାହିଁ। ଏନେଇ ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ନିର୍ଦ୍ଧାରିତ ସମୟରେ କାମ ସାରିବା ଯୋଜନା ଅଛି। ଡ୍ରେନ୍‌ଟି ଓସାରିଆ ହେଉଥିବା ଯୋଗୁ ଆଉ ବର୍ଷା ଜଳ ବ୍ୟାଙ୍କ ଛକରେ ଅଟକିବ ନାହିଁ।



ଡ୍ରେନ୍ କାମକୁ ଏନଏସି ପକ୍ଷରୁ ତଦାରଖ କରାଯାଉଛି।

**ପୂର୍ତ୍ତ ବିଭାଗ କଲଭର୍ଟ କରିବ**

## ଗୋକୁଳାନନ୍ଦ କ୍ରିକେଟ୍ ଧମାକା: କଣ୍ଟିଲୋ ଚାମ୍ପିୟନ

ଖଣ୍ଡପଡ଼ା,୯।୧୨(ସ୍ୱ.ପ୍ର.)

ଗୋକୁଳାନନ୍ଦ ସ୍ପୋର୍ଟସ୍ ଆସୋସିଏଶନ୍, ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ୍ ଖେଳ ପଡିଆଠାରେ ଗୋକୁଳାନନ୍ଦ କ୍ରିକେଟ ଧମାକା ଆୟୋଜିତ ହୋଇଛି। ରବିବାର ଏହି ମ୍ୟାଚ୍‌ର ଫାଇନାଲ ତଥା ଅନ୍ତିମ ଦିବସରେ କଣ୍ଟିଲୋର ବରୁଣେଇ କ୍ରିକେଟ କ୍ଲବ ଯୋଗିଆପଲ୍ଲୀ କ୍ରିକେଟ୍ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି । ପ୍ରଥମେ କଣ୍ଟିଲୋ ଦଳ ବ୍ୟାଟିଂ କରି ୧୫ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା । ଜବାବରେ ଜୋଗିଆପଲ୍ଲୀ ସମସ୍ତ ଉଇକେଟ୍ ବିନିମୟରେ ମାତ୍ର ୧୨୯ ରନ୍ ସଂଗ୍ରହ କରିଥିଲା । ବିଜୟୀ ଦଳର ତିତିଲ୍ ମ୍ୟାନ ଅଫ୍ ଦି ମ୍ୟାଚ ଓ ଦିବାକର ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି । ଏହି ଖେଳକୁ ମୁନା ମହାଳିକ ଓ ଆଲୋକ କୁମାର ରାଉତ ପରିଚାଳନା କରିଥିଲେ ।

## ଅଙ୍ଗନୱାଡି କାର୍ଯ୍ୟ ସମୀକ୍ଷା କଲେ ଜିଲା ସମାଜମଙ୍ଗଳ ଅଧିକାରିଣୀ

ଶେରଗଡ,୯।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ରେଡ୍ଡୀ ଶେରଗଡ ବ୍ଲକ ଗସ୍ତରେ ଆସି ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ସମୀକ୍ଷା ସହ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଛନ୍ତି। ପ୍ରଥମେ ସିଡିପିଓ କାର୍ଯ୍ୟାଳୟରେ ପହଞ୍ଚି ମମତା ଯୋଜନା, ପୁଷ୍ଟିକର ଯୋଜନା ଓ କାର୍ଯ୍ୟାଳୟର ବିଭିନ୍ନ ଫାଇଲ ପତ୍ର ଯାଞ୍ଚ କରିଥିଲେ। ଉକ୍ତ କାର୍ଯ୍ୟାଳୟ ଅଧୀନରେ ୧୯୨ କେନ୍ଦ୍ର ଚାଲିଛି କି ନା ପଚାରି ବୁଝିଥିଲେ। ଏହାପରେ ନନ୍ଦିନୀ ନଦୀ କଡ ଓ ବାରସିଙ୍ଗି ରାସ୍ତାରେ ଥିବା ମହାମାୟୀ ସ୍ୱୟଂସହାୟକ ଗୋଷ୍ଠୀର ଛତୁଆ କେନ୍ଦ୍ର ପରିଦର୍ଶନ କରି ତିଆରି ତଦାରଖ କରିବା ସହ ଦଳର ସଭ୍ୟାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପରେ ଡାକରଡା-୧ କେନ୍ଦ୍ରକୁ ଯାଇଥିଲେ। ଗସ୍ତବେଳେ ସିଡିପିଓ ଚନ୍ଦ୍ରକଳା ସ୍ୱାଇଁ, ସୁପରଭାଇଜର ଗେଲି ସାରିଆଙ୍କ ସମେତ ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାଣ ନିୟମ ପକାଉ କେତେ,**
**ଶୃଙ୍ଖଳା ସୁଆଗ ଲଗାଉ କେତେ ।**

ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ପତିପତ୍ନୀଙ୍କ ମଧ୍ୟରେ ବିଶ୍ୱାସ ଓ ଭଲପାଇବା ଯେତେ ଦୃଢ଼ ହୁଏ, ସେମାନଙ୍କ ଦାମ୍ପତ୍ୟଜୀବନ ସେତେ ସୁଖମୟ ହୋଇଥାଏ। ତେବେ ଯେଉଁଠି ଆନ୍ତରିକତା ନ ଥାଏ ସେଠି ସବୁ ସମ୍ପର୍କ ତୁଚ୍ଛ ଲାଗିଥାଏ। ଏଭଳି ସ୍ଥଳେ ଫମ୍ପା ମାଠିଆ ଭଳି ଉପର ଦେଖାଣିଆ ସ୍ନେହ ଶ୍ରଦ୍ଧାରେ କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରାଉ ରାଉ ତୁ ହଉଚୁ କିଆଁ ?**
**ଓଦା କାଠରେ ଲଗାଉଚୁ ନିଆଁ ।**

ଯେତେ ଚେଷ୍ଟା କଲେ ମଧ ଓଦା କାଠରେ ନିଆଁ ଧରିବା କଷ୍ଟକର ସେଥିପାଇଁ ମନରେ ରାଗଭାବ ଆଣିବା ନିରର୍ଥକ। ପରୋକ୍ଷରେ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡ଼ା ଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ତିଳକୁ ତାଳ କରି କଥା ବଢ଼ାଇ ପରିବେଶକୁ ତିକ୍ତ କରୁଥିବା କଳହପ୍ରିୟ ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ବେଗୁନିଆପଡ଼ା,୯।୧୨(ଡି.ଏନ.ଏ.)

ବେଗୁନିଆପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠିତ ହୋଇଛି । ସରପଞ୍ଚ ଅରୁଣ କୁମାର ମାଝି, ସମିତିସଭ୍ୟ ନାରାୟଣ ବେହେରା, ସିଆରସିସି ରାଜେନ୍ଦ୍ର ପ୍ରସାଦ ସେଠୀ, ପ୍ରଧାନ ଶିକ୍ଷକ ନାରାୟଣ ଭୂୟାଁଙ୍କ ଉପସ୍ଥିତିରେ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ପ୍ରଭାକର ପଣ୍ଡା, ଉପସଭାପତି ଅଞ୍ଜଳି ଗୌଡ଼ ଓ ୧୨ ଜଣ କମିଟି ସଦସ୍ୟ ନିର୍ବାଚିତ ହୋଇଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଯୋଗ ଦେଇଥିଲେ ।

## ୭ ମୃତ ବିଦେଶୀ ପକ୍ଷୀ ଜବତ, ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୯।୧୨(ଡି.ଏନ.ଏ.)-ଚିଲିକା ଉପକୂଳ କାଳୁପଡ଼ାଘାଟ ଜେଟି ନିକଟ ବରୁଣପଡ଼ାର ଗୁନିବସା ନାଳରେ ୭ ମୃତ ବିଦେଶୀ ପକ୍ଷୀ ଜବତ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ରବିବାର ପୂର୍ବାହ୍ନ ୧୧.୩୦ରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଅଚାନକ ଚଢ଼ାଉ କରି ମୃତ ପକ୍ଷୀ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବନାଞ୍ଚଳ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ଅଭିଯୁକ୍ତ ହେଉଛନ୍ତି ବାଉଁଶମୂଳ ଗ୍ରାମର ବୈଷ୍ଣବ ପ୍ରଧାନଙ୍କ ପୁଅ ଭାସ୍କର। ଘଟଣା ସ୍ଥଳରୁ ଏକ ଦେଶୀ ଡଙ୍ଗା ମଧ ଜବତ କରାଯାଇଛି । ମୃତ ପକ୍ଷୀ ମଧ୍ୟରେ ରହିଛନ୍ତି ୪ ଲାର୍ଜ ହୁଇସିଲିଂ ଡକ୍, ୧ ଓପିଟଟ୍ ଜାକନା ଓ ୨ ମୁର ହେନ୍ । ବନପାଳ ରାଧାକାନ୍ତ ହୋତା, ରଶ୍ମିରଞ୍ଜନ ନାୟକ, ବନରକ୍ଷୀ ମଧୁସ୍ମିତା ଜେନା ଓ ଶିବ ପ୍ରସାଦ ପଲେଇ ସମେତ ୫ ଜଣ ଜଗୁଆଳି ଚଢ଼ାଉରେ ସାମିଲ ଥିଲେ ।

## ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବେଗୁନିଆପଡ଼ା,୯।୧୨(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଷଣ୍ମୂଳ ପଞ୍ଚାୟତ ଶାଳବଣ ଗ୍ରାମରେ କେଦାରନାଥ ସ୍ମାରକି ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି, ସମ୍ପାଦକ ଶରତ ଚନ୍ଦ୍ର ପାଣ୍ଡି, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ଦେବରାଜ ସ୍ୱାଇଁ, ଜୟରାମ ସ୍ୱାଇଁ, ମୁକୁନ୍ଦ ମାଧବ ସ୍ୱାଇଁ, ସନ୍ତୋଷ କମାର ସାହୁ, ମର୍ଦ୍ଦମେଖ ସରପଞ୍ଚ ହୃଷିକେଶ ମେହେଣା, ଅରୁଣ କୁମାର ମାଝିଙ୍କ ସମେତ ବହୁ ଅତିଥି ଯୋଗ ଦେଇଥିଲେ । ଏହି ଗ୍ରାମର କଂଗ୍ରେସ ଜୋନ ସଭାପତି କେଦାର ନାଥ ସ୍ୱାଇଁଙ୍କ ଅକାଳ ବିୟୋଗ ଯୋଗୁ ଉଦ୍‌ଘାଟନ ପୂର୍ବରୁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେବେ । ରବିବାର ପ୍ରଥମ ମ୍ୟାଚ୍‌ରେ ମଥୁରା ଓ ପାଣ୍ଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରେଫରି ଭାବେ ଅକ୍ଷୟ କୁମାର ଡାକୁଆ କାର୍ଯ୍ୟ ତୁଲାଇଥିଲେ । ଶାଳବଣର ମା' ବାହୁତି ଟିମର ସଦସ୍ୟ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ଏରେଣ୍ଡ୍ରା ପଞ୍ଚାୟତ ଟିମ୍ ବିଜୟୀ

ଦିଗପହଣ୍ଡି/ପାଟପୁର,୯।୧୨(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ସାହାସପୁର ହାଟପଦାଠାରେ ଚାଲିଥିବା ବ୍ଲକସ୍ତରୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମା'ଝଙ୍କଡେଶ୍ୱରୀ କ୍ରିକେଟ କ୍ଲବ ସହଯୋଗରେ ୮ ଦିନ ବ୍ୟାପି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଏରେଣ୍ଡ୍ରା ପଞ୍ଚାୟତ କ୍ରିକେଟ ଟିମ ଚାମ୍ପିୟନ ହୋଇଛି। ଆୟୋଜିତ ଉଦଯାପନୀ ଉତ୍ସବରେ ସାନଖେମୁଣ୍ଡି ବିଡିଓ ଶିବ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ପୁରସ୍କାର ବିତରଣ କରିଥିଲେ। ରାଜ୍ୟ ଓସକାର୍ଡ ବ୍ୟାଙ୍କ ଅଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସାନଖେମୁଣ୍ଡି ବିଧାୟିକା ପ୍ରତିନିଧି ସହଦେବ ପ୍ରଧାନ, ବାଲାଜୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଥିଲେ।

## ଉଜ୍ଜ୍ୱଳା ଯୋଜନା ସମ୍ପର୍କିତ ସଚେତନତା

କନିଷ୍ଠି,୯।୧୨(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମ ବଡ଼ସାହି କଲ୍ୟାଣ ମଣ୍ଡପରେ ବୁଧବାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସମ୍ପର୍କିତ ଶକ୍ତି ଇଣ୍ଡେନ ଗ୍ୟାସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ସସ୍ମିତା ଜେନା ସମ୍ମାନିତ ଅତିଥି, ପ୍ରକାଶ ଚନ୍ଦ୍ର ଜେନା ଯୋଗଦେଇ ଏଲପିଜି ବ୍ୟବହାର ପାଇଁ ପ୍ରଶିକ୍ଷଣ ସହ ଜନସାଧାରଣଙ୍କୁ ସଚେତନତା କରାଇଥିଲେ । ଗୋଳନ୍ଥରା ସମିତିସଭ୍ୟ ଚିତ୍ରସେନ ଜେନା, ଟୁନା ଜେନା, ଉଜ୍ୱଳା ଯୋଜନାର ଗଞ୍ଜାମ ଏସ୍‌ଡିପି ତୋଫାନ ନାୟକ ଓ ଟୁକୁନା ପାତ୍ରଙ୍କ ସମେତ ବହୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ହିତାଧିକାରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶୁଭାଶିଷ ସାହୁ, ଦୀପ କୁମାର ଜେନା, ଏନ. ଜାଗା ରାଓ, ପ୍ରମୁଖ ପରିଚାଳନା କରିଥିଲେ।

## ଆତ୍ମସୁରକ୍ଷା ତାଲିମ୍ ଶିବିର

ସୋରଡା,୯।୧୨(ଡି.ଏନ.ଏ.)

ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୫ ଦିନିଆ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଅଧାପିକା ଉଷାରାଣୀ ସାବତଙ୍କ ସଂଯୋଜନାରେ ଚାଲିଛି। ଏହି ଶିବିର ଉଦ୍‌ଘାଟନ ଦିବସରେ କାହ୍ନୁଚରଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନିଲ କୁମାର ଦାଶ ପରିଚାଳନା କରିଥିଲେ। ବି ରଶ୍ମିତା ବିଷୋୟୀ, ପ୍ରିୟଙ୍କା ବିଷୋୟୀ, ସୁସ୍ମିତା ବାଗ ତାଲିମ ପ୍ରଦାନ କରୁଛନ୍ତି। ଅଧାପକ ଗୌରୀଶଙ୍କର ଆଚାର୍ଯ୍ୟ, ବିଶ୍ୱମୋହନ ପ୍ରଧାନ, ବିଶ୍ୱେଶ୍ୱର ମହାପାତ୍ର ପ୍ରମୁଖ ଛାତ୍ରୀଙ୍କୁ ତାଲିମ ନେବାକୁ କହିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301750

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା
ଶିଥିଳତା
ଧାତୁ ପତଳା
ଶିଘ୍ର ପତନ
ପରିସ୍ରାରେ ଧାତୁ
ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା
ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍କ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ
ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା
ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

## ସଂକ୍ଷେପରେ

### ଚୋରି ସାମଗ୍ରୀ ଉଦ୍ଧାର, ୨ ଗିରଫ

**ଆସିକା,୯।୧୨(ଡି.ଏନ୍.ଏ.):** ଆସିକା ଥାନା ମହାରାଜପୁରରେ ନିର୍ମାଣଧୀନ ବଡନଦୀ ସେତୁ ନିକଟରେ କିଛି ଯନ୍ତ୍ରପାତି ଚୋରି ହୋଇଥିଲା । ପୋଲିସ ଉକ୍ତ ଯନ୍ତ୍ରପାତିଗୁଡିକୁ ଉଦ୍ଧାର କରିବା ସହ ଏହି ଘଟଣାରେ ୨ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ବାଦଗଡ ଗ୍ରାମର ଉମାକାନ୍ତ ପାଢୀ ଓ ତାରା ପାଢୀ । ସେମାନେ ୨ ଭାଇ ବୋଲି ପୋଲିସ କହିଛି। ଅପରାହ୍ନରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି। ପୋଲ ନିକଟରୁ ଗୋଟିଏ ଓଲ୍ଡିଂ ମେଶିନ ଓ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ନେଇ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଶନିବାର ଥାନାରେ ଅଭିଯୋଗ ହୋଇଥିଲା । ଏ ନେଇ ପୋଲିସ ନଂ. ୩୯୩/୧୮ରେ ଏକ ମାମଲା ରୁଜୁ କରିଥିଲା ।

### ମଦ ଜବତ, ୨ ଗିରଫ



ଦିଗପହଣ୍ଡି,୯।୧୨(ଡି.ଏନ.ଏ.)- ଦିଗପହଣ୍ଡି ଥାନା ଢ଼େଙ୍ଗାଓସ୍ତା ଗ୍ରାମରୁ ରବିବାର ୧୧୧ଟି ବିଦେଶୀ ମଦ ବୋତଲ ଜବତ କରାଯାଇଛି। ବ୍ରହ୍ମପୁର ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ବିନା ଲାଇସେନ୍ସରେ ବିଦେଶୀ ମଦ ବିକ୍ରି କରୁଥିବା ଢ଼େଙ୍ଗାଓସ୍ତା ଗ୍ରାମର ବାଳକୃଷ୍ଣ ବିଶୋୟୀ ଏବଂ ଦିଲୀପ କୁମାର ବିଶୋୟୀଙ୍କୁ ଗିରଫ କରାଯାଇ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଅବକାରୀ ମାମଲା ନଂ.୪୫/୧୮ ଓ ୫୫/୧୮ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଇନ୍ସପେକ୍ଟର ଅଭିରାମ ବେହେରା, ସୁଶାନ୍ତ କୁମାର ପାଢ଼ୀ, ରୋଷନ ହାଁସନା, ଧିରେନ ବେହେରା, ଅଭିରାମ ସାହୁ, ଉତ୍ତମ କୁମାର ପଣ୍ଡା ପ୍ରମୁଖ ଚଢ଼ାଉରେ କରିଥିଲେ।

### ମୃତ୍ତିକା କ୍ଷୟ ରୋକିବାକୁ ଆଲୋଚନା

**ଆର.ଉଦୟଗିରି,୯।୧୨(ଡି.ଏନ୍.ଏ.):** ଆର.ଉଦୟଗିରି ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସଂଗ୍ରାମ ପରମଗୁରୁଙ୍କ ସଭାପତିତ୍ୱରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅନିତା ମଣ୍ଡଳ ଯୋଗଦେଇ ମୃତ୍ତିକା ଦିବସ ପାଳନ ସମ୍ପର୍କରେ ବୁଝାଇଥିଲେ। ମୃତ୍ତିକା କ୍ଷୟ ରୋକିବା ପାଇଁ ବହୁଳ ଚାରାରୋପଣ, ବର୍ଷା ଜଳ ସଂରକ୍ଷଣ ଓ ଚେକ ଡ୍ୟାମର ଗୁରୁତ୍ୱ ଆଲୋଚନା ହୋଇଥିଲା। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ୫ କୃଷକଙ୍କୁ ସ୍ୱାସ୍ଥ୍ୟକାର୍ଡ ଦିଆଯାଇଥିଲା। ସ୍ମୃତିରଞ୍ଜନ ଶତପଥୀ, ଜିଲା କୃଷି ନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନ, ଟି.ଭି. ପ୍ରସାଦ ରାଓ, ପ୍ରଦ୍ୟୁମ୍ନ ପାଲ, ଏମକେ ପଶାୟତ ପ୍ରମୁଖ ଯୋଗ ଦେଇଥିଲେ।

### ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା




**ପୁରୁଷୋତ୍ତମପୁର,୯।୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ତଥା କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ବଡଖରିଡା ପଞ୍ଚାୟତରେ ଭାଜପାର ଜିଲା କାର୍ଯ୍ୟକାରିରୀ ସଦସ୍ୟ ସ୍ୱରାଜ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଞ୍ଜନ କୁମାର ପଲେଇ ଅଧକ୍ଷତା କରିଥିବାବେଳେ ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର, ଘୁମୁସର ଜିଲା ସଭାପତି ସୂର୍ଯ୍ୟନାରାୟଣ ଦାଶ, ପ୍ରହଲ୍ଲାଦ ସାହୁ, ଲିଟୁନ କୁମାର ଦାଶ, ଜିଲା ଉପସଭାପତି ଶେଷଦେବ ପଣ୍ଡା, ସୀମାଞ୍ଚଳ ଦାଶ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଟୁକୁନା ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ କହିବା ସହ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ବିଫଳତା ନେଇ ବର୍ଷିଥିଲେ। ଘରକୁ ଘର ବୁଲି ଲୋକଙ୍କ ସମସ୍ୟା ବୁଝିବା ସହ ପରାମର୍ଶ ମଧ ନେଇଥିଲେ।

# ରାମ୍ପେଲିରେ ବ୍ୟାପିଲା ଝାଡାବାନ୍ତି

ଦାରିଙ୍ଗିବାଡ଼ି/ବ୍ରାହ୍ମଣୀଗାଁ, ୯।୧୨ (ଡି.ଏନ.ଏ)

ଦାରିଙ୍ଗିବାଡ଼ି ବ୍ଲକ ଦୁର୍ଗମ ପଞ୍ଚାୟତ କାଟିଙ୍ଗିଆର ରାମ୍ପେଲିରେ ଗତ କିଛିଦିନ ହେଲା ଝାଡ଼ାବାନ୍ତି ଲାଗିରହିଛି। ଏଥିରେ ଏକାଧିକ ଲୋକ ଆକ୍ରାନ୍ତ ହୋଇଥିବା କୁହାଯାଉଥିବାବେଳେ ଡାକ୍ତର ଦଳ ସେଠାକୁ ଯାଇ ନ ଥିବା ଜଣାପଡ଼ିଛି। ଦୁର୍ଗମ ଅଞ୍ଚଳ ହୋଇଥିବାରୁ କିଛି ରୋଗୀ ପ୍ରଥମେ ଚେରମୁଲି ଓ ଗୁଣିଗାରେଡ଼ି ଚିକିତ୍ସା କରାଇବାପରେ ଉକ୍ତ ଗ୍ରାମର ଅଜୟ ମଲ୍ଲିକଙ୍କ ସ୍ତ୍ରୀ ଜୁନିଅର ମଲ୍ଲିକ ଗୁରୁତର ହୋଇପଡ଼ିଥିଲେ। ଗାଁକୁ ରାସ୍ତା ନଥିବାରୁ ଅଞ୍ଚଳବାସୀ ଜୁନିଅରଙ୍କୁ ଏକ ଦଉଡ଼ି ଖଟରେ ବୋହି ମିଞ୍ଜାପଙ୍କା ଗ୍ରାମ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ସେମାନେ ଅଟୋରେ ଗଜପତି ଜିଲାର ଅଡ଼ବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି କହିଛନ୍ତି। ଗାଁକୁ ସବୁଦିନିଆ ରାସ୍ତା ନଥିବାରୁ ଅଞ୍ଚଳବାସୀ ଗୁଣିଗାରେଡ଼ି ସହ ଜଙ୍ଗଲର ଚେରମୁଲିକୁ ଭରସା କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଥିଲେ ଏଭଳି ଦଉଡ଼ିଆ ଖଟରେ ରୋଗୀଙ୍କୁ ବୋହିବାକୁ ପଡ଼ିନଥାନ୍ତା ବୋଲି ଗ୍ରାମର କାମଦେବ ମଲିକ, କୁଞ୍ଜ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥିପାଇଁ ପ୍ରଶାସନକୁ ଦାୟୀ କରିଛନ୍ତି। ଗାଁରେ ପିଇବା ପାଣି ପାଇଁ କୌଣସି ବିକଳ୍ପ ନ ଥିବାରୁ ଏକ ପରିତ୍ୟକ୍ତ ଚୁଆ ପାଣି ପିଇ ଏଭଳି ଝାଡ଼ାବାନ୍ତିର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁକୁ ରାସ୍ତା ସମେତ ପିଇବା ପାଣିର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


**ଖଟିଆରେ ବୁହା ହେଲେ ରୋଗୀ**



ଜଣେ ଆକ୍ରାନ୍ତଙ୍କୁ ଖଟିଆରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି।

ମାଓବାଦୀଙ୍କ ପ୍ରତିରୋଧ ଦିବସ ପାଳନ

# ପୁଣି ଲଗାଇଲେ ବ୍ୟାନର, ପୋଷ୍ଟର




ସିମନବାଡ଼ି ପମ୍ପହାଉସ ନିକଟରେ ମାଓବାଦୀ ଲଗାଇଥିବା ବ୍ୟାନର ଓ ପୋଷ୍ଟର ।

**ଦାରିଙ୍ଗବାଡ଼ି,୯।୧୨(ଡି.ଏନ.ଏ.)** ଦାରିଙ୍ଗବାଡ଼ି ଥାନା ସିମନବାଡ଼ିରେ ରବିବାର ମାଓବାଦୀ ବ୍ୟାନର ସହ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ସପ୍ତାହକ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏହା ଲଗାଯାଇଛି । ସିମନବାଡ଼ି ବଜାରରୁ ମାତ୍ର ୨ଶହ ମିଟର ପରିତ୍ୟକ୍ତ ପମ୍ପହାଉସରେ ଏହା ଲାଗିଛି । ଏହା ଦେଖିବା ପରେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଗୁରୁବାର କିରିକୁଟି ଏବଂ ପାଟାଙ୍ଗିରେ ମଧ ମାଓବାଦୀମାନେ ବ୍ୟାନର ଓ ପୋଷ୍ଟର ଲାଗାଇଥିଲେ। ଫଳରେ ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ପୋଲିସ ପାଟ୍ରୋଲିଂ କରୁଥିଲେ ସୁଦ୍ଧା ସନ୍ଧ୍ୟାରେ ଏହା ହେଉ ନ ଥିବାରୁ ଲୋକଙ୍କ ମନରେ ଭୟ ଦ୍ୱିଗୁଣିତ ହୋଇଛି ।

ଧର୍ମ ନାମରେ ବିଦ୍ୱେଷ ଓ ଦଙ୍ଗା ବନ୍ଦ କରିବାକୁ ନିବେଦନ କରାଯିବା ସହ ଗୋ ରକ୍ଷା ନାମରେ ଭିଡ଼ ଦ୍ୱାରା ମୁସଲମାନ, ଖ୍ରୀଷ୍ଟିଆନ, ଦଳିତ ଓ ଆଦିବାସୀଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ନିବେଦନ କରାଯାଇଛି । ରାମ ମନ୍ଦିର ନିର୍ମାଣ ପାଇଁ ମୋହନ ଭାଗବତ ଓ ପ୍ରବୀଣ ଭାଇ ତୋଗାଡ଼ିଆର ପଦଯାତ୍ରା ଓ ଦାବିକୁ ବିରୋଧ କରୁଥିବା ଉଲ୍ଲେଖ ରହିଛି। ସେହିପରି ମୋଦି ସରକାରର ନିପାତ ଅଭିଯାନ ସମାଧାନ ଯୋଜନାକୁ ପରାସ୍ତ କରିବାକୁ ଚେତାବନୀ ଦିଆଯାଇଛି। ଧାର୍ମିକ ସଂହତି ବଜାୟ ରଖିବାକୁ ଓଡ଼ିଶାରେ ସଂଘ ପରିବାର ଓ ଭାଜପା ପ୍ରଭାବକୁ ରୋକିବା ପାଇଁ ଉଲ୍ଲେଖ ରହିଛି ।

ସମୁଦୁଣୀଙ୍କ ତଣ୍ଟିକାଟି ହତ୍ୟା ଘଟଣା

# ସମୁଦୀ ଗିରଫ: ବାଇକ୍, ଛୁରି ଜବତ

**ବୁଗୁଡ଼ା,୯।୧୨(ଡି.ଏନ.ଏ.)**

ବୁଗୁଡା ସହର ଅନ୍ନପୂର୍ଣ୍ଣାନଗର ସାହିରେ ଶନିବାର ସମୁଦୁଣୀଙ୍କ ତଣ୍ଟିକାଟି ହତ୍ୟା କରିଥିଲେ ସମୁଦୀ। ଏହି ଘଟଣାରେ ରବିବାର ଅଭିଯୁକ୍ତ ସମୁଦୀଙ୍କୁ ବୁଗୁଡ଼ା ପୋଲିସ ଗିରଫ କରିଛି। ସେ ହେଲେ ଜଗନ୍ନାଥପ୍ରସାଦ ଥାନା ପଟାଧାର ଗ୍ରାମର ବସନ୍ତ ସାହୁ। ପୋଲିସ ବସନ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିବାବେଳେ ଘଟଣାରେ ବ୍ୟବହୃତ ବାଇକ ଓ ଛୁରି ଜବତ କରିଛି। ଝିଅକୁ ଶାଶୁ ଘର ଲୋକେ ମାରି ଦେଇଥିବାରୁ ଏହାର ପ୍ରତିଶୋଧ ନେବାକୁ ସେ ଏହି ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। କବିଚନ୍ଦ୍ର ସାହୁଙ୍କ ଅଭିଯୋଗ ଅନୁଯାୟୀ ବୁଗୁଡା ଥାନାରେ ନଂ.୨୯୭/୧୮ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା।

ପ୍ରକାଶ ଯେ, କବିଚନ୍ଦ୍ରଙ୍କ ବଡପୁଅ ଜଗନ୍ନାଥପ୍ରସାଦ ଥାନା ପଟ୍ଟାଧାରର ବସନ୍ତ ସାହୁ ଓରଫ ପଦ୍ମନାଭଙ୍କ ଝିଅଙ୍କୁ ବିବାହ କରିଥିଲେ। ୩୦ ଅକ୍ଟୋବର ୨୦୧୭ରେ ପଦ୍ମନାଭଙ୍କ ଝିଅଙ୍କର ମୃତ୍ୟୁ ହୋଇଥିଲା । ଶାଶୁଘର ଲୋକେ ତାଙ୍କ ଝିଅଙ୍କୁ ଶ୍ୱାସରୁଦ୍ଧ କରି ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ କବିଚନ୍ଦ୍ରଙ୍କ ୨ ପୁଅ ଏବେ ଜେଲରେ ଅଛନ୍ତି। କିଛିଦିନ ତଳେ ସ୍ତ୍ରୀ ଓ ଝିଅ ଜେଲରୁ ମୁକୁଳିଥିଲେ । ଶନିବାର ଅପରାହ୍ନରେ ବସନ୍ତ ବାଇକ ଯୋଗେ ଅନ୍ନପୂର୍ଣ୍ଣାନଗର ସମୁଦୀ ସାହିରେ ପହଞ୍ଚିଥିଲେ । ସମୁଦୁଣୀ କନକ ଏକୁଟିଆ ଘରେ ଥିଲେ । ଝିଅ ମୃତ୍ୟୁର ପ୍ରତିଶୋଧ ନେବାକୁ ଯାଇ ସେ ସାଙ୍ଗରେ ଆଣିଥିବା ଛୁରିରେ ସମୁଦୁଣୀଙ୍କ ତଣ୍ଟିକାଟି ହତ୍ୟା କରିଥିଲେ । ସେଠାରୁ ବାଇକ ଯୋଗେ ଯାଇ ଖୋଳାଖୋଳି ଜଙ୍ଗଲରେ ଛୁରିକୁ ଫିଙ୍ଗି ଘରକୁ ଯାଇଥିଲେ । ପୋଲିସ ବସନ୍ତଙ୍କୁ ଗିରଫ କରିବା ପରେ ତାଙ୍କ ସୂଚନା ଆଧାରରେ ଖୋଳାଖୋଳି ଜଙ୍ଗଲରୁ ଛୁରି ଜବତ କରିଥିଲେ ।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

# ବାରହା ମାଂସ ଜବତ, ଜଣେ ଅଟକ

**ହାତୀଓଟ,୯।୧୨**

ପୋଲସରା ବନବିଭାଗ ଅଧିକାରୀ ରମେଶ ଚନ୍ଦ୍ର ସାହୁ ରବିବାର ସକାଳୁ ସଦଳବଳ ଚଢାଉ କରି ବିପୁଳ ପରିମାଣର ବାରହା ମାଂସ ଜବତ କରିବା ସହ ଜଣଙ୍କୁ ଅଟକ ରଖିଛନ୍ତି। ଏନେଇ ନଂ.୧୪୯/୧୮-୧୯ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରୁ ଶିକାରୀ ଫେରାର ହୋଇଯାଇଥିବାବେଳେ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ପ୍ରକାଶ ଯେ, ମନ୍ଦାର ଗ୍ରାମ ଗୋରି ନାଳ ପଡ଼ିଆରେ ବାରହା କଟା ଯାଉଥିବା ବନବିଭାଗ ଅଧିକାରୀ ସାହୁ ରବିବାର ସକାଳୁ ଖବର ପାଇ ଚଢାଉ କରିଥିଲେ। ବନବିଭାଗ ଗାଡି ଦେଖି ଶିକାରୀମାନେ କଟାମାଂସ ଛାଡି ଦୌଡି ପଳାଇଥିଲେ। ମାତ୍ର କର୍ମଚାରୀମାନେ ଜଣଙ୍କୁ କାବୁ କରି ନେଇଥିଲେ। ଜବତ ମାଂସକୁ ପୋଲସରା ବନାଞ୍ଚଳ କାର୍ଯ୍ୟାଳୟ ନିକଟରେ ପୋତି ଦିଆଯାଇଥିବା ସୂଚନା ଦେଇଛନ୍ତି ବନବିଭାଗ ଅଧିକାରୀ ସାହୁ।

# ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ସମୀକ୍ଷା

**ଛତ୍ରପୁର,୯।୧୨(ଡି.ଏନ.ଏ.)**

- ଲକ୍ଷ୍ୟ ପୂରଣ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ
- ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ରତିଷ୍ଠା ହେବ ପ୍ଲାଣ୍ଟ

ଗଞ୍ଜାମ ଜିଲାର ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଛି । ଏପରିକି ଅଧିକାଂଶ ନିର୍ମାଣ କାର୍ଯ୍ୟ ମଧ ଆରମ୍ଭ ହୋଇନି । କମ୍ୟୁନିଟି ପାଇଖାନା ନିର୍ମାଣ ମଧ ଅସମ୍ପୂର୍ଣ୍ଣ ରହିଛି। ଗୁରୁବାର ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୈଠକରେ ଅଧକ୍ଷତା କରି ଆବାସ ଓ କମ୍ୟୁନିଟି ଟଏଲଟ ନିର୍ମାଣ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ୩ ରୁ ୪ ଟି ସହରାଞ୍ଚଳ ପାଇଁ ଗୋଟିଏ ପ୍ଲାଣ୍ଟ ନିର୍ମାଣ କରିବାକୁ ସ୍ଥିର ହୋଇଛି, ଏଥିପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହେବ ।

ଜିଲାର ୧୬ ଏନଏସି ଏବଂ ହିଞ୍ଜିଳି ମ୍ୟୁନିସିପାଲିଟିରେ ୫,୨୬୧ଟି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା । ଏଥିରୁ ୪,୯୮୨ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ୧,୨୦୭ ଗୃହ ନିର୍ମାଣ ହୋଇଛି । ୨,୫୭୩ ଗୃହ ନିର୍ମାଣ ଚାଲିଥିବା ବେଳେ ୧,୨୮୮ ଗୃହ ନିର୍ମାଣ ଆରମ୍ଭ ହୋଇ ନ ଥିବା ସମୀକ୍ଷାରୁ ଜଣାପଡ଼ିଛି। ସ୍ୱଚ୍ଛ ଭାରତ ମିଶନରେ ଜିଲାର ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ମ୍ୟୁନିସିପାଲିଟି ଓ ୧୬ ଏନଏସି ରେ ୧,୫୫୨ଟି କମ୍ୟୁନିଟି ପାଇଖାନା ନିର୍ମାଣ କରିବାକୁ ଲକ୍ଷ୍ୟ ଥିବାବେଳେ ୧,୨୧୦ଟିର ନିର୍ମାଣ ସରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୈନିକ ତଥ୍ୟ ସଂଗ୍ରହ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନତି ଯୋଜନାରେ ୧,୦୪୦ ପ୍ରକଳ୍ପ ମଧ୍ୟରୁ ୩୭୨ଟିର କାମ ସରିଛି। ଏହି ଯୋଜନାରେ ୟୁସି (ବିନିଯୋଗ ପ୍ରମାଣପତ୍ର) ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା ଏବଂ ସହରାଞ୍ଚଳ ସଂସ୍ଥାର ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବାଘୁଆ ପାଣିପଞ୍ଚାୟତ ପ୍ରକଳ୍ପ କମିଟି ବୈଠକ

**ବୁଗୁଡ଼ା,୯।୧୨(ଡି.ଏନ.ଏ.)**

ବୁଗୁଡ଼ା ଜଳସେଚନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବାଘୁଆ ପାଣି ପଞ୍ଚାୟତ ପ୍ରକଳ୍ପ କମିଟିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଚାଞ୍ଚଳ ଉନ୍ନୟନ ଓ ବାଘୁଆ ଜଳସେଚନ ଉପବିଭାଜନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ବାଘୁଆ ଜଳସେଚନ ଉପବିଭାଜନର ସହ ନିର୍ବାହୀଯନ୍ତ୍ରୀ ବିଷ୍ଣୁ ଚରଣ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ତଥା କାଡ଼ାର ପ୍ରକଳ୍ପ ନିର୍ଦ୍ଦେଶକ ସୁଜାତା ସାହୁ ଯୋଗଦେଇ ସେଚାଞ୍ଚଳ ଉନ୍ନୟନ ବିଭାଜନ ଦ୍ୱାରା ନାଳ ନିର୍ମାଣ, ଏହାର କାର୍ଯ୍ୟକାରିତା କିପରି ପାଣି ପଞ୍ଚାୟତ ମାଧ୍ୟମରେ ହୋଇପାରିବ ତାହା ପରାମର୍ଶ ଦେଇଥିଲେ। ବାଘୁଆ ଜଳସେଚନ ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ବୁଗୁଡ଼ା, ପୋଲସରା ବ୍ଲକରେ ୮୩୬୭ ହେକ୍ଟର ଜମିରେ ଜଳଯୋଗାଣ ହୋଇଥିବା ଯୋଗୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା। ରବିଋତୁରେ କିପରି ଜମିରେ ସୁଷମ ଜଳ ବଣ୍ଟନ ହୋଇପାରିବ ସେ ବିଷୟରେ ସହ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁ ସୂଚନା ଦେଇଥିଲେ । ରବିଋତୁ ସକାଶେ ୧୮୦୦ ହେକ୍ଟର ଜମିରେ ପର୍ଯ୍ୟାୟକ୍ରମେ ଜାନୟାରୀ ୧୪ ତାରିଖ ଠାରୁ ଜଳ ଯୋଗାଇବାକୁ ସେ ପ୍ରକାଶ କରିଥିଲେ। ବୈଠକରେ ଯୁଗ୍ମ ନିର୍ଦ୍ଦେଶକ ସର୍ବେକ୍ଷଣର ତାରିଣୀ ଚରଣ ସେଠୀ, କାଡ଼ା ନିର୍ବାହୀ ଯନ୍ତ୍ରୀ ଆସିକା ଦେବେନ୍ଦ୍ର କୁମାର ଦାଶ, ସର୍ବେକ୍ଷଣ ଉପନିର୍ଦ୍ଦେଶକ ଶୁଭେନ୍ଦୁ ମହନ୍ତ ମହାପାତ୍ର, ସହ କୃଷି ଅଧିକାରୀ ନିହାର ରଞ୍ଜନ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। କନିଷ୍ଠ ଯନ୍ତ୍ରୀ ବୈଜୟନ୍ତୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ କାଳି ଚରଣ ହୋତା ଧନ୍ୟବାଦ ଦେଇଥିଲେ । ବୈଠକ ପରିଚାଳନାରେ କଡ଼ା କନିଷ୍ଠ ଯନ୍ତ୍ରୀ ଅସିତ ନନ୍ଦ, ଜଳସେଚନ କନିଷ୍ଠ ଯନ୍ତ୍ରୀ କେଶବ ଖଟୋଇ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ୨ ଜଣଙ୍କୁ ଆକ୍ରମଣ

**ଛତ୍ରପୁର,୯।୧୨(ଡି.ଏନ.ଏ)**

ଛତ୍ରପୁର ଥାନା ମହାନାଦପୁର ଗାଁରେ ଶନିବାର ରାତିରେ ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ୨ ଜଣ ଉକ୍ତ ଗାଁର ବିନାୟକ ବେହେରା ଓ ମିଟୁ ବେହେରା ଛତ୍ରପୁର ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି। ପଞ୍ଚାୟତରେ ମହିଳା କର୍ମୀ ନିଯୁକ୍ତି ସମ୍ପର୍କରେ ପଚାରିବାରୁ ୨ ଜଣ ଆକ୍ରମଣ କରିଥିବା ବିନାୟକ ଅଭିଯୋଗ କରିଛନ୍ତି। ଏଥିରେ ହସ୍ତକ୍ଷେପ କରିବାରୁ ମିଟୁଙ୍କୁ ମଧ ଆକ୍ରମଣ କରାଯାଇଥିଲା। ଏ ସମ୍ପର୍କରେ ବିନାୟକଙ୍କ ପକ୍ଷରୁ ଶନିବାର ରାତିରେ ଛତ୍ରପୁର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଗାଁକୁ ଯାଇଥିଲା। ଏ ନେଇ ଏତଲା ଦେବାକୁ ପୋଲିସ ପରାମର୍ଶ ଦେଇଥିଲା। ରବିବାର ବିନାୟକ ଥାନାରେ ଏତଲା ଦେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଅନୁରୋଧ କରଛନ୍ତି। ଏତଲାକୁ ଗ୍ରହଣ କରି ଛତ୍ରପୁର ପୋଲିସ ତଦନ୍ତ ଆରମ୍ଭ କରିଛି।

# ଭଲିବଲ ପ୍ରତିଯୋଗିତା: ଡିଣ୍ଡିରାଗାଁ ଚାମ୍ପିୟନ

**ଫିରିଙ୍ଗିଆ,୯।୧୨**

ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ଫିରିଙ୍ଗିଆ ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତାର ଫାଇନାଲରେ ଡିଣ୍ଡିରାଗାଁ ଟିମ ଫିରିଙ୍ଗିଆକୁ ହରାଇ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୫ ହଜାର ୧ ଟଙ୍କା ଓ ରନର୍ସଅପ ଦଳକୁ ୩ ହଜାର ୧ ଟଙ୍କା ପୁରସ୍କୃତ କରାଯାଇଥିଲା। ଅଜିତ୍ ମୁଖି, ଶିବ ଦିଗାଳ ରେଫରୀ ଦାୟିତ୍ୱ ତୁଲାଇଥିଲେ। ବିଧାୟକ ଦୁଗୁନି କହଁର ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଫିରିଙ୍ଗିଆ ସରପଞ୍ଚ ବିଶ୍ୱରଞ୍ଜନ କହଁର, କେଳାପଡା ସରପଞ୍ଚ ପ୍ରେମଶୀଳା ଝାଙ୍କର, ଡିଣ୍ଡିରିଗାଁ ସରପଞ୍ଚ, ବ୍ଲକ ଅଧକ୍ଷ ଲାଲନନ୍ଦ ପ୍ରଧାନ, ବିଡିଓ ପ୍ରବୀଣ କୁମାର ବାଣୁଆ, ଜିଲା ପରିଷଦ ସଦସ୍ୟ ଜୟଶ୍ରୀ କହଁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଫିରିଙ୍ଗିଆ ବିଜୁ ଯୁବ ବାହିନୀ ସଭାପତି ରାଜେଶ ଦିଗାଳ, ସମ୍ପାଦକ ରାଜକିଶୋର ପ୍ରଧାନ, କିରଣ ନାୟକ, ବ୍ଲକ ସଂଯୋଜକ ସୁଶାନ୍ତ ନାୟକ ପ୍ରମୁଖ ପ୍ରତିଯୋଗିତା ଆୟୋଜନ କରିଥିଲେ।

# ଗାଡ଼ି ଧକ୍କାରେ ଜଣେ ମୃତ

**ବେଗୁନିଆପଡା, ୯।୧୨(ଡି.ଏନ.ଏ.)**

କଞ୍ଚଣା-ଭେଜିପୁଟ ରାସ୍ତାର ଏସ.ଛଟିନାସ୍ଥିତ ଗଡାନାଳ ଘାଇ ନିକଟରେ ଶନିବାର ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁମଣ୍ଡଳ ଗ୍ରାମର ମିଥୁନ ସାମଲ। ଗୁରୁତର ଆହତ ସେହି ଗ୍ରାମର ଅଜୟ ଜେନା ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ମିଥୁନ ଓ ଅଜୟ ଗୋଟିଏ ବାଇକରେ ବେଗୁନିଆପଡାରୁ ଫେରୁଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ଗାଡି ସହ ଧକ୍କା ହୋଇ ଘୋସରା ନାଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ମିଥୁନଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ନଂ.୨୮୪/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ଦାସ କହିଛନ୍ତି।

କ୍ଷୁଦ୍ର ଜଳସେଚନ ବିଭାଗରେ ବ୍ୟାପକ ଦୁର୍ନୀତି

# ଗୋଟିଏ ନାଁରେ ୨ ପାଣି ପଞ୍ଚାୟତ ଗଠନ

ପୋଲସରା,୯।୧୨ (ଡି.ଏନ.ଏ.)

ପୋଲସରା ବ୍ଲକ ବୁଢ଼େଇଶୁଣୀ ଗ୍ରାମରେ ଗଠନ ହୋଇଥିବା ସ୍ୱପ୍ନେଶ୍ୱର ପାଣି ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଛି । କୌଣସି ଏକ କାର୍ଯ୍ୟର ବକେୟା ଅର୍ଥକୁ ନେଇ ବିଭାଗ ପକ୍ଷରୁ ସ୍ୱପ୍ନେଶ୍ୱର ପାଣିପଞ୍ଚାୟତ ନାମରେ ଆନ୍ଧ୍ରବ୍ୟାଙ୍କ ଆକାଉଣ୍ଟରେ ୧ ଲକ୍ଷ ଟଙ୍କା ଜମା କରାଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ ଭୁଲ୍‌ରେ ଦୁମ ଖାତାକୁ ଟଙ୍କା ଚାଲିଯାଇଛି, ଉକ୍ତ ଅର୍ଥ ସ୍ୱପ୍ନେଶ୍ୱର ପାଣିପଞ୍ଚାୟତ ଷ୍ଟେଟ୍‌ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ଲାଗି ନିର୍ବାହୀ ଯନ୍ତ୍ରୀ ତାଙ୍କ ଚିଠି ନଂ. ୨୪୫୧, ୨ ଜୁନ୍‌ରେ ଲେଖିଥିଲେ । ଉକ୍ତ ଘଟଣାକୁ ନେଇ ସ୍ୱପ୍ନେଶ୍ୱର ପାଣିପଞ୍ଚାୟତ ସମ୍ପାଦକ ଲକ୍ଷ୍ମୀନାରାୟଣ ବରାଡ କୁହନ୍ତି ୨୦୦୨-୦୩ରେ ପାଣିପଞ୍ଚାୟତ ଗଠନ ହୋଇଥିଲା। ତାର ସମ୍ପାଦକ ପ୍ରଭାକର ପାଣିଗ୍ରହୀ ଥିଲେ। ୨୦୧୬-୧୭ରେ ଏହାକୁ ଭଙ୍ଗାଯାଇ ନୂତନ କମିଟି ଗଠନ ହୋଇଥିଲା, ଯାହାର ସମ୍ପାଦକ ମୁଁ ଅଛି। ସ୍ୱପ୍ନେଶ୍ୱର ପାଣିପଞ୍ଚାୟତ ଭାଙ୍ଗିବା ପାଇଁ ବିଭାଗ ପକ୍ଷରୁ କୌଣସି ଚିଠି ହୋଇନଥିବା ପାଣିଗ୍ରହୀ କହିଥିଲେ ।

ଏହି ଦୁର୍ନୀତିକୁ ନେଇ ପୋଲସରାର ନୃସିଂହନାଥ ସ୍ୱାଇଁ ଗତ ଏପ୍ରିଲ ୩୦ରେ ମୁଖ୍ୟମନ୍ତ୍ରୀ, ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ, ଦୁର୍ନୀତି ନିବାରଣ ବିଭାଗ, ସଚିବ ଓ ଗଞ୍ଜାମ ଜିଲାପାଳ ପ୍ରମୁଖଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି।

ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

# ପେଟାପାଙ୍ଗା ପଞ୍ଚାୟତ ଚାମ୍ପିୟନ

**ରାଇକିଆ,୯।୧୨(ଡ଼ି.ଏନ.ଏ)**

ରାଇକିଆ ଆଥଲେଟିକ ଆସୋସିଏଶନ ଖେଳ ପଡ଼ିଆ ଠାରେ ବିଜୁ ଯୁବବାହିନୀ ତରଫରୁ ଗତ ୪ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବ୍ଲକ ଅନ୍ତର୍ଗତ ୧୨ ପଞ୍ଚାୟତର ଭଲିବଲ ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ମଣ୍ଡାକିଆ ଓ ପେଟାପାଙ୍ଗା ପଞ୍ଚାୟତ ମଧ୍ୟରେ ହୋଇଥିଲା । ପେଟାପାଙ୍ଗା ଦଳ ୧୩-୫ ଏବଂ ୮-୬ ପଏଣ୍ଟ ବ୍ୟବଧାନରେ ମଣ୍ଡାକିଆ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଅତିଥିଭାବେ ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ ଏବଂ ରାଇକିଆ ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ସୁରେଶ ପ୍ରଧାନ, ମଣ୍ଡାକିଆ ସରପଞ୍ଚ ସୁଷମା ପ୍ରଧାନ, ବେରେଡ଼ାକିଆ ସରପଞ୍ଚ ରଶ୍ମିତା ପ୍ରଧାନ, ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ, ଗୁମାମାହା ସରପଞ୍ଚ ବିସିକେଶନ ପ୍ରଧାନ, ପେଟାପାଙ୍ଗା ସରପଞ୍ଚ ପ୍ରଭାକର ପ୍ରଧାନ, ସମିତି ସଭ୍ୟା ମିନି ନାୟକ, ଗୀତାଞ୍ଜଳି ନାୟକ ଏଥିରେ ଯୋଗ ଦେଇଥିଲେ । ରଶ୍ମି ରଞ୍ଜନ ତ୍ରିପାଠୀ ଏବଂ ରାଜୁ ପରିଚ୍ଛା ମ୍ୟାଚ ପରିଚାଳନା କରିଥିବା ବେଳେ ବିଜୁ ଯୁବ ବାହିନୀ ସଂଯୋଜକ ଲୁଲୁ ନାୟକ, ସନ୍ତୋଷ ଦିଗାଳ ଏବଂ ସଦସ୍ୟ ମାନେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ସଂକ୍ଷେପରେ

### ଓଡ଼ଗାଁ ଶ୍ରୀସତ୍ୟସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ଓଡ଼ଗାଁ, ୯।୧୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁଠାରେ ପ୍ରତିଷ୍ଠିତ ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠିତ ଶ୍ରୀସତ୍ୟସାଇ ମନ୍ଦିର ଓ ସେବା କେନ୍ଦ୍ରର ରବିବାର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୧ତମ ପ୍ରତଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭୋର ସମୟରୁ ଶତାଧିକ ମହିଳାପୁରଷ ଶ୍ରଦ୍ଧାଳୁ ଓ ବାଳବିକାଶ ପିଲାଙ୍କ ଦ୍ୱାରା ଓଁକାର, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, ଷୋଡଶ ଉପଚାର ପୂଜା ବିଧାନ, ୯୪ ମିନିଟ ସାଇ ଭଜନ ଅନୁଷ୍ଠିତ ହୋଇଥିଲା। ଜିଲା ସେବା ସଂଗଠନ ସଭାପତି ପ୍ରତାପ ଚନ୍ଦ୍ର ପରିଡା, କୁରାଳ ସେବା ସଂଗଠନ ସଂଯୋଜକ ଶ୍ୟାମ ସୁନ୍ଦର ଚୌଧୁରୀଙ୍କ ସମେତ ନନ୍ଦିଘୋର, କୁରାଳ, ଶରଣକୁଳ, ଗୌଡପୁଟରୁ ବହୁ ସାଇପ୍ରେମୀ ସପରିବାର ଏଥିରେ ଅଂଶଗ୍ରହଣ କରିଥିଲେ। ସେବା ସଂଗଠନ ସଂଯୋଜକ ଲଳିତେନ୍ଦୁ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭଲିବଲ ଟୁର୍ଣ୍ଣାମେଣ୍ଟରେ ନିମାଣୀ ଚାମ୍ପିୟନ



**ଭାପୁର,୯।୧୨(ଡି.ଏନ୍.ଏ.):** ବିଜୁ ଯୁବବାହିନୀ ଭାପୁର ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ନିମାଣୀ ପଞ୍ଚାୟତ ଟିମ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ବ୍ଲକର ୧୭ ପଞ୍ଚାୟତ ଟିମ୍ ଅଂଶଗ୍ରହଣ କରିଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ପଦ୍ମାବତୀ ପଞ୍ଚାୟତକୁ ହରାଇ ନିମାଣୀ ପଞ୍ଚାୟତ ଚାମ୍ପିୟନ ହୋଇ ଟ୍ରଫି ସହ ୨ ହଜାର ଟଙ୍କା ପୁରସ୍କାର ପାଇଥିଲେ। ରନର୍ସଅପ ପଦ୍ମାବତୀ ଦଳକୁ ୧୫୦୦ଟଙ୍କା ଓ ତୃତୀୟ ସ୍ଥାନରେ ରହିଥିବା ଫତେଗଡ଼ ପଞ୍ଚାୟତକୁ ୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ଜତୀନ୍ଦ୍ର କୁମାର ସ୍ୱାଇଁ, ବିଡିଓ ଅନ୍ତର୍ଯାମୀ ଦାଶ ଓ ଜିପିଓ ଅବିନାଶ ପତି ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### ଭାଜପା କୃଷକ ମୋର୍ଚ୍ଚା ସଂଯୋଜକଙ୍କ ସ୍ମୃତିଚାରଣ



**ଭାପୁର,୯।୧୨(ଡି.ଏନ୍.ଏ.):** ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଂଯୋଜକ କୃଷ୍ଣଚନ୍ଦ୍ର ବରାଡ଼ଙ୍କ ବିୟୋଗରେ ତାଙ୍କ ଜନ୍ମସ୍ଥାନ ଭାପୁରରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଭାପୁର ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଶନିବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଲୋକନାଥ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଜଗନ୍ନାଥ ବାରିକ, ପଦ୍ମଚରଣ ବେହେରା, ପ୍ରଫୁଲ୍ଲ କୁମାର ଲେଙ୍କା, ଲକ୍ଷ୍ମୀନାରାୟଣ ଦଳବେହେରା, ମଧୁସୂଦନ ରଥ, କଲେଜ ଅଧ୍ୟକ୍ଷ ଗଗନ ବିହାରୀ ତ୍ରିପାଠୀ, ଅଧ୍ୟାପକ ପଦ୍ମଚରଣ ଭୋଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଦ୍ୱାରା ସ୍ଥାପିତ କଲେଜର ପ୍ରତିମୂର୍ତ୍ତି ସ୍ଥାପନ ଓ ଯୁକ୍ତ ୩ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଲେ ତାଙ୍କ ସ୍ୱପ୍ନ ସାକାର ହେବ ବୋଲି ଅତିଥିମାନେ କହିଥିଲେ।

### ରାମଲୀଳା କଳାକାରଙ୍କ ପରଲୋକ

**ଖଣ୍ଡପଡା,୯।୧୨(ସ୍ୱ.ପ୍ର.):** ଗତ ୪୦ ବର୍ଷ ଧରି ଖଣ୍ଡପଡାରେ ଅନୁଷ୍ଠିତ ହେଉଥିବା ରାମଲୀଳାରେ ସୁଗ୍ରୀବ ଭୂମିକାରେ ନିଖୁଣ ଅଭିନୟ କରୁଥିବା ଖଣ୍ଡପଡା ସହର କାଦୁଆସାହିର ବରିଷ୍ଠ କଳାକାର ଦୁଃଖବନ୍ଧୁ ମହାନ୍ତି(୮୭)ଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ଦୀର୍ଘ ମାସ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ

# ‘ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କର’

**ପୁରୀ ଅଫିସ, ୯।୧୨**

ପ୍ରତ୍ୟେକ ପ୍ରାଣୀ ଦେହରେ ଚେତନା ରହିଛି। କିନ୍ତୁ ଏହା ମଳିନ ପଡିଯାଇଛି। ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କର। ଭୌତିକ ବିକାଶ ସହିତ ଆଧ୍ୟାତ୍ମିକ ବିକାଶ ହେବା ଜରୁରୀ। ଆଧ୍ୟାତ୍ମିକତା ବିନା କୌଣସି ଦେଶର ପ୍ରଗତି ସମ୍ଭବ ନୁହେଁ। ସମଗ୍ର ବିଶ୍ୱରେ କେବଳ ଭୌତିକ ବିକାଶ ଚାଲିଛି। ସମସ୍ତ ସରକାର କେବଳ ଭୌତିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଫଳରେ ସେହି ଦେଶର ପ୍ରଗତି ହେଉଛି ସତ, ହେଲେ ଆଧ୍ୟାତ୍ମିକତା, ସଂସ୍କୃତିର ଅବକ୍ଷୟ ହେଉଛି। ପୂର୍ବରୁ ରାଜାମାନେ ରାଜ୍ୟର ପ୍ରଗତି ସହିତ ଧର୍ମ, ସଂସ୍କୃତିର ମଧ୍ୟ ସୁରକ୍ଷା ଚିନ୍ତା କରୁଥିଲେ। ତେଣୁ ସେହି ସମୟରେ ସଂସ୍କୃତି, ପରମ୍ପରା ଉଚ୍ଚକୋଟିର ଥିଲା। ବର୍ତ୍ତମାନ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ତାହା, ଧୀରେ ଧୀରେ ନଷ୍ଟ ହେବାକୁ ବସିଛି। ଏଣୁ କୌଣସି ସରକାର ଆଧ୍ୟାତ୍ମିକ ବିକାଶ କରିପାରିବେ ନାହିଁ। ଏଥିଲାଗି ସମସ୍ତଙ୍କର ଦାୟିତ୍ୱ ରହିଛି। ବ୍ୟକ୍ତିକୁ ନେଇ ସମାଜ। ବ୍ୟକ୍ତି ଯେମିତି ହେବ, ସମାଜ ମଧ୍ୟ ସେପରି ନିର୍ମାଣ ହେବ। ଏଣୁ ବ୍ୟକ୍ତି ଆଧ୍ୟାତ୍ମିକ ସମ୍ପନ୍ନ ହେବା ଜରୁରୀ ବୋଲି ଶ୍ରୀରାଧାବଲ୍ଲଭ ସତ୍‌ସଙ୍ଗ ଭବନରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ନବମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହକୁ ଉଦ୍‌ଘାଟନ କରି ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି।



ଉତ୍ସବକୁ ଗଜପତି ମହାରାଜ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି।

### ୫ ପ୍ରତିଭା ସମ୍ବର୍ଦ୍ଧିତ, ୬ ସେବାୟତ ପରିବାରକୁ ଆର୍ଥିକ ସହାୟତା

ମହନ୍ତ ସଚ୍ଚିଦାନନ୍ଦ ଦାସ ବାବାଜୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ମୁଖ୍ୟଅତିଥି, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ନ୍ୟାୟଧୀଶ ଏ. ଏସ. ନାଇଡୁ ମୁଖ୍ୟବକ୍ତା, ମହନ୍ତ ରାମକୃଷ୍ଣ ଦାସ ମହାରାଜା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଷ୍ଠାନ ମହାସଚିବ ରବୀନ୍ଦ୍ରନାଥ ପ୍ରତିହାରୀ ବିବରଣୀ ପାଠ କରିଥିଲେ। ଅତିଥିମାନେ ପ୍ରତିଷ୍ଠାନର ମୁଖପତ୍ର ଶ୍ରୀଜଗନ୍ନାଥ ଚେତନା-୧୦ ଲୋକାର୍ପିତ କରିଥିଲେ।

ଏହି ଅବସରରେ ପ୍ରଫେସର ହରିହର ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା, ପୂର୍ବତନ ଆରକ୍ଷୀ ମହାନିରୀକ୍ଷକ ସାରଙ୍ଗଧର ରାୟଗୁରୁଙ୍କୁ ଗବେଷକ, ଶିକ୍ଷାବିତ୍ ଡ. ରଜତ କୁମାର କରଙ୍କୁ ପ୍ରଚାରକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ମୁମ୍ବାଇ ସାକିନାକା ଶ୍ରୀଜଗନ୍ନାଥ ସେବା ମଣ୍ଡଳର ରାଧାଶ୍ୟାମ ପାଣିଗ୍ରାହୀ ଏବଂ କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନଙ୍କୁ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ପ୍ରତିବର୍ଷ ପରି ୬ ସେବାୟତ ପରିବାରକୁ ଦଶ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

## ଭ୍ରାମ୍ୟମାଣ ସାହିତ୍ୟ ଆସର

**ପୁରୀ ଅଫିସ, ୯।୧୨**

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ୧୮ତମ ଭ୍ରାମ୍ୟମାଣ ସାହିତ୍ୟ ଆସର ରବିବାର ଖଡ଼ିପଦା ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନୀ ଏଥିରେ ସଭାପତିତ୍ୱ କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ୭ ଜଣ କବି ଯୋଗଦେଇଥିଲେ।

## ନବନିର୍ମାଣ କୃଷକ ସଂଗଠନର ଧାରଣା

**ନୟାଗଡ଼ ଅଫିସ,୯।୧୨**

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚାଷୀମାନଙ୍କ ପାଇଁ ୩ ପି (ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍) ପାଇଁ ଭୁବନେଶ୍ୱର ନବନିର୍ମାଣ କାର୍ଯ୍ୟାଳୟ ଆଗରେ ସତ୍ୟାଗ୍ରହରେ ବସିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ନୟାଗଡ଼ ବ୍ଲକ ନବନିର୍ମାଣ କୃଷକ ସଂଗଠନ ତରଫରୁ ଶନିବାର ଚାଷୀମାନେ ଗୁଣ୍ଡିଚା ମନ୍ଦିର ନିକଟରେ ଧାରଣାରେ ବସିଥିଲେ। ବ୍ଲକ କାର୍ଯ୍ୟାଳୟ ବନ୍ଦ ଥିବାରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏମାନେ ଧାରଣାରେ ବସିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ସରକାରଙ୍କ ଚାଷୀ ବିରୋଧୀ କାର୍ଯ୍ୟକଳାପ ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସରକାରଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ ବୋଲି ଚାଷୀ ନେତାମାନେ କହିଥିଲେ। ଜିଲା ସଂଯୋଜକ ମହେଶ୍ୱର ଜେନା, ବ୍ଲକ ସଂଯୋଜକ ରଣଜିତ ଦଳବେହେରା, ଦାଶରଥି ସାହୁ, ନାଥ ପ୍ରଧାନ, ଦୁର୍ଯ୍ୟୋଧନ ହାତୀ, ଜାନକୀ ଦାଶ, କୁଳମଣି ନାୟକ, ଶରତ ଚନ୍ଦ୍ର ପୃଷ୍ଟି, ସୁକାନ୍ତ କୁମାର ସାଥୁଆଙ୍କ ସମେତ ଏକାଧିକ ଚାଷୀ ଏହି ଧାରଣାରେ ଯୋଗ ଦେଇଥିଲେ।



ଧାରଣାରେ ବସିଥିବା ଚାଷୀମାନେ।

## ସୌର ପାନୀୟଜଳ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

**ଖଣ୍ଡପଡା,୯।୧୨(ସ୍ୱ.ପ୍ର):** ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ନୂତନ ସୌର ପାନୀୟଜଳ ପ୍ରକଳ୍ପ ଓ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ବିଧାୟକ ଅନୁଭବ ପଟ୍ଟନାୟକ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆସନ୍ତା ୨ ମାସ ମଧ୍ୟରେ ସମସ୍ତ ପାନୀୟଜଳ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଖଣ୍ଡପଡା ବ୍ଲକର ଖଳିସାହି, ଶିଖରପୁର ପଞ୍ଚାୟତର ଉଜୁଳାଙ୍ଗ ଓ ଗୁଣ୍ଠୁଣୀ ପଞ୍ଚାୟତର ଅଁଳାମଡା ମୁଣ୍ଡିଆସାହିରେ ନୂତନ ପାନୀୟଜଳ ପ୍ରକଳ୍ପ ଗୁଡିକ ପ୍ରତିଷ୍ଠା କରାଯିବାକୁ ଥିବାବେଳେ ସୁବଳୟାଠାରେ ଏକ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ହେବ।


# ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି

## ଚାଷୀଭାଇମାନଙ୍କ ଧାନ ବିକ୍ରୟ ସମ୍ବନ୍ଧେ ବିଶେଷ ସୂଚନା

ଏତଦ୍ୱାରା ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ଇଲାକାଧୀନ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୧୮-୧୯ ବର୍ଷ ପାଇଁ ଆସନ୍ତା ତା୦୭।୧୨।୨୦୧୮ରିଖଠାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ନିମ୍ନଲିଖିତ ସେବା ସମବାୟ ସମିତି ଜରିଆରେ ଧାନକ୍ରୟ କରାଯାଉଅଛି। ଏଣୁ ଚାଷୀ ଭାଇ/ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ଶୁଖାଇ ଓ ସଫାକରି F.A.Q.ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବାକୁ ଅନୁରୋଧ।

**‘ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଆନ୍ତୁ’।**

| କ୍ର.ନଂ. | ବ୍ଲକ୍‌ର ନାମ | ଧାନକ୍ରୟ କେନ୍ଦ୍ରର ନାମ |
|---|---|---|
| ୧. | ଜଗତସିଂହପୁର | ସାଁପୁର, ପୁରୋହିତପୁର, ଶାଳଜଙ୍ଗା, ମଣ୍ଡାସାହି, ସଭାମୂଳ, ଓଡ଼ିଶୋ, କଷ୍ଟାବଲ୍ଲଭପୁର, ତରଡ଼ାପଡ଼ା, କାଦୁଅପଡ଼ା, ପଳାଶୋଳ, ସିଙ୍ଗାରପୁର, ଆଲିପିଙ୍ଗଳ, କଣ୍ଟିଲୋ, ମୁଦୁପୁର, ମାର୍କଣ୍ଡପୁର, ବିଶିପିଉଳ |
| ୨. | ବିରିଡ଼ି | ଅଡ଼ଙ୍ଗଗଡ଼, ପୂରଣ, ଗୋପୀନାଥପୁର, ଉତ୍ତର ଶାସନ, ମଙ୍ଗୁଲି, ଅଲାଣ୍ଡୋ |
| ୩. | ନାଉଗାଁ | ଡେରିକି, ତିରୁଣା, ଶିଖର, ଗଜରାଜପୁର, ନାଉଗାଁ (ଉପକେନ୍ଦ୍ର ଦାଣ୍ଡୁଆ), ଅଲଣା |
| ୪. | ରଘୁନାଥପୁର | ରାଢ଼ଙ୍ଗ, ଜିରା, ରେଢୁଆ, ତାରପୁର, ତରିକୁନ୍ଦ, ଛପଡ଼ା, ଗୁଆଳିପୁର, ପୁରୁଣାବସନ୍ତ, ଜଗନ୍ନାଥପୁର |
| ୫. | ବାଲିକୁଦା | ଇଚ୍ଛାପୁର, ସଂଗ୍ରାମପୁର, କାଳିଓ, ମାଛଗାଁ, ଅପଣ୍ଡରା, ଅନନ୍ତପୁର, ନହରଣା, ଶୋଭା, ରାହାଣ, ବୋରିକିନା, କାଞ୍ଚିଆକଣ, ଅଳାଭର, ନାଗପୁର, ଅଳାବୋଳ, ତଣ୍ଡିକୂଳ, ମୁଲୁଗାଁ, କୃଷ୍ଣଦାସପୁର, ଦୁଆ, ବରମୁଣ୍ଡୁଲି, ବାହାରଣା, ଆମ୍ବଶାଳ |
| ୬. | ତିର୍ତ୍ତୋଲ | ବୋଧେଇ, କଟରା, ତରଜଙ୍ଗା, ତୁଳଙ୍ଗ, ଗରାମ, କୃଷ୍ଣାନନ୍ଦପୁର, କନକପୁର, ଜଗନ୍ନାଥପୁର, କୋଲର, ସାମନ୍ତରାପୁର, ପଟିଲୋ, ଗୋବିନ୍ଦପୁର, ବିରିତୋଳ, ତିର୍ତ୍ତୋଲ, ଦାଇଁଲୋ |

| ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ସରକାରୀ ଧାର୍ଯ୍ୟ ଦର) | |
|---|---|
| ସାଧାରଣ ମାନ | ଟ.୧,୭୫୦.୦୦ (କ୍ୱିଣ୍ଟାଲ ପ୍ରତି) |
| ଗ୍ରେଡ୍-‘ଏ’ ଧାନ | ଟ.୧,୭୭୦.୦୦ (କ୍ୱିଣ୍ଟାଲ ପ୍ରତି) |

ସର୍ବଶେଷରେ ଚାଷୀ ଭାଇ/ଭଉଣୀମାନେ ଧାନମଣ୍ଡିରେ ଶୃଙ୍ଖଳାର ସହିତ ଧାନକ୍ରୟରେ ଜିଲ୍ଲା ପ୍ରଶାସନ ସହିତ ସହଯୋଗ କରିବାକୁ ଅନୁରୋଧ।

**ନିୟନ୍ତ୍ରିତ ବଜାର କମିଟି ଜଗତସିଂହପୁର** — **ଜିଲ୍ଲା ପ୍ରଶାସନ ଜଗତସିଂହପୁର**



**GOVT. OF ODISHA** 919-A
**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**
**‘e’ Procurement Notice No.CELMB 64 OF 2018-19**

1. Name of the work : Raising & strengthening to saline embankment from Ambiki to Kankan from RD 2.00 Km to RD 8.00 Km under NABARD Assistance RIDF-XXII.
2. Tender Cost : Rs. 11,58,50,265.00
3. Bid Document Cost : Rs.10, 000.00 (online)
4. Bid Security : Rs.11,58,600.00 (online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB MSD 05 OF 2018-19 | 12.12.2018 10.00hrs | 27.12.2018 17.00hrs | 28.12.2018 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

32252/11/0075/1819 *Sd./- Chief Engineer FC & Basin Manager, Lower Mahanadi Basin*



**GOVERNMENT OF ODISHA,**
**OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI**
e-mail: ruralworksdivisioniimalkangiri@yahoo.co.in
**NATIONAL COMPETITIVE BIDDING THROUGH e-Procurement**
Identification No. Online 07/RWD-II, MKG/2018-19
1088-O

1. Name of the work : Building & Road works (Detailed in Annexure)
2. Total Number of Works : 05 (Five) numbers.
3. Tender Cost : From Rs.5.19 lakhs to Rs.22.10 lakhs
4. Class of Contractor : ‘D’ ,’C’ and “B” Class contractors
5. Period of Completion : 2 and 4 Months (Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Malkangiri | Online Tender /07 / RWD-II, MKG/ 2018-19 | 05 (Five) Nos. of Building & Road works | 12.12.2018 from 11.00AM | 27.12.2018 upto 5.00PM | 26.12.2018 upto 5.00PM | 29.12.2018 at 11.00AM |

Further details can be seen from the Website www.tenderorissa.gov.in

25079/11/0007/1819 *Executive Engineer, R.W. Division-II, Malkangiri*



**OFFICE OF THE SUPERINTENDING ENGINEER RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com, Tel/FAX:- 0680-2404287
**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender /26-2018-19/BPR
1136-O

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 26-2018-19/ BPR | Road Works under Periodical Maintenance | 13 Nos. | From Rs. 98.80 lakhs to Rs. 251.40 Lakhs | “B” or “A” Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 26-2018-19/BPR | 12.12.2018 at 10.00AM | 26.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0041/1819 *Sd./- Superintending Engineer, R.W. Circle, Berhampur*



**GOVERNMENT OF ODISHA “e” PROCUREMENT NOTICE**
**Bid Identification No 22 of 2018 - 19**
1111-O

1. Name of the Work :- Execution of different civil works in the district of Kandhamal. (Refer DTCN available in the website:- tendersorissa.gov.in)
2. Total No. of work :- 04 Nos.
3. Estimated Cost :- Rs. 39.90 lakh to 49.80 lakh
4. Eligible Class of Contractor :- “C & B” and “ B & A” Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 22 of 2018-19 | Dt. 12.12.2018 At 10.00 Hrs | Dt. 26.12.2018 Upto 17.00 Hrs | Dt.27.12.2018 at 11.00AM |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

25006/11/0026/1819 *Executive Engineer, RWS&S Division, Phulbani*